ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, October 10/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୩୧୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 314 ମୂଲ୍ୟ ₹୭/-







# ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରିପାରେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟ ସର୍ତ୍ତରେ ଇସ୍ରାଏଲ୍ ଓ ହମାସ୍ ରାଜି ହୋଇଛନ୍ତି। ତଦନୁଯାୟୀ ଦୁଇ ପକ୍ଷ ଯୁଦ୍ଧ ବନ୍ଦ ସହ ପଣବନ୍ଦୀ ଓ ବନ୍ଦୀଙ୍କୁ ମୁକ୍ତ କରିବେ। ୨ ବର୍ଷର ଘମାଘୋଟ ଯୁଦ୍ଧ ପରେ ପ୍ରକାଶ ପାଇଥିବା ଏହି ସହମତିକୁ ବିଶ୍ୱ ସମୁଦାୟ ସ୍ୱାଗତ କରିଥିବାବେଳେ ଉଭୟ ଇସ୍ରାଏଲ୍ ଓ ଗାଜା ଷ୍ଟ୍ରିପ୍‌ରେ ଉତ୍ସବର ପରିବେଶ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ହମାସ୍ କେବେ ଓ କିପରି ଅସ୍ତ୍ରତ୍ୟାଗ କରିବ, ଗାଜାକୁ ପରବର୍ତ୍ତୀ ସମୟରେ କିଏ ଶାସନ କରିବ ଭଳି ୨୦ ସୂତ୍ରୀ ଯୋଜନାର କେତେକ ଜଟିଳ ଦିଗକୁ ନେଇ ଅନିଶ୍ଚିତତା ଜାରି ରହିଛି।


ଇସ୍ରାଏଲ–ହମାସ୍ ମଧ୍ୟରେ ଗାଜା ଅସ୍ତ୍ରବିରତି ନିମନ୍ତେ ସହମତି ପ୍ରକାଶ ପାଇବା ପରେ ଇସ୍ରାଏଲର ତେଲ୍ ଆଭିଭ୍‌ସ୍ଥିତ ହଷ୍ଟେଜେସ ସ୍କୋୟାରରେ ଗୁରୁବାର ଲୋକେ ପଣବନ୍ଦୀଙ୍କ ମୁକ୍ତି ଆଶାରେ ଖୁସି ମନାଉଛନ୍ତି।

## ଟ୍ରମ୍ପଙ୍କ ୨୦ ସୂତ୍ରୀ ପିସ୍ ପ୍ଲାନ୍: ପ୍ରଥମ ପର୍ଯ୍ୟାୟ ପାଇଁ ଇସ୍ରାଏଲ୍-ହମାସ୍ ସହମତ

ଜେରୁଜେଲମ୍/କାଏରୋ/ୱାଶିଂଟନ୍, ୯।୧୦(ରଏଟର୍ସ/ଏ.ପି.)

ଇସ୍ରାଏଲ୍‌ରେ ୨୪ ମାସ ଧରି କ୍ଷୋଭ, ଅନିଶ୍ଚିତତା ଓ ପୀଡ଼ା ଲାଗିରହିଥିଲା। କିନ୍ତୁ ଗୁରୁବାର ସକାଳେ ହୋଷ୍ଟେଜ୍ ସ୍କୋୟାର ରୂପେ ପରିଚିତ କେନ୍ଦ୍ରୀୟ ତେଲ୍‌ଆଭିଭ୍ ଅଞ୍ଚଳ ହଠାତ୍ ଉତ୍ସବମୟ ହୋଇଯାଇଥିଲା। ଭିଡ଼ ଭିତରେ ଏକ ଶେମ୍ପେନ୍ ବୋତଲ ଖୋଲାଯାଇଥିଲା, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ହସ ସହ ମିଳେଇ ଯାଇଥିଲା ଆନନ୍ଦର ଅଶ୍ରୁ। ସମସ୍ତେ ପରସ୍ପରକୁ ଆଲିଙ୍ଗନ କରିବାରେ ଲାଗିଲେ, ଯେତେବେଳେ ଖବର ଆସିଲା– ହମାସ୍ କବଳରେ ଥିବା ପଣବନ୍ଦୀମାନେ ମୁକ୍ତ ହେବେ। ଗାଜା ଷ୍ଟ୍ରିପ୍‌ରୁ ସେମାନେ ନିଜ ଘରକୁ ଫେରିବେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନା ମୁତାବକ ହମାସ୍ ନିଜ କବଳରେ ରଖିଥିବା ୨୦ ଜୀବିତ ପଣବନ୍ଦୀଙ୍କୁ ମୁକ୍ତ କରିବ। ଏହା ବଦଳରେ ଇସ୍ରାଏଲ୍ ନିଜ ଜେଲଗୁଡ଼ିକରେ ରଖିଥିବା ପାଲେଷ୍ଟିନୀୟ କଏଦୀମାନଙ୍କୁ ଖଲାସ କରିବା ସହ ଗାଜାର ଅଧିକାଂଶ ଭୂଖଣ୍ଡରୁ ନିଜ ସେନା ପ୍ରତ୍ୟାହାର କରିନେବ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋସିଆଲ ମିଡିଆରେ କହିଛନ୍ତି, ଭଗବାନଙ୍କ ସହଯୋଗରେ ଆମେ ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରି ଘରକୁ ଫେରାଇ ଆଣିବୁ। ସେହିପରି ହମାସ୍ କହିଛି, ସଦ୍ୟ ସମ୍ପାଦିତ ଏହି ଡିଲ୍ ଇସ୍ରାଏଲୀ ସୈନ୍ୟ ପ୍ରତ୍ୟାହାରକୁ ସୁନିଶ୍ଚିତ କରିବା ସହ ପାଲେଷ୍ଟିନୟଙ୍କ ନିକଟରେ ସହାୟତା ପହଞ୍ଚାଇବା ଏବଂ ପଣବନ୍ଦୀ ଓ ବନ୍ଦୀଙ୍କ ବିନିମୟକୁ ଅନୁମତି ଦେବ। ବରିଷ୍ଠ ହମାସ୍ ଅଧିକାରୀ ଓସାମା ହମ୍‌ଦାନଙ୍କ ମତରେ ଗାଜାକୁ ମାନବୀୟ ସହାୟତା ପ୍ରବେଶ ଲାଗି ☞ପୃଷ୍ଠା–୪

## ଯୁକ୍ତ ୨ ପରୀକ୍ଷା: ବିଷୟ ସଂଶୋଧନ ପାଇଁ ୧୩ରୁ ଖୋଲିବ ଲିଙ୍କ୍

ଭୁବନେଶ୍ୱର,୯।୧୦(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ୨ ପରୀକ୍ଷା ୨୦୨୬ ପାଇଁ ଆସନ୍ତା ୧୩ ତାରିଖରୁ ଏକ୍ସ-ରେଗୁଲାର ଓ ୨୦ରୁ ରେଗୁଲାର ପିଲାଙ୍କ ଫର୍ମ ପୂରଣ ଆରମ୍ଭ ହେବ। ହେଲେ ଏହା ପୂର୍ବରୁ ବିଷୟ ସଂଶୋଧନ ଲାଗି ଛାତ୍ରୀଛାତ୍ରଙ୍କୁ ତୃତୀୟ ଥର ସୁଯୋଗ ଦେବାକୁ ପରିଷଦ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଆସନ୍ତା ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଲିଙ୍କ୍ ଖୋଲା ରହିବ। ଏନେଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଗୁରୁବାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଓ ପ୍ରିନ୍ସିପାଲମାନଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିଷୟ ସଂଶୋଧନ ସାମ୍ସ ଇ-ସ୍ପେସ୍ ମାଧ୍ୟମରେ କରିପାରିବେ। ବିଷୟ ସଂଶୋଧନ ପାଇଁ ଆଉ କୌଣସି ତାରିଖ ବୃଦ୍ଧି କରାଯିବ ନାହିଁ ବୋଲି ଡ. ପରିଡ଼ା ସୂଚନା ଦେଇଛନ୍ତି।

# ଢୋଲକିଆ ଯିବେ କୁଆଡ଼େ

ଭୁବନେଶ୍ୱର,୯।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ୨ ଲକ୍ଷ ୫୩ ହଜାର ୬୨୪ ଭୋଟର ବିଶିଷ୍ଟ ନୂଆପଡ଼ା ଆସନରେ ଆସନ୍ତା ନଭେମ୍ବର ୧୧ରେ ଉପନିର୍ବାଚନ ହେବାକୁ ଥିବାବେଳେ ବିଜେଡି ଏବଂ ଭାଜପା ପ୍ରାର୍ଥୀ ଘୋଷଣାରେ କଂଗ୍ରେସଠାରୁ ପଛରେ ପଡ଼ିଯାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଏହି ଆସନ ବିଜେଡି ହାତରେ ରହିଥିଲା। ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ ପାଇ ବିଜୟୀ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦,୯୪୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ଏହି ଉପନିର୍ବାଚନ ଲାଗି ଘାସିରାମଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିସାରିଛି। ଭାଜପା ପକ୍ଷରୁ ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ୪୪,୮୧୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଗତ ମାସ ୮ ତାରିଖରେ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଏହି ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଉପନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ହେଲେ ସେ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ବର୍ତ୍ତମାନ ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି। କେତେକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜୟଙ୍କୁ ଶାସକ ଭାଜପା ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବାବେଳେ ବିଜେଡି ଏହାକୁ ନେଇ ଚିନ୍ତାରେ ରହିଛି। କାରଣ ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେଇ ଅନୁକମ୍ପାମୂଳକ ଭୋଟ ହାତେଇବାକୁ ବିଜେଡି ଆଶା ରଖିଛି। ହେଲେ ବିଗତ ଦିନର କେତେକ ଘଟଣା ପାଇଁ ଢୋଲକିଆଙ୍କ ପରିବାର କୁଆଡ଼େ ବିଜେଡି ଉପରେ ସେତେଟା ଭରସା କରୁ ନ ଥିବା କୁହାଯାଉଛି। ବିଜେଡି ପକ୍ଷରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ନୂଆପଡ଼ାରେ କିପରି କରାଯାଉଛି ତାକୁ ଦେଖିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଦଳରେ ଚର୍ଚ୍ଚା ଚାଲିଛି। କାରଣ ପଦଯାତ୍ରା ଲାଗି ଜୟ ଢୋଲକିଆଙ୍କ ପାଖକୁ ବିଜେଡି ଦଳୀୟ ପତାକା, ବ୍ୟାନର ଆଦି ସବୁ ପଠାଇ ସାରିଥିବା ବେଳେ ସେ ଏଯାଏ କାର୍ଯ୍ୟକ୍ରମ କରିନାହାନ୍ତି। ଯଦି ପଦଯାତ୍ରା ଠିକ୍ ଭାବେ ଜୟ ଢୋଲକିଆ ନ କରନ୍ତି, ତେବେ ସବୁ ସ୍ପଷ୍ଟ ହୋଇଯିବ ବୋଲି ବିଜେଡିର କେତେଜଣ ବରିଷ୍ଠ ନେତା କହୁଛନ୍ତି। ଅନ୍ୟପଟେ ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଏହା ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଶାସକ ଭାଜପା ଏହି ଉପନିର୍ବାଚନରେ କଳେବଳେ ଜିତିବାକୁ ଚେଷ୍ଟା କରିବ। ଏଭଳି ସ୍ଥିତିରେ ଜୟଙ୍କ ନୂଆଦିଲ୍ଲୀ ଗସ୍ତ ସବୁ ଦଳ ଭିତରେ ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ମୁତାବକ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ମୂଳଘର ହେଉଛି ଗୁଜରାଟ। ତାଙ୍କ ପରିବାର ମାରୱାଡି ସମ୍ପ୍ରଦାୟରୁ ଆସୁଛନ୍ତି। ତେଣୁ ଗୁଜରାଟରୁ ଏକ ବଡ ଗୋଷ୍ଠୀ ଜୟଙ୍କୁ ଭାଜପାରୁ ପ୍ରାର୍ଥୀ କରାଇବା ଲାଗି ଚେଷ୍ଟା ଚଳାଇଛନ୍ତି। ଜୟ ମଧ୍ୟ କେଉଁ ଦଳରୁ ପ୍ରାର୍ଥୀ ହେବେ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି। ଏଭଳି ସ୍ଥିତିରେ ଜୟଙ୍କ ଦିଲ୍ଲୀ ଗସ୍ତ ଭାଜପା ଶୀର୍ଷ ନେତାଙ୍କ ସହ କୌଣସି ପ୍ରକାର ଆଲୋଚନାର କାରଣ ହୋଇଥାଇପାରେ ବୋଲି ସ୍ଥାନୀୟ ରାଜନେତାମାନଙ୍କ ଚର୍ଚ୍ଚାର ବିଷୟ ପାଲଟିଛି। ସେହି ଗୋଷ୍ଠୀ ଆହୁରି ମଧ୍ୟ କହୁଛନ୍ତି, ଜୟ ତାଙ୍କ ବାପାଙ୍କ ନାମରେ ଅନୁକମ୍ପାମୂଳକ ଭୋଟ ସୁନିଶ୍ଚିତ ପାଇପାରିବେ ବୋଲି କହିବା କଷ୍ଟକର ହୋଇପାରେ। ଅନ୍ୟପଟେ ଢୋଲକିଆ ପରିବାରର ମଧ୍ୟ ବିଜେଡି ଶୀର୍ଷ ନେତାଙ୍କ ଉପରେ ଆକ୍ରୋଶ ରହିଥିବା କୁହାଯାଉଛି। ରାଜେନ୍ଦ୍ର ଢୋଲକିଆ ଅସୁସ୍ଥ ଥିବା ସମୟରେ ସାହାଯ୍ୟ ପାଇଁ ତାଙ୍କ ପରିବାର ପକ୍ଷରୁ ଦଳର ଶୀର୍ଷ ନେତାମାନଙ୍କ ସହ ଯୋଗାଯୋଗ କରାଯାଇଥିବାବେଳେ ଏନେଇ କୌଣସି ପ୍ରକାର ସାହାଯ୍ୟ ମିଳି ନ ଥିଲା। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ତତ୍ପରତା ଦେଖାଇ ପ୍ରଣବ ପ୍ରକାଶ ଦାସ(ବବି) ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳିସଭା ଆଦି ଏମିତି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ହେଲେ ବବିଙ୍କ ଏଭଳି ତତ୍ପରତାକୁ ସ୍ଥାନୀୟ ବିଜେଡି ନେତାମାନେ ନାପସନ୍ଦ କରିବା ସହ ସମସ୍ତଙ୍କ ମନରେ ଅଧିକ ଆକ୍ରୋଶ ବଢ଼ାଇଥିଲା।

ପଶ୍ଚିମ ଓଡ଼ିଶାର କେତେଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ନୂଆପଡ଼ା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ମିଳିଥିଲା। ସେହି ସମୟରେ କୁଆଡ଼େ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଯନ୍ତ୍ରଣା ଲାଗି ରହିବ**

# ହଙ୍ଗେରୀୟ ଲେଖକଙ୍କୁ ସାହିତ୍ୟରେ ନୋବେଲ

ଷ୍ଟକ୍‌ହୋମ,୯।୧୦

ହଙ୍ଗେରୀୟ ଲେଖକ ଲାସ୍‌ଲୋ କ୍ରାସ୍‌ନାହୋର୍‌କାଇ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବେ। ସ୍ୱିଡିସ୍ ଏକାଡେମୀର ନୋବେଲ କମିଟି ଗୁରୁବାର ତାଙ୍କ ନାମ ଘୋଷଣା କରିବା ପରେ ସେ ୨୦୦୨ରେ ଇମ୍ରେ କେର୍ଟେସ୍ଜଙ୍କ ପରେ ଦ୍ୱିତୀୟ ହଙ୍ଗେରୀୟ ଲେଖକ ଭାବେ ସାହିତ୍ୟ କ୍ଷେତ୍ରରେ ବିଶ୍ୱର ଏହି ସର୍ବୋଚ୍ଚ ସମ୍ମାନ ପାଇବାକୁ ଯାଉଛନ୍ତି।

ନୋବେଲ କମିଟିର ବିଚାରକମାନେ ଲାସ୍‌ଲୋଙ୍କୁ ପ୍ରଶଂସା କରିବାକୁ ଯାଇ ତାଙ୍କ ଲେଖାରେ ଦର୍ଶନ ସହ ଅନ୍ଧକାରମୟ ହାସ୍ୟରସାତ୍ମକ ସୃଜନଶୀଳତା ଭରିରହିଥାଏ ବୋଲି କହିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ ‘ସାତାନ୍ତାଙ୍ଗୋ’ ଓ ‘ଦି ମେଲାଙ୍କୋଲି ଅଫ୍ ରେଜିଷ୍ଟାନ୍ସ’ ସମେତ ଅନେକ ପୁସ୍ତକ ହଙ୍ଗେରୀୟ ଚଳଚ୍ଚିତ୍ରରେ


ଲାସ୍‌ଲୋ କ୍ରାସ୍‌ନାହୋର୍‌କାଇ

ରୂପାନ୍ତରିତ ହୋଇଛି। ନୋବେଲ କମିଟିର ଷ୍ଟିଭ୍ ସେମ୍-ସାଣ୍ଡବର୍ଗ ଏହି ପୁରସ୍କାର ଘୋଷଣା ବେଳେ କହିଛନ୍ତି ଯେ, ଲାସ୍‌ଲୋଙ୍କ ଲେଖାରେ ଭ୍ରମମୁକ୍ତ କଳାତ୍ମକ ଦୃଷ୍ଟିକୋଣ ବିଶେଷଭାବେ ପ୍ରତିଫଳିତ ହୋଇଥାଏ।

ଲାସ୍‌ଲୋ ହେଉଛନ୍ତି କେନ୍ଦ୍ରୀୟ ୟୁରୋପୀୟ ପରମ୍ପରାରେ ଜଣେ ମହାନ୍ ଲେଖକ, ଯାହାଙ୍କଠାରେ ଫ୍ରାନ୍ସର କାଫ୍‌କାଙ୍କଠାରୁ ଟମାସ୍ ବର୍ନହାର୍ଡଙ୍କ ପର୍ଯ୍ୟନ୍ତ ସାହିତ୍ୟିକଙ୍କ ଲେଖାରେ ଅତିଶୟୋକ୍ତିପୂର୍ଣ୍ଣ ଅଭିବ୍ୟକ୍ତି ଥିବାର ସଙ୍କେତ ଦେଇଥାଏ। ତାଙ୍କ ଅନ୍ୟାନ୍ୟ ବହୁଚର୍ଚ୍ଚିତ ପୁସ୍ତକ ମଧ୍ୟରେ ‘ଦି ମେଲାଙ୍କୋଲି ଅଫ୍ ରେଜିଷ୍ଟାନ୍ସ’ରେ ଏକ ଛୋଟ ହଙ୍ଗେରୀୟ ସହରରେ ଘଟିଥିବା ବିଚଳିତ କାହାଣୀ ସ୍ଥାନ ପାଇଥିବା ବେଳେ ‘ବାରନ୍ ୱେଙ୍କହେମ୍ସ’ରେ ଜୁଆଖେଳରେ ଆସକ୍ତ ଜଣେ ☞ପୃଷ୍ଠା–୪






ଇସ୍ରାଏଲ୍-ହମାସ୍ ଶାନ୍ତି ସହମତିକୁ ନେଇ ତେଲ୍ ଆଭିଭ୍‌ରେ ଭାବପ୍ରବଣ ଜଣେ ଯୁବତୀ ଓ ଯୁବକ।

# ଟନେଲରେ ୭୩୩ ଦିନ

## ପଣବନ୍ଦୀଙ୍କ ପ୍ରତୀକ୍ଷାରେ ପରିବାର

ଜେରୁଜେଲମ୍/କାଏରୋ/ୱାଶିଂଟନ୍,୯।୧୦(ରଏଟର୍ସ/ଏ.ପି.)

୨୦୨୩ ଅକ୍ଟୋବର ୭ ସକାଳ ୬ଟା ୩୦। ଏହା ହେଉଛି ସେହି ସମୟ ଯେତେବେଳେ ଗାଜା ଶାସକ ହମାସ୍‌ର ଏକ ଅପରିଣାମଦର୍ଶୀ କାର୍ଯ୍ୟ ମଧ୍ୟପ୍ରାଚ୍ୟର ୨ ଭୂଖଣ୍ଡକୁ ପୁଣି ଥରେ ବିଂଶ ଶତାବ୍ଦୀର ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ, ଅଶାନ୍ତି ଓ ଅସ୍ଥିରତା ଆଡ଼କୁ ଟାଣିନେଇଥିଲା। ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ହମାସ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କ ରକେଟ ମାଡ଼ରେ ଇସ୍ରାଏଲ୍ ସମେତ ବିଭିନ୍ନ ଦେଶର ପ୍ରାୟ ୧୨୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୫୧ ପାଲେଷ୍ଟିନୀୟଙ୍କୁ ଆତଙ୍କବାଦୀମାନେ ଅପହରଣ କରି ନେଇଥିଲେ। ଇସ୍ରାଏଲ୍ ଏହାର ଜବାବ ଦେବାକୁ ଯାଇ ଗାଜା ଉପରେ ଦୀର୍ଘମିଆଦୀ ଆକ୍ରମଣ ଯୋଜନା କରିଥିଲା। ତଦନୁସାରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ପାଲେଷ୍ଟିନୀୟ ଭୂଖଣ୍ଡ ଗାଜା ଷ୍ଟ୍ରିପ୍‌କୁ ପର୍ଯ୍ୟାୟକ୍ରମେ ଦଖଲକରି ଚାଲିଥିଲା। ସେବେଠୁ ଇସ୍ରାଏଲ୍ ପକ୍ଷରୁ ଚାଲିଥିବା ରକେଟ ଓ ମିଶାଇଲ୍ ମାଡ଼ରେ ଅଦ୍ୟାବଧି ୬୭,୦୦୦ ପାଲେଷ୍ଟିନୀୟ ନିହତ ହେଲେଣି। ଇତିମଧ୍ୟରେ ହମାସ୍ ଏବଂ ହୁଟି, ହେଜ୍‌ବୋଲ୍ଲା ଭଳି ଏହାର ସହଯୋଗୀ ସଶସ୍ତ୍ର ସଙ୍ଗଠନଗୁଡ଼ିକର ବହୁ ନେତାଙ୍କୁ ଇସ୍ରାଏଲ୍ ନିପାତ କରିସାରିଲାଣି। ହମାସ୍ ପର୍ଯ୍ୟାୟକ୍ରମେ ଅଧିକାଂଶ ପଣବନ୍ଦୀଙ୍କୁ ଛାଡ଼ିଦେଇଛି କିମ୍ବା ହତ୍ୟା କରିଛି। ଅବଶିଷ୍ଟ ୪୮ ଜଣଙ୍କ ମଧ୍ୟରୁ ୨୦ ଜୀବିତ ଥିବାବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ଇସ୍ରାଏଲ୍ ମନେକରେ। ଜୀବିତ ପଣବନ୍ଦୀଙ୍କୁ ମୁକ୍ତ କରି ଫେରାଇ ଆଣିବା ପାଇଁ ତେଲ୍ ଆଭିଭ୍ ସମେତ ଇସ୍ରାଏଲ୍‌ର ଅନେକ ସହରରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ବିରୋଧରେ ବିକ୍ଷୋଭ ମୁଣ୍ଡ ଟେକିଥିଲା। ଯୁଦ୍ଧବିରତି ଓ ପଣବନ୍ଦୀଙ୍କ ମୁକ୍ତି ଚାପ ବଢ଼ିଚାଲିଥିବାବେଳେ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍, ଯିଏକି ନିର୍ବାଚନ ପ୍ରଚାର ବେଳେ ଇସ୍ରାଏଲ୍-ହମାସ୍ ଓ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଘଟାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧକୁ ୨ ବର୍ଷ ୨ ଦିନ ବିତିଯିବା ପରେ ଟ୍ରମ୍ପ୍‌ଙ୍କ ସେହି ଟାଣପଣର ସୁଫଳ ଦେଖିବାକୁ ମିଳିଛି। ଟ୍ରମ୍ପ୍‌ଙ୍କ ୨୦ ସୂତ୍ରୀ ଗାଜା ଶାନ୍ତି ଯୋଜନାରେ ଉଭୟ ଇସ୍ରାଏଲ୍ ଓ ଆତଙ୍କବାଦୀ ସଙ୍ଗଠନ ହମାସ୍ ସହମତି ପ୍ରକାଶ କରିଛନ୍ତି। ଏବେ ସେହି ପଣବନ୍ଦୀମାନଙ୍କ ଘର ବାହୁଡ଼ାକୁ ଇସ୍ରାଏଲୀମାନେ ଅପେକ୍ଷା କରିଥିବାବେଳେ ଗାଜା ଷ୍ଟ୍ରିପ୍ ମଧ୍ୟ ୨,୦୦୦ ବନ୍ଦୀଙ୍କ ମୁକ୍ତିକୁ ଅନେଇ ରହିଛି।

ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ଇଜିପ୍ଟର ବିଚ୍ ରିସର୍ଟ ଶର୍ମ ଏଲ୍-ଶେଖ୍‌ରେ କାତାର, ଇଜିପ୍ଟ, ତୁର୍କୀ, ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ଅଧିକାରୀମାନେ ମଧ୍ୟସ୍ଥତା କରି ଇସ୍ରାଏଲ୍-ହମାସ୍ ଯୁଦ୍ଧାବସାନର ସୂତ୍ର ବାହାରକଲେ। ଟ୍ରମ୍ପ୍ ଏକ ଅବିଶ୍ୱସନୀୟ ତଥା ଚମତ୍କାର ଡିଲ୍ ପାଇଁ ନିଜ ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ନେତାନ୍ୟାହୁଙ୍କୁ ଫୋନ୍ କଲ୍ କରି ସେ କହିଛନ୍ତି, ଆପଣ ସମଗ୍ର ବିଶ୍ୱ ସହ ଲଢ଼େଇ କରିପାରିବେ ନାହିଁ। ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ବୁଧବାର ରାତିରେ ଉଲ୍ଲେଖ କରିଛନ୍ତି, ସମ୍ଭବତଃ ସୋମବାର ଆଉ ୪୮ ପଣବନ୍ଦୀ ମୁକ୍ତ ହେବେ। ଗାଜାରେ ଏକ ବିପଜ୍ଜନକ ସ୍ଥିତି ଉପୁଜିଛି। ହମାସ୍‌ର ଟନେଲ ଭିତରେ ରହିଥିବା ନିରୀହମାନେ ନିଜ ଘରକୁ ଫେରିବେ। ଇସ୍ରାଏଲୀମାନେ ନିଜ ଘରକୁ ଫେରୁଥିବାରୁ ଦେଶବ୍ୟାପୀ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ନିଜ ଆତ୍ମୀୟଙ୍କ ଟିକିଏ ଝଲକ ପାଇବା ପାଇଁ ଇହୁଦୀଙ୍କ ମଧ୍ୟରେ ଦେଖାଦେଇଛି ଅଭୂତପୂର୍ବ ଉନ୍ମାଦନା।

ନିଜ ସମ୍ପର୍କୀୟଙ୍କୁ ଅପେକ୍ଷା କରିଥିବା ଆଭି କୋଜ୍‌ମ୍ୟାନ୍ କହିଛନ୍ତି, ଭଗବାନ ଚମତ୍କାର କରୁଛନ୍ତି। ଏହା ଆମେ ଅତୀତରେ ଜାଣିଥିଲୁ। କିନ୍ତୁ ଆଜି ତାହା ଦେଖିବାକୁ ପାଉଛୁ। ବିଭିନ୍ନ ସହରରେ ଏବେ ନାଚଗୀତର ଆସର। ପଣବନ୍ଦୀଙ୍କୁ ସ୍ୱାଗତ କରିବା ପାଇଁ ଅନେକ କାର୍ଯ୍ୟକ୍ରମର ଆୟୋଜନ।



ତେଲ୍ ଆଭିଭ୍‌ର 'ହୋଷ୍ଟେଜେସ୍ ସ୍କୋୟାର'ରେ ପଣବନ୍ଦୀ ମଟନ୍ ଜାଙ୍ଗଉକେରଙ୍କ ମା' ଏକ ହୋଷ୍ଟେଜ୍‌ମାନଙ୍କ ଫଟୋ ଥିବା ଇସ୍ରାଏଲୀ ପତାକା ଧରି ଖୁସି ବ୍ୟକ୍ତ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ଏ ବର୍ଷ ଟ୍ରମ୍ପ୍‌ଙ୍କୁ ମିଳି ନ ପାରେ ନୋବେଲ ଶାନ୍ତି

ଷ୍ଟାଭାଙ୍ଗର(ନରୱେ),୯।୧୦



ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ଘୋଷଣାକୁ ଆଉ ମାତ୍ର କେତେ ଘଣ୍ଟା ବାକି ରହିଛି। ଏଥର ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନାମ ମନୋନୀତ ବ୍ୟକ୍ତିବିଶେଷଙ୍କ ତାଲିକାରେ ରହିଛି। ତେଣୁ ନୋବେଲ ପିସ୍ ପ୍ରାଇଜ୍-୨୦୨୫ ଉପରେ ବିଶ୍ୱବାସୀଙ୍କ ନଜର ରହିଛି। କିନ୍ତୁ ଟ୍ରମ୍ପ୍‌ଙ୍କୁ ଚଳିତବର୍ଷ ଏହି ପୁରସ୍କାର ମିଳି ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଟ୍ରମ୍ପ୍ ଭାରତ-ପାକିସ୍ତାନ ଓ ଇସ୍ରାଏଲ୍-ଗାଜା ସମେତ ମୋଟ ୭ଟି ଯୁଦ୍ଧ ଅଟକାଇଦେଇଥିବା ଦାବିକରି ସେ ନୋବେଲ ପାଇବା ଉଚିତ ବୋଲି କୁହନ୍ତି। ଏପରି କି ପାକିସ୍ତାନ ମଧ୍ୟ ଟ୍ରମ୍ପ୍‌ଙ୍କ ନାମ ଏହି ପୁରସ୍କାର ଲାଗି ସୁପାରିସ କରିଛି। ଅନ୍ୟପକ୍ଷେ ନରୱେଜିଆନ୍ ନୋବେଲ କମିଟି ଶାନ୍ତିର ସ୍ଥାୟିତ୍ୱ, ଅନ୍ତର୍ଜାତୀୟ ଭ୍ରାତୃତ୍ୱ ଓ ଏଭଳି ଲକ୍ଷ୍ୟ ସାଧନ ଦିଗରେ ସହାୟକ ହେଉଥିବା କାର୍ଯ୍ୟ ଉପରେ ଫୋକସ୍ କରିଥାଏ। ସେହି ଦୃଷ୍ଟିରୁ ଗ୍ଲୋବାଲ୍ କ୍ଲାଇମେଟ୍ ଚେଞ୍ଜ ସଙ୍କଟକୁ ଅସମ୍ମାନ ଭଳି ଟ୍ରମ୍ପ୍‌ଙ୍କ ରେକର୍ଡ ତାଙ୍କ ନିଜ ବିରୋଧରେ କାର୍ଯ୍ୟ କରିପାରେ ବୋଲି ଦୀର୍ଘ ବର୍ଷ ଧରି ନୋବେଲ ପୁରସ୍କାର ଉପରେ ଅନୁଧ୍ୟାନ କରିଆସିଥିବା ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ପାକିସ୍ତାନ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁପାରିସ ଏହି ପୁରସ୍କାର ପାଇଁ ଧାର୍ଯ୍ୟ ତାରିଖ ୨୦୨୫ ଫେବୃଆରୀ ୧ ପରେ କରାଯାଇଥିଲା।

**କଫ୍ ସିରପ୍ ମୃତ୍ୟୁ ମାମଲା**

# କେନ୍ଦ୍ରକୁ ଜବାବ ମାଗିଲା ଡବ୍ଲ୍ୟୁଏଚ୍‌ଓ

ନୂଆଦିଲ୍ଲୀ, ୯।୧୦

**୩ କଫ୍ ସିରପ୍ ବନ୍ଦ କରାଯାଇଥିବା କହିଲା ସିଡିଏସ୍‌ସିଓ**




ଭାରତରେ କଫ୍ ସିରପ ପିଇ ହେଉଥିବା ମୃତ୍ୟୁ ମାମଲାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛି। କଫ୍ ସିରପ ରପ୍ତାନିରେ ଭାରତ ଅଗ୍ରଣୀ ଦେଶ ହୋଇଥିବାବେଳେ ଯେଉଁ କଫ୍ ସିରପ ପିଇ ମୃତ୍ୟୁ ମାମଲା ସାମ୍ନାକୁ ଆସୁଛି, ସେଗୁଡ଼ିକୁ ଅନ୍ୟ କେଉଁ ଦେଶକୁ ରପ୍ତାନି କରାଯାଇଛି ବୋଲି ଭାରତୀୟ ଅଧିକାରୀଙ୍କୁ ଡବ୍ଲ୍ୟୁଏଚ୍‌ଓ ପ୍ରଶ୍ନ କରିଛି। ଭାରତରୁ ଜବାବ ମିଳିବା ପରେ ଏହି କଫ୍ ସିରପକୁ ନେଇ ସାରା ବିଶ୍ୱକୁ ସତର୍କତା ଜାରି କରାଯିବ ବୋଲି ଡବ୍ଲ୍ୟୁଏଚ୍‌ଓର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କାଶ ଏବଂ ଥଣ୍ଡା ପାଇଁ ବ୍ୟବହୃତ କୋଲଡ୍ରିଫ୍ କଫ୍ ସିରପକୁ ନେଇ ବର୍ତ୍ତମାନ ସୁଦ୍ଧା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୌଣସି ଚେତାବନୀ ବା ସତର୍କତା ଜାରି ହୋଇନାହିଁ। ଭାରତରେ କଫ୍‌ସିରପ ପିଇ ହେଉଥିବା ମୃତ୍ୟୁ ମାମଲାକୁ ନେଇ ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିଛି। ଭାରତରେ ପିଲାମାନଙ୍କୁ ଦିଆଯାଉଥିବା ଔଷଧକୁ କିପରି ଭାବେ ନୀରିକ୍ଷଣ କରାଯାଇଥାଏ, ସେନେଇ ମଧ୍ୟ ଡବ୍ଲ୍ୟୁଏଚ୍‌ଓ ପ୍ରଶ୍ନ କରିଛି।

କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ପକ୍ଷରୁ ଗୁରୁବାର ଡବ୍ଲ୍ୟୁଏଚ୍‌ଓ କରିଥିବା ପ୍ରଶ୍ନର ଉତ୍ତର ରଖାଯାଇଛି। ସିଡିଏସ୍‌ସିଓ ପକ୍ଷରୁ କୁହାଯାଇଛି, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ କଫ୍ ସିରପ ଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିବା ପରେ କୋଲ୍‌ଡ୍ରିଫ୍, ରେସ୍ପିଫ୍ରେଶ୍‌ଟିଆର୍ ଏବଂ ରିଲାଇଫ୍ କଫ୍ ସିରପକୁ ମେଡିକାଲ ଷ୍ଟୋରଗୁଡ଼ିକରୁ ପ୍ରତ୍ୟାହାର କରାଯାଇଥିବା ସହ ଏହାର ଉତ୍ପାଦନ ବନ୍ଦ କରିବାକୁ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ୩ କଫ୍‌ସିରପ ମଧ୍ୟରୁ କୌଣସିଟିକୁ ମଧ୍ୟ ଭାରତରୁ ଅନ୍ୟ ଦେଶକୁ ରପ୍ତାନି କରାଯାଇନାହିଁ ବୋଲି ଉତ୍ତରରେ ସିଡିଏସ୍‌ସିଓ କହିଛି।

# ଫାର୍ମା କମ୍ପାନୀ ମାଲିକ ଗିରଫ

ଭୋପାଳ/ଚେନ୍ନାଇ/ନୂଆଦିଲ୍ଲୀ, ୯।୧୦

**ଆଜି ସୁପ୍ରିମକୋର୍ଟରେ ଶୁଣାଣି**

ତାମିଲନାଡୁର କାଞ୍ଚିପୁରମସ୍ଥିତ ଶ୍ରୀସନ ଫାର୍ମାସ୍ୟୁଟିକଲ୍ସ ଦ୍ୱାରା ନିର୍ମିତ କୋଲଡ୍ରିଫ୍ କଫ୍‌ସିରପ୍ ପିଇ ଗୁରୁବାର ସୁଦ୍ଧା ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ମାମଲାରେ ମଧ୍ୟପ୍ରଦେଶ ପୋଲିସ ଗୁରୁବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀସନ ଫାର୍ମାସ୍ୟୁଟିକଲ୍ସର ମାଲିକ ଏସ୍ ରଙ୍ଗନାଥନଙ୍କୁ ଗିରଫ କରିଛି। ଏନେଇ ମଧ୍ୟପ୍ରଦେଶର ଛିନ୍ଦୱାରା ଏସ୍‌ପି ଅଜୟ ପାଣ୍ଡେ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ରଙ୍ଗନାଥନଙ୍କୁ ଚେନ୍ନାଇର ଏକ ଅଦାଲତରେ ହାଜର କରାଯିବ। ପୋଲିସ ଟ୍ରାଞ୍ଜିଟ୍ ରିମାଣ୍ଡ ପାଇବା ପରେ ତାଙ୍କୁ ଛିନ୍ଦୱାରା ନିଆଯିବ ବୋଲି ସେ କହିଛନ୍ତି। ତେବେ କଫ୍ ସିରପ୍ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଏବଂ ଭାରତରେ ଔଷଧ ସୁରକ୍ଷା ଢାଞ୍ଚାର ବ୍ୟାପକ ସଂସ୍କାର ପାଇଁ ଦାବି କରି ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱ ଦେଇ ଶୁକ୍ରବାର ଏହାର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ ଉଜ୍ଜ୍ୱଲ ଭୂୟାନ୍ ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ପିଟିଶନର ଶୁଣାଣି କରିବେ। ଅନ୍ୟପକ୍ଷେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ପକ୍ଷରୁ ଗୁରୁବାର କଫ୍ ସିରପ୍ ନିର୍ମାତାଙ୍କର ପରୀକ୍ଷା, ଯାଞ୍ଚ ଏବଂ ଅଡିଟ୍ ପାଇଁ ଏକ ପ୍ୟାନ୍ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଛି।

**ଫୁର୍‌ସତ୍**

**ଅବସରପ୍ରାପ୍ତ ଏୟାରପୋର୍ଟ କର୍ମଚାରୀଙ୍କ ଅନନ୍ୟ ସଉକ**

# ସଂଗ୍ରହ କରିଛନ୍ତି ୨୧୫ ଦେଶର ପ୍ରାଚୀନ ମୁଦ୍ରା

ବଠିଣ୍ଡା



ହରିଚନ୍ଦ ପ୍ରଜାପତି




ପଞ୍ଜାବର ବଠିଣ୍ଡା ନିବାସୀ ତଥା ଅବସରପ୍ରାପ୍ତ ଏୟାରପୋର୍ଟ କର୍ମଚାରୀ ହରିଚନ୍ଦ ପ୍ରଜାପତି ଗତ ୩ ଦଶନ୍ଧି ଧରି ନିଜର ଏକ ବିରଳ ସଉକକୁ ପାଳନ କରିଆସୁଛନ୍ତି। ଗତ ୩୦ ବର୍ଷ ମଧ୍ୟରେ ସେ ୨୧୫ ଦେଶର ପ୍ରାଚୀନ ମୁଦ୍ରା ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ୨୪୦୦ ବର୍ଷ ପୁରୁଣା ନୋଟ୍, ୯୦୦ ବର୍ଷ ପୁରୁଣା ମୁଦ୍ରା ରହିଛି। ମୋଗଲ କାଳ, ବ୍ରିଟିଶ ରାଜ୍ ସମୟରେ ଭାରତରେ ବ୍ୟବହୃତ ହେଉଥିବା ମୁଦ୍ରାକୁ ମଧ୍ୟ ସେ ସଂଗ୍ରହ କରି ରଖିଛନ୍ତି। ସେହିପରି ବିଶ୍ୱର ସବୁଠାରୁ ଛୋଟ ସୁନା ମୁଦ୍ରାକୁ ମଧ୍ୟ ସେ ସାଇତି ରଖିଛନ୍ତି। ତେବେ ଏଥିପାଇଁ ହରିଚନ୍ଦଙ୍କୁ ବ୍ୟାପକ ଭ୍ରମଣ ଏବଂ ପ୍ରଚୁର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଏତେସଂଖ୍ୟାରେ ମୁଦ୍ରା ସଂଗ୍ରହ କରିବା ପାଇଁ ସେ ବିଭିନ୍ନ ସହରକୁ ଯାତ୍ରା କରିଥିବା ବେଳେ ଏଥିପାଇଁ ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ହରିଚନ୍ଦ ବିଭିନ୍ନ ରାଜ୍ୟର ବଜାର, ସଂଗ୍ରହାଳୟ, ପାଠାଗାର ଆଦି ଭ୍ରମଣକରି ଏହି ମୁଦ୍ରାଗୁଡ଼ିକୁ ସଂଗ୍ରହ କରିଛନ୍ତି। ପୂର୍ବରୁ ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅନୁପସ୍ଥିତି ଯୋଗୁ ବିଭିନ୍ନ ମୁଦ୍ରା ସମ୍ପର୍କରେ ସୂଚନା ସଂଗ୍ରହ କରିବା ପାଇଁ ତାଙ୍କୁ ଇତିହାସ ପୁସ୍ତକ ଉପରେ ଅଧିକ ନିର୍ଭର ରହିବାକୁ ପଡୁଥିଲା ବୋଲି ସେ କହିଛନ୍ତି। ଅନେକ ସମୟରେ ଟଙ୍କା ଅଭାବ ଥିବା କାରଣରୁ ସେ ବିଭିନ୍ନ ଦେଶର ପ୍ରାଚୀନ ମୁଦ୍ରା ନିକଟରେ ପହଞ୍ଚି ମଧ୍ୟ ତାହା କିଣି ପାରି ନ ଥିଲେ। ତେବେ ଏହି କାର୍ଯ୍ୟ ପାଇଁ ତାଙ୍କୁ ତାଙ୍କ ପରିବାରର ସମର୍ଥନ ମିଳିଥିଲା ଏବଂ ସେ ହାର୍ ମାନି ନ ଥିଲେ ବୋଲି ହରିଚନ୍ଦ କହିଛନ୍ତି। ପରିବାରର ସମର୍ଥନରେ ସେ ବିଭିନ୍ନ ସମସ୍ୟାକୁ ଏଡାଇ ବହୁ ଦେଶର ପ୍ରାଚୀନ ମୁଦ୍ରା ସଂଗ୍ରହ କରିବା ଜାରି ରଖିଥିଲେ। ପିଲାମାନଙ୍କୁ ଇତିହାସ ଏବଂ ପ୍ରାଚୀନ ମୁଦ୍ରା ସମ୍ପର୍କରେ ଶିକ୍ଷାଦେବା ପାଇଁ ନିକଟରେ ହରିଚନ୍ଦ ପ୍ରାଚୀନ ମୁଦ୍ରା ପ୍ରଦର୍ଶନୀର ଆୟୋଜନ କରିଥିଲେ।

ହରିଚନ୍ଦ ଇତିହାସର ଜଣେ ଉତ୍ସାହୀ ପାଠକ ହୋଇଥିବା ବେଳେ ଅନ୍ୟ ଜଣେ ମୁଦ୍ରା ସଂଗ୍ରହକାରୀଙ୍କଠାରୁ ଅନୁପ୍ରାଣିତ ହୋଇ ମୁଦ୍ରା ସଂଗ୍ରହ କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଏହି ସରଳ ଆଗ୍ରହ ତାଙ୍କ ସଉକ ପାଲଟିଥିଲା ଏବଂ ଜୀବନବ୍ୟାପୀ ସେ ଏହି କାର୍ଯ୍ୟ କରି ଚାଲିଥିଲେ। ନିଆରା ମୁଦ୍ରା ସଂଗ୍ରହ ପ୍ରୟାସ ଯୋଗୁ ହରିଚନ୍ଦଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଛି।

# ଇଣ୍ଡଷ୍ଟ୍ରିରେ ନୟନତାରାଙ୍କ ୨୨ ବର୍ଷ



**ଚେନ୍ନାଇ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲେଡି ସୁପରଷ୍ଟାରର ଆଖ୍ୟା ପାଇଥିବା ଅଭିନେତ୍ରୀ ନୟନତାରା ସିନେମା ଜଗତରେ ୨୨ ବର୍ଷ ପୂରା କରିଛନ୍ତି। ଏହି ଅବସରରେ ଗୁରୁବାର ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ଭାବପ୍ରବଣ ନୋଟ୍ ଶେୟାର କରିଛନ୍ତି। ଏହି ନୋଟ୍‌ରେ ସେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇବା ସହ ସେ କରିଥିବା ବିଭିନ୍ନ ଚରିତ୍ର ଏବଂ ତାଙ୍କ କ୍ୟାରିୟରକୁ ନେଇ ନିଜ ଅନୁଭୂତିକୁ ବଖାଣିଛନ୍ତି। ନୟନତାରା ଲେଖିଛନ୍ତି, ଠିକ୍ ୨୨ ବର୍ଷ ତଳେ ପ୍ରଥମ ଥର ପାଇଁ କ୍ୟାମେରାକୁ ସାମ୍ନା କରିଥିଲି। ଫିଲ୍ମ ଇଣ୍ଡଷ୍ଟ୍ରିକୁ କ୍ୟାରିୟର କରିବି ଏବଂ ଏହାକୁ ପ୍ରେମ କରି ବସିବି ବୋଲି ସେତେବେଳେ ଜାଣି ନ ଥିଲି। ଶୁଟିଂ ବେଳର ପ୍ରତ୍ୟେକ ସଟ୍, ପ୍ରତ୍ୟେକ ଫ୍ରେମ୍ ତାଙ୍କ ଅଭିନୟ ଦକ୍ଷତାକୁ ବଢ଼ାଇବା ସହ ତାଙ୍କୁ ଜଣେ ସଫଳ ଅଭିନେତ୍ରୀ ଭାବେ ପରିଚୟ ଦେଇଥିବା ସେ କହିଛନ୍ତି। ଏଥିପାଇଁ ସେ ତାଙ୍କ ସମସ୍ତ ଫିଲ୍ମର ନିର୍ମାତା, ନିର୍ଦ୍ଦେଶକ, କ୍ରିଉ ସଦସ୍ୟ, ସହ କଳାକାର ଏବଂ ପ୍ରଶଂସକଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ୨୦୦୩ରେ ମାଲୟାଲମ ଚଳଚ୍ଚିତ୍ର 'ମନାସ୍ସିନକ୍କାରେ' ସହ ନୟନତାରା ଫିଲ୍ମ ଜଗତରେ ଡେବ୍ୟୁ କରିଥିଲେ। ଏହାପରଠାରୁ ଅନେକ ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲୟାଲମ ଫିଲ୍ମରେ ସେ ନିଜ ଅଭିନୟର ଜଲୱା ଦେଖାଇ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ୨୦୨୩ରେ ଏଟଲି କୁମାରଙ୍କ ନିର୍ଦ୍ଦେଶିତ 'ଯୱାନ' ଫିଲ୍ମ ସହ ସେ ବଲିଉଡରେ ଡେବ୍ୟୁ କରିଥିଲେ। ଫିଲ୍ମରେ ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ନୟନତାରା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଥିଲେ।

# ମଣିଷ, ବନ୍ୟପ୍ରାଣୀ ପ୍ରାକୃତିକ ସମ୍ବନ୍ୱୟର ଅବିଚ୍ଛେଦ୍ୟ ଅଂଶ

ଭୁବନେଶ୍ୱର, ୯।୧୦
(ବନ୍ଦନା ସେଠୀ)



ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

### ଡ. ଶରତ ଚନ୍ଦ୍ର ମିଶ୍ରଙ୍କୁ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱ ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମ୍ବନ୍ୱୟର ଅବିଚ୍ଛେଦ୍ୟ ଅଂଶ। ବନ୍ୟପ୍ରାଣୀ ସପ୍ତାହ ପାଳନ ଦେଶର ଜୀବନ୍ତ ଐତହ୍ୟର ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ କର୍ତ୍ତବ୍ୟକୁ ମନେ ପକାଇଦିଏ ବୋଲି ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁବାର ଲୋକସେବା ଭବନଠାରେ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ପୂର୍ବଘାଟ ପର୍ବତମାଳା, ଘଞ୍ଚ ଜଙ୍ଗଲ, ହେନ୍ତାଳ ବନ, ନଦୀ ଏବଂ ସୁଦୀର୍ଘ ଉପକୂଳ ରାଜ୍ୟକୁ ବନ୍ୟପ୍ରାଣୀଙ୍କ ବିହାରସ୍ଥଳ କରିଛି। ଚିଲିକା ହ୍ରଦ ଓ ଭିତରକନିକାଠାରୁ ଆରମ୍ଭ କରି ଗହୀରମଥା ଓ ଋଷିକୂଲ୍ୟାରେ ଅଲିଭ ରିଡ୍‌ଲେ କଇଁଛଙ୍କ ଗଣ ଅଣ୍ଡାଦାନ ପର୍ଯ୍ୟନ୍ତ ଓଡ଼ିଶା ସଂରକ୍ଷଣ ସଫଳତାର ଏକ ମଡେଲ ଭାବେ ଛିଡ଼ା ହୋଇଛି। ତଥାପି ମାନବ ବସତି ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରାକୃତିକ ସମ୍ପଦ ପ୍ରଭାବିତ ହେଉଛି ବୋଲି ରାଜ୍ୟପାଳ କହିଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇ କହିଲେ, ରାଜ୍ୟ ସରକାର ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଆମ ଶିମିଳିପାଳ ଯୋଜନା' ଅଧୀନରେ ୫୦କୋଟି ଟଙ୍କାର ବ୍ୟୟ କରାଯାଇଛି। ୨୧ଟି ଜିଲାରେ ଅବସ୍ଥିତ ୫୩ଟି ପରିବେଶ ପର୍ଯ୍ୟଟନସ୍ଥଳୀ ବ୍ୟାପକ ରୋଜଗାର ଏବଂ ରାଜସ୍ୱ ସୃଷ୍ଟିରେ ସହାୟକ ହୋଇଛି। ଗତବର୍ଷ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବିଭିନ୍ନ ପରିବେଶ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପରିଭ୍ରମଣ କରିଛନ୍ତି ଏବଂ ଏହି ବାବଦକୁ ପାଖାପାଖି ୧୯ କୋଟିରୁ ଊର୍ଦ୍ଧ୍ୱ ଆୟ ସଂଗ୍ରହ ହୋଇଛି। ପର୍ଯ୍ୟଟକଙ୍କ ଅନୁଭୂତିକୁ ଆହୁରି ମନୋରମ କରିବା ଉଦ୍ଦେଶ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ମହେନ୍ଦ୍ରଗିରି, ଜାଖମ ଏବଂ ଶିମିଳିପାଳର ତଳବନ୍ଧଠାରେ ୩ଟି ନୂତନ ପରିବେଶ ପର୍ଯ୍ୟଟନ ସ୍ଥଳୀ ଉତ୍ସର୍ଗୀକୃତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଓଡିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱ ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ 'ୱାଇଲ୍ଡ ଲାଇଫ୍ ଓଡ଼ିଶା ୨୦୨୫', 'ୱାଇଲ୍ଡ ଲାଇଫ୍ କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ମାନୁଆଲ୍ ବାଏ ଜଏଣ୍ଟ ଟାସ୍କ ଫୋର୍ସ' ଏବଂ 'ଦେବ୍ରୀଗଡ଼: ଦି ୱାଇଲ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ବନ୍ୟପ୍ରାଣୀ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଶରତ ଚନ୍ଦ୍ର ମିଶ୍ରଙ୍କୁ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ପ୍ରଦାନ କରାଯାଇଥିଲା। ପରେ କୁଇଜ, ଫଟୋଗ୍ରାଫି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଆରମ୍ଭ ହେଲା ବିଜେଡିର ପଦଯାତ୍ରା ଅଭିଯାନ



ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ଅବସରରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର/ସାକ୍ଷୀଗୋପାଳ, ୯।୧୦
(ସୁନିତ୍ ମିଶ୍ର/ଭରତ ରାଉତ/ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କର ଜନ୍ମମାଟି ସୁଆଣ୍ଡୋ ଗ୍ରାମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣକରିବା ସହ ବିଜେଡିର ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାନ୍ଧୀ ଜୟନ୍ତୀରେ ଅର୍ଥାତ୍ ଏହି ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ଦଳ ତରଫରୁ ସଙ୍କଳ୍ପ ନିଆଯାଇଥିଲା। ଉକ୍ତ ପଦଯାତ୍ରା କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜାଗାରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ମାସେ ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଅରୁଣ କୁମାର ସାହୁ ଏବଂ ପୁରୀ ବିଜୁ ଜନତା ଦଳ ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମମାଟି ସୁଆଣ୍ଡୋରେ ଉପସ୍ଥିତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି। ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ଯାଏଁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀ କହିଛନ୍ତି, ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଥିବା ବେଳେ ଗତ ୧୫ ମାସର ଭାଜପା ଶାସନରେ ଯେଉଁଭଳି ସୁଶାସନ ପ୍ରଦାନ କରିବାରେ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି, ସେଥିରୁ ରାଜ୍ୟବାସୀ ଅତିଷ୍ଠ ହେଲେଣି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମଦମୁକ୍ତ ଓଡ଼ିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ସେହିପରି ଭୁବନେଶ୍ୱରରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଛନ୍ତି।

# ପ୍ରଦେଶ ମହିଳା କଂଗ୍ରେସର ନୂଆ କମିଟି

ଭୁବନେଶ୍ୱର,୯।୧୦
(ରବିନାରାୟଣ ଜେନା)

ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବାଙ୍କ ଅନୁମୋଦନକ୍ରମେ ଗୁରୁବାର ରାଜ୍ୟ ମହିଳା କଂଗ୍ରେସ କମିଟି ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି। ଉକ୍ତ କମିଟିରେ ଉପସଭାପତି ଭାବେ ଜୟଶ୍ରୀ ପଟ୍ଟନାୟକ, ଦେବସ୍ମିତା ସାମଲ, ଯବାମଣି ଗୁଡୁ, ସୁନିତା ବିଶ୍ୱାଳ, ବିଶ୍ୱକଲ୍ୟାଣୀ କର, ଦ୍ରୌପଦୀ ମାଝୀ, ପ୍ରତିମା ମଲ୍ଲିକ, ଅନିତା ନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ପ୍ରଣତୀ ମିଶ୍ର ରହିଛନ୍ତି।

ସେହିପରି ସାଧାରଣ ସମ୍ପାଦକ ଭାବେ ବାସନ୍ତୀ ସାମଲ, ହାରାବତୀ ଗଣ୍ଡ, ଶ୍ରୀୟସ୍ମିତା ପଣ୍ଡା, ଗୋରେଟୀ ଏକ୍କା, ପ୍ରୀତିଛନ୍ଦା କୈବଲ୍ୟ ନାୟକ, ଦୀପ୍ତିରାଣୀ ପ୍ରଧାନ, ଅମିଶା ସାମନ୍ତରାୟ, ଲିଜାରାଣୀ ରାଉତ, ନିରୁପମା ପାତ୍ର, ସୁପ୍ରଭା ବରାଇ, ଶ୍ରୀୟା ମହାନ୍ତି, ବନ୍ଦିତା ମହାନ୍ତି, ଶୁଭସ୍ମିତା ଦାସ, ଏଲିସ୍ ମିଞ୍ଜ, ପିଙ୍କି କଅଁର, ପ୍ରଗତୀ ନାୟକ, ସୁରଭି ବିଷୋୟୀ, ମଞ୍ଜୁଶ୍ରୀ ମିଶ୍ର, ମୀରା ମଣ୍ଡଳ, ଇସ୍ରାତ ଜାହାନ, ଲିଜାରାଣୀ ରାଉତ, ସୁନିତା ଲାକ୍ରା ରହିଥିବାବେଳେ ସମ୍ପାଦକ ଭାବେ ବିନତୀ ପଢ଼ିଆରୀ, ମୋତୀ କୈବର୍ତ୍ତ୍ୟ, ଦେବସ୍ମିତା ସାହୁ, ନନ୍ଦୀ ଗୌରୀ, ମାଳତୀ ନାୟକ, ଜ୍ୟୋତି ଲାକ୍ରା, ନନ୍ଦିନୀ ଲାକ୍ରା, ସବିତା ଚାନ୍ଦ, ରୀନା ବେହେରା, ମାମିନା ଭୂମିଆ, ସ୍ୱସ୍ତିକା ପଣ୍ଡା, ନମିତା ମାଝୀ, ମାମିନା ପାତ୍ର, ସୁଦୀପ୍ତା ଦାସ, ମହେନ୍ଦ୍ରୀ ସାହୁ, ଚୈତାଳି ପଟ୍ଟନାୟକ, ଗୌରୀ ବିଶୋୟୀ, କବିତା ପ୍ରିୟଦର୍ଶିନୀ ଦାସ, ମିନତୀ ରାଉତ, ପ୍ରଜ୍ଞା ପି. ବେହେରା, ପ୍ରତିମା ପଣ୍ଡା, ସିଲି ସେଠୀ, ସୁନିତା ବାଗ, ରଞ୍ଜିତା ଯୋଶୀ, ତ୍ରିସ୍ତା ରୟ, ମନୋରମା ଖଟୁଆ, ଉଷାରଞ୍ଜନ ମହନ୍ତ, ରଞ୍ଜିତା ନାୟକ, ଜ୍ୟୋତ୍ସ୍ନା ସେନାପତି, ବୁଲ୍କି ସେଠ, ମୀନାକ୍ଷୀ ପ୍ରଧାନୀ, ସ୍ୱର୍ଣ୍ଣଲତା ବାନାରା, ଲିପିକା ପାଲ, ନିରୁପମା ବେହେରା, ନଳିମା ଅଗ୍ରୱାଲ, ବଂଶୀଧର ସାମନ୍ତରାୟ, ରଞ୍ଜିତା ହେମ୍ବ୍ରମ୍, ନିନି ବୁଦ୍, ପ୍ରତିମା ନାୟକ, ଲକ୍ଷ୍ମୀ ସବର, ସୁଦେଷ୍ଣା ପଣ୍ଡା, ଜ୍ୟୋତି ତାଲୁଜା, ଜୟସ୍ମିତା ମହାନ୍ତି, ପୂର୍ଣ୍ଣିମା ବେହେରା, ରୀନା ବେହେରା ରହିଛନ୍ତି। ସେହିପରି ସ୍ୱତନ୍ତ୍ର ପରାମର୍ଶଦାତା ଭାବେ ବିଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ହେମ୍ବ୍ରମ, ଗିରିବାଳା ବେହେରା, ରତ୍ନମଣୀ ଉଲ୍ଲାକା ପ୍ରମୁଖ ସ୍ଥାନ ପାଇଛନ୍ତି ବୋଲି ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ସମାବେଶ କରିବ କେନ୍ଦୁପତ୍ର ସଂଘ

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବିଭିନ୍ନ ଦାବି ନେଇ କେନ୍ଦୁପତ୍ର ପିସିସିଏଫ୍ ଉମା ନନ୍ଦୁରୀଙ୍କ ସହ ଆଲୋଚନା କରାଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପିତ କରିଛନ୍ତି। ଉମା ନନ୍ଦୁରୀ ଚଳିତ ମାସ ମଧ୍ୟରେ ତୋଳାଳି ଓ ବନ୍ଧେଇ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସହାୟତା ଦିଆଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ବର୍ଷ ତୋଳାଳିମାନଙ୍କ ପତ୍ର ଦର ବୃଦ୍ଧି ହୋଇପାରେ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସରକାର ବଜେଟ ମଞ୍ଜୁରୀ ପ୍ରାପ୍ତ ୧୨୦ କୋଟି ଟଙ୍କା କେଏଲ୍‌ଡିଏଫ୍‌ରେ ଜମା ହୋଇନଥିବା ଦର୍ଶାଇଛନ୍ତି। ସଂଘର କର୍ମକର୍ତ୍ତାମାନେ ଏହି ଅର୍ଥ ଶୀଘ୍ର ଉକ୍ତ ପାଣ୍ଠିରେ ଜମା କରିବାକୁ ଦାବି କରିଛନ୍ତି। ସେହିପରି ବୋନସ ପରିମାଣ ବୃଦ୍ଧି ପାଇଁ ମଧ୍ୟ ଦାବି କରାଯାଇଛି। ଏହିଭଳି ବିଭିନ୍ନ ଦାବି ଉପରେ ସକାରାତ୍ମକ ବିଚାରକରି ନିଷ୍ପତ୍ତି ଜଣାଇବାକୁ ସଂଘ ଦାବି କରିଛି। ନଚେତ୍ ଆସନ୍ତା ୨୯ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ସମାବେଶ ତଥା ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ କର୍ମକର୍ତ୍ତାମାନଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଅସ୍ଥିତ୍ୱ ବଞ୍ଚାଇବାକୁ ପଦଯାତ୍ରା କରୁଛି ବିଜେଡି: ଭାଜପା

ଭୁବନେଶ୍ୱର, ୯।୧୦
(ସୁନିତ୍ ମିଶ୍ର)

ବିଜେଡି ବର୍ତ୍ତମାନ ଦଳୀୟ ସଙ୍କଟ ଦେଇ ଗତି କରୁଛି। ଏହି ସଙ୍କଟ ଏତେ ମାତ୍ରାରେ ବଢ଼ିଯାଇଛି ଯେ କିଏ କ'ଣ ନିଷ୍ପତ୍ତି ନେବେ ତାହାକୁ କେହି ଜାଣିପାରୁନାହାନ୍ତି। ସେମାନେ ନିଜର ଦାବି କ'ଣ ସେ ବିଷୟରେ କିଛି ନ ଜାଣି କେବଳ ଦଳର ଅସ୍ଥିତ୍ୱ ବଞ୍ଚାଇବା ପାଇଁ ପଦଯାତ୍ରା କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପ୍ରତିଥର ଦଳୀୟ ପଦଯାତ୍ରାରେ ପତାକା ଦେଖାଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥାଆନ୍ତି। ହେଲେ ଆଜି ସେ କୁଆଡ଼େ ଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତାଙ୍କ ଦଳର କର୍ମୀମାନେ ଏବେ ନବୀନଙ୍କୁ ଖୋଜୁଛନ୍ତି। ବିନା ନେତାରେ ଏହି ପଦଯାତ୍ରା ଚାଲିଛି। ବିଜେଡି ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋଠରେ 'ସେବା, ସ୍ୱାଭିମାନ ଓ ସଂଗ୍ରାମ ପଦଯାତ୍ରା' କରାଯାଉଛି। ମାତ୍ର ଗତ ୨୪ ବର୍ଷ ଧରି ବିଜେଡି ଓଡ଼ିଶା ପାଇଁ କି ସେବା କରିଛି ତାହାକୁ ଲୋକ ଦେଖିଛନ୍ତି। ବିଜେଡି ଶାସନରେ ବେକାରି, ଅପରାଧ, ଶିଶୁ ଓ ମାତୃ ମୃତ୍ୟୁ ହାରରେ ଓଡ଼ିଶା ଦେଶରେ ଏକ ନମ୍ବର ଥିଲା। ବିଜେଡି ଶାସନରେ ରାଜ୍ୟରେ ମହିଳା ହିଂସା ଓ ନିର୍ଯାତନା କଥା ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟରେ ଖୁଲାସା ହୋଇଛି ବୋଲି ଭାଜପା କହିଛି।

# କଟକ ହିଂସା ପଛରେ ବଜରଙ୍ଗ ଦଳ, ଭାଜପା ସରକାର: ମମତା

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

**କଟକ ହିଂସାକୁ ନେଇ ମମତାଙ୍କ ପ୍ରତିକ୍ରିୟା ପରେ ରାଜନୀତି**

- ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି ମମତା: ଆଇନ ମନ୍ତ୍ରୀ
- ସମସ୍ତେ ଦେଖୁଛନ୍ତି ପଶ୍ଚିମବଙ୍ଗରେ କ'ଣ ସବୁ ଚାଲିଛି: ମନମୋହନ

କଟକ ପ୍ରସଙ୍ଗକୁ ନେଇ ଏକ ନୂଆ ରାଜନୀତି ଜୋର୍ ଧରିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଘଟଣା ନେଇ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ମମତା କହିଛନ୍ତି, କଟକ ବର୍ତ୍ତମାନ ଜଳୁଛି। ସେଠାରେ କେମିତି ଆକ୍ରମଣ କରାଗଲା ତାହା ସମସ୍ତେ ଦେଖିଛନ୍ତି। ଭାଜପା ସରକାର କଟକରେ ସାମ୍ପ୍ରଦାୟିକ ହିଂସା ଭିଆଇଛି। ବଜରଙ୍ଗ ଦଳ ଏବଂ ଭାଜପା ସରକାର ସେହି ଘଟଣା ସାମ୍ପ୍ରଦାୟିକ ଦଙ୍ଗା ଘଟିବା ପଛରେ ଅଛନ୍ତି। ସେଠାକାର ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ନାହିଁ। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ସେହି ସରକାର ଦିନେ ଦେଶକୁ ଶେଷ କରିଦେବ। ବହୁ ସରକାର ଦେଖିଛି, କିନ୍ତୁ ଏମିତି ଅହଙ୍କାରୀ ଏବଂ ସ୍ୱେଚ୍ଛାଚାରୀ ସରକାର ଦେଖିନାହାନ୍ତି। ସେମାନେ ମନେ ରଖିବା ଦରକାର ଏବେ କ୍ଷମତା ଅଛି କାଲି କି ନ ଥିବ। କୌଣସି ଜିନିଷ ସ୍ଥାୟୀ ନୁହେଁ ବୋଲି ମମତା କହିଛନ୍ତି।

କଟକ ପ୍ରସଙ୍ଗରେ ମମତାଙ୍କ ଏଭଳି ପ୍ରତିକ୍ରିୟା ପରେ ରାଜ୍ୟ ଭାଜପାର ନେତା ଓ ମନ୍ତ୍ରୀମାନେ ପାଲଟା ଜବାବ ଦେବା ଆରମ୍ଭ କରିଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ଜବାବ ଦେଇ କହିଛନ୍ତି, ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମମତା ପ୍ରଥମେ ନିଜ କଥା ବୁଝନ୍ତୁ। କଟକରେ ଯାହା ଘଟିଥିଲା ସେଇଟା ଗୋଟେ ଦୁର୍ଘଟଣା। ସରକାର ଏହାକୁ ନିୟନ୍ତ୍ରଣକୁ ଆଣିଛନ୍ତି। କଟକର ପରିସ୍ଥିତି ସେଠାର ପରିବେଶ ଯେଉଁଭଳି ଆଗରୁ ଥିଲା ଏବେ ଶାନ୍ତ ଅଛି। ଶାନ୍ତ ଥିବା କଟକକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ କଥା। ପଶ୍ଚିମବଙ୍ଗରେ ପ୍ରତିଦିନ କ'ଣ ଘଟୁଛି ସେକଥା ମମତା ବାନାର୍ଜୀ ଠିକ୍ ଢଙ୍ଗରେ ଦେଖିଲେ ଅନୁଭବ କରିବେ ତାଙ୍କର ବିଫଳତା, ଅକ୍ଷମତାର କାରଣ। ପଶ୍ଚିମବଙ୍ଗରେ ବର୍ତ୍ତମାନ ଆଇନ ଶୃଙ୍ଖଳା ବିଗିଡ଼ିଯାଇଛି। ମମତାଙ୍କଠାରୁ କୌଣସି ଟିପ୍ପଣୀ ଆଶା କରାଯାଉନାହିଁ। ସରକାରଙ୍କ ଉପରେ ଓଡ଼ିଶାବାସୀଙ୍କ ଭରସା ଅଛି। ମମତା ଓଡ଼ିଶାକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି। ଓଡ଼ିଶାର ଭାଷା, ସଂସ୍କୃତିକୁ ବଦନାମ କରିବାକୁ ସେ କୌଣସି ସୁଯୋଗ ଛାଡୁନାହାନ୍ତି। ପଶ୍ଚିମବଙ୍ଗଠାରୁ ଆମେ କିଛି ଟିପ୍ପଣୀ ଆଶା କରୁନାହୁଁ ବୋଲି ଆଇନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ମମତା ବାନାର୍ଜୀଙ୍କ ଉପରେ ପ୍ରତିକ୍ରିୟା ଦେବାକୁ ଠିକ୍ ଭାବୁନାହିଁ। ସମସ୍ତେ ଦେଖୁଛନ୍ତି ପଶ୍ଚିମବଙ୍ଗରେ କ'ଣ ସବୁ ଚାଲିଛି। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ପଶ୍ଚିମବଙ୍ଗରେ କ'ଣ ଚାଲିଛି ସେନେଇ ସେ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ ବୋଲି ମନମୋହନ କହିଛନ୍ତି।

# ଉପର ପଢ଼ିଆରେ ହେବ ଐତିହାସିକ କଟକ ବାଲିଯାତ୍ରା

କଟକ,୯।୧୦(କାର୍ତ୍ତିକ ସାହୁ)

**ହାଇକୋର୍ଟ ଦେଲେ ଅନୁମତି**

ଚଳିତବର୍ଷ ଉପର ପଢ଼ିଆରେ ଐତିହାସିକ ବାଲିଯାତ୍ରା କଟକ ଅନୁଷ୍ଠିତ ହେବ। ଗୁରୁବାର ସହର ସମସ୍ୟାର ଶୁଣାଣି ବେଳେ ହାଇକୋର୍ଟ ଏ ନେଇ ଅନୁମତି ଦେଇଛନ୍ତି। ବାରବାଟୀ ଦୁର୍ଗ ସମ୍ମୁଖ ଉପର ପଢ଼ିଆରେ ବାଲିଯାତ୍ରା କରାଯିବା ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ ଦାଖଲ ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରି ଏଥିପାଇଁ ଅନୁମତି ଦେଇଛନ୍ତି।

ସୂଚନାନୁସାରେ, ଚଳିତବର୍ଷ କେବଳ ମହାନଦୀ ପଠା ତଳପଢ଼ିଆରେ ବାଲିଯାତ୍ରା କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ହେଲେ ଉପର ପଢ଼ିଆରେ ବାଲିଯାତ୍ରା ବନ୍ଦ କରାଯିବାକୁ ନେଇ ବିଭିନ୍ନ ମହଲରୁ ଚାପ ପଡ଼ିବା ପରେ ନାନା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହାପରେ ଜିଲା ପ୍ରଶାସନ ଗତ ସେପ୍ଟେମ୍ବର ୨୯ରେ ସହରର ନେତୃବର୍ଗଙ୍କୁ ନେଇ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ କରିଥିଲା। ସର୍ବସମ୍ମତିକ୍ରମେ ଉପର ପଢ଼ିଆରେ ବାଲିଯାତ୍ରା କରାଇବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତଦନୁସାରେ ଅକ୍ଟୋବର ୯ରେ ହାଇକୋର୍ଟରେ ହେବାକୁ ଥିବା ଶୁଣାଣିରେ ଜିଲା ପ୍ରଶାସନ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଇବାକୁ ନିଷ୍ପତ୍ତି ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକ ପରେ ସୂଚନା ଦେଇଥିଲେ। ଜିଲାପାଳ ଆହୁରି ମଧ୍ୟ କହିଥିଲେ ଯେ, ଉପର ପଢ଼ିଆରେ ବାଲିଯାତ୍ରା ଐତିହାସିକ ସ୍ମୃତି ହୋଇଥିବାରୁ ଏଠାରେ ବାଲିଯାତ୍ରା କରାଇବାକୁ ଦାବି ଉଠିଥିଲା। ସମସ୍ତ ପ୍ରସଙ୍ଗକୁ ଦୃଷ୍ଟି ଦେଇ ଉପରପଢ଼ିଆରେ ବାଲିଯାତ୍ରା କରିବା ନିମନ୍ତେ ପୁଣି ଜିଲା ପ୍ରଶାସନ ସ୍ଥିର କରିଛି। ତେବେ ଏଠାରେ ବାଲିଯାତ୍ରାର ସାଙ୍କେତିକତା ବହନ କରୁଥିବା କେତେକ ଷ୍ଟଲ ସହ ଆଉ କ'ଣ କରାଯାଇପାରିବ ତାହା ଉପରେ ଯୋଜନା ପ୍ରସ୍ତୁତ କରାଯିବ। ଟ୍ରାଫିକ୍ ସମସ୍ୟା, ତଳପଢ଼ିଆ-ଉପରପଢ଼ିଆ ମଧ୍ୟରେ ଯାତାୟାତ ବେଳେ ଅସ୍ୱସ୍ତିକର ପରିସ୍ଥିତିକୁ ତୁଲାଇବା ଭଳି ପଦକ୍ଷେପ ନିଆଯିବ। ସର୍ବୋପରି ପୂରା ଯୋଜନା ଉପରେ ହାଇକୋର୍ଟଙ୍କୁ ଅବଗତ କରାଯିବ। ହାଇକୋର୍ଟ ଏ ନେଇ ଅନୁମତି ଦେଲେ ସିଙ୍ଗଲ ୱିଣ୍ଡୋ ଜରିଆରେ ଉପରପଢ଼ିଆ ପାଇଁ ପ୍ଲଟ ଆବଣ୍ଟନ କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ।

MARUTI SUZUKI ARENA

ଉତ୍ସବର ଖୁସି
ଏବେ ହେଲା ଆହୁରି ବଡ଼
GST ଲାଭ ଏବଂ ସୀମିତ ଅବଧି ଫେଷ୍ଟିଭ୍ ଅଫର୍ସର ସହିତ
23 ଅକ୍ଟୋବର, 2025 ପର୍ଯ୍ୟନ୍ତ ମାନ୍ୟ

| MODEL | S-PRESSO | ALTO K10 | CELERIO | WAGONR | SWIFT | DZIRE | BREZZA | ERTIGA | EECO |
|---|---|---|---|---|---|---|---|---|---|
| REDUCTION IN PRICE^ (₹) UP TO | 129 600 | 107 600 | 94 100 | 79 600 | 84 600 | 87 700 | 112 700 | 46 400 | 68 000 |
| NOW STARTING AT^ (₹) | 349 900 | 369 900 | 469 900 | 498 900 | 578 900 | 625 600 | 825 900 | 880 000 | 518 100 |
| ADDITIONAL FESTIVE OFFERS* (₹) UP TO | 55 500 | 60 500 | 55 500 | 60 500 | 50 500 | - | 33 000 | - | 40 500 |

BOOK NOW | UP TO 100% PROCESSING FEE WAIVER ON CAR FINANCE#




ARENA SAFETY SHIELD
SCAN TO CONNECT TO SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
Contact us at 1800-102-1800

T&C available at dealership. Features/accessories vary by variant. Black glass shade on the vehicle is due to lighting effect. *Offers / Prices differ by variant/model/location/city and may change or end without notice. Includes consumer, exchange, and institutional/rural offers (where applicable) on select models. Offer values shown are maximums. Prices subject to GST rates as notified by the Government. ^Reductions and starting prices vary by variant. #Valid with select financiers, for personal-use vehicles only.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମହିଳା ଦକ୍ଷତା ସମିତିର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ : ସକାଳ ୯ଟା ୩୦।
- ୭ମ ଗୋପୀକୃଷ୍ଣ ଉତ୍ସବ ୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଚଳଚ୍ଚିତ୍ର 'ଜୀବନଦାନ– ପୁନରୁଦ୍ଧାର' ଟ୍ରେଲର ଓ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଅହିଂସା ଉତ୍ସବ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଚରମ୍ପା ଅବନ୍ତିକା ଆଇଟିଆଇ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ଜିଏନ୍‌ଆରଇଜିଏସ୍‌ର ଜନଶୁଣାଣି, ସ୍ଥାନ: ନୀଳମଣି ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ସମାଜସେବୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପାଟଣା ବ୍ଲକ ସଭାଗୃହ ,ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଉତ୍ତରାମୁଖୀ ଓ ଖୋଡାସିଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବ୍ରହ୍ମପୁର ଆଇଟିଆଇ ସମ୍ମିଳନୀ ଗୃହ, ସମୟ: ସକାଳ ୮ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ଏମ୍‌କେସିଜି ମେଡିକାଲ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିପିଏମ ପକ୍ଷରୁ ବିକ୍ଷୋଭ, ସ୍ଥାନ: ବ୍ରହ୍ମପୁର ଆରଡିସି ଅଫିସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ଗଞ୍ଜାମ ଜିଲା ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା, ସ୍ଥାନ: ହିଞ୍ଜିଳିକାଟୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଆସିକା ପଞ୍ଚାୟତସମିତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପାତ୍ରପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବଟେଶ୍ୱର ପୀଠରେ ପ୍ରସ୍ତୁତି ବୈଠକ, ସ୍ଥାନ: ଗଞ୍ଜାମ ବଟେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନାମଯଜ୍ଞ ଅଧିବାସ ସ୍ଥାନ: ଛତ୍ରପୁର ଲୋୟାର ବସଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ଦିଶା ଅଧିବେଶନ, ସ୍ଥାନ: ଫୁଲବାଣୀ ପଞ୍ଚାୟତ ଭବନ, ସମୟ: ଅପରାହ୍ନ ୩ଟା।
- ରାବଣ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୁମ୍ଭାରପଡା ଫୁଲବାଣୀ, ସମୟ: ରାତି ୮ ଟା।

## ଢେଙ୍କାନାଳ
- ବରିଷ୍ଠ ନାଗରିକ ଦିବସ ଓ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ ବଜାର ପ୍ଲାଟିନମ୍ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ
- ଭିନ୍ନକ୍ଷମ ପ୍ରତିଭା ଉତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ବାଳିକା ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା ୩୦।
- ଅନୁଗୋଳ ଗୋଶାଳାକୁ ନେଇ ଜିଲା କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା ବଦଳି କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ବିସ୍ଥାପନ ନେଇ ଜିଲା କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସାତକୋଶିଆ ବନଖଣ୍ଡରେ ପର୍ଯ୍ୟଟନ ନେଇ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ କଲେଜ ଛକ, ସମୟ: ସନ୍ଧ୍ୟା ୬ଟା।
- ଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନାଲ୍‌କୋନଗର ଥାନା ଛକ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- ପାରାଦୀପ ତୈଳ ବିଶୋଧନାଗାର ସିଆଇଏସ୍‌ଏଫ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଆଇଓସିଏଲ୍ ଟାଉନସିପ୍, ପାରାଦୀପ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ଉତ୍ସବ ଉତ୍ସାହ ଓ ମହକ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଶିଶୁ ଆଶ୍ରମ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।
- ନୂଆବଜାର ବଣିକସଂଘ ଗଜଲକ୍ଷ୍ମୀ ପୂଜା କମିଟିର ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ମଢ଼ିଆଳ, କେନ୍ଦ୍ରାପଡ଼ା ସହର, ଠାକୁରହାଟ, ଡେରାବିଶ, ଅଳପୁଆ, କେନ୍ଦ୍ରାପଡା, ନାରାୟଣପୁର, କୁହୁଡି ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଧର୍ମଶାଳା ଗୋପବନ୍ଧୁ ଦାସ ଫାଉଣ୍ଡେଶନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ: ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହର ୨ୟ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ପ୍ରାତଃ ୫ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ରାମଚଣ୍ଡୀପ୍ରସାଦ, ଭୂତଡିହି,ଗମ୍ଭାରିଡିହି, ନୋଡର ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟାରୁ ରାତି ୯ଟା୩୦।
- ଶହୀଦ ଦିବସ ଓ ତୋପ ସଲାମି, ସ୍ଥାନ: ନୂଆଗାଁ ବ୍ଲକ ପାରାଢ଼ିପି ପଞ୍ଚାୟତ ଥୁଆବାରି ଓ ଗୌଡ ଥୁଆବାରି, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ:ନୟାଗଡ ବ୍ଲକ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ କଷ୍ଟି ଡାକୁଆଙ୍କ ୮୩ତମ ବଳିଦାନ ଦିବସ, ସ୍ଥାନ: ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ କୁସିବିଡା, ସମୟ: ମଧ୍ୟାହ୍ନ ୧୨ଟା।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସରେ ସଂକୀର୍ତ୍ତନ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୨ଟା।
- ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ, ସ୍ଥାନ: ନୟାଗଡ ବ୍ଲକ ରାଜପାଟଣା, ସମୟ:ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ, ସ୍ଥାନ:ନୟାଗଡ ସହରର ବିଭିନ୍ନ ପୂଜା ମଣ୍ଡପ, ସମୟ:ସଂଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜାର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା କୃଷ୍ଣଚନ୍ଦ୍ରପୁର, ସମୟ: ସଂଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପନ ଦିବସ, ସ୍ଥାନ: ଗୋଡିପଡା ଷଡଙ୍ଗୀ ସାହି, ସମୟ:ସଂଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜାର ୪ର୍ଥ ଦିବସ, ସ୍ଥାନ:ଦଶପଲ୍ଲା ମହାବୀର କ୍ଷେତ୍ର ପୂଜା ମଣ୍ଡପ, ସମୟ:ସଂଧ୍ୟା ୭ଟା।

## ରାୟଗଡ଼ା
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବୟସ୍କ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ମୁନିଗୁଡା ବ୍ଲକ ସମ୍ମିଳନୀ କକ୍ଷ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତି ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଉମରକୋଟ ଏବଂ ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଫଟାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବୟସ୍କ ଦିବସ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଷ୍ଟେଟ ବ୍ୟାଙ୍କ ଉଦ୍‌ଘାଟନ, ସ୍ଥାନ: କାକିରିଗୁମା, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଜିଲା ପ୍ରଶାସନର ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ମାଲକାନଗିରି ମାଲ୍ୟବନ୍ତ ଛାତ୍ରାବାସ ପରିସର, ସମୟ: ସକାଳ ୮ଟା।
- ଆସ ସ୍କୁଲ ଯିବା ସମ୍ବନ୍ଧୀୟ ପଦଯାତ୍ରା, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝରାପାଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ବୟସ୍କ ଦିବସ ପାଳନ, ସ୍ଥାନ: ବ୍ଲକ୍ ସଭାଗୃହ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ, ସ୍ଥାନ : ବାଲିବନ୍ଧା ସ୍ଥିତ ଡିଡିଆରସି କେନ୍ଦ୍ର, ସମୟ : ସକାଳ ୯ଟା ୩୦।
- ଶିଶୁଙ୍କ ପାଇଁ ନ୍ୟାୟ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲି ସ୍ଥିତ ଆଦର୍ଶ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ମସ୍ତିଷ୍କ ସୁସ୍ଥତା ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର–୧ ଖରିଆବାହାଲ ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ୱାଇସିଏ ପକ୍ଷରୁ କ୍ରିକେଟ ମ୍ୟାଚ୍, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ମଧୁବୈଶ୍ୟ ସମାଜ ପକ୍ଷରୁ ଶୋକସଭା, ସ୍ଥାନ: ସମାଜ କାର୍ଯ୍ୟାଳୟ, ଜଗଦା, ସମୟ: ଅପରାହ୍ନ ୫ଟା ୩୦।
- କର୍ମଜୀବୀ ମହିଳାଙ୍କ ସାମାଜିକ ସୁରକ୍ଷା ଆଲୋଚନାଚକ୍ର, ସ୍ଥାନ: କୋଏଲନଗର ସୁଭଦ୍ରା ବସ୍ତି, ସମୟ: ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସାମୂହିକ ପ୍ରାର୍ଥନା ସଭା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲାଲ୍ ବିଲ୍‌ଡିଙ୍ଗ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜିଲାସ୍ତରୀୟ ବିଜ୍ଞାନ ସେମିନାର,ସ୍ଥାନ: ବିଜ୍ଞାନ କେନ୍ଦ୍ର, ଘୁକୁର୍ଲା, ବରଗଡ଼, ସମୟ:ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୯ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ନ ୨ଟା।

## କଳାହାଣ୍ଡି
- ବରିଷ୍ଠ ନାଗରିକ ଦିବସ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଜେଆଇଙ୍କୁ ଜୋତା ଫିଙ୍ଗିବା ଘଟଣାର ପ୍ରତିବାଦ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ:ଚନ୍ଦ୍ରଚୁଡ ମନ୍ଦିର ଆଳତି ଘାଟ, ବୌଦ୍ଧ, ସମୟ: ସକାଳ ୮ଟା।
- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ରାଲି, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୯ଟା ୩୦।

## ଦେବଗଡ଼
- ମହାଲକ୍ଷ୍ମୀଙ୍କ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ରିଆମାଳ ମୁଖ୍ୟ ବଜାର, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଭାଗବତ ସପ୍ତାହ ପାରାୟଣ, ସ୍ଥାନ:ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ବିନିକାରେ ରାମାୟଣ ପାରାୟଣ, ସ୍ଥାନ: ନୂଆପଡା ମଦନ ମୋହନ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଗଜଲକ୍ଷ୍ମୀ ପୂଜା ଭସାଣୀ ଉତ୍ସବ, ସ୍ଥାନ: ବାଘମାରି, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ରାମାୟଣ ନବାହ୍ନ ପାରାୟଣ, ସ୍ଥାନ: ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପଡ଼ିଆ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜାର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତୁଳସୀ ରାମାୟଣ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୁତୁରପଙ୍କ କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ବଡ଼ମାଳ ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହରଗୌରୀ ଯାତ୍ରା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଢେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- କଂସ ଦରବାରର ତୃତୀୟ ସନ୍ଧ୍ୟା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାରର ପଞ୍ଚମ ରଜନୀ, ସ୍ଥାନ: ମୁର୍ଷୁଣ୍ଡୀ, ସମୟ: ସନ୍ଧ୍ୟା ୭ଟା।ହ୍

## ନୂଆପଡ଼ା
- ବିଜେଡିର ଜନସମ୍ପର୍କ ପଦଯାତ୍ରା ଅଭିଯାନ, ସ୍ଥାନ: ଖରିଆର ରୋଡ ସହର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ସାହସିକତାର ପଦକ୍ଷେପ ନେଇ ପାରିବାରିକ ଏବଂ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆକସ୍ମିକ ସ୍ଥାନ ପରିବର୍ତ୍ତନର ଆଭାସ ପାଇପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ କଳହ ଲାଗିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ପରିବାର ଭିତରେ ସମସ୍ୟା ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବେ।

**ମିଥୁନ** ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି।

**କର୍କଟ** ଆପଣଙ୍କ ଯୁକ୍ତିଯୁକ୍ତ ଚିନ୍ତାଶୀଳ ବିଚାରଧାରା ପ୍ରଭାବରୁ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହଜନିତ ମନ ଅଶାନ୍ତ ରହିବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡିପାରନ୍ତି।

**ସିଂହ** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ନ ହେଲେ ପରେ ଅନୁତାପ କରିବାକୁ ପଡିପାରେ। ଆଜି କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ଅଧିକାଂଶ ସମୟରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଆଜିର ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

**କନ୍ୟା** ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରି ପାରିବ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଆଜିର ସମୟଟି ଭଲରେ ଅତିବାହିତ ହେବ। ଅର୍ଥ ସଙ୍କଟକୁ ସହକର୍ମୀ ଦୂରେଇ ନେବାର ପ୍ରତିଶ୍ରୁତି ଦେବେ।

**ତୁଳା** ବିଭିନ୍ନ ପ୍ରକାର ଚିନ୍ତାରେ ମନ ବିବ୍ରତ ରହିବ ଅବଶ୍ୟ କୌଣସି କ୍ଷତି ହେବନାହିଁ। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବନ୍ଧୁଙ୍କ ଆଗଭଳି ଆତ୍ମୀୟତାପୂର୍ଣ୍ଣ ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା** ଦୂରଯାତ୍ରା, ପରୋକ୍ଷ ଶତ୍ରୁତା, ଶଯ୍ୟାଶାୟୀ ସ୍ଥିତି ଏବଂ ଧନହାନିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** ଆପଣଙ୍କ ମୁହଁରେ କଠୋରତା ପ୍ରକାଶ ପାଇଲେ ମଧ୍ୟ ଆନ୍ତରିକ ସହାନୁଭୂତି ପ୍ରିୟଜନଙ୍କ ଉପକାରରେ ଆସିବ। ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ସଭାସମିତିରୁ ଉପକୃତ ହେବେ। ବିବାଦୀୟ ପରିସ୍ଥିତିରେ ବିଶେଷତଃ ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର** ବିବାଦୀୟ ଘଟଣାର ଦିଗ ବଦଳିଯାଇ ଆପଣଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲାରେ ତଥା ଜମିଜମା ବିବାଦରେ ଉପକୃତ ହେବେ।

**ମୀନ** ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। କଠୋର ପରିଶ୍ରମ କଲେ ମଧ୍ୟ ସମସ୍ୟା ସମାଧାନ ସହ ରୋଜଗାର ପ୍ରତି ଧ୍ୟାନ ଦେବେ। ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଅକ୍ଟୋବର ୧୦ ତାରିଖ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, କାର୍ତ୍ତିକ କୃଷ୍ଣ ଚତୁର୍ଥୀ ଶୁକ୍ରବାର। ରାଶିନକ୍ଷତ୍ର–କୃତ୍ତିକା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ, ଘ.୦୬।୩୦ ମଧ୍ୟେ, ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୩ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରୁଆ ଭାତରେ ଦହି,**
**ଅଦା ଲେମ୍ବୁରସ ତହିଁ ପକାଇ,**
**ପଥୁରି ଥାଳିରେ ଖାଇ।**

ପଥୁରିଥାଳି ଲେମ୍ବୁରସଦିଆ ଅରୁଆ ଦହି ପଖାଳ ଖାଇବା ପାଇଁ ଉପଯୁକ୍ତ ପାତ୍ର। ଏଥିରେ ଖଟା ଅଂଶ ମୋଟେ ଉକୁଟେ ନାହିଁ। ଏହି ଖାଦ୍ୟ ଖାଇବା ପାଇଁ ପାଟିକୁ ସୁଆଦ ଲାଗିବା ସଙ୍ଗେ ସଙ୍ଗେ ବୈଜ୍ଞାନିକ ମତରେ ଏହା ସ୍ୱାସ୍ଥ୍ୟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଖ ପଡ଼ିଥିଲେ ଚକ ବୁଲୁଥାଏ**
**ବୁଲି ପଡୁଥାଏ ମଇ**
**ସଂସାର ଭିତରେ ଘର କରିଥିଲେ**
**ପଥର ପଡ଼ିଲେ ସହି।**

ତେଲଲୁଣର ସଂସାର ଭିତରେ ଘର କରିଥିଲେ ମଣିଷକୁ ଅନେକ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମଣିଷ ସେସବୁକୁ ଭ୍ରୂକ୍ଷେପ ନ କରି ନିଜ କର୍ମପଥରେ ଆଗେଇ ଚାଲିବା ହିଁ ପ୍ରକୃତ ମାନବୀୟ ଧର୍ମର ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ମଧ୍ୟପ୍ରାଚ୍ୟକୁ ଶାନ୍ତି...

୫ ସୀମା ଫାଟକ ଖୋଲାଯିବ। ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଡିଲ୍ ଅନୁଯାୟୀ ଗାଜା ସିଟି, ଖାନ୍ ୟୁନିସ୍, ରାଫାହ ଓ ଉତ୍ତର ଗାଜା ଭଳି ସବୁଠୁ ଜନବହୁଳ ଅଞ୍ଚଳରୁ ଇସ୍ରାଏଲୀ ସେନା ଫେରିଯିବ। ଇସ୍ରାଏଲ୍ ନିଜ ସଶସ୍ତ୍ର ବଳକୁ ଗୁରୁବାର ରାତି କିମ୍ବା ଶୁକ୍ରବାରଠାରୁ ପ୍ରତ୍ୟାହାର ଆରମ୍ଭ କରିପାରେ ବୋଲି ଆଶା କରାଯାଉଛି। ସେହିପରି ଇସ୍ରାଏଲ୍ ପ୍ରାୟ ୨,୦୦୦ ବନ୍ଦୀଙ୍କୁ ମୁକ୍ତ କରିବ। ସେମାନଙ୍କ ମଧ୍ୟରୁ ୨୫୦ ଜଣ ଦୀର୍ଘ ବର୍ଷ ପାଇଁ ଜେଲରେ ଦଣ୍ଡ ଭୋଗୁଥିବାବେଳେ ୧,୭୦୦ ଜଣଙ୍କୁ ଗାଜା ଯୁଦ୍ଧ ସମୟରେ ଇସ୍ରାଏଲ୍ ବନ୍ଦୀ କରିଥିଲା। ଆମେ ଚାହୁଁଥିବା କମାଣ୍ଡରମାନଙ୍କ ନାମ ତାଲିକା ସେମାନଙ୍କ ମୁକ୍ତି ପାଇଁ ଇସ୍ରାଏଲକୁ ଦେଇସାରିଛୁ ବୋଲି ସେ କହିଛନ୍ତି।

ଇଜିପ୍ଟର ବିଚ୍ ରିସର୍ଟ ଶାର୍ମ ଏଲ୍–ଶେଖ୍‌ରେ ୦୯୦୦ ଜିଏମ୍‌ଟି ସମୟରେ ଇସ୍ରାଏଲ୍ ଓ ହମାସ୍ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ସେଥିରେ କେଉଁମାନେ ସ୍ୱାକ୍ଷର କରିଛନ୍ତି ସେନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପକ୍ଷେ ଯୁଦ୍ଧବିରତି ପାଇଁ ଉଭୟ ପକ୍ଷ ପ୍ରଥମ ପର୍ଯ୍ୟାୟ ଡିଲ୍‌ରେ ସ୍ୱାକ୍ଷର କରିଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ୍ ଘୋଷଣା କରିବା ପରେ ଇସ୍ରାଏଲୀ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଖୁସିର ଲହର ଦେଖିବାକୁ ମିଳିଛି। ଉଭୟ ଶତ୍ରୁପକ୍ଷ ଉକ୍ତ ଡିଲ୍‌କୁ ଖୋଲାଖୋଲି ସମର୍ଥନକରି ଉତ୍ସବ ପାଳୁଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଅଫିସ ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲୀ ସରକାର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକରେ ଡିଲ୍‌କୁ ଅନୁଧ୍ୟାନ କରିବା ପରେ ଏନେଇ ଅଙ୍ଗୀକାର ପ୍ରକାଶ କରିବ। ଇସ୍ରାଏଲୀ ହୋଷ୍ଟେଜ୍ କୋଅର୍ଡିନେଟର ଗଲ୍ ହିର୍ସ୍କ କହିଛନ୍ତି, ପାଲେଷ୍ଟିନୀୟ ଜେଲଗୁଡ଼ିକରୁ କେଉଁ ବନ୍ଦୀମାନଙ୍କୁ ଛଡ଼ାଯିବ ତାହା ଉପରେ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ଡିଲ୍ ସ୍ୱାକ୍ଷର ପାଇଁ ଧାର୍ଯ୍ୟ ହୋଇଥିବା ସମୟରେ ଇସ୍ରାଏଲ୍ ପକ୍ଷରୁ ଆକାଶମାର୍ଗରୁ ଗାଜା ଉପରେ ଲଗାତର ରକେଟ ମାଡ଼ କରାଯାଇଥିବା ଗାଜାବାସୀ ଅଭିଯୋଗ ଆଣିଛନ୍ତି। ତେବେ ଏହି ଚୁକ୍ତି କେବଳ ଗାଜା ପାଇଁ ସୀମିତ ନୁହେଁ, ବରଂ ଏଥିଯୋଗୁ ସମଗ୍ର ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ଘୋଷଣା କରିଛନ୍ତି।

## ଢୋଲକିଆ ଯିବେ...

ରାଜେନ୍ଦ୍ର ନିର୍ବାଚନରେ ଜିତନ୍ତୁ, ସେକଥା ଦିବ୍ୟଶଙ୍କର ଚାହୁଁ ନ ଥିଲେ। ଦିବ୍ୟଶଙ୍କରଙ୍କୁ ଏହି ଦାୟିତ୍ୱ ବବି ଦେବା ସହ ବାରମ୍ବାର ତାଙ୍କୁ ସାଙ୍ଗରେ ଧରି ନୂଆପଡ଼ା ଯାଉଥିଲେ, ଯେଉଁ କଥା ସ୍ଥାନୀୟ ବିଜେଡି ନେତାମାନେ ଭଲ ଭାବେ ଅବଗତ। ଏବେ ଯେତେବେଳେ ବବି ପହଞ୍ଚି ପୂର୍ବଭଳି ମାମଲତି କରିବାକୁ ଚେଷ୍ଟା ଆରମ୍ଭ କଲେ, ତାକୁ ନେଇ ଅସନ୍ତୋଷ ଚରମସୀମାରେ ପହଞ୍ଚିଗଲା। ହୁଏତ ସେଥିଲାଗି ନୂଆପଡ଼ା ପାଇଁ ବିଜେଡି ପକ୍ଷରୁ ବୁଧବାର ଜାରି କରାଯାଇଥିବା କମିଟିରେ ଦିବ୍ୟଶଙ୍କରଙ୍କ ନାମ ଦେଖିବାକୁ ମିଳିନାହିଁ। ଏଭଳି ସ୍ଥିତିରେ ଢୋଲକିଆଙ୍କ ପରିବାର କେଉଁ ଦଳରୁ ପ୍ରାର୍ଥୀ ହେବେ ତାକୁ ନେଇ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ରାଜେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଇ ପହଞ୍ଚିଥିଲେ। ଏଭଳି ଘଟଣାକ୍ରମକୁ ଦେଖିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଭିନ୍ନ ଏକ ପ୍ରକାରର ଚାଲିଛି। ଅନ୍ୟପଟେ ୨୦୨୪ରେ ଯେତେବେଳେ ଭାଜପା ରାଜ୍ୟର ଅଧିକାଂଶ ଆସନରେ ବିଜୟୀ ହୋଇ ସରକାର କରିବାରେ ସକ୍ଷମ ହେଲା, ସେତେବେଳେ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ନୂଆପଡ଼ା ଆସନରେ ତୃତୀୟ ସ୍ଥାନରେ ରହିଲେ। ଫଳରେ ସେହି ନିର୍ବାଚନମଣ୍ଡଳୀରେ ସେମାନଙ୍କ ପରିବାର ପ୍ରତି ଲୋକଙ୍କ ସେତେଟା ଭଲପାଇବା ନ ଥିବା କଥା ଚର୍ଚ୍ଚା ହେଉଛି।

୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ବେଳେ ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଦାୟିତ୍ୱରେ ଥିବା ଶରତ ପଟ୍ଟନାୟକ ନିଜେ ଏହି ଆସନରୁ ପ୍ରାର୍ଥୀ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ତାଙ୍କୁ ମୋଟ୍ ୧୫,୫୦୧ ଖଣ୍ଡ ଭୋଟ ମିଳିଥିଲା। ଏବେ ଭକ୍ତ ଚରଣ ଦାସ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଦାୟିତ୍ୱରେ ଅଛନ୍ତି। ଭକ୍ତଙ୍କ ସଭାପତିତ୍ୱ ସମୟରେ ଏହା ମଧ୍ୟ ରାଜ୍ୟର ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ଗତ ନିର୍ବାଚନରେ ଘାସିରାମ ସ୍ୱାଧୀନ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କୁ ଦଳ ପ୍ରାର୍ଥୀ କରିଛି। ତେଣୁ ଏହି ଉପନିର୍ବାଚନରେ ଯଦି କଂଗ୍ରେସ ପ୍ରାର୍ଥୀ ହୋଇ ଘାସିରାମ ଆଉ ତଳକୁ ଖସିଲେ ତେବେ ଏହା ଭକ୍ତଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବ।

## ହଙ୍ଗେରୀୟ ଲେଖକଙ୍କୁ...

ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର କଥାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଚାଇନା ଓ ଜାପାନ ଯାତ୍ରା ବେଳେ ସେ ସାଉଁଟିଥିବା ଘଟଣାକୁ ନେଇ 'ଏ ମାଉଣ୍ଟେନ୍ ଟୁ ଦି ନର୍ଥ', 'ଏ ଲେକ୍ ଟୁ ଦି ସାଉଥ୍', 'ପାଥ୍‌ସ ଟୁ ଦି ୱେଷ୍ଟ', 'ଏ ରିଭର ଟୁ ଦି ଇଷ୍ଟ' ପୁସ୍ତକ ରଚନା କରିଥିଲେ।

୭୧ ବର୍ଷୀୟ ଲାସ୍‌ଲୋ ହଙ୍ଗେରୀର ଦକ୍ଷିଣ–ପୂର୍ବ ସହର ଗ୍ୟୁଲାରେ ଜନ୍ମଗ୍ରହଣ କରିଥିଲେ। ୧୯୭୦ ଦଶକରେ ସେ ସ୍ଜେଗେଡ୍ ଓ ବୁଦାପେଷ୍ଟ ବିଶ୍ୱବିଦ୍ୟାଳୟରେ ଆଇନ ବିଦ୍ୟା ଅଧ୍ୟୟନ କରିଥିଲେ। ହେଲେ ସାହିତ୍ୟ ତାଙ୍କୁ ବେଶି ଆକର୍ଷିତ କରିଥିଲା। ୨୦୧୫ରେ ମ୍ୟାନ୍ ବୁକର ଇଣ୍ଟରନ୍ୟାଶନାଲ ସମ୍ମାନ ସହ ସେ ଅନେକ ପୁରସ୍କାର ପାଇଛନ୍ତି। ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବା ପରେ ସେ ବିଶିଷ୍ଟ ସାହିତ୍ୟିକ ଆର୍ନେଷ୍ଟ ହେମିଙ୍ଗୱେ, ଟୋନି ମୋରିସନ୍ ଏବଂ କାଜୁଓ ଇଶିଗୁରୋଙ୍କ ପରି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକଙ୍କ ତାଲିକାରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ, ସ୍ୱିଡିସ୍ ଏକାଡେମୀର ନୋବେଲ କମିଟି ଦ୍ୱାରା ୧୧୭ ଥର ୧୨୧ ଜଣ ବିଜେତାଙ୍କୁ ସାହିତ୍ୟ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗତବର୍ଷ ଦକ୍ଷିଣ କୋରିଆର ଲେଖିକା ହାନ୍ କାଙ୍ଗ ଏହି ସମ୍ମାନ ହାସଲ କରିଥିଲେ। ନୋବେଲ ବିଜେତାଙ୍କୁ ୧୧ ମିଲିୟନ ସ୍ୱିଡିସ୍ କ୍ରୋନ୍‌ର(ପ୍ରାୟ ୧.୨ ମିଲିୟନ ଆମେରିକୀୟ ଡଲାର) ସହ ୧୮ କ୍ୟାରେଟର ସ୍ୱର୍ଣ୍ଣପଦକ ଓ ଡିପ୍ଲୋମା ପ୍ରଦାନ କରାଯାଇଥାଏ। ଶୁକ୍ରବାର ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯିବାକୁ ଥିବା ବେଳେ ସୋମବାର ଅର୍ଥନୀତି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯିବ। ୧୦ ଡିସେମ୍ବରରେ ଏକ ସ୍ୱତନ୍ତ୍ର ସମାରୋହରେ ବିଜେତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ।

## ସୁନା ୧୦ ଦିନରେ ୧୩ ହଜାର ବୃଦ୍ଧି




# ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଅବସରରେ ନୂଆପଡ଼ା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଗୁରୁବାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ବୈଠକରେ ଜିଲାପାଳ ସୂଚନା ଦେଇ କହିଥିଲେ, ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟକେନ୍ଦ୍ର ରହିଛି। ନୂଆପଡା ବିଧାନସଭାର ମୋଟ ଭୋଟର ସଂଖ୍ୟା ୨,୫୩,୬୨୪। ଏଥିରୁ ପୁରୁଷ ଭୋଟର ୧,୨୪,୧୦୮, ମହିଳା ୧,୨୯,୪୯୫ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୧। ସେହିପରି ୮୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଂଖ୍ୟା ୧୭୮୬, ଯୁବା ଭୋଟର ୯୪୨୯ ଓ ଦିବ୍ୟାଙ୍ଗ ଭୋଟର ୩୯୮୮ ଜଣ ଅଛନ୍ତି। ନୂଆପଡା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୬ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିଥିଲା। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ଯୋଗ ପାଇଁ ଫର୍ମ ନମ୍ବର ୬ରେ ୭୭୯୧ଟି ଆବେଦନ, ତାଲିକାରେ ଥିବା ନାମ କାଟିବା ପାଇଁ ଫର୍ମ ୭ରେ ୨୮୬୯ଟି ଆବେଦନ ଏବଂ ନାମ/ତଥ୍ୟ/ଫଟୋ/ଠିକଣା/ବିବରଣୀ/ ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ. ୮ରେ ୧୮୯୫ଟି ଆବେଦନ ହସ୍ତଗତ ହୋଇଥିଲା। ଯାଞ୍ଚ ପରେ ୧୦,୬୮୫ଟି ଫର୍ମର ଆବେଦନ ଗୃହୀତ ହୋଇଥିଲା। ସେହି ଅନୁସାରେ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇଛି। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ଥିବାରୁ ଏହାର ୧୦ଦିନ ପୂର୍ବରୁ ଅର୍ଥାତ୍ ୧୦ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାରେ ନାମ ଯୋଡିବା ପାଇଁ ଆବେଦନ ପତ୍ର ଗ୍ରହଣ ହେବ। ଏହାର ୭ ଦିନ ପରେ ସବିଶେଷ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ରାଜନୈତିକ ଦଳ ସହଯୋଗ କରି ଅଧିକରୁ ଅଧିକ ଭୋଟର ନିର୍ବାଚନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଉପଜିଲାପାଳ ତଥା ସୁର୍ମି ସୋରେନ, ନିର୍ବାଚନ ଡେପୁଟି କଲେକ୍ଟର ସେଖ ନସିମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ରାଜନୈତିକ ଦଳର ପ୍ରତିନିଧି ଭାବରେ ଭାଜପା ସଭାପତି କମଲେଶ ଦୀକ୍ଷିତ, ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରୀ ଓ ଆପ୍‌ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।



ଭୋଟର ତାଲିକା ପ୍ରକାଶ କରିବା ଅବସରରେ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧି।

# ଅନୁଗୋଳ-ଛେଣ୍ଡିପଦା ରାଜପଥ ହେବ ୬ ଥାକିଆ

ଅନୁଗୋଳ,୯।୧୦
(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର ହେବ ସମ୍ପ୍ରସାରଣ। ଅନୁଗୋଳ ସହର ଠାରୁ ଛେଣ୍ଡିପଦା ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ରାସ୍ତାକୁ ୬ ଥାକିଆ କରିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି ଅନୁଗୋଳ ଜିଲା ପ୍ରଶାସନ। ସେଥିରୁ ୪ଟି ଲେନ୍‌ରେ ସାଧାରଣ ଲୋକଙ୍କ ଯାତାୟାତ ରହିବ ଓ ଅନ୍ୟ ୨ଟି ଲେନ୍‌ରେ ଖଣିଖାଦାନ ଏବଂ ଶିଳ୍ପାୟନକୁ ଭାରିଯାନ ଯାତାୟାତ କରିବ। ଏ ନେଇ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖନନ ଆରମ୍ଭ ହୋଇଗଲାଣି। ତେଣୁ ଆଗାମୀ ଦିନରେ ଏହି ଅଞ୍ଚଳ କୋଇଲା ଖଣି ଓ ଶିଳ୍ପର ପେଣ୍ଠସ୍ଥଳୀ ପାଲଟିବାକୁ ଯାଉଛି। ଏଥିଯୋଗୁ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥ ଉପରେ ଅତିରିକ୍ତ ଚାପ ପଡ଼ିବ। ବର୍ତ୍ତମାନ ଏହି ରାଜପଥରେ ଦୈନିକ ସହସ୍ରାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ରାସ୍ତାର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାଜପଥର ସମ୍ପ୍ରସାରଣ ନେଇ ମାଷ୍ଟରପ୍ଲାନ କରିଛି ଜିଲା ପ୍ରଶାସନ। ଜିଲାପାଳଙ୍କ କହିବା ମୁତାବକ, ଆଗାମୀ ଦିନରେ ଛେଣ୍ଡିପଦା ଅଞ୍ଚଳ ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ୍ ହେବାକୁ ଯାଉଛି। ତେଣୁ ଏ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର ଅଛନ୍ତି। ଏହି ୬ ଥାକିଆ ରାସ୍ତା ପାଇଁ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ଯୋଗାଇ ଦେବେ ବୋଲି ଅନୁଗୋଳ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ମନ୍ତ୍ରୀ କହିଥିଲେ। ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ଏହାର ଖର୍ଚ୍ଚ ଆକଳନ କରିବା ପରେ ସରକାର ପାଣ୍ଠି ପ୍ରଦାନ କରିବେ। ମୁଖ୍ୟ ରାସ୍ତା ସହ ସମାନ୍ତରାଳ ଭାବେ ଏହି ୬ ଥାକିଆ ରାସ୍ତା ନିର୍ମାଣ ହେବ। ଯେଉଁସ୍ଥାନରେ ଜନବସତି ରହିଛି ଯଥା ଜରସିଂହା, କୋଶଳା ଆଦି ଅଞ୍ଚଳରେ ଏହାକୁ ଜନବସତି ଠାରୁ ଦୂରରେ ବାଇପାସ୍ କରି ନିଆଯିବ। ଜଙ୍ଗଲ ସ୍ଥାନରେ ସାମାନ୍ୟ ପରିବର୍ତ୍ତନ କରାଯିବ। ଏହି ଅଞ୍ଚଳରେ ଥିବା ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ଜାଗା ଛାଡ଼ିବେ ଏବଂ ସହଯୋଗ କରିବେ। ବର୍ଷା ସମୟକୁ ଛାଡ଼ି କାର୍ଯ୍ୟ ଆରମ୍ଭର ୧୨ ମାସ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ କରିବାର ଯୋଜନା ରହିଥିବା ଅନୁଗୋଳ ଜିଲାପାଳ ସୂଚନା ଦେଇଛନ୍ତି।



ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜପଥ।

# ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ

## ଆଜି ବିଶ୍ୱ ଅଣ୍ଡା ଦିବସ

ଅଣ୍ଡା ଏକ ସାର୍ବଜନୀନ ଖାଦ୍ୟ। ଏହା ପୁଷ୍ଟିସାର, ଖଣିଜ ଲବଣ ଓ ଭିଟାମିନ୍‌ର ଗନ୍ତାଘର। ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ ଭାବେ ବିବେଚିତ ଅଣ୍ଡା, ଆମ ସ୍ୱାସ୍ଥ୍ୟବର୍ଦ୍ଧନ ଲାଗି ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ। ସାଧାରଣତଃ ଅଣ୍ଡାରେ ଉଚ୍ଚମାନର ପୁଷ୍ଟିସାର ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା- ସ୍ନେହସାର, ଶ୍ୱେତସାର, ସୋଡିୟମ୍, ପଟାସିୟମ୍, କୋଲେଷ୍ଟରଲ, ଲୌହ, ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ଇ, ଭିଟାମିନ୍ ବି୨, ୫, ୧୨, ଫୋଲେଟ୍, ସେଲେନିୟମ୍, କୋଲିନ୍ ଆଦି ରହିଥିବାରୁ ଏହା ଆମ ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇବାରେ ସହାୟକ ହୋଇଥାଏ। ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରରେ ପାଳନ ହୋଇ ଆସୁଛି ବିଶ୍ୱ ଅଣ୍ଡା ଦିବସ। ୧୯୯୬ ମସିହାରେ ପ୍ରଥମେ ଏହି ଦିବସ ଅନ୍ତର୍ଜାତୀୟ ଅଣ୍ଡା କମିଶନ(ଆଇଇସି) ଦ୍ୱାରା ପାଳନ ହୋଇଥିଲା। ସେବେଠାରୁ ପୃଥିବୀର ଅନେକ ଦେଶରେ ପାଳନ ହୋଇ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ'। ଏହି ବିଷୟବସ୍ତୁ ଅଣ୍ଡାକୁ ଏକ ପୁଷ୍ଟିକର ଉତ୍ସ ଭାବରେ ଗୁରୁତ୍ୱାରୋପ କରେ, ଯାହା ବିଶ୍ୱ ପୁଷ୍ଟି ଏବଂ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ।



# ୧୧ରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ଧନଧାନ୍ୟ କୃଷି ଯୋଜନା

## ଡାଲିରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶିବରାଜଙ୍କ ଆହ୍ୱାନ

ଭୁବନେଶ୍ୱର,୯।୧୦
(ରବିନାରାୟଣ ଜେନା)

ଆସନ୍ତା ୧୧ ତାରିଖ(ଶନିବାର)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାକୁ ନେଇ ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧକ୍ଷତାରେ ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ଭିଡିଓ କନ୍‌ଫରେନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାମିଲ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଥିଲେ, ୧୧ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାସହିତ ଭୁବନେଶ୍ୱରରେ ଷ୍ଟେଟ୍ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ଼ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ। ଏହି ଅବସରରେ ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ବାର୍ତ୍ତାଳାପ କରିବେ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ।

ଆଭାସି ବୈଠକର ସୂଚନା ଅନୁଯାୟୀ, ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ। ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି। ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବୈଠକରୁ ଜଣାଯାଇଛି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଭିଡିଓ କନ୍‌ଫରେନ୍ସ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ।

# ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି କଂଗ୍ରେସ: ଭାଜପା

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

କଂଗ୍ରେସ ଦେଶ ଓ ରାଜ୍ୟବାସୀଙ୍କୁ ପ୍ରତାରଣାକରି ଏବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି। କଂଗ୍ରେସ ପକ୍ଷରୁ ଯେଉଁ ପ୍ରତାରଣା ଦିବସ ପାଳନ କରାଯାଉଛି ତାହାର କୌଣସି ପ୍ରଭାବ ନାହିଁ। ସେମାନେ ଯେଉଁ ପ୍ରତାରଣା କଥା କହୁଛନ୍ତି ବାସ୍ତବରେ ଏହି ଦଳ କେନ୍ଦ୍ରରେ ୫୦ ବର୍ଷ ଓ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ରହି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରି ଦେଶର ଜନସାଧାରଣଙ୍କୁ ପ୍ରତାରଣା ଦେଇଆସିଛି। ଏଥିପାଇଁ ଦେଶର ସାଧାରଣ ଜନତା ସେମାନଙ୍କୁ ଜବାବ ଦେଇଛନ୍ତି ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି।

ପ୍ରେସ୍ ବିଜ୍ଞପ୍ତି ଜରିଆରେ ମନୋଜ କହିଛନ୍ତି, କଂଗ୍ରେସର ଆଉ ସ୍ଥିତି ନାହିଁ। ଏବେ କଂଗ୍ରେସ ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଅବା ଖବରକାଗଜରେ ରହିବା ପାଇଁ ଏଭଳି ଆନ୍ଦୋଳନ କରୁଛି। ଦଳ ବଞ୍ଚିଛି ବୋଲି ଦେଖାଇବା ପାଇଁ ଏଭଳି ଏକ ଟୋକନ ପ୍ରୋଗ୍ରାମ ଆୟୋଜନ କରାଯାଇଛି। ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ପ୍ରତିବାଦ ଜଗତେ କେବଳ ଜନେ ହସିବା ସଦୃଶ। କାରଣ ଯେଉଁଠି ଜିତିଲେ ତାହା ରାହୁଲ ଗାନ୍ଧୀଙ୍କ ଭୋଟ ବୋଲି କଂଗ୍ରେସ କହୁଥିବାବେଳେ ଆଉ ଯେଉଁଠି ହାରିଲେ ସେଠାରେ ଭୋଟ ଚୋରି ହୋଇଛି ବୋଲି କହୁଛନ୍ତି। ଏହି ଚାଲାକିକୁ ଜନସାଧାରଣ ଭଲଭାବେ ବୁଝିସାରିଛନ୍ତି ବୋଲି ମନୋଜ କହିଛନ୍ତି।

# ରୁର୍‌କୀ ପ୍ରସ୍ତୁତ କରିବ ମାଷ୍ଟରପ୍ଲାନ୍: ମନ୍ତ୍ରୀ

ଭୁବନେଶ୍ୱର,୯।୧୦(ରବିନାରାୟଣ ଜେନା)

## ରାଜଧାନୀର ଅସଜଡ଼ା ଡ୍ରେନେଜ

ରାଜଧାନୀରେ କୃତ୍ରିମ ବନ୍ୟା କେବଳ ଡ୍ରେନେଜ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ହେଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଠିକ୍ ଭାବରେ ପ୍ଲାନିଂ ହୋଇ ନ ଥିବାରୁ ରାଜଧାନୀରେ ଅସରାଏ ବର୍ଷା ହେଲେ ଏଭଳି ସମସ୍ୟା ଉପୁଜିଛି। ସେଥିରୁ ମୁକୁଳିବା ପାଇଁ ଆମେ କାମ ଆରମ୍ଭ କରିଛୁ। ସୁଧାର ଆଣାଯାଉଛି। ଆଇଆଇଟି ରୁର୍କୀ ଏନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ଖୁବ୍ ଶୀଘ୍ର ସେ ଡିପିଆର୍ ଦେବ। ଏହାପରେ କେନାଲ କାମ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜଧାନୀର ବର୍ଷାଜଳ ନିଷ୍କାସନ ଲାଗି ଦୟାୱେଷ୍ଟ ଶାଖା କେନାଲ ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।






# ପୁସ୍ତକ ଲୋକାର୍ପଣ ଉତ୍ସବ

ରାଉରକେଲା,୯।୧୦
(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗାଳ୍ପିକ ଅଜୟ କୁମାର ମହାନ୍ତିଙ୍କ ପୁସ୍ତକ ପାରା ଓ ଅନ୍ୟାନ୍ୟ ଗଳ୍ପ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ବୁଧବାର ଲୋକାର୍ପିତ ହୋଇଯାଇଛି। ଅଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ବରେଣ୍ୟ ଅତିଥି, କବି ରାଜୀବ ପାଣି ମୁଖ୍ୟଅତିଥି, ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି, ଡ. ନଗେନ ଦାସ ପୁସ୍ତକର ଆଲୋଚକ ଭାବେ ଯୋଗଦେଇ ରଚନା ପ୍ରକ୍ରିୟାରେ ଗଳ୍ପ, କାଶୀନାଥ ନନ୍ଦୀ ପୁସ୍ତକର ପ୍ରଥମାଂଶ, ପ୍ରଣତୀ ବେହେରା ପୁସ୍ତକର ଶେଷାଂଶ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଲେଖକ ମହାନ୍ତି ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ପାଣି ପଞ୍ଚତନ୍ତ୍ରର ଉଦାହରଣ ଦେଇ ଗଳ୍ପ କିପରି ସମାଜକୁ ପ୍ରଭାବିତ କରେ ତଥା ଗାଳ୍ପିକ ମହାନ୍ତିଙ୍କ ଏ କ୍ଷେତ୍ରରେ ଉଦ୍ୟମ ସାଧୁବାଦର ଯୋଗ୍ୟ ବୋଲି ମତ ରଖିଥିଲେ। ଆଲୋଚକମାନେ ସେମାନଙ୍କ ବକ୍ତବ୍ୟରେ ପୁସ୍ତକ ଓ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା ଆକସ୍ମିକ ଭାବେ ଗଳ୍ପ ଆରମ୍ଭ ହୁଏ ଓ ଅତର୍କିତ ଭାବେ ପରିସମାପ୍ତିରେ ଗଳ୍ପର ସାର୍ଥକତା ଥାଏ ବୋଲି ମତ ରଖିଥିଲେ। ଅଧ୍ୟାପକ କରୁଣାକର ପାଇଶାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଚିନ୍ମୟୀ ପୁରୋହିତ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, କବି ଯୋଗ ଦେଇଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ସେବା ଉପଲବ୍ଧତା: ବିପର୍ଯ୍ୟୟ, ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ମାନସିକ ସୁସ୍ଥତା, ଶିକ୍ଷା ତଥା ମାନସିକ ରୋଗ ସମ୍ବନ୍ଧୀୟ ସଚେତନତା ଲାଗି ପ୍ରତିବର୍ଷ ଅକ୍ଟୋବର ୧୦ରେ ପାଳନ ହେଉଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ୧୯୯୨ ମସିହାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଏମ୍‌ଏଚ୍) ଉଦ୍ୟମରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଏହାର ପ୍ରାରମ୍ଭିକ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କୁ ମାନସିକ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଶିକ୍ଷାଦେବା ଏବଂ ଏହି ପରିସ୍ଥିତିରେ ପୀଡ଼ିତ ଲୋକଙ୍କୁ ଆବଶ୍ୟକ ସମର୍ଥନ ଯୋଗାଇବା। ତେବେ ୧୯୯୪ ମସିହାରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହି ଦିବସରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଗୁରୁତ୍ୱ ଦେବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ଚଳିତବର୍ଷ ଲାଗି ବିଷୟବସ୍ତୁ ରହିଛି- 'ସେବା ଉପଲବ୍ଧତା: ବିପର୍ଯ୍ୟୟ,ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ଏହା ବିପର୍ଯ୍ୟୟ, ସଂଘର୍ଷ ଓ ଅନ୍ୟାନ୍ୟ ସଙ୍କଟ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଏବଂ ସମ୍ପ୍ରଦାୟ ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ସହ ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରେ।







# ୧୧ରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ଧନଧାନ୍ୟ କୃଷି ଯୋଜନା

## ଡାଲିରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଶିବରାଜଙ୍କ ଆହ୍ୱାନ

ଭୁବନେଶ୍ୱର,୯।୧୦ (ରବିନାରାୟଣ ଜେନା)

ଆସନ୍ତା ୧୧ ତାରିଖ(ଶନିବାର)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାକୁ ନେଇ ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଦେଶର ସମସ୍ତ କୃଷିମନ୍ତ୍ରୀଙ୍କ ସହ ଏକ ଭିଡିଓ କନ୍‌ଫରେନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସାମିଲ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଥିଲେ, ୧୧ରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିବା ସହିତ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହାସହିତ ଭୁବନେଶ୍ୱରରେ ଷ୍ଟେଟ୍ ଅଫ ଦ ଆର୍ଟ ହୋଲସେଲ ମାଛ ମାର୍କେଟର ଶିଳାନ୍ୟାସ, ହୀରାକୁଦରେ ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କର ଭିସି ମାଧ୍ୟମରେ ଶିଳାନ୍ୟାସ କରିବେ। ଏହି ଅବସରରେ ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ବାର୍ତ୍ତାଳାପ କରିବେ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କରାଯିବ।

ଆଭାସି ବୈଠକର ସୂଚନା ଅନୁଯାୟୀ, ଦେଶରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଲୋକଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦେବା, ଚାଷୀଙ୍କ ଆୟ, ଉତ୍ପାଦନରେ ବୃଦ୍ଧି ନିମନ୍ତେ ସରକାର ଏହିସବୁ ଯୋଜନା ଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ। ଦେଶରେ ବିଗତ ବର୍ଷ ତୁଳନାରେ ଚଳିତବର୍ଷ ରେକର୍ଡ ପରିମାଣର ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି। ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭର ହେବାକୁ କେନ୍ଦ୍ରମନ୍ତ୍ରୀ ଚୌହାନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବୈଠକରୁ ଜଣାଯାଇଛି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭିଡିଓ କନ୍‌ଫରେନ୍ସ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

### ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଅବସରରେ ନୂଆପଡ଼ା ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଗୁରୁବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ବୈଠକରେ ଜିଲାପାଳ ସୂଚନା ଦେଇ କହିଥିଲେ, ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୫୮ ଗୋଟି ଭୋଟକେନ୍ଦ୍ର ରହିଛି। ନୂଆପଡ଼ା ବିଧାନସଭାର ମୋଟ ଭୋଟର ସଂଖ୍ୟା ୨,୫୩,୬୨୪। ଏଥିରୁ ପୁରୁଷ ଭୋଟର ୧,୨୪,୧୦୮, ମହିଳା ୧,୨୯,୪୯୫ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୨୧। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସଂଖ୍ୟା ୧୭୮୬, ଯୁବା ଭୋଟର ୯୪୨୯ ଓ ଦିବ୍ୟାଙ୍ଗ ଭୋଟର ୩୯୮୮ ଜଣ ଅଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୧୬ ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିଥିଲା। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ଯୋଗ ପାଇଁ ଫର୍ମ ନମ୍ବର ୬ରେ ୭୭୯୧ଟି ଆବେଦନ, ତାଲିକାରେ ଥିବା ନାମ କାଟିବା ପାଇଁ ଫର୍ମ ୭ରେ ୨୮୬୯ଟି ଆବେଦନ ଏବଂ ନାମ/ତଥ୍ୟ/ଫଟୋ/ ଠିକଣା/ବିବରଣୀ/ ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ. ୮ରେ ୧୮୯୫ଟି ଆବେଦନ ହସ୍ତଗତ ହୋଇଥିଲା। ଯାଞ୍ଚ ପରେ ୧୦,୬୮୫ଟି ଫର୍ମର ଆବେଦନ ଗୃହୀତ ହୋଇଥିଲା। ସେହି ଅନୁସାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇଛି। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ୨୦ ଅକ୍ଟୋବର ଥିବାରୁ ଏହାର ୧୦ଦିନ ପୂର୍ବରୁ ଅର୍ଥାତ୍ ୧୦ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାରେ ନାମ ଯୋଡିବା ପାଇଁ ଆବେଦନ ପତ୍ର ଗ୍ରହଣ ହେବ। ଏହାର ୭ ଦିନ ପରେ ସବିଶେଷ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ରାଜନୈତିକ ଦଳ ସହଯୋଗ କରି ଅଧିକରୁ ଅଧିକ ଭୋଟର ନିର୍ବାଚନରେ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ପ୍ରଫୁଲ୍ଲ କୁଜୁର, ଉପଜିଲାପାଳ ତଥା ସୁର୍ମି ସୋରେନ, ନିର୍ବାଚନ ଡେପୁଟି କଲେକ୍ଟର ସେଖ ନସିମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ରାଜନୈତିକ ଦଳର ପ୍ରତିନିଧି ଭାବରେ ଭାଜପା ସଭାପତି କମଳେଶ ଦୀକ୍ଷିତ, ଜାତୀୟ କଂଗ୍ରେସରୁ ଦେବଦତ୍ତ ଦୀକ୍ଷିତ, ବିଜୁ ଜନତା ଦଳରୁ ରମାକାନ୍ତ ସିଂ କ୍ଷତ୍ରୀ ଓ ଆପ୍‌ରୁ ଲକ୍ଷ୍ମୀକାନ୍ତ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।


ଭୋଟର ତାଲିକା ପ୍ରକାଶ କରିବା ଅବସରରେ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧି।

## ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି କଂଗ୍ରେସ: ଭାଜପା

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

କଂଗ୍ରେସ ଦେଶ ଓ ରାଜ୍ୟବାସୀଙ୍କୁ ପ୍ରତାରଣାକରି ଏବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏବଂ ଗଣମାଧ୍ୟମରେ ରହିବାକୁ ଆନ୍ଦୋଳନ କରୁଛି। କଂଗ୍ରେସ ପକ୍ଷରୁ ଯେଉଁ ପ୍ରତାରଣା ଦିବସ ପାଳନ କରାଯାଉଛି ତାହାର କୌଣସି ପ୍ରଭାବ ନାହିଁ। ସେମାନେ ଯେଉଁ ପ୍ରତାରଣା କଥା କହୁଛନ୍ତି ବାସ୍ତବରେ ଏହି ଦଳ କେନ୍ଦ୍ରରେ ୫୦ ବର୍ଷ ଓ ରାଜ୍ୟରେ ୪୦ ବର୍ଷ ଧରି ସରକାରରେ ରହି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରି ଦେଶର ଜନସାଧାରଣଙ୍କୁ ପ୍ରତାରଣା ଦେଇଆସିଛି। ଏଥିପାଇଁ ଦେଶର ସାଧାରଣ ଜନତା ସେମାନଙ୍କୁ ଜବାବ ଦେଇଛନ୍ତି ବୋଲି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି।

ପ୍ରେସ୍ ବିଜ୍ଞପ୍ତି ଜରିଆରେ ମନୋଜ କହିଛନ୍ତି, କଂଗ୍ରେସର ଆଉ ସ୍ଥିତି ନାହିଁ। ଏବେ କଂଗ୍ରେସ ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଅବା ଖବରକାଗଜରେ ରହିବା ପାଇଁ ଏଭଳି ଆନ୍ଦୋଳନ କରୁଛି। ଦଳ ବଞ୍ଚିଛି ବୋଲି ଦେଖାଇବା ପାଇଁ ଏଭଳି ଏକ ଟୋକନ ପ୍ରୋଗ୍ରାମ ଆୟୋଜନ କରାଯାଇଛି। ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସର ପ୍ରତିବାଦ ଜଗତେ କେବଳ ଜନେ ହସିବା ସଦୃଶ। କାରଣ ଯେଉଁଠି ଜିତିଲେ ତାହା ରାହୁଲ ଗାନ୍ଧୀଙ୍କ ଭୋଟ ବୋଲି କଂଗ୍ରେସ କହୁଥିବାବେଳେ ଆଉ ଯେଉଁଠି ହାରିଲେ ସେଠାରେ ଭୋଟ ଚୋରି ହୋଇଛି ବୋଲି କହୁଛନ୍ତି। ଏହି ଚାଲାକିକୁ ଜନସାଧାରଣ ଭଲଭାବେ ବୁଝିସାରିଛନ୍ତି ବୋଲି ମନୋଜ କହିଛନ୍ତି।




### ରାଜଧାନୀର ଅସଜଡ଼ା ଡ୍ରେନେଜ

## ରୁର୍‌କୀ ପ୍ରସ୍ତୁତ କରିବ ମାଷ୍ଟରପ୍ଲାନ୍: ମନ୍ତ୍ରୀ

ଭୁବନେଶ୍ୱର,୯।୧୦(ରବିନାରାୟଣ ଜେନା)

ରାଜଧାନୀରେ କୃତ୍ରିମ ବନ୍ୟା କେବଳ ଡ୍ରେନେଜ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ହେଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଠିକ୍ ଭାବରେ ପ୍ଲାନିଂ ହୋଇ ନ ଥିବାରୁ ରାଜଧାନୀରେ ଅସରାଏ ବର୍ଷା ହେଲେ ଏଭଳି ସମସ୍ୟା ଉପୁଜିଛି। ସେଥିରୁ ମୁକୁଳିବା ପାଇଁ ଆମେ କାମ ଆରମ୍ଭ କରିଛୁ। ସୁଧାର ଆଣାଯାଉଛି। ଆଇଆଇଟି ରୁର୍କୀ ଏନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଛି। ଖୁବ୍ ଶୀଘ୍ର ସେ ଡିପିଆର୍ ଦେବ। ଏହାପରେ କେନାଲ କାମ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ରାଜଧାନୀର ବର୍ଷାଜଳ ନିଷ୍କାସନ ଲାଗି ଦୟାୱେଷ୍ଟ ଶାଖା କେନାଲ ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।

# ଅନୁଗୋଳ–ଛେଣ୍ଡିପଦା ରାଜପଥ ହେବ ୬ ଥାକିଆ

ଅନୁଗୋଳ,୯।୧୦ (ଦିବ୍ୟଶାନ୍ତନୁ ନାଥ)

- ୨ଲେନ୍ ରାସ୍ତାରେ ହେବ କୋଇଲା ପରିବହନ
- ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି ମାଷ୍ଟରପ୍ଲାନ
- ଜନବସତି ଠାରୁ ଦୂରରେ ବାଇପାସ୍ କରି ନିଆଯିବ

ଅନୁଗୋଳ–ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥର ହେବ ସମ୍ପ୍ରସାରଣ। ଅନୁଗୋଳ ସହର ଠାରୁ ଛେଣ୍ଡିପଦା ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ରାସ୍ତାକୁ ୬ ଥାକିଆ କରିବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛି ଅନୁଗୋଳ ଜିଲା ପ୍ରଶାସନ। ସେଥିରୁ ୪ଟି ଲେନ୍‌ରେ ସାଧାରଣ ଲୋକଙ୍କ ଯାତାୟାତ ରହିବ ଓ ଅନ୍ୟ ୨ଟି ଲେନ୍‌ରେ ଖଣିଖାଦାନ ଏବଂ ଶିଳ୍ପାୟନକୁ ଭାରିଯାନ ଯାତାୟାତ କରିବ। ଏ ନେଇ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖନନ ଆରମ୍ଭ ହୋଇଗଲାଣି। ତେଣୁ ଆଗାମୀ ଦିନରେ ଏହି ଅଞ୍ଚଳ କୋଇଲା ଖଣି ଓ ଶିଳ୍ପର ପେଣ୍ଠସ୍ଥଳୀ ପାଲଟିବାକୁ ଯାଉଛି। ଏଥିଯୋଗୁ ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥ ଉପରେ ଅତିରିକ୍ତ ଚାପ ପଡ଼ିବ। ବର୍ତ୍ତମାନ ଏହି ରାଜପଥରେ ଦୈନିକ ସହସ୍ରାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ରାସ୍ତାର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାଜପଥର ସମ୍ପ୍ରସାରଣ ନେଇ ମାଷ୍ଟରପ୍ଲାନ କରିଛି ଜିଲା ପ୍ରଶାସନ। ଜିଲାପାଳଙ୍କ କହିବା ମୁତାବକ, ଆଗାମୀ ଦିନରେ ଛେଣ୍ଡିପଦା ଅଞ୍ଚଳ ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ୍ ହେବାକୁ ଯାଉଛି। ତେଣୁ ଏ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର ଅଛନ୍ତି। ଏହି ୬ ଥାକିଆ ରାସ୍ତା ପାଇଁ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ଯୋଗାଇ ଦେବେ ବୋଲି ଅନୁଗୋଳ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ମନ୍ତ୍ରୀ କହିଥିଲେ। ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ଏହାର ଖର୍ଚ୍ଚ ଆକଳନ କରିବା ପରେ ସରକାର ପାଣ୍ଠି ପ୍ରଦାନ କରିବେ। ମୁଖ୍ୟ ରାସ୍ତା ସହ ସମାନ୍ତରାଳ ଭାବେ ଏହି ୬ ଥାକିଆ ରାସ୍ତା ନିର୍ମାଣ ହେବ। ଯେଉଁସ୍ଥାନରେ ଜନବସତି ରହିଛି ଯଥା ଜରସିଂହା, କୋଶଳା ଆଦି ଅଞ୍ଚଳରେ ଏହାକୁ ଜନବସତି ଠାରୁ ଦୂରରେ ବାଇପାସ୍ କରି ନିଆଯିବ। ଜଙ୍ଗଲ ସ୍ଥାନରେ ସାମାନ୍ୟ ପରିବର୍ତ୍ତନ କରାଯିବ। ଏହି ଅଞ୍ଚଳରେ ଥିବା ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ଜାଗା ଛାଡ଼ିବେ ଏବଂ ସହଯୋଗ କରିବେ। ବର୍ଷା ସମୟକୁ ଛାଡ଼ି କାର୍ଯ୍ୟ ଆରମ୍ଭର ୧୨ ମାସ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ କରିବାର ଯୋଜନା ରହିଥିବା ଅନୁଗୋଳ ଜିଲାପାଳ ସୂଚନା ଦେଇଛନ୍ତି।


ଅନୁଗୋଳ–ଛେଣ୍ଡିପଦା ୬୩ନଂ. ରାଜପଥ।

### ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଅନାସ୍ଥା ପ୍ରସଙ୍ଗ

# ମତଦାନ ହେଲା, ଗଣତି ସ୍ଥଗିତ

## ହାଇକୋର୍ଟଙ୍କ ପକ୍ଷରୁ ଶୁଭ୍ରାଙ୍କୁ ଅନ୍ତରୀଣ ରହିତାଦେଶ

ରାୟଗଡ଼ା,୯।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ପୌର କାର୍ଯ୍ୟାଳୟରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରମେଶ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ପୌର ପରିଷଦର ୨୪ଜଣ କାଉନସିଲରଙ୍କ ମଧ୍ୟରୁ ଭାଜପାର ୨ଜଣ ଏବଂ କଂଗ୍ରେସର ଜଣେ କାଉନସିଲରଙ୍କ ବ୍ୟତୀତ ଅନ୍ୟ ୨୧ଜଣ ବିଜେଡି କାଉନସିଲର ଭୋଟିଂ ପ୍ରକ୍ରିୟାରେ ଅଂଶଗ୍ରହଣକରି ମତଦାନ କରିଥିଲେ। ହେଲେ ଏହି ଅନାସ୍ଥା ପ୍ରସଙ୍ଗରେ ରହିତାଦେଶ ପାଇଁ ଉପାଧ୍ୟକ୍ଷା ଶୁଭ୍ରା ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଗୁରୁବାର ହାଇକୋର୍ଟ ଜଷ୍ଟିସ୍ ଭି.ନରସିଂହ ଶୁଣାଣିକରି ନିର୍ବାଚନ ଫଳାଫଳ ଘୋଷଣା ଉପରେ ରହିତାଦେଶ ଜାରି କରିଛନ୍ତି। ଆସନ୍ତା ୧୫ତାରିଖରେ ପରବର୍ତ୍ତୀ ଶୁଣାଣି ହେବା ନେଇ ରାୟ ପ୍ରକାଶ ପାଇଛି। ଯେହେତୁ ନିର୍ବାଚନର ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, ତେଣୁ ଫଳାଫଳ ଘୋଷଣା ବ୍ୟତୀତ ଅନ୍ୟ ସମସ୍ତ ପ୍ରକ୍ରିୟା ଉପରେ ରହିତାଦେଶ ରାୟ ଦେଇନାହାନ୍ତି ଜଷ୍ଟିସ୍ ନରସିଂହ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ନିର୍ବାଚନ କାର୍ଯ୍ୟ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଜେନା କହିଛନ୍ତି। ନିର୍ବାଚନ ପରେ ସମସ୍ତ ବାଲଟ ବକ୍ସ ସିଲ୍‌କରି ଜିଲା କୋଷାଗାରଠାରେ ରଖାଯାଇଛି।

ନିର୍ବାଚନ ପାଇଁ ହୋଇଥିବା ପୂର୍ବ ଘୋଷଣା ପ୍ରକାରେ ସକାଳ ୧୧ଟା ବେଳେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଭୋଟିଂ ହୋଇଥିଲା। ଅନାସ୍ଥା ପ୍ରସ୍ତାବ ଆଣିଥିବା ୧୯ ଜଣ କାଉନସିଲରଙ୍କ ସମେତ ଉପାଧ୍ୟକ୍ଷା ଓ ୧୩ ନଂ. ୱାର୍ଡର କାଉନସିଲର ପ୍ରତିମା ପାଣିଗ୍ରାହୀ ଉପସ୍ଥିତ ରହି ଭୋଟଦାନ କରିଥିଲେ। ମୋଟ ୨୧ ଜଣ କାଉନସିଲର ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପ୍ରତିମା ଅସୁସ୍ଥ ଥିବାରୁ ହୁଇଲ ଚେୟାରରେ ବସି ଭୋଟିଂ ପାଇଁ ଆସିଥିଲେ। ହେଲେ ଅନାସ୍ଥା ଆଣିଥିବା ୧୯ ଜଣ କାଉନସିଲର ଏକାଠି ହୋଇ ଆସିଥିବା ନଜରକୁ ଆସିଥିଲା। ଭୋଟିଂ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଫଳାଫଳକୁ ନେଇ ରାଜନୈତିକ ଉତ୍ସୁକତା ଆରମ୍ଭ ହୋଇଛି। ଗଣତି ବନ୍ଦ କରିଦେଇଥିବାରୁ ଭୋଟ ଗଣତି କାହିଁକି କରାଯିବ ନାହିଁ ବୋଲି କାଉନସିଲରମାନେ ନିର୍ବାଚନ ଅଧିକାରୀ ଜେନାଙ୍କୁ ପ୍ରଶ୍ନ କରିଥିଲେ। ଅଦାଲତ ନିର୍ଦ୍ଦେଶନାମା ଦେଖାଇବା ପାଇଁ ଦାବି କରିଥିଲେ। ତେବେ ନିୟମ ଅନୁସାରେ ଆମେ କାର୍ଯ୍ୟ କରିବୁ କହି ନିର୍ବାଚନ ଅଧିକାରୀ ସମସ୍ତ ବାଲଟ ବକ୍ସ ସିଲ୍ କରିଦେଇଥିଲେ। ଅନ୍ୟପକ୍ଷେ ଅଦାଲତ ନିର୍ଦ୍ଦେଶନାମା ଆସିବା ପରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏ ନେଇ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା କହିଛନ୍ତି, ସତ୍ୟର ଜୟ ହୋଇଛି। ନବୀନ ପଟ୍ଟନାୟକଙ୍କ ଉପରେ ମୋର ଭରସା ରହିଛି। ଭୋଟିଂ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାରେ ପରିଚାଳନା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

ପ୍ରକାଶ ଥାଉକି, ଏହି ମାମଲାରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ସମସ୍ତ ବିଜେଡି କାଉନସିଲରଙ୍କୁ ହୁଇପ୍ ଜାରି କରିଥିଲେ। ଅନାସ୍ଥା ପ୍ରସ୍ତାବ ପାଇଁ ହେବାକୁ ଥିବା ଭୋଟିଂରେ ସମସ୍ତେ ଉପସ୍ଥିତ ରହି ଅନାସ୍ଥା ବିରୋଧରେ ଭୋଟ ଦେବାକୁ ନୋଟିସ ଜାରି କରିଥିଲେ। ଯଦି କୌଣସି କାଉନସିଲର ଏହି ନିର୍ଦ୍ଦେଶ ବିରୋଧରେ ଯାଆନ୍ତି ତେବେ ଓଡ଼ିଶା ମ୍ୟୁନିସିପାଲ ଆମେଣ୍ଡମେଣ୍ଟ ନିୟମାବଳୀ ୨୦୧୮ର ରୁଲ୍ ୪୬(ଖ) ଅନୁଯାୟୀ ଦଳ ପଦକ୍ଷେପ ଗ୍ରହଣ କରିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।


ଭୋଟ ଦେବାକୁ ଆସିଥିବା କାଉନସିଲରମାନେ।

## ସେବା ଉପଲବ୍ଧତା: ବିପର୍ଯ୍ୟୟ, ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ମାନସିକ ସୁସ୍ଥତା, ଶିକ୍ଷା ତଥା ମାନସିକ ରୋଗ ସମ୍ବନ୍ଧୀୟ ସଚେତନତା ଲାଗି ପ୍ରତିବର୍ଷ ଅକ୍ଟୋବର ୧୦ରେ ପାଳନ ହେଉଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'। ୧୯୯୨ ମସିହାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଏମ୍‌ଏଚ୍) ଉଦ୍ୟମରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଏହାର ପ୍ରାରମ୍ଭିକ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କୁ ମାନସିକ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଶିକ୍ଷାଦେବା ଏବଂ ଏହି ପରିସ୍ଥିତିରେ ପୀଡ଼ିତ ଲୋକଙ୍କୁ ଆବଶ୍ୟକ ସମର୍ଥନ ଯୋଗାଇବା। ତେବେ ୧୯୯୪ ମସିହାରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଫେଡେରେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହି ଦିବସରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଗୁରୁତ୍ୱ ଦେବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ଚଳିତବର୍ଷ ଲାଗି ବିଷୟବସ୍ତୁ ରହିଛି– 'ସେବା ଉପଲବ୍ଧତା: ବିପର୍ଯ୍ୟୟ,ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ଏହା ବିପର୍ଯ୍ୟୟ, ସଂଘର୍ଷ ଓ ଅନ୍ୟାନ୍ୟ ସଙ୍କଟ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଏବଂ ସମ୍ପ୍ରଦାୟ ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ସହ ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରେ।



## ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ

### ଆଜି ବିଶ୍ୱ ଅଣ୍ଡା ଦିବସ

ଅଣ୍ଡା ଏକ ସାର୍ବଜନୀନ ଖାଦ୍ୟ। ଏହା ପୁଷ୍ଟିସାର, ଖଣିଜ ଲବଣ ଓ ଭିଟାମିନ୍‌ର ଗନ୍ତାଘର। ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ ଭାବେ ବିବେଚିତ ଅଣ୍ଡା, ଆମ ସ୍ୱାସ୍ଥ୍ୟବର୍ଦ୍ଧନ ଲାଗି ସମସ୍ତ ଆବଶ୍ୟକତାକୁ ପୂରଣ କରିଥାଏ। ସାଧାରଣତଃ ଅଣ୍ଡାରେ ଉଚ୍ଚମାନର ପୁଷ୍ଟିସାର ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା– ସ୍ନେହସାର, ଶ୍ୱେତସାର, ସୋଡିୟମ୍, ପଟାସିୟମ୍, କୋଲେଷ୍ଟରଲ, ଲୌହ, ଭିଟାମିନ୍–ଏ, ଭିଟାମିନ୍– ବି, ଭିଟାମିନ୍–ଇ, ଭିଟାମିନ୍ ବି୨, ୫, ୧୨, ଫୋଲେଟ, ସେଲେନିୟମ୍, କୋଲିନ୍ ଆଦି ରହିଥିବାରୁ ଏହା ଆମ ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇବାରେ ସହାୟକ ହୋଇଥାଏ। ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରରେ ପାଳନ ହୋଇ ଆସୁଛି ବିଶ୍ୱ ଅଣ୍ଡା ଦିବସ। ୧୯୯୬ ମସିହାରେ ପ୍ରଥମେ ଏହି ଦିବସ ଅନ୍ତର୍ଜାତୀୟ ଅଣ୍ଡା କମିଶନ(ଆଇଇସି) ଦ୍ୱାରା ପାଳନ ହୋଇଥିଲା। ସେବେଠାରୁ ପୃଥିବୀର ଅନେକ ଦେଶରେ ପାଳନ ହୋଇ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଶକ୍ତିଶାଳୀ ଅଣ୍ଡା: ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ'। ଏହି ବିଷୟବସ୍ତୁ ଅଣ୍ଡାକୁ ଏକ ପୁଷ୍ଟିକର ଉତ୍ସ ଭାବରେ ଗୁରୁତ୍ୱାରୋପ କରେ, ଯାହା ବିଶ୍ୱ ପୁଷ୍ଟି ଏବଂ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ।



“ପ୍ରତ୍ୟେକ ଭାଷା ହେଉଛି–ତାକୁ କହୁଥିବା ଲୋକମାନଙ୍କର ଆତ୍ମାର ଶକ୍ତି ଓ ଚିହ୍ନ। ତେଣୁ ପ୍ରତ୍ୟେକ ଭାଷା ନିଜର ବିଶିଷ୍ଟ ଚିତ୍ତବୃତ୍ତି, ଚିନ୍ତାବୃତ୍ତି ଓ ଜୀବନ ସହିତ ବ୍ୟବହାର କରିବାର ଭଙ୍ଗୀ, ଜ୍ଞାନ ଓ ଅଭିଜ୍ଞତାକୁ ବିକଶିତ କରନ୍ତି। ... ଗୋଟିଏ ଜାତି, ବଂଶ ବା ଜନସାଧାରଣ ଯଦି ତା’ର ମାତୃଭାଷାକୁ ହରାଏ– ତେବେ ସେ ତା’ର ସମ୍ପୂର୍ଣ୍ଣ ଜୀବନ ବା ପ୍ରକୃତ ଜୀବନକୁ ବଞ୍ଚି ପାରିବ ନାହିଁ। –ଶ୍ରୀଅରବିନ୍ଦ

# ଯନ୍ତ୍ରଣା ଲାଗି ରହିବ



ତୁଷାରା ସୁରପାନେନି

ଗତ ମାସରେ ଜାତିସଂଘ ସାଧାରଣ ସଭାରେ ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଏବଂ ପର୍ତ୍ତୁଗାଲ ସମେତ ୧୫୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ଦେଶ ଭାବେ ସ୍ୱୀକୃତି ଦେଇଥିଲେ। ଏହି ପଦକ୍ଷେପ ସହିତ ୭ ଅକ୍ଟୋବର ୨୦୨୩ରେ ହମାସ୍ ଆକ୍ରମଣ ପରେ ଗାଜାରେ ଇସ୍ରାଏଲର ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ନେଇ ବିଶ୍ୱର ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହା ଯୁକ୍ତିଯୁକ୍ତ ମନେହୁଏ। ଇସ୍ରାଏଲ ସରକାର ବିଶେଷକରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ଅନ୍ତର୍ଜାତୀୟ ମାନବୀୟ ଆଇନକୁ ଉଲ୍ଲଂଘନ କରିଛି। କିନ୍ତୁ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ପାଇଁ ସାଙ୍କେତିକ ସମର୍ଥନ ଇସ୍ରାଏଲକୁ ଉତ୍ତରଦାୟୀ କରାଇବା ପାଇଁ ଯଥେଷ୍ଟ ହେବ ନାହିଁ। ସେହିଭଳି ଅନ୍ତର୍ଜାତୀୟ ନିୟମକୁ ଇସ୍ରାଏଲର ଖୋଲାଖୋଲି ଉଲ୍ଲଂଘନ କରି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଇସ୍ରାଏଲ କରିଥିବା କ୍ଷତିକୁ ବିଶ୍ୱର ବିଭିନ୍ନ ଦେଶର ସରକାର ଭରଣା କରିବା ଦରକାର। ଯଦି ଏହା କରିବାରେ ବିଫଳ ହୁଅନ୍ତି, ତେବେ ଭବିଷ୍ୟତରେ ଯୁଦ୍ଧ ପାଇଁ ଏହା ଏକ ବିପଜ୍ଜନକ ଦୃଷ୍ଟାନ୍ତ ହୋଇ ରହିଯିବ।

ଦୁଇ ବର୍ଷରୁ ଅଧିକ ସମୟ ହେଲା ଇସ୍ରାଏଲ୍ ଗାଜାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଆକ୍ରମଣ କରିଛି ଏବଂ ୱେଷ୍ଟ ବ୍ୟାଙ୍କରେ କିଛି ମାତ୍ରାରେ ଏହା ଘଟିଛି। ଜଣେ ଜରୁରିକାଳୀନ ମେଡିସିନ ଡାକ୍ତର ତଥା ବିଶ୍ୱ ସ୍ୱାସ୍ଥ୍ୟ ଗବେଷକ ଭାବେ ମୁଁ ଏହି ସ୍ଥିତିକୁ ଅତି ନିକଟରୁ ଅନୁଧ୍ୟାନ କରିଛି। ୭ ଅକ୍ଟୋବର ୨୦୨୩ରୁ ୩୦ ଜୁନ୍ ୨୦୨୪ ମଧ୍ୟରେ ମୋ ସହ–ଗବେଷକ ଏବଂ ମୁଁ ଗାଜାରେ ସ୍ୱାସ୍ଥ୍ୟସେବା ଉପରେ ହୋଇଥିବା ୮୦୦ରୁ ଅଧିକ ଆକ୍ରମଣ ଏବଂ ଆକ୍ରମଣସ୍ଥଳ ନିକଟବର୍ତ୍ତୀ ହସ୍ପିଟାଲଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲୁ। ଗାଜାରେ ହୋଇଥିବା ମୋଟ ଆକ୍ରମଣର ୫୦.୪%ରେ ଚିକିତ୍ସା ଭିତ୍ତିଭୂମି କ୍ଷତି ହୋଇଥିବାବେଳେ ୪୯.୬% ଆକ୍ରମଣରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ କ୍ଷତି ଘଟିଛି। ଇସ୍ରାଏଲ୍‌ର ଅନେକ ଆକ୍ରମଣ ଗାଜାର ତିନୋଟି ବୃହତ୍ ହସ୍ପିଟାଲ ଯଥା ଖାନ୍ ୟୁନିସର ନାସର ହସ୍ପିଟାଲ, ଗାଜା ସିଟିରେ ଅଲ୍–ସିଫା ହସ୍ପିଟାଲ ଏବଂ ଜବାଲିଆରେ ଅଲ୍–ୱଦା ହସ୍ପିଟାଲ ଚାରିପାଖରେ କେନ୍ଦ୍ରିତ ଥିଲା। ଅଗଷ୍ଟରେ ନାସର ହସ୍ପିଟାଲରେ ହୋଇଥିବା ଆକ୍ରମଣର ବହୁଳ ପ୍ରସାରିତ ଭିଡିଓ ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ। ପ୍ରଥମ ପରେ ଦ୍ୱିତୀୟଥର ଆକ୍ରମଣରେ ଯେଉଁମାନଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ଥିଲେ



ଅନେକ ସାମ୍ବାଦିକ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ, ଯାହାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ‘ଦୁଃଖଦ ଦୁର୍ଘଟଣା’ ବୋଲି କହିଛନ୍ତି।

ଯୁଦ୍ଧର ପରିଣାମ ଅତ୍ୟନ୍ତ ବିଧ୍ୱଂସକ ହୋଇଛି। ଗାଜାରେ ଥିବା ହସ୍ପିଟାଲଗୁଡ଼ିକ ମଧ୍ୟରୁ ଅଧାରୁ ସାମାନ୍ୟ ଅଧିକ ଆଂଶିକ କାମ କରୁଛି। ଏଯାବତ୍ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ୨୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଛି କିମ୍ବା ଆହତ ହୋଇଛନ୍ତି। ଏହା ବ୍ୟତୀତ ଇସ୍ରାଏଲ୍ ସେନା ଅନ୍ୟାୟ ଭାବେ ଅଟକ ରଖିଥିବା ଅତିକମ୍‌ରେ ୪୦୫ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଯାତନା ଦିଆଯାଇଥିବା ଜଣାପଡ଼ିଛି। ଯୁଦ୍ଧ ବିରତି ହେଲେ ମଧ୍ୟ ତଥାପି ଗାଜାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପୁନର୍ଗଠନ ପାଇଁ ଅନେକ ଦଶନ୍ଧି ଲାଗିଯିବ। ଜଣେ ଡାକ୍ତର ଭାବେ ମୁଁ ଜାଣେ ଯେ, ନିର୍ଯାତନାର କୌଣସି ସ୍ତର ନାହିଁ। ହସ୍ପିଟାଲ ଓ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ନେଉଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ପାଇଁ ସ୍ପଷ୍ଟ ଭାବେ ଅନ୍ତର୍ଜାତୀୟ ଆଇନ ରହିଛି। ତେବେ ସେମାନଙ୍କ ମୃତ୍ୟୁ ଆକ୍ରମଣ ଯୋଗୁ ଘଟିନାହିଁ ବୋଲି କହିବା ଆମ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଶତ୍ରୁର କ୍ଷତି କରିବା ଭଳି ସେନା କାର୍ଯ୍ୟକଳାପ ପାଇଁ ଯଦି ହସ୍ପିଟାଲକୁ ବ୍ୟବହାର କରାଯାଏ, ତେବେ ହସ୍ପିଟାଲ ତାହାର ସୁରକ୍ଷିତ ସ୍ଥିତିକୁ ହରାଇଥାଏ। ମେଡିକାଲ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ଇସ୍ରାଏଲ ଏହି ଯୁକ୍ତି ଉପରେ ବିଶ୍ୱାସ କରି ଦାବି କରିଛି ଯେ, ସେଗୁଡ଼ିକ ହମାସ୍ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଛି। କିନ୍ତୁ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି)ର ପୂର୍ବତନ ପ୍ରୋସିକ୍ୟୁଟର ପାଲେଷ୍ଟାଇନ କ୍ଷତିର ତଦନ୍ତ ସମୀକ୍ଷା କରୁଥିବା ଆଣ୍ଡ୍ର୍ୟୁ କେଲେଙ୍କ ମତରେ ଏହିସବୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଇସ୍ରାଏଲ୍ ତା’ ଦାବିକୁ ସିଦ୍ଧ କରିବା ପାଇଁ ପ୍ରମାଣକୁ ସ୍ୱାଧୀନ ଭାବେ ଯାଞ୍ଚ ନ କରି ହସ୍ପିଟାଲକୁ ମାଟିରେ ମିଶାଇଦେବା ଏବଂ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ତା’ ଅଧିକାର ବାହାରେ।

ବିଶ୍ୱର ନେତାମାନେ ଅନ୍ତର୍ଜାତୀୟ ମାନବୀୟ ଆଇନ ପ୍ରତି ସେମାନଙ୍କ ପ୍ରତିବଦ୍ଧତା ନିଶ୍ଚିତ କରିବା ଦରକାର। ୨୦୨୪ରେ ଆଇସିସି ୭ ଅକ୍ଟୋବର ଆକ୍ରମଣ ଓ ତା’ ପରବର୍ତ୍ତୀ ଗାଜାରେ ଯୁଦ୍ଧ ଅପରାଧର ତଦନ୍ତ ପରେ ହମାସ୍ ଓ ଇସ୍ରାଏଲ୍ ନେତାମାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା। ଜାତିସଂଘ ସୁରକ୍ଷା ପରିଷଦ ଗାଜାର ସ୍ୱାସ୍ଥ୍ୟସେବା ଉପରେ ଇସ୍ରାଏଲ୍ ଆକ୍ରମଣ ଉପରେ ତଦନ୍ତ ଓ ବିଚାର ପାଇଁ ଆଇସିସିକୁ ସୁପାରିସ କରିଥିଲା। ସୁରକ୍ଷା ପରିଷଦର ଏହି ସୁପାରିସ୍‌କ୍ରମେ ଆଇସିସିର ଅଣ–ସଦସ୍ୟ ଦେଶ ଭାବେ ଇସ୍ରାଏଲ୍‌ର ତଦନ୍ତ ଓ ବିଚାର ପାଇଁ କୋର୍ଟର ନ୍ୟାୟିକ କ୍ଷେତ୍ର ରହିଛି, ଯାହା ୨୦୧୧ରେ ଡାରଫୁର ଓ ଲିବ୍ୟା କ୍ଷେତ୍ରରେ ଘଟିଥିଲା। ହେଲେ ଏହି ବାଟରେ ବାଧା ଉପୁଜିଛି। କାରଣ ଇସ୍ରାଏଲ୍‌କୁ ନେଇ ଆଇସିସି କରିଥିବା ସୁପାରିସ ଉପରେ ଆମେରିକା ଭିଟୋ ପ୍ରୟୋଗ କରିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବିଶ୍ୱସ୍ତରରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣଗୁଡ଼ିକୁ ନିନ୍ଦା କରି ଏକ ପ୍ରସ୍ତାବ ଅଣାଗଲେ ତାହା ରାଜନୈତିକ ଗତିରୋଧକୁ ହଟାଇପାରିବ ଏବଂ ଅନ୍ତର୍ଜାତୀୟ ଆଇନକୁ ନିଶ୍ଚିତ କରିବା ଲାଗି ଏକ ଲମ୍ବା ପଥ ପ୍ରସ୍ତୁତ କରିପାରିବ। ୨୦୧୬ରେ ଏହି ସମସ୍ୟାର ସମାଧାନ ପାଇଁ ସୁରକ୍ଷା ପରିଷଦରେ ଶେଷ ପ୍ରସ୍ତାବ ପାସ୍ ହୋଇଥିଲା। ତା’ପରଠାରୁ ମିଲିଟାରି ଟେକ୍‌ନୋଲୋଜିରେ ବିକାଶ ଘଟିଛି ଏବଂ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ ତୀବ୍ର ହୋଇଛି, ଯାହା ନିକଟରେ ୟୁକ୍ରେନ୍, ସୁଦାନ ଏବଂ ସିରିଆରେ ଘଟିଛି। ନାଗରିକଙ୍କ ମୃତ୍ୟୁକୁ ସକ୍ରିୟ ଭାବେ ସନ୍ଧାନ କରି ତାହାକୁ ଇନ୍‌ସିକ୍ୟୁରିଟି ଇନ୍‌ସାଇଟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଯାଞ୍ଚ କରାଯାଉଛି। ଆମ ସମକ୍ଷ ଅନ୍ୟ ଗବେଷକଙ୍କ ଗବେଷଣା, ସାଟେଲାଇଟ ଛବିର ବିଶ୍ଳେଷଣ ଏବଂ ଯୁଦ୍ଧ ସମୟରେ କାର୍ଯ୍ୟରତ ଡାକ୍ତରମାନଙ୍କ ସାକ୍ଷ୍ୟ ଏବକାର ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳର ବାସ୍ତବତାକୁ ପ୍ରତିପାଦିତ କରୁଥିବା ଏକ ପ୍ରସ୍ତାବ ପାଇଁ ଅତ୍ୟନ୍ତ ଆବଶ୍ୟକ।

ପ୍ରମାଣକୁ ସ୍ୱୀକାର କରାଯିବା ଦରକାର ଏବଂ ଏହାକୁ ଭୁଲ୍ ପ୍ରମାଣିତ କରାଯାଇ ନପାରେ। ଗାଜା ଏବଂ ଏହା ବାହାରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଗୁଳି କରାଯାଇଛି। ନିରପେକ୍ଷ ଚିକିତ୍ସା ସେବା ଯୋଗାଇ ଦେବା ଯେଭଳି ଡାକ୍ତରଙ୍କ ନୈତିକ ଦାୟିତ୍ୱ, ସେହିଭଳି ଯୁଦ୍ଧର ନିୟମଗୁଡ଼ିକୁ ପାଳନ କରିବା ବିଶ୍ୱ ନେତାଗଣଙ୍କ ଦାୟିତ୍ୱ। ବିଶ୍ୱରେ ଯୁଦ୍ଧରେ ସ୍ୱାସ୍ଥ୍ୟସେବା ଉପରେ ଆକ୍ରମଣ କରାଯାଉଥିବାରୁ ବନ୍ଧୁକ ନୀରବିଗଲା ପରେ ମଧ୍ୟ ଯନ୍ତ୍ରଣା ଦୀର୍ଘଦିନ ଧରି ଲାଗି ରହିବ।

**ଏମର୍ଜେନ୍ସି ମେଡିସିନ୍ ଫିଜିସିଆନ ଆଣ୍ଡ ଇନ୍‌ଷ୍ଟ୍ରକ୍ଟର, ୟେଲ୍ ସ୍କୁଲ ଅଫ୍ ମେଡିସିନ, ଆମେରିକା**

## ଏଇ ଭାରତରେ

ଅଂଶୁ ଜୟସ୍ୱାଲ ପେସାରେ ସାମ୍ବାଦିକ। ଏହି ଦାୟିତ୍ୱ ବହନ କରିବା ସହ ସେ ବିହାରରେ ଇଟାଭାଟିରେ କାମ କରୁଥିବା ପିଲାମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ସେ ତାଙ୍କ ଦ୍ୱାରା ପରିଚାଳିତ ‘ଅକ୍ଷର ଲର୍ନିଂ ସେଣ୍ଟର’ରେ ଏହି ପିଲାମାନଙ୍କୁ ଶିକ୍ଷା ଦେଉଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ‘ନିଭ୍ କି ଏଣ୍ଟ ଫାଉଣ୍ଡେଶନ’ ସହଯୋଗରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି। ଝାଡ଼ଖଣ୍ଡରେ ଜନ୍ମିତ ଅଂଶୁ ନିଜର କର୍ମଭୂମି ବିହାରରେ ରହିଛନ୍ତି। ସେଠାରେ ସେ ବିଶେଷକରି ମୂଷାହାର ସମ୍ପ୍ରଦାୟର ଅଧିକାଂଶ ପିଲାଙ୍କୁ ଇଟାଭଟିରୁ ଉଦ୍ଧାର କରିଛନ୍ତି। ଉଦ୍ଧାର କରୁଥିବା ପିଲାମାନଙ୍କୁ ଅଂଶୁ ପଢ଼ାଇବା ସହ କୌଶଳ ବିକାଶ କ୍ଷେତ୍ରରେ ସହଯୋଗ କରୁଛନ୍ତି। ଗତବର୍ଷ ଅକ୍ଷର ଲର୍ନିଂ ସେଣ୍ଟରରେ ୪୦୦ପିଲାଙ୍କ ନାମ ଲେଖାଯାଇଥିଲା। କେବଳ ଏତିକି ନୁହେଁ ଇଟା ଭାଟିରେ କାମ କରୁଥିବା ୨୫୦ ପରିବାରକୁ ସେମାନଙ୍କ ପରିଚୟ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ କରି ସେମାନଙ୍କୁ ସାମଜିକ ସୁରକ୍ଷା ଯୋଜନାଗୁଡ଼ିକରେ ସାମିଲ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୦ ଅକ୍ଟୋବର ୧୯୭୬

- ବେକାର ଗ୍ରାଜୁଏଟମାନଙ୍କୁ ଆୟନିଯୁକ୍ତିର ସୁବିଧା ଦେବା ଲାଗି ରେଳଷ୍ଟେଶନମାନଙ୍କରେ ବୁକ୍‌ଷ୍ଟଲ୍ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ।
- କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଶଙ୍କର ଦୟାଲ ଶର୍ମା ବମ୍ବେ ଏବଂ ଲଣ୍ଡନ ମଧ୍ୟରେ ଏସ୍‌ଟିଡି ଟେଲିଫୋନ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି।
- ଲାଇବିରିୟା ଓ ସାଇବେରିଆ ମଧ୍ୟରେ ପ୍ରଥମ ସାଟେଲାଇଟ୍ ଯୋଗାଯୋଗ ଉଦ୍‌ଘାଟିତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 9 |
| | 6 | | | 8 | | 3 | | |
| | | 2 | | | | | 6 | |
| | 4 | | | 1 | | 6 | | |
| 7 | | 1 | 9 | | | | | 2 |
| | 8 | 9 | 5 | | | | | |
| | | | | | 1 | | | 4 |
| | 7 | 5 | 3 | | | 1 | | |
| | 2 | | | 9 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 9 | 6 | 5 | 1 | 3 | 4 | 7 |
| 4 | 1 | 3 | 7 | 2 | 8 | 6 | 5 | 9 |
| 6 | 7 | 5 | 3 | 9 | 4 | 1 | 8 | 2 |
| 3 | 6 | 8 | 1 | 4 | 7 | 2 | 9 | 5 |
| 9 | 4 | 7 | 5 | 3 | 2 | 8 | 6 | 1 |
| 1 | 5 | 2 | 8 | 6 | 9 | 4 | 7 | 3 |
| 5 | 2 | 4 | 9 | 1 | 6 | 7 | 3 | 8 |
| 7 | 9 | 6 | 2 | 8 | 3 | 5 | 1 | 4 |
| 8 | 3 | 1 | 4 | 7 | 5 | 9 | 2 | 6 |

ଗତକାଲିର ଉତ୍ତର

# କାହିଁକି ବଢ଼ୁଛି ଆତ୍ମହତ୍ୟା ପ୍ରବଣତା



ଡ. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ୍ ପ୍ରତି ଦିନ ୩୦୦୦ ଲୋକ ଆତ୍ମହତ୍ୟା କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି, ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ୍ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି। ଭାରତ ବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ ହୋଇଛି।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୨) ରିପୋର୍ଟ ଅନୁସାରେ ଗତ ବର୍ଷ ପାଖାପାଖି ଏକ ଲକ୍ଷ ଏକସ୍ତରି ହଜାର ଲୋକ ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଛନ୍ତି। ଓଡିଶାରେ ୨୦୨୨ ମସିହାରେ ମୋଟ ୬୧୪୦ ଜଣ ଲୋକ ଆତ୍ମହତ୍ୟା କରିଛନ୍ତି। ଆମ ରାଜ୍ୟର ଆତ୍ମହତ୍ୟା ହାର (୧୩.୩) ଜାତୀୟ ହାର (୧୨.୪) ଠାରୁ ଅଧିକ। ପୂର୍ବ ବର୍ଷ ତୁଳନାରେ ୨୦୨୨ ମସିହାରେ ଆମ ରାଜ୍ୟରେ ଆତ୍ମହତ୍ୟା ସଂଖ୍ୟା ୮.୭% ବୃଦ୍ଧି ପାଇଛି।

ଏନ୍‌ସିଆର୍‌ବିର ଏହି ରିପୋର୍ଟ ଅନୁସାରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ଗୁଡ଼ିକ ହେଲା ପାରିବାରିକ କଳହ (୩୧.୭%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୁରାରୋଗ୍ୟ) (୧୮.୪%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୮%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା(୪.୫%), ଆର୍ଥିକ ସଙ୍କଟ(୪.୧%), ବେରୋଜଗାରି(୧.୯%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି।

ଏନ୍‌ସିଆର୍‌ବିର ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ୧୩,୦୪୪ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏହି ସଂଖ୍ୟା ଗତ କିଛିବର୍ଷ ହେବ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଆତ୍ମହତ୍ୟାର ହାର ଗତ ୩ ବର୍ଷ ଭିତରେ ଦୁଇ ପ୍ରତିଶତ ବଢ଼ିଥିବା ବେଳେ ଛାତ୍ର ଆତ୍ମହତ୍ୟାର ହାର ଚାରି ପ୍ରତିଶତ ବଢ଼ିଛି। ପରସ୍ପର ମଧ୍ୟରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ନେଇ ପାଠ ପଢ଼ିବା, ପରୀକ୍ଷାରେ ଅଧିକ ମାର୍କ ରଖିବା, ର୍‍ୟାଙ୍କ ରଖିବାର ଚେଷ୍ଟା ମଧ୍ୟରେ ପିଲାମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ପୂର୍ବ ଅପେକ୍ଷା ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ବର୍ତ୍ତମାନ ସଫଳତା ହାସଲ କରିବା ପିଲାଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି। ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ବହୁ ପରିମାଣରେ ବୃଦ୍ଧି ପାଇଛି। ଅନେକ ସମୟରେ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଅଭିଭାବକ ମାନଙ୍କର ଅତ୍ୟଧିକ ଚାପ ଯୋଗୁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ସେଥି ମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁ ନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।

ତେବେ ପ୍ରଶ୍ନ ଉଠୁଛି ଆତ୍ମହତ୍ୟାର ସଂଖ୍ୟା ଆମ ସମାଜରେ କାହିଁକି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହାର ଅନେକ କାରଣ ଅଛି। ଏଥି ମଧ୍ୟରୁ ପ୍ରଥମ କାରଣ ହେଲା ଆମର ସାମାଜିକ ସ୍ଥିତିରେ ପରିବର୍ତ୍ତନ। ଗତ କିଛିବର୍ଷ ହେଲା ସମାଜରେ ଆମର ବଞ୍ଚିବାର ଶୈଳୀରେ ପରିବର୍ତ୍ତନ ଆସିଛି। ସହର ହେଉ ବା ଗାଁ ହେଉ ସବୁଠାରେ ପାରମ୍ପରିକ ଜୀବନଶୈଳୀ ଠାରୁ ଲୋକେ ଦୂରେଇ ଯାଇ ଆଧୁନିକ ଜୀବନଶୈଳୀକୁ ଆପଣାଇ ସାରିଲେଣି।



ଆଧୁନିକ ଭାରତୀୟ ସମାଜରେ ଯୌଥ ପରିବାରର ପରମ୍ପରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଲାଣି। ପରିବାରର ସଦସ୍ୟମାନେ ପରସ୍ପରର ନିକଟତର ହୋଇପାରୁ ନାହାନ୍ତି। ନିଜ ମନର ଭାବର ଆଦାନ ପ୍ରଦାନ କରିପାରୁ ନାହାନ୍ତି। ଆଗରୁ ଯେତେବେଳେ ଜୀବନରେ କୌଣସି ସମସ୍ୟା ଆସୁଥିଲା, ସେତେବେଳେ ଆମ ପରିବାରର ଲୋକମାନେ ଏ ସବୁ ସମସ୍ୟାର ସମାଧାନରେ ଅନେକ ସାହାଯ୍ୟ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ସହଯୋଗ ମିଳି ପାରୁନି, ଯାହାଫଳରେ ଜୀବନରେ କୌଣସି ସମସ୍ୟା ଦେଖାଦେଲେ ବ୍ୟକ୍ତି ଯଦି ତାହାର ଏକୁଟିଆ ସମାଧାନ କରି ପାରୁନାହିଁ, ତେବେ ସେ ମାନସିକ ରୂପରେ ଚାପଗ୍ରସ୍ତ ହୋଇଯାଉଛି। ଯେଉଁମାନେ ଏହି ମାନସିକ ଚାପର ଠିକ ମୁକାବିଲା କରି ପାରୁନାହାନ୍ତି, ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି। ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସହନଶୀଳତା ଓ ଧୈର୍ଯ୍ୟ ଧରିବାର କ୍ଷମତା କମି ଆସିଲାଣି। ଯାହାଫଳରେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଅତି ଛୋଟ ଛୋଟ କଥାରେ ତିକ୍ତତା ଓ ପାରିବାରିକ କଳହ ସୃଷ୍ଟି ହେଉଛି, ଯାହା କି ଆତ୍ମହତ୍ୟାର ଅନ୍ୟ ଏକ ପ୍ରମୁଖ କାରଣ।

ଆତ୍ମହତ୍ୟାକୁ ରୋକିବାକୁ ହେଲେ ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ ବଢ଼ାଇବା ଉଚିତ। ଏହା ଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଦରକାର। ଜୀବନରେ ଦେଖା ଦେଉଥିବା ଅସୁବିଧା ଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପ ଖୁଆଇ ଚଳିବା ଶିଖନ୍ତୁ। ସହନଶୀଳତା ଓ ଧୈର୍ଯ୍ୟ ଧରି ସବୁ କାମ କରିବାର କୌଶଳ ବୃଦ୍ଧି କରନ୍ତୁ।

ଯଦି ନିଜ ପରିବାର କିମ୍ବା ନିଜର କୌଣସି ନିକଟତର ବ୍ୟକ୍ତିଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖା ଯାଉ ଥାଏ, ତେବେ ତାଙ୍କ ପ୍ରତି ଧ୍ୟାନ ଦିଅନ୍ତୁ। ଏହି ଘଡ଼ି ସନ୍ଧି ମୁହୂର୍ତ୍ତରେ ବ୍ୟକ୍ତିକୁ ସାହାଯ୍ୟ ଓ ସହଯୋଗ କରିବାର ଗୁରୁ ଦାୟିତ୍ୱ ପରିବାର ଉପରେ ନ୍ୟସ୍ତ ଥାଏ। ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ତାଙ୍କ ସହିତ କଥାବାର୍ତ୍ତା କରନ୍ତୁ, ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତାଙ୍କୁ ସକାରାତ୍ମକ କାମ କରିବା ପାଇଁ ଉତ୍ସାହିତ କରନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ତାଙ୍କୁ ଗୋଟିଏ ବି ମୁହୂର୍ତ୍ତ ପାଇଁ ଏକୁଟିଆ ଛାଡ଼ନ୍ତୁ ନାହିଁ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଦେଶରେ ଆତ୍ମହତ୍ୟାର ହାର କମ୍ କରିବା ପାଇଁ ୨୦୨୨ରେ ଜାତୀୟ ଆତ୍ମହତ୍ୟା ନିରୋଧକ ରଣକୌଶଳ (ନ୍ୟାଶନାଲ ସୁଇସାଇଡ ପ୍ରିଭେନ୍‌ସନ ଷ୍ଟ୍ରାଟେଜି) ଗଠନ କରାଯାଇଛି। ଏହାର ଲକ୍ଷ୍ୟ ରହିଛି ୨୦୩୦ ସୁଦ୍ଧା ଦେଶରେ ଆତ୍ମହତ୍ୟାଜନିତ ମୃତ୍ୟୁକୁ ୧୦ ପ୍ରତିଶତ କମ୍ କରିବା। ଏଥିନିମନ୍ତେ ଭାରତର ସବୁ ଜିଲାରେ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଆତ୍ମହତ୍ୟା ନିରୋଧକ ସେବାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସେବାର ଲକ୍ଷ୍ୟ ରହିଛି ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ବଢ଼ାଇବା, ମାନସିକ ଚାପର ମୁକାବିଲା କରିବା ପାଇଁ ଉପଯୁକ୍ତ ତାଲିମ ଦେବା। ଏଥିସହିତ ଯୁବତୀ ଯୁବକ, ମହିଳା ଓ କୃଷକମାନେ ଜୀବନର ବିଭିନ୍ନ କଠିନ ପରିସ୍ଥିତିରେ କିଭଳି ଖାପ ଖୁଆଇ ଚଳିପାରିବେ ସେ ସମ୍ବନ୍ଧରେ ସେମାନଙ୍କୁ ତାଲିମ ଦେବା।

ଜନସଚେତନତା ଓ ଜନ ଜାଗରଣ ସୃଷ୍ଟି କରିବା ଜରୁରୀ। ଏହାହେଲେ ଆତ୍ମହତ୍ୟାକୁ ପ୍ରତିରୋଧ କରିବା ସମ୍ଭବ ହୋଇପାରିବ। ଏହାଛଡ଼ା ସ୍ୱାସ୍ଥ୍ୟସେବା, ସମାଜସେବା, ଗଣମାଧ୍ୟମର ବିଭିନ୍ନ ସଂସ୍ଥାମାନେ ଆତ୍ମହତ୍ୟା ସମ୍ବନ୍ଧରେ ଜନସାଧାରଣଙ୍କୁ ଠିକ ସୂଚନା ଦେବା ଜରୁରୀ। ଏହା ଦ୍ୱାରା ଆତ୍ମହତ୍ୟା ଜନିତ ମୃତ୍ୟୁସଂଖ୍ୟାକୁ ଅନେକାଂଶରେ ହ୍ରାସ କରାଯାଇପାରିବ।

**ମାନସିକ ରୋଗ ବିଶେଷଜ୍ଞ, କଟକ, ମୋ:୮୪୫୬୯୧୫୫୦୬**

# ଯୋଜନାର ଅପହରଣ



ଡ. ଚିନ୍ତାମଣି ପଣ୍ଡା

ଥରେ ଜଣେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏକ ଆଦିବାସୀ ଅଧ୍ୟୁଷିତ ଅଗମ୍ୟ ଇଲାକାକୁ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କ ଆବେଦନ ଯାଞ୍ଚ କରିବାକୁ ପାଦରେ ଚାଲି ଚାଲି ପହଞ୍ଚିଗଲେ। ଉଦ୍ଦେଶ୍ୟ ଥାଏ, ଯଦି କିଏ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥାନ୍ତି ତାଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଇବା ତଥା ଅଯୋଗ୍ୟଙ୍କୁ ବାଦ୍‌ଦେବା। ଯାଞ୍ଚ ଚାଲିଥିବା ବେଳେ ଜଣେ ଅଶୀତିତମ ବୃଦ୍ଧ ଜରାଜୀର୍ଣ୍ଣ ଅବସ୍ଥାରେ ଆଶାବାଡ଼ି ସାହାରାରେ ହାକିମଙ୍କ ଇଜଲାସରେ ନାମ ପଞ୍ଜୀକରଣ ସକାଶେ ଦରଖାସ୍ତଟିଏ ଧରି ଧାଡ଼ିରେ ହାଜର ହେଲେ। ହାକିମଙ୍କ ନଜର ପଡ଼ନ୍ତେ ପିଆଦାଙ୍କ ଦ୍ୱାରା ଡକାଇ ଆଣିଲେ ତାଙ୍କ କାମଟି ଆଗ ସାରିଦେବା ପାଇଁ। ଏହି ସମୟରେ ହଠାତ୍ ଜଣେ ବଳିଷ୍ଠ ଯୁବକ ବୃଦ୍ଧଙ୍କୁ ସେଠାରୁ ଏକରକମ ଟେକି ଟେକି ନେଇଗଲେ। କିଛି ସମୟ ଉତ୍ତାରୁ ସେ ଉକ୍ତ ଦରଖାସ୍ତଟିକୁ ଫେରାଇବା ପାଇଁ ଆସନ୍ତେ ହାକିମ ଅବାକ୍ ହୋଇ କାରଣ କ’ଣ ପଚାରିଲେ। ଯୁବକ ଉତ୍ତରଦେଲେ, ‘‘ହଜୁର, ମୋ ବାପାକୁ କ’ଣ ରୋଜଗାରକରି ପୋଷିବାକୁ ମୁଁ ଅକ୍ଷମ ଯେ ସରକାର ପୋଷିବ? ମୋତେ ଜାତି ଭାଇ ନିକ୍ଖମା ଅକ୍ଖମା କହି ଟାପରା କରିବେନାଇଁ?’’ ସେଦିନର ଏ ଘଟଣାଟି ଅତି ସାଧାରଣ ଜଣାପଡୁଥିଲେ ବି ଏହା ପଛରେ ଯେଉଁ ଅସାଧାରଣ କର୍ତ୍ତବ୍ୟବୋଧ ଛପିରହିଛି ,ତାହା ପୁଣି ଜଣେ ଗାଉଁଲି ଅଶିକ୍ଷିତ ଯୁବକ ମନରେ, ତାହା ଆଜିର ଅତି ଶିକ୍ଷିତ ସଭ୍ୟ ସମାଜରେ କାହିଁ? ଆଜି ଆମେ କେମିତି କଳେ ବଳେ କୌଶଳେ ବିଭିନ୍ନ ମାଗଣା ସରକାରୀ ଯୋଜନାରେ ନିଜକୁ ତଥା ନିଜ ପରିବାରକୁ ସାମିଲ କରିହେବ ସେଇ ଦୌଡ଼ରେ। ଚତୁର ମଣିଷଟି ନିଜର ବିବେକକୁ ଜଳାଞ୍ଜଳି ଦେଇ ବିଭିନ୍ନ ପ୍ରକାର ଅସାଧୁ ଉପାୟରେ ଗରିବଙ୍କ ସହାୟତାକୁ ଲୁଟିନେଉଛି। ଓଡ଼ିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଦ୍ୟତମ ତଥ୍ୟ ଅନୁଯାୟୀ ଏକାଅଶୀ ହଜାର ଛଅଶହ ଚୌରାଅଶୀଟି ନିରୁତା ଅଣଧାନ ଜମିକୁ ଧାନଚାଷ କରିଥିବା ଦର୍ଶାଇ ଧାନବିକ୍ରି କରିବା ପାଇଁ ରବିରତୁରେ ସରକାରଙ୍କ ପାଖରେ ପଞ୍ଜୀକରଣ କରାଯାଇଛି। ଆଉ ଯେତେବେଳେ ଉପଗ୍ରହ ସର୍ବେକ୍ଷଣ ମାଧ୍ୟମରେ ଚଞ୍ଚକତା ଧରାପଡ଼ିଯାଇଛି ସେତେବେଳେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଯାଇ ବିଭିନ୍ନ ବାହାନାର ଆଶ୍ରୟ ନେବା ଛଡ଼ା ଅନ୍ୟ ଗତି ବା କ’ଣ? ଥରେ ଭାବି ଦେଖନ୍ତୁ, ଅଜ୍ଞତାବଶତଃ କେହି କ’ଣ ଏପରି ଭୁଲ୍ କରିଥାଇପାରେ? ଯଦି ଧରା ନ ପଡ଼ିଥାନ୍ତେ ତା’ହେଲେ ଧାନ କୋଉଠୁ ଆଣିଥାନ୍ତେ ସେ କଥା ତାଙ୍କୁ ଜଣା। ଏ ତ ଭାତହାଣ୍ଡିରୁ ଗୋଟିଏ।

କିଛିଦିନ ତଳେ ତେଲାଙ୍ଗ ଷ୍ଟେଶନ ପାଖ ରେଳଧାରଣା କଡ଼ରୁ ଗଦା ଗଦା ଖାଉଟି ପ୍ରମାଣପତ୍ର ଉଦ୍ଧାର କରାଯାଇଥିଲା। ତନଖି ପରେ ଏଗୁଡ଼ିକ ଭୂତକାର୍ଡ ବୋଲି ଜଣାପଡ଼ିଥିଲା। ଆଉ କେତେଜଣ ସହୃଦୟ ବ୍ୟକ୍ତି ମଧ୍ୟ ସଙ୍କୋଚପଣିଆ ଦେଖାଇବାକୁ ଯାଇ ହାତେଇଥିବା କାର୍ଡଗୁଡ଼ିକୁ ଭୟରେ ଫେରାଇଦେଇଥିଲେ। ସରକାରୀ ଚାକିରିରେ ଥିବା ଲୋକଟିଏ କିମ୍ବା ଲୋକ ପ୍ରତିନିଧିଟିଏ ନିଜ ନାମକୁ ଗରିବ ତାଲିକାରେ ଦରଜ କରାଇ ମାଗଣା ଆବାସ ଖଣ୍ଡିଏ ହାତେଇନେଇ ଭଡ଼ାରେ ଲଗାଇଦେଉଛି, ନ ହେଲେ ମାଗଣା ଚାଉଳକୁ ବଜାରରେ ବିକ୍ରିକରି ଦୁଇପଇସା ହାତଚିକ୍କଣ କରୁଛି। କୌତୂହଳର ବିଷୟ, ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଲଭିଥିବା ବାପର ଶବକୁ ହରିଶ୍ଚନ୍ଦ୍ର ଯୋଜନାରେ ଦାହ ସଂସ୍କାର ସାରି ଆମେ ସ୍ଥାନୀୟ ସରପଞ୍ଚଙ୍କୁ ହାତଗୁଞ୍ଜା ଦେଉ ଏହାକୁ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁ ଦର୍ଶାଇଦେବା ପାଇଁ, ଯଦ୍ଦ୍ୱାରା ଚଞ୍ଚକତାକରି ପୁଣି କିଛି ସହାୟତା ବ୍ଲକ୍‌ରୁ ହାତେଇହେବ! ହାତୀ ସୁରକ୍ଷା ବାଡ଼କୁ ଆମେ କାଟିଦେଉ କିମ୍ବା ଟ୍ରେଞ୍ଚକୁ ପୋତି ପକାଉ ଯଦ୍ଦ୍ୱାରା କି ହାତୀ ଆସିଲେ କ୍ଷତିପୂରଣ ରାଶି ମିଳିବ। ନଦୀବନ୍ଧର ପଥର ପ୍ୟାକିଂକୁ ଖୋଲିଦେଲେ ଟ୍ରାକ୍ଟର ଅନାୟାସରେ ବାଲି ଚାଲାଣକରି ପଇସା ଦେବ ଆଉ ଏପଟେ ବନ୍ୟା ବେଳେ ଘଳିଆ ପଡ଼ି କିମ୍ବା ବନ୍ଧ ଭାଙ୍ଗି ଗାଆଁରେ ପାଣି ପଶିଲେ ବି କ୍ଷତିପୂରଣ ରାଶି ମିଳିବ। ଏହିପରି ସରକାରୀ ଯୋଜନାକୁ ଅପହରଣ କରିବା ପାଇଁ ଆମେ ବିଭିନ୍ନ କଳା କୌଶଳ ଆପଣେଇଥାଉ। ଆଗରୁ ଶୁଣୁଥିଲୁ ସରକାରୀ ବାବୁମାନେ ରାସ୍ତା ନ କରି, ପୋଖରୀ ନ ଖୋଳି କଣ୍ଟ୍ରାକ୍ଟରଙ୍କ ଜରିଆରେ ବିଲ୍ କରି ଅର୍ଥ ହଡ଼ପ କରିନେଉଥିଲେ। କିନ୍ତୁ ଏବେ ତ ଭୋଟଦାତାମାନେ ମଧ୍ୟ ଏ ବିଦ୍ୟାରେ ଧୁରନ୍ଧର। ଅତଏବ ନୂଆ ଯୋଜନାଟିଏ ପ୍ରଣୟନ ହେଲେ କେମିତି ତାକୁ ଅପହରଣ କରିହେବ ସେ ଜ୍ଞାନକୌଶଳ ମଧ୍ୟ ଆପେ ଆପେ ଆସିଯାଏ।

**ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ,ଭବାନୀପାଟଣା**
**ମୋ: ୮୧୪୪୦୬୬୦୧୬**

## ଚିରନ୍ତନୀ

ପୀରତି ବ୍ୟଥାରେ ଅଙ୍ଗ ଅବଶ
ନିବିଡ଼ ଧିଆନେ ଆଖି ମଦାଳସ
ଚନ୍ଦନସମ ଗନ୍ଧ ବିତରି ଯାଅ ପୁଣି ଅପସରି
ଚମ୍ପକ ଚାରୁ ହାସ ହସିଦିଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ହିଂସା ସର୍ବଦା ବର୍ଜନୀୟ

ମହାଶୟ,

ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ଜାତୀୟ ଏକତା ବିଦ୍ୟମାନ। ଆମ୍ଭେମାନେ ସର୍ବଧର୍ମ ସମନ୍ୱୟର ଏକତାରେ ବନ୍ଧିହୋଇଛୁ, ଯାହାକୁ ଅସ୍ୱୀକାର କରିହେବନାହିଁ। ଆମ ପାଇଁ ସମୟର ଆହ୍ୱାନ, ଜାତିର ସମ୍ମାନକୁ ବଞ୍ଚାଇରଖିବା ଏବଂ ଦେଶ ତଥା ଜାତିର ଅକ୍ଷୟ କୀର୍ତ୍ତିକୁ ଚିର ଉଜ୍ଜୀବିତ କରିବାରେ ପ୍ରଚେଷ୍ଟା ସର୍ବଦା ବାଞ୍ଛନୀୟ। ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠି ବାରମାସରେ ତେରପର୍ବ ପାଳନ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନକରେ। ଜାତି, ଧର୍ମ ଓ ଭାଷାର ଭିନ୍ନତା ମଧ୍ୟରେ ଏକତା ଓ ଭାଇଚାରାର ବୈଶିଷ୍ଟ୍ୟ କେବଳ ଆମ୍ଭମାନଙ୍କ ଭିତରେ ସଂଶ୍ଳିଷ୍ଟ। ତେଣୁ ମନମାଳିନ୍ୟ ଓ ଗୋଷ୍ଠୀସଂଘର୍ଷର ପ୍ରଶ୍ନ ଉଠେନାହିଁ। କିନ୍ତୁ ଏବେ ପାର୍ବଣ ଉତ୍ସବ ପାଳନରେ ଗୋଷ୍ଠୀସଂଘର୍ଷ ଏବଂ ହିଂସା ଆଚରଣ ସମାଜ ପାଇଁ ଅଶୁଭ ସଙ୍କେତ। ସମାଜରେ ଶାନ୍ତି ଲାଗି ଏହା ସର୍ବଦା ବର୍ଜନୀୟ।

**–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍

# ମଙ୍ଗ ସମ୍ଭାଳିବେ ୪ ଓଡ଼ିଆ

**ନୂଆଦିଲ୍ଲୀ ଓ କଲମ୍ବୋରେ ନଭେମ୍ବର ୧୧ରୁ ୨୩ ପର୍ଯ୍ୟନ୍ତ ହେବାକୁ ଯାଉଥିବା ସର୍ବପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଓଡ଼ିଶାର ୪ ଖେଳାଳି ମଙ୍ଗ ସମ୍ଭାଳିବେ। ସେମାନେ ହେଲେ ଫୁଲ ସୋରେନ୍, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି ଏହି ୪ ଦୃଷ୍ଟିବାଧିତ ଖେଳାଳିଙ୍କୁ ନେଇ ବିଶେଷ ଉପସ୍ଥାପନା...**




ବାସନ୍ତୀ ହାଁସଦା

ଯମୁନାରାଣୀ ଟୁଡୁ

ପାର୍ବତୀ ମାରାଣ୍ଡି

ଫୁଲ ସୋରେନ

ସର୍ବପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ନଭେମ୍ବର ୧୧ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ନୂଆଦିଲ୍ଲୀ ଓ କଲମ୍ବୋରେ ଆୟୋଜନ କରାଯିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଘୋଷିତ ୧୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି ଚ୍ୟାଲେଞ୍ଜ ସମ୍ଭାଳିବେ। ସେମାନେ ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡି। ପୂର୍ବ ଜାତୀୟ ଟୁର୍ନାମେଣ୍ଟ ଏବଂ ଅଗଷ୍ଟରେ ଅନୁଷ୍ଠିତ ୨୦ ଦିନିକିଆ ଚୟନ ଟ୍ରାଏଲ୍‌ରୁ ପ୍ରଦର୍ଶନ ଭିତ୍ତିରେ ଭାରତୀୟ ଦଳ ମନୋନୟନ କରାଯାଇଛି।

ନୂଆଦିଲ୍ଲୀରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ୧୧ରୁ ୧୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଏବଂ ୧୪ରୁ ୧୬ ପର୍ଯ୍ୟନ୍ତ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ କଲମ୍ବୋରେ ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲକୁ ମିଶାଇ ସେଠାରେ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହେବ। ନଭେମ୍ବର ୨୩ରେ ଉଦ୍‌ଯାପନୀ ଉତ୍ସବ ଆୟୋଜନ କରାଯିବ। ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଆଦି ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ୨୧ଟି ଲିଗ୍ ମ୍ୟାଚ ପରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଏହି ଅବସରରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ତାରକା ଖେଳାଳିଙ୍କ ସମ୍ପର୍କରେ ଆଲୋଚନା କରାଯାଇପାରେ...

## ଫୁଲ ସୋରେନ

ଫୁଲ ସୋରେନଙ୍କ ଘର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସାଲବଣି। ତାଙ୍କ ବାପାଙ୍କ ନାମ ସୁନା ସୋରେନ ଓ ମା' ସ୍ୱର୍ଗତା ଡେଗେ ସୋରେନ। ଫୁଲ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଦଳର ଅଧିନାୟିକା। ସେ ଜଣେ ଅଲ୍‌ରାଉଣ୍ଡର। ସେ ୨୦୨୩ଠାରୁ ଭାରତ ପାଇଁ ଖେଳୁଛନ୍ତି। ଏ ପର୍ଯ୍ୟନ୍ତ ସେ ୧୩ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଦଳର ଉପଅଧିନାୟିକା ଥିଲେ। ଫୁଲ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟର ଓ ଫାଷ୍ଟ ବୋଲର। ''ଏପରି ଏକ ବଡ଼ ପ୍ରତିଯୋଗିତାରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବାରୁ ବହୁତ ଗର୍ବ ଲାଗୁଛି। ମୁଁ ମୋ ଅଭିଜ୍ଞତାର ଉପଯୋଗ କରି ଶ୍ରେଷ୍ଠ ପ୍ରଦର୍ଶନ ସହ ଟ୍ରଫି ଜିତିବାକୁ ସମ୍ପୂର୍ଣ୍ଣ ଉଦ୍ୟମ କରିବି'' ବୋଲି ଫୁଲ ସୋରେନ ପ୍ରକାଶ କରିଛନ୍ତି।

## ବାସନ୍ତୀ ହାଁସଦା

ବାସନ୍ତୀଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ମୁର୍ଗାପାଲି ଗାଁରେ। ତାଙ୍କ ବାପାଙ୍କ ନାମ ଛାକୁ ହାଁସଦା ଓ ମା'ଙ୍କ ନାମ ଯମୁନା ହାଁସଦା। ବାସନ୍ତୀ ଭାରତୀୟ ଦଳର ନିର୍ଭରଯୋଗ୍ୟ ଅଲ୍‌ରାଉଣ୍ଡର। ସେ ମୁଖ୍ୟତଃ ନିଜର ବ୍ୟାଟିଂ ଓ ଫିଲ୍ଡିଂ ଦକ୍ଷତା ପାଇଁ ପରିଚିତ। ସେ ୨୦୧୮ଠାରୁ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଅଛନ୍ତି। ସେ ୨୦୨୩ଠାରୁ ଭାରତ ପାଇଁ ଖେଳିଆସୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ଜିତିଥିଲା। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୧୩ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ''ବିଶ୍ୱକପ୍ ପରି ଏକ ବଡ଼ ପ୍ରତିଯୋଗିତା ଲାଗି ପ୍ରସ୍ତୁତ ହେବାକୁ ଆମକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିବାରୁ ମୁଁ ପ୍ରଥମେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ସଂଘକୁ ଧନ୍ୟବାଦ ଦେବାକୁ ଚାହିଁବି। ମୁଁ ସମ୍ପୂର୍ଣ୍ଣଭାବେ ନିଜକୁ ପ୍ରସ୍ତୁତ କରିଛି ଏବଂ ଦେଶ ପାଇଁ ଟ୍ରଫି ଜିତିବାକୁ ଆତ୍ମବିଶ୍ୱାସରେ ରହିଛି'' ବୋଲି ବାସନ୍ତୀ କହିଛନ୍ତି।

## ଯମୁନାରାଣୀ ଟୁଡୁ

ଯମୁନାଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଅଧୀନ ହାଟିକୋଟେ ଗାଁରେ। ତାଙ୍କ ମା'ଙ୍କ ନାମ ମଙ୍ଗୁଲି ଓ ବାପାଙ୍କ ନାମ ମଦନ ଟୁଡୁ। ଯମୁନା ଜଣେ ପ୍ରତିଭାଶାଳୀ ମଧ୍ୟମଗତିର ବୋଲର। ଗତ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଚୟନ ଶିବିରରେ ପ୍ରଦର୍ଶନ ଆଧାରରେ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସେ ଜୁନିୟର ଆସିଷ୍ଟାଣ୍ଟ ଭାବେ ପଦ୍ମାବତୀ ସରକାରୀ ହାଇସ୍କୁଲରେ କାର୍ଯ୍ୟ କରୁଛନ୍ତି। ''ଭାରତ ପାଇଁ ବିଶ୍ୱକପ୍ ଖେଳିବାକୁ ମୋର ସ୍ୱପ୍ନ ଥିଲା। ଏବେ ମୁଁ ବହୁତ ଖୁସି ଅଛି ଏବଂ ମୋ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସରକାରୀ ଚାକିରି ଯୋଗାଇ ଦେଇଥିବାରୁ ମୁଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛି। ଏହା ବ୍ୟତୀତ ଉଚ୍ଚ ସ୍ତରରେ ପହଞ୍ଚିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ମୁଁ ରାଜ୍ୟ ସଂଘକୁ ମଧ୍ୟ ଧନ୍ୟବାଦ ଦେବି'' ବୋଲି ଯମୁନାରାଣୀ ପ୍ରକାଶ କରିଛନ୍ତି।

## ପାର୍ବତୀ ମାରାଣ୍ଡି

ପାର୍ବତୀଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡଲି ଗାଁରେ। ତାଙ୍କ ମା'ଙ୍କ ନାମ ଶୋଭା ଓ ବାପାଙ୍କ ନାମ ଥୁମ୍ପୁ ମାରାଣ୍ଡି। ସେ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ରାଣୀପାଟନା ବାଲେଶ୍ୱରରେ ଦଶମ ଶ୍ରେଣୀରେ ପଢୁଛନ୍ତି। ସେ ଜଣେ ଅଲ୍‌ରାଉଣ୍ଡର ଭାବେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ଉଇକେଟ୍‌କିପର-ବ୍ୟାଟର ଭାବେ ନିଜକୁ ଗଢ଼ିତୋଳିଥିଲେ। ସେ ୨୦୨୨ଠାରୁ ଓଡ଼ିଶା ପାଇଁ ଖେଳୁଛନ୍ତି। ସେ ଜଣେ ବ୍ୟାଟର, ଯିଏକି ଇନିଂସ୍ ଓପନ୍ କରିବା ସହ ମଧ୍ୟକ୍ରମ ଏବଂ ଫିନିଶର ଭାବେ ମଧ୍ୟ ଖେଳିପାରନ୍ତି। ସେ ଅତ୍ୟଧିକ ଚାପ ପରିସ୍ଥିତିରେ ମଧ୍ୟ ଭଲ ବ୍ୟାଟିଂ କରିଥାନ୍ତି। ନିକଟରେ ଅନୁଷ୍ଠିତ ଚୟନ ଶିବିରରେ ସେ ନିଜର ବ୍ୟାଟିଂ ଓ କିପିଂ ଦକ୍ଷତା ବଳରେ ଚୟନ କମିଟିର ଧ୍ୟାନ ଆକର୍ଷଣ କରିଥିଲେ। ''ଜଣେ ଉଇକେଟ କିପର/ବ୍ୟାଟର ଭାବରେ ଭାରତୀୟ ଦଳରେ ଚୟନ ହୋଇଥିବାରୁ ମୁଁ ବହୁତ ଖୁସି। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଛି। ଏପରି ସୁଯୋଗ ପାଇଥିବାରୁ ମୁଁ ମୋ ସ୍କୁଲ, କୋଚ୍ ଦେବାଶିଷ ଜେନା, ସୁଖରାମ ମାଝି ଏବଂ ଭାରତୀୟ ଦଳରେ ଖେଳିବାକୁ ଟ୍ରେନିଂ ସୁଯୋଗ ସହ ସମସ୍ତ ସହଯୋଗ କରିଥିବାରୁ ରାଜ୍ୟ ସଂଘକୁ ଧନ୍ୟବାଦ ଜଣାଉଛି'' ବୋଲି ପାର୍ବତୀ କହିଛନ୍ତି।

ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୪ ଖେଳାଳିଙ୍କୁ ନିକଟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନ(କାଭି) ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ରବିନାରାୟଣ ବେହେରା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଷ୍ଠାତା ସମ୍ପାଦକ ସନ୍ନ୍ୟାସୀ କୁମାର ବେହେରା, ସଭାପତି ଜାଫର ଇକ୍‌ବାଲ, ହାପି ବ୍ଲିସ୍ ଫାଉଣ୍ଡେଶନର ସମ୍ପାଦକ ସିଏସ୍ ସୁନୀତା ମହାନ୍ତି, ପିଡିଏସ୍ ରୋଟାରୀ ଜୟଶ୍ରୀ ମହାନ୍ତି, ଶିଶୁ ଓ ମହିଳା ବିକାଶ ସୋସାଇଟି(ସିଡବ୍ଲୁଡିଏସ୍)ର ଚେୟାରମ୍ୟାନ କଳ୍ପନା ଦାସ, 'ୱି ଫର୍ ୟୁ'ର ଚେୟାରମ୍ୟାନ ଅଭୟ ମହନ୍ତ, ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲ୍ୟୁଓଡିଏଲ୍)ର ସିଏସ୍‌ଆର୍ ହରପ୍ରସାଦ ଦାସ, ସକ୍ଷମ ଫାଉଣ୍ଡେଶନର ସମ୍ପାଦକ ମନସ୍ମିତା ପ୍ରଧାନ ଏବଂ 'ରେ ଅଫ୍ ହୋପ୍' ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସମ୍ପାଦକ ନିଶିକାନ୍ତ ତାରିଣିଆ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ସହ ୪ ଦୃଷ୍ଟିବାଧିତ ମହିଳା ଖେଳାଳି

# କଡ଼ା ପରୀକ୍ଷାରେ ଭାରତ

**ଚଳିତ ଆଇସିସି ଟି୨୦ ମହିଳା କ୍ରିକେଟ ବିଶ୍ୱକପ୍‌ରେ ଭାରତ ଯଦିଓ ପ୍ରଥମ ଦୁଇଟି ମ୍ୟାଚ ଜିତିଛି ତେବେ ଆଗକୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଘରୋଇ ପରିବେଶରୁ ଫାଇଦା ଉଠାଇ ପ୍ରଦର୍ଶନରେ ସ୍ଥିରତା ରଖିପାରିଲେ ଦଳ ପାଇଁ ଆଗକୁ ବଢ଼ିବାକୁ ସୁଯୋଗ ରହିବ।**



ନିର୍ମଳ କୁମାର ମିଶ୍ର

ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇଛି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ଶ ସଂସ୍କରଣ। ଏଥର ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରୁଛନ୍ତି। ପାକିସ୍ତାନ ଏହାର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳୁଛି। ଟୁର୍ନାମେଣ୍ଟରେ ମୋଟ ୨୮ଟି ଲିଗ୍ ମ୍ୟାଚ ଓ ୩ଟି ନକ୍ ଆଉଟ୍ ମ୍ୟାଚ ଖେଳାଯିବ। ୯ ତାରିଖ ସୁଦ୍ଧା ୧୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଇସିସି ୨୦୨୨ ସଂସ୍କରଣ ପରି ଏଥର ମଧ୍ୟ ଫର୍ମାଟ ଅପରିବର୍ତ୍ତିତ ରଖିଛି। ଭାଗ ନେଉଥିବା ୮ଟି ଦଳ ରାଉଣ୍ଡ ରବିନ୍ ଫର୍ମାଟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଖେଳୁଛନ୍ତି। ଆୟୋଜକ ଭାରତ ଓ ଶ୍ରୀଲଙ୍କା ସହିତ ବାଂଲାଦେଶ, ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଭାଗ ନେଉଛନ୍ତି। ଇତିହାସ ଦେଖିଲେ ଅଷ୍ଟ୍ରେଲିଆ ସର୍ବାଧିକ ୭ଥର ଏହି ଟ୍ରଫି ହାସଲ କରି ନିଜର ଆଧିପତ୍ୟ ସାବ୍ୟସ୍ତ କରିଛି। ବିଶ୍ୱକପ୍ ପୂର୍ବରୁ ୨୦୨୨ରୁ ୨୦୨୫ ମଧ୍ୟରେ ଅନୁଷ୍ଠିତ ମହିଳା ଦିନିକିଆରେ ମୋଟ ୩୪ଟି ମ୍ୟାଚରେ ଦଳଗୁଡିକ ୩ଶହରୁ ଅଧିକ ରନ ସଂଗ୍ରହ କରିବା ମହିଳା ଦଳର ସାମର୍ଥ୍ୟକୁ ସୂଚାଉଛି।

ଭାରତ ପାଇଁ ଏଥର ବଡ ସୁଯୋଗ ରହିଛି। ହରମନ୍‌ପ୍ରୀତ୍‌ଙ୍କ ନେତୃତ୍ୱରେ ଦଳ ଚଳିତ ଟୁର୍ନାମେଣ୍ଟରେ ଭଲ ଆରମ୍ଭ କରିଛି। ପ୍ରଥମ ୨ଟି ମ୍ୟାଚରେ ଶ୍ରୀଲଙ୍କାକୁ ଡିଏଲଏସ୍ ପଦ୍ଧତିରେ ୫୯ ରନ୍‌ରେ ପରାସ୍ତ କରିଥିବା ବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୮ ରନ ବଡ ବ୍ୟବଧାନରେ ହରାଇ ସେମିଫାଇନାଲ ପାଇଁ ଆଶା ରଖିଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ହର୍ଲିନ ଦେଓଲ, ଅମନଜୋତ କୌର ଭଲ ବ୍ୟାଟିଂ କରିଥିବାବେଳେ ଦୀପ୍ତି ଶର୍ମା (୫୩ ରନ ଏବଂ ୩/୫୪) ଓ ସ୍ନେହ ରାଣା (୨୮* ରନ ଓ ୨/୩୨) ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେହିପରି ପାକିସ୍ତାନ ବିପକ୍ଷରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଟପ୍ ଓ ମିଡିଲ ଅର୍ଡର ପ୍ରଭାବୀ ବ୍ୟାଟିଂ କରିଥିଲା। ଦୀପ୍ତି ଓ ସ୍ନେହଙ୍କ ଅଲ୍‌ରାଉଣ୍ଡ ସଫଳତା ମଧ୍ୟ ଏହି ମ୍ୟାଚରେ ଦେଖିବାକୁ ମିଳିଥିଲା। ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟପ୍ ଅର୍ଡରରେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଭାରତୀୟ ଦଳର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।




ସାଥୀ ଖେଳାଳିଙ୍କ ସହ ଦୀପ୍ତି ଶର୍ମା (ମଝି)

୩ଥର ଟି୨୦ ଏସିଆ କପ୍ ୨୦୧୨, ୨୦୧୬, ୨୦୨୨ରେ ସଫଳ ହୋଇଥିବା ଏହି ଦଳ ନିକଟରେ ପ୍ରତିଭାର ଅଭାବ ନାହିଁ। ୧୯୭୮ରେ ୪ର୍ଥ ସ୍ଥାନ, ୧୯୯୭ ସେମିଫାଇନାଲ, ୨୦୧୩ରେ ୭ମ ସ୍ଥାନରେ ରହିଥିବା ବେଳେ ଅନ୍ୟ ସଂସ୍କରଣଗୁଡିକରେ ଭଲ ପ୍ରଦର୍ଶନ କରିପାରିନି। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଦଳ ଅନେକ ଶକ୍ତିଶାଳୀ ଦଳ ବିପକ୍ଷରେ ସିରିଜ ବିଜୟୀ ହୋଇଛି। ତାଙ୍କ ପାଖରେ ସ୍ମୃତି ମନ୍ଧାନା, ହର୍ଲିନ ଦେଓଲ, ରିଚା ଘୋଷ, ଜେମିମା ରୋଡ୍ରିଗୁଏଜ, ପ୍ରତିକା ରାୱଲ, ଦୀପ୍ତି ଶର୍ମା ଓ ରେଣୁକା ସିଂ ଠାକୁର, କ୍ରାନ୍ତି ଗୌଡଙ୍କ ପରି ଦକ୍ଷ ଖେଳାଳି ରହିଛନ୍ତି। ଉତ୍ତମ ନେତୃତ୍ୱ ସହ ଘରୋଇ ପରିବେଶ ଓ ସ୍ପିନ୍ ଷ୍ଟ୍ରେନ୍ଥ ନେଇ ଟାଇଟଲ ଜିତିବା ଆଶାରେ ରହିଛି ଭାରତୀୟ ଦଳ।

ପାକିସ୍ତାନ ଅଧିନାୟିକା ଫତିମା ସାନା ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେଉଥିବାରୁ ଅତ୍ୟଧିକ ଚାପରେ ରହି ଟୁର୍ନାମେଣ୍ଟ ଖେଳୁଥିବା ନଜରକୁ ଆସୁଛି। ତାଙ୍କ ଲିଡରଶିପ୍ ଏବେ ପରୀକ୍ଷାରେ। ସେହିପରି ଦକ୍ଷିଣ ଆଫ୍ରିକା ଯଦିଓ ପ୍ରଦର୍ଶନରେ ସ୍ଥିରତା ରଖି ପାରିନାହିଁ ତେବେ ଟ୍ରଫି ଜିତିବାକୁ ଅନ୍ୟତମ ଦାବିଦାର ରହିଛି। ଅନ୍ୟତମ ଆୟୋଜକ ଶ୍ରୀଲଙ୍କାର ଅଧିନାୟିକା ଚାମରୀ ଆଟାପାଟ୍ଟୁ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିବା ଅପେକ୍ଷାରେ ଅଛନ୍ତି।

ଏଥର ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବା ଦେଖିବାକୁ ମିଳିଛି। ସେମାନେ ନିଜ ପସନ୍ଦର ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି। ମୋଟ ଉପରେ କହିବାକୁ ଗଲେ ମହିଳା କ୍ରିକେଟର ଗୁରୁତ୍ୱ ବଢ଼ିଛି। ବଡ କଥା ହେଲା ବିଶ୍ୱକପ୍ ପୂର୍ବରୁ ଆଇସିସି ଏକ ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ବିଜେତା ଦଳ ଲାଗି ରେକର୍ଡ ପରିମାଣର ଆର୍ଥିକ ପୁରସ୍କାର ଘୋଷଣା କରିଛି। ବିଜେତା ଦଳକୁ ମିଳିବ ପ୍ରାୟ ୪୦କୋଟି ଟଙ୍କା। ପୁରସ୍କାର ରାଶିକୁ ୩ଗୁଣା ବୃଦ୍ଧି କରିଛି। ପୁରସ୍କାର ବାବଦରେ ପ୍ରାୟ ୧୨୨.୫ କୋଟି ଖର୍ଚ୍ଚ ହେବ। ୨୦୨୩ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଏହି ପୁରସ୍କାର ରାଶି ମାତ୍ର ୩୧ କୋଟି ଥିଲା। ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ପୁରସ୍କାର ବାବଦରେ ମୋଟ ୮୮କୋଟି ଖର୍ଚ୍ଚ ହୋଇଥିଲା। ଚଳିତ ମହିଳା ବିଶ୍ୱକପ୍‌ରେ ଚାମ୍ପିୟନ ଦଳ ପ୍ରାୟ ୪୦ ଏବଂ ରନର୍ସ ଅପ୍ ଦଳ ୨୦କୋଟି ପାଇବେ। ମହିଳା ବିଶ୍ୱକପ୍‌ର ଲୋକପ୍ରିୟତାକୁ ଏହା ସୂଚାଉଛି।

**ଭାରତର ଅବଶିଷ୍ଟ ମ୍ୟାଚ କାର୍ଯ୍ୟସୂଚୀ**

| | |
|---|---|
| ଅକ୍ଟୋବର ୧୨: | ବନାମ ଅଷ୍ଟ୍ରେଲିଆ |
| ଅକ୍ଟୋବର ୧୯: | ବନାମ ଇଂଲଣ୍ଡ |
| ଅକ୍ଟୋବର ୨୩: | ବନାମ ନ୍ୟୁଜିଲାଣ୍ଡ |
| ଅକ୍ଟୋବର ୨୬: | ବନାମ ବାଂଲାଦେଶ |

## ସୁପର

ଦୁବାଇ କ୍ରିକେଟ ଷ୍ଟାଡିୟମ କମ୍ପେ
ବିପକ୍ଷରେ ପାକିସ୍ତାନ
ସୂର୍ଯ୍ୟ ଯାଦବଙ୍କ ସେନା ସ୍ପିନରଙ୍କ
ବୋଲିଂ ରଖିଲା ମାନ
ଇଜି ଟାର୍ଗେଟ ରନ୍
ଏକ ଚାଳିଶ ବର୍ଷ ପରେ ବି ଇଣ୍ଡିଆ
ପାକ୍ ଠିଁ ମାରିଲା ଚୂନ....(୧)
ଶେଷ ଓଭରରେ ଓନ୍‌ଲି ଦଶ ରନ
ଇଣ୍ଡିଆକୁ ଦରକାର
ହାରିଶ ରୌଫ୍‌ର ଫୁଲ ଟସ୍ ବଲକୁ
ସ୍କୋୟାର ଲେଗ କରି ପାର
ବର୍ମାର ଏ ଛକା ତୀର
ସଲମାନ ଆଘାର କପାଳରେ ବାଜି
ଲେଖିଲା ରକତ ଗାର...(୨)



ତିଳକ ବର୍ମାର ସୁପର ଓଭର
ଦୁବେର ସୁପର ଛକା
ଟି ଟ୍ୱେଣ୍ଟି ଏସିଆ କପ୍‌ରେ ସୁପର
ହ୍ୟାଣ୍ଡସେକ୍ ବିବାଦ, ଧୋକା
ଇତିହାସ ହେଲା ଲେଖା
ଚାମ୍ପିୟନ ହୋଇ କପ୍ ନ ଆଣିବା
ପାକକୁ ସୁପର ଶିକ୍ଷା....(୩)
–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ Bhubaneswar, Friday, October 10/ 2025

# ରିଚାଙ୍କ ବିସ୍ଫୋରକ ଇନିଂସ

**ବିଶାଖାପାଟଣା, ୯।୧୦**

ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରିଚା ଘୋଷଙ୍କ ବିସ୍ଫୋରକ ୯୪ ରନର ଇନିଂସ ଯୋଗୁ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୫୨ ରନର ଟାର୍ଗେଟ ଛିଡ଼ା କରିଛି। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭର ଶେଷ ସୁଦ୍ଧା ୫ ଉଇକେଟ ହରାଇ ୮୧ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ ଅଧିନାୟିକା ଲୌରା ୱଲଭାର୍ଟ ୩୮ ଓ କ୍ଲୋ ଟ୍ରାଇଅନ

**ଆଇସିସି ମହିଳା ବିଶ୍ୱକପ୍**

ବିନା ରନରେ ବ୍ୟାଟିଂ କରୁଛନ୍ତି। ଭାରତ ପାଇଁ କ୍ରାନ୍ତି ଗୌଡ଼, ସ୍ନେହ ରାଣା, ଶ୍ରୀ ଚରନୀ, ଦୀପ୍ତି ଶର୍ମା ଓ ଅମନଜୋତ୍ କୌର ୧ଟି ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ପ୍ରତିକା ରାୱଲ ଓ ସ୍ମୃତି ମନ୍ଧାନାଙ୍କ ଓପନିଂ ଯୋଡ଼ି ୫୫ ରନର ଭଲ ଆରମ୍ଭ ପ୍ରଦାନ କରିଥିଲା। କ୍ରିଜ୍‌ରେ ସେଟ୍ ଥିବା ମନ୍ଧାନା (୨୩ ରନ, ୧ ଲେଖାଏ ଚୌକା ଓ ଛକା) ବଡ଼ ଶଟ୍ ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ୩ୟ କ୍ରମରେ ଆସିଥିବା ହର୍ଲିନ ଦେଓଲ (୧୩)ଙ୍କ ସହ ପ୍ରତିକା ଦ୍ୱିତୀୟ ଉଇକେଟରେ ୨୮ ରନ ଯୋଡ଼ିଥିଲେ। ଏହାପରେ ଦଳ ମାତ୍ର ୧୯ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ପ୍ରତିକା ୩୭ (୫ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ହରମନପ୍ରୀତ କୌର (୯), ଜେମିମା ରୋଡ୍ରିଗୁଏଜ (୦) ଓ ଦୀପ୍ତି ଶର୍ମା (୪) ଫେଲ ମାରିଥିଲେ। ଫଳରେ ଏକଦା ୮୩/୧ ସ୍କୋର କରିଥିବା ଭାରତ ୧୦୨ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ରିଚା ଘୋଷ ଓ ଅମନଜୋତ କୌର ସପ୍ତମ ଉଇକେଟରେ ୫୧ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ଅମନଜୋତ ୧୩ ରନ କରି ସପ୍ତମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହାପରେ ରିଚା ଓ ସ୍ନେହ ରାଣା ଆଟାକିଂ ବ୍ୟାଟିଂ କରିଥିଲେ। ଦୁହେଁ ଅଷ୍ଟମ ଉଇକେଟ ପାଇଁ ୮୮ ରନ ଯୋଡ଼ିଥିଲେ। ସ୍ନେହ ୨୪ ବଲରେ ୬ ଚୌକା ସହିତ ୩୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରିଚା ୭୭ ବଲରେ ୯୪ ରନର ବିସ୍ଫୋରକ ପାଳି ଖେଳି ଅନ୍ତିମ ଓଭରରେ ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ରିଚାଙ୍କର ଦିନିକିଆ କ୍ୟାରିୟରର ସର୍ବାଧିକ ସ୍କୋର। ମହିଳା ଦିନିକିଆ କ୍ରିକେଟ ଇତିହାସରେ ଅଷ୍ଟମ ପୋଜିଶନରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଭାରତୀୟ ଦଳ ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ଲୋ ଟ୍ରାଇଅନ ୩ ଉଇକେଟ ନେଇଥିବା ବେଳେ ନନକୁଲୁଲେକୋ ମଲାବା, ନାଦିନେ ଡି କ୍ଲର୍କ ଓ ମାରିଜନେ କାପ ୨ ଲେଖାଏ ଉଇକେଟ ହାତେଇଥିଲେ।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ରିଚା ଘୋଷ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ରିଚା ଘୋଷ-୯୪, ପ୍ରତିକା ରାୱଲ-୩୭, ସ୍ନେହ ରାଣା-୩୩, କ୍ଲୋ ଟ୍ରାଇଅନ-୩/୩୨, ମାରିଜନେ କାପ-୨/୪୫, ନନକୁଲୁଲେକୋ ମଲାବା-୨/୪୬)।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, October 10/2025 Page 16 ₹ 7.00 SAMBALPUR
୫୧ଶ ଭାଗ ୩୧୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 314 ମୂଲ୍ୟ₹୭/-



ଭୋଟ ଚୋରି ଏବଂ ଚାକିରି ବିକ୍ରି ପ୍ରସଙ୍ଗରେ ଗୁରୁବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଯୁବ କଂଗ୍ରେସ ପକ୍ଷରୁ ପ୍ରତାରଣା ପ୍ରତିବାଦ ସଭା ଆୟୋଜିତ ହୋଇଛି। ଏହି ଅବସରରେ କଂଗ୍ରେସର ଯୁବ, ଛାତ୍ର ନେତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିବାକୁ ଯିବାବେଳେ ସେମାନଙ୍କୁ ପୋଲିସ ଅଟକାଉଛି। (ଫଟୋ–ମନୋରଞ୍ଜନ)

# ବଣିକ୍ କୋଚିଂ ସେଣ୍ଟରରେ କ୍ରାଇମବ୍ରାଞ୍ଚ ଚଢ଼ାଉ

## ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି

- ଗିରଫ ଆଶାୟୀଙ୍କ ମଧ୍ୟରୁ କିଛିଜଣ ବଣିକ୍‌ରେ ପଢୁଥିଲେ
- ବଣିକ୍‌ର ୫ ବର୍ଷର ତଥ୍ୟ ନେଲା ତଦନ୍ତକାରୀ ଟିମ୍
- ଘୋଷଣା କରି ଖବରଦାତା ସମ୍ମିଳନୀକୁ ସ୍ଥଗିତ କଲା ଓପିଆର୍‌ବି

**ଟିକସ ହେରଫେରକୁ ନେଇ ପୂର୍ବରୁ ଜିଏସ୍‌ଟି ଓ ଆୟକର ବିଭାଗର ସ୍କାନରକୁ ଆସିଥିବା ବଣିକ୍ କୋଚିଂ ସେଣ୍ଟର ଏବେ ପୁଣି ଚର୍ଚ୍ଚାକୁ ଆସିଛି। ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାରେ ଏହି କୋଚିଂ ସଂସ୍ଥା କ୍ରାଇମବ୍ରାଞ୍ଚର ତଦନ୍ତ ଜାଲରେ ଛନ୍ଦି ହୋଇଛି। ଗିରଫ ଅଭିଯୁକ୍ତ ଆଶାୟୀଙ୍କ ମଧ୍ୟରୁ କେତେଜଣଙ୍କ ବଣିକ୍ ସହ ଲିଙ୍କ୍ ରହିଥିବା ତଦନ୍ତରୁ ଜଣାପଡ଼ିବା ପରେ ଏହି ଦିଗରେ କ୍ରାଇମବ୍ରାଞ୍ଚ ଅଧିକ ଖୋଳତାଡ଼ ଚଳାଇଛି। ତଦନ୍ତ ଆରମ୍ଭ ହୋଇଛି, ଯାହାବି ପ୍ରମାଣ ମିଳିବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷରେ ଏସ୍ଆଇ ପରୀକ୍ଷା ଜାଲିଆତିରେ ବଣିକ୍ କୋଚିଂ ସେଣ୍ଟରର କୌଣସି ସମ୍ପୃକ୍ତି ନାହିଁ ବୋଲି ଏହାର ପ୍ରତିଷ୍ଠାତା ସୁବ୍ରତ ଛାଟୋଇ କହିଛନ୍ତି।**

ଭୁବନେଶ୍ୱର,୯ା୧୦(ସତ୍ୟଜିତ ରାଉତ)

ଭୁବନେଶ୍ୱର ସିଆର୍‌ପି ଛକ ନିକଟ ବଣିକ୍ କୋଚିଂ ଶାଖାରେ ଗୁରୁବାର ଅପରାହ୍ନରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ମାରାଥନ୍ ଚଢ଼ାଉ କରିଛି। ସଂସ୍ଥାର କର୍ମଚାରୀ ଓ ଅଧିକାରୀଙ୍କୁ ପୋଲିସ ଟିମ୍ ପଚରାଉଚରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ଏହି ଚଢ଼ାଉବେଳେ ବଣିକ୍‌ର ମାଲିକ ସୁବ୍ରତ ଛାଟୋଇ ଅନୁପସ୍ଥିତ ଥିଲେ। ତେବେ ଚଢ଼ାଉରେ ନେତୃତ୍ୱ ନେଇଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି, ଏହି ଜାଲିଆତି ଘଟଣାରେ ଯିଏ ବି ସମ୍ପୃକ୍ତ ଥିବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କିଛି ପିଲା ବଣିକ୍ କୋଚିଂ ସେଣ୍ଟରରେ ପଢୁଥିଲେ। ସେହି ସୂଚନା ଆଧାରରେ ବଣିକ୍‌ର ଗତ ୫ବର୍ଷର ତଥ୍ୟ ଦେଖୁଛୁ। କ୍ରାଇମବ୍ରାଞ୍ଚ ପାଖରେ ଯାହା ବିବରଣୀ ଅଛି, ତାହାକୁ ଆମେ ଯାଞ୍ଚ କରିବୁ। ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଗିରଫ ଆଶାୟୀଙ୍କ ପଛରେ କେଉଁମାନେ ଅଛନ୍ତି, ତାହା ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଡିଏସ୍‌ପି ବେହେରା କହିଛନ୍ତି। ଅପରପକ୍ଷରେ ବଣିକ୍‌ର ମାଲିକ ତଥା ବିଜେଡି ନେତା ସୁବ୍ରତ ଛାଟୋଇ ଏହି ଘଟଣାରେ ମୁହଁ ଖୋଲି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସୁବ୍ରତ କହିଛନ୍ତି, କୋଚିଂ ସଂସ୍ଥା ପକ୍ଷରୁ ୧୨ବର୍ଷ ହେଲା ପିଲାଙ୍କୁ ଶିକ୍ଷା ଯୋଗାଇ ଆସୁଛୁ। କେମିତି ସେମାନେ ସରକାରୀ ଚାକିରି ପାଇପାରିବେ ସେହି ଦିଗରେ ଆମେ ପାଠ ପଢ଼ାଉଛୁ। ଏହି ଜାଲିଆତିରେ ବଣିକ୍‌ର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଟିକସ ଫାଙ୍କି ଅଭିଯୋଗରେ ୨୦୨୩ ମାର୍ଚ୍ଚ ୨୮ରେ ବଣିକ୍ ଉପରେ ଜିଏସ୍‌ଟି ରେଡ୍ ହୋଇଥିଲା। ସେହିପରି ୨୦୨୪ ଏପ୍ରିଲ ୧ରେ ଆୟକର ବିଭାଗ ପକ୍ଷରୁ ସୁବ୍ରତଙ୍କ ବିଭିନ୍ନ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ଏବେ ଏସ୍ଆଇ ପରୀକ୍ଷା କେଲେଙ୍କାରୀକୁ ନେଇ ବଣିକ୍‌ର ହାତ ଥିବା ଅଭିଯୋଗକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ନିଯୁକ୍ତି ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ(ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ପରୀକ୍ଷାର୍ଥୀମାନେ ମଧ୍ୟ ଆଶା ଆଶଙ୍କାରେ ରହିଛନ୍ତି। ☞ପୃଷ୍ଠା–୪

# ପୋଲିସ–ଯୁବ କଂଗ୍ରେସ ମୁହାଁମୁହିଁ

## ଭୋଟ ଚୋରି, ଚାକିରି ବିକ୍ରି ପ୍ରସଙ୍ଗ

ଭୁବନେଶ୍ୱର,୯ା୧୦ (ରବିନାରାୟଣ ଜେନା)

ଭୋଟ ଚୋରି ଏବଂ ଚାକିରି ବିକ୍ରି ପ୍ରସଙ୍ଗରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ପ୍ରତାରଣା ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଯାଇଛି। ଏହି ଅବସରରେ ଯୁବ

### ବ୍ୟାରିକେଡ୍ ଭାଙ୍ଗି ଶତାଧିକ ଗିରଫ

କଂଗ୍ରେସର କର୍ମୀ ଓ କର୍ମକର୍ତ୍ତାମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅବରୋଧ କରିଥିଲା। ଯୁବ କଂଗ୍ରେସ ପକ୍ଷରୁ ଦୁଇଟି ବାରିକେଡ୍ ଭାଙ୍ଗି ଦିଆଯାଇଥିଲା। ଏହି ସମୟରେ ପୋଲିସ ସହିତ କଂଗ୍ରେସ ଯୁବ ଓ ଛାତ୍ର ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଘଟଣାସ୍ଥଳରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ସହ ଅନ୍ୟମାନଙ୍କୁ ଗିରଫ କରିଥିଲା। ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ନିର୍ବାଚିତ ସରକାର ନୁହନ୍ତି ବୋଲି କହିଛନ୍ତି। ଉଦୟଭାନୁ ଉଦ୍‌ବୋଧନ ଦେଇ ☞ପୃଷ୍ଠା–୪

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University (Declared U/S 3 of UGC Act, 1956), Bhubaneswar, Odisha, India
KIIT is only 28 years old as an institute (1997 – 2025) and 22 years old as a university.
Organisation in Special Consultative Status with the United Nations Economic & Social Council (UN-ECOSOC)

THE World University Rankings 2026

KIIT placed globally in the Top 501 Cohort

Ranked 259th Globally in Academic Excellence

5th Best in India

Top Performer in India in Three Parameters
Industry Integration
International Outlook
Social Commitment Strong alignment with SDG goals 4, 10 & 16

KIIT's Rank Over the Years




Times Higher Education Summary Statement
"KIIT's performance in THE (Times Higher Education) World University Rankings 2026 reflects a decade of transformation from Local Excellence to Global Excellence. The institution has demonstrated that a socially inclusive university from Odisha can compete with the world's finest through innovation, compassion, and quality education."

"ପ୍ରତି ରାଜ୍ୟ ଚାହାନ୍ତି ସେହି ରାଜ୍ୟର ଏକ ଶିକ୍ଷାନୁଷ୍ଠାନ ବିଶ୍ୱର ୫୦୦ ର୍‍ୟାଙ୍କ ମଧ୍ୟରେ ଆସୁ। ମୁଁ ଅତ୍ୟନ୍ତ ଖୁସି ଯେ, ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଯୋଗୁଁ କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇ ବିଶ୍ୱର ବହୁ ଲବ୍‌ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧ କୋହର୍ଟ ମଧ୍ୟ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏହି ସଫଳତା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ।"
ଅଚ୍ୟୁତ ସାମନ୍ତ
ପ୍ରତିଷ୍ଠାତା, କିଟ୍, କିସ୍ ଓ କିମ୍‌ସ

OTHER RANKINGS
17th Among Indian Universities Ranked by NIRF, Govt. of India nirf 2025
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years
5th in India 101-200 global rank Times Higher Education Impact Rankings 2025 SDGs Ranking in India 1st 1st 3rd
1st in Odisha 9th in India Among private universities QS World University Rankings
8th Best in India Among Govt. & Pvt. Institutions THE World University Rankings 2025 Asia
ABET (US) Accreditation IET The Institution of Engineering and Technology
Special Consultative Status by the UN-ECOSOC Partnership with UN Volunteers

KIIT-DU, Patia, Bhubaneswar, Odisha, India 751024 kiit@kiit.ac.in www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ଆନ୍ଧ୍ର ବାଣ କାରଖାନାରେ ବିସ୍ଫୋରଣ
# ଓଡ଼ିଆ ଦାଦନ ଶ୍ରମିକ ମୃତ

**ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)**

ପଡୋଶୀ ରାଜ୍ୟ ଆନ୍ଧ୍ରର ଏକ ବାଣ କାରଖାନାରେ ବୁଧବାର ବିସ୍ଫୋରଣ ଘଟିବାରୁ କାରଖାନା ଛାରଖାର ହୋଇଯାଇଛି। ଏହି ଦୁର୍ଘଟଣାରେ ସେଠାରେ କାମ କରୁଥିବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦାନନ୍ଦ କୁମ୍ଭାର(୫୩)। ଏ ନେଇ ଖବର ପାଇ ସମ୍ପର୍କୀୟମାନେ ସେଠାକୁ ଯାଇ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଆଣୁଥିବା ଜଣାଯାଇଛି। ଶୁକ୍ରବାର ଗାଁରେ ମୃତଦେହ ପହଞ୍ଚିବ ବୋଲି ଗ୍ରାମବାସୀଙ୍କଠାରୁ ଜଣାପଡିଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଆନ୍ଧ୍ର ରାଜ୍ୟ ବି.ଆର ଆମ୍ବେଡକର କୋନୁସୀମା ଜିଲା ରାୟଭରମ ଥାନା ଅନ୍ତର୍ଗତ ରାୟଭରମ୍ ମଣ୍ଡଳ ଶ୍ରୀଗଣପଥୀ ଗ୍ରାଣ୍ଡ ବାଣ କାରଖାନାରେ ସଦାନନ୍ଦ କାମ କରୁଥିଲେ। ହେଲେ ବୁଧବାର ପୂର୍ବାହ୍ନ ସମୟରେ କାରଖାନାରେ ବିସ୍ଫୋରଣ ଘଟିଥିଲା। ସେହି ସମୟରେ କାରଖାନାରେ କାମ କରୁ ଥିବା ସଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏହି ବିସ୍ଫୋରଣରେ ସଦାନନ୍ଦଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସଦାନନ୍ଦ(ହଜାରି)ଙ୍କ ଘର ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ନଅଗାଁ(ଖ) ସଦର ଗାଁ ଦଳିତ ବସ୍ତିରେ। ସେ ଲୋଇସିଂହାରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ବ୍ୟବସାୟରେ ମାନ୍ଦା ଓ ପାରିବାରିକ ଅସୁବିଧା କାରଣରୁ ସେ ଗତ ୨ବର୍ଷ ହେଲା କାମ ଅନ୍ୱେଷଣରେ ଆନ୍ଧ୍ରକୁ ଯାଇ ଉକ୍ତ ବାଣ କାରଖାନାରେ କାମ କରୁଥିଲେ। ଗତ ନୂଆଁଖାଇ ସମୟରେ ଗାଁକୁ ଆସି ପୁଣି କାମକୁ ଫେରିଥିବା ଗ୍ରାମବାସୀ କହିଛନ୍ତି। ଘରେ ତାଙ୍କ ସ୍ତ୍ରୀ ଏବଂ ବଡଭାଇଙ୍କ ପରିବାର ଅଛନ୍ତି। ମୃତ ଦାଦନ ଶ୍ରମିକଙ୍କ ପୁଅ ଆନ୍ଧ୍ରରେ ଦାଦନ ଖଟୁଛନ୍ତି। ଏହି ଦୁଃଖଦ ଘଟଣା ଜଣାପଡିବା ପରେ ପରିବାର ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ କିପରି ଗାଁକୁ ଅଣାଯାଇ ପାରିବ ସେନେଇ ବସ୍ତିବାସିନ୍ଦା ଚିନ୍ତାରେ ପଡିଯାଇଥିଲେ। ଏନେଇ ସ୍ଥାନୀୟ ବିଧାୟକ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନଅଗାଁ(ଖ)ର ହୋଇଥିବାରୁ ମନ୍ତ୍ରୀଙ୍କ ସହାୟତା ଲୋଡିଥିଲେ। ଅପରପକ୍ଷେ ଏହି ଦୁଃଖଦ ଖବର ପାଇ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ବୁଧବାର ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇ ମୃତଦେହ ଆଣିବା ବ୍ୟବସ୍ଥା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ, ଭେଙ୍କଟକ୍ରିଷ୍ଣ ଲିଙ୍ଗରାମଙ୍କ ଅଭିଯୋଗକୁ ଆଧାର କରି ସେଠାକାର ଥାନାରେ ନଂ ୧୫୮/୨୫ରେ ଏକ ମାମଲା ରୁଜୁ ହୋଇଛି।


ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା କାରଖାନା।

**ମୃତ ଶ୍ରମିକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଁର**

# ମା' ଗଜଲକ୍ଷ୍ମୀଙ୍କ ପୀଠରେ ଜମୁଛି ଭକ୍ତଙ୍କ ଭିଡ଼


ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ।

**ସଇଁତଲା,୯।୧୦(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ ଛକଠାରେ ବିଗତ ୩୦ବର୍ଷ ହେଲା ମହାଆଡ଼ମ୍ବର ସହକାରେ ମା' ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ ହୋଇଆସୁଛି। ଚଳିତବର୍ଷ ସୋମବାରଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ବୁଧବାର ସକାଳୁ ୨୪ ପ୍ରହରୀ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ଆଳତି ଅନୁଷ୍ଠିତ ହେଉଛି। ଏହି ସମୟରେ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ଦୁର୍ଗାପୂଜା ସମୟରେ ବର୍ଷା ଯୋଗୁ ଭକ୍ତ ନିରାଶ ହୋଇଥିଲେ। କିନ୍ତୁ ଗଜଲକ୍ଷ୍ମୀ ପୂଜା ସମୟରେ ପାଗ ଖୁସିଲା ଥିବାରୁ ଭକ୍ତଙ୍କ ସଂଖ୍ୟା ପୂର୍ବବର୍ଷ ଅପେକ୍ଷା ବହୁତ ଅଧିକ ରହିଛି। ଯାହାକୁ ନେଇ କମିଟିର ସଭାପତି ତପନ ଦାସ, ସମ୍ପାଦକ ବିକ୍ରମ ବର୍ଗର୍ଡ଼, କୋଷାଧ୍ୟକ୍ଷ ପ୍ରଦୀପ ଡ୍ରାଙ୍ଗ ଖୁସି ବ୍ୟକ୍ତ କରିବା ସହ ଭକ୍ତଙ୍କ ଭାବାବେଗକୁ ପ୍ରାଥମିକତା ଦେବା ଆମ କମିଟିର ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି। ଆଳତି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଇଁତଲା ଥାନା ତରଫରୁ ପୋଲିସ ମୁତୟନ କରାଯାଇଥିବା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ପୂର୍ବତନ ଫୁଟବଲ ଖେଳାଳି ଶରତ ଦଳାଇଙ୍କ ପରଲୋକ

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗାଁର ଜଣାଶୁଣା ପୂର୍ବତନ ଫୁଟବଲ ଖେଳାଳି ଶରତ ଦଲାଇ (୫୫)ଙ୍କ ଗୁରୁବାର ପରଲୋକ ହୋଇଛି। ଚନ୍ଦନଭାଟି ଫୁଟବଲ ଟିମ୍‌ର ଅଧିନାୟକ ପଦରେ ଦୀର୍ଘବର୍ଷ ଧରି ରହି ଦଳକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ କରିଥିଲେ। ଖେଳ ଛାଡିବା ପରେ ମଧ ଗାଁରେ ଫୁଟବଲ ଖେଳର ପ୍ରଚାର ପ୍ରସାର ଏବଂ ଟିମ୍‌କୁ ଉଚିତ୍ ପରାମର୍ଶ ଦେଇ ଆସୁଥିଲେ। ତେବେ କିଛି ମାସ ତଳେ ସେ ଅସୁସ୍ଥ ହୋଇପଡିଥିଲେ। ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ, ପୁଅ ରାକେଶ, ଝିଅ ଶ୍ରାବଣୀ ଅଛନ୍ତି। ତାଙ୍କ ବିୟୋଗରେ ଏହି ଅଞ୍ଚଳର ସମସ୍ତ ଫୁଟବଲ ଖେଳାଳି ଓ ଗ୍ରାମବାସୀ ଶୋକ ପ୍ରକାଶ କରିଛନ୍ତି।


ଶରତ ଦଳାଇ।

# ଶୁଟିଂ ରାଇଫଲ ଟ୍ରେନିଂ କ୍ୟାମ୍ପ, କମ୍ପିଟେସନ ଉଦ୍‌ଯାପିତ


ଶୁଟିଂ ରାଇଫଲ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ବୁଧବାର ଶୁଟିଂ ରାଇଫଲ ଟ୍ରେନିଂ କ୍ୟାମ୍ପ ଓ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ଶୁଟିଂ ରାଇଫଲ ଆସୋସିଏସନ ସଭାପତି କଳିକେଶ ନାରାୟଣ ସିଂଦେଓ, ପୌରାଧକ୍ଷା ଲିଜା ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଆସୋସିଏସନ ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସାୟଦ ଅଫତାବ ହୁସେନ୍ ସଭା ପରିଚାଳନା କରିଥିଲେ। କମିଟିର ବରିଷ୍ଠ ସଦସ୍ୟ ଖୁସ୍ତୁ ବେହେରା ଓ ଗୁଞ୍ଜ ଖାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜୁନିୟର ବର୍ଗରେ ଆଶୁତୋଷ କୁମାର ଦର୍ଜୀ ରୌପ୍ୟ ପଦକ ଏବଂ ସୌମ୍ୟସିଦ୍ଧା ମିଶ୍ର ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଜୁନିୟର ମହିଳା ଗ୍ରୁପରେ ଲୁବନ ବେଗମ ସ୍ୱର୍ଣ୍ଣ ପଦକ, ନିଲାକ୍ଷି ଠାକୁର ରୌପ୍ୟପଦକ, ଗିମା ପ୍ରଧାନ ବ୍ରୋଞ୍ଜ ପଦକ, ସିନିୟର ମହିଳା ବର୍ଗରେ ମଧୁସ୍ମିତା ମାଝି ସ୍ୱର୍ଣ୍ଣ ପଦକ, ସିନିୟର ପୁରୁଷ ବର୍ଗରେ ମହମ୍ମଦ ସର୍ଫରାଜ ସ୍ୱର୍ଣ୍ଣ ପଦକ, ସାୟଦ ସବୀର ହୁସେନ ରୌପ୍ୟ, ସୌମ୍ୟ ସ୍ୱରୂପ ସାହାଣୀ ବ୍ରୋଞ୍ଜ ପଦକ ହାସଲ କରିଥିବା ସୂଚନା ଦିଆଯାଇଛି। ମାଷ୍ଟର ମେଲ୍ ଗ୍ରୁପରେ ବ୍ରଜଦେବ ମେହେର ସ୍ୱର୍ଣ୍ଣ, ଓୟାହିଦ ଖାନ ରୌପ୍ୟ, ଡ. ରଞ୍ଜନ କୁମାର ଭୋଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସାୟଦ ଜମାଲ ହୁସେନ, ମାନସ ରଞ୍ଜନ ବାବୁ ଓ ବିକାଶ କୁମାର ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ। ଶେଷରେ ଗୁଞ୍ଜ ଖାନ୍ ଧନ୍ୟବାଦ ଦେଇଥିଲେ।

# ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ଖପ୍ରାଖୋଲ,୯।୧୦(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ଥାନା ଭାନପୁର ପଞ୍ଚାୟତ ଦାନାମାଳ ଗାଁରେ ଜଣେ ଯୁବକ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଦାନାମାଳ ଗାଁର ଶେଷଦେବ ବାରିକଙ୍କ ପୁଅ ବସୁଦେବ ବାରିକ (୪୦) ସୂଚନା ଅନୁସାରେ, ବସୁଦେବ ବେକରେ ଦଉଡି ଦେଇ ଚାଷ ଜମିରେ ଥିବା ଏକ ଆମ୍ବ ଗଛରେ ଝୁଲି ପଡିଥିଲେ। ଖବରପାଇ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ ହେଁ ମରିଯାଇଥିବା ଜାଣି ବୁଧବାର ଖପ୍ରାଖୋଲ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନାରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ମୃତ ଯୁବକଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଥିବା ଜଣାଯାଇଛି।


ପୁଇଁତଲା ବ୍ଲକର ଆଟଗାଁ ଠାରେ ହୋଇଥିବା ପୁଡ଼ାପାଟ ଯାତ୍ରା।


ଚୟନ ଶିବିରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ସହ ଅତିଥିମାନେ।

# ଉତ୍ପାଦକ ଗୋଷ୍ଠୀ ମହିଳାଙ୍କ ବ୍ୟବସାୟିକ ତାଲିମ ଶିବିର


ତାଲିମ ଶିବିରରେ ଯୋଗଦେଇଥିବା ସଦସ୍ୟାମାନେ।

**ଖପ୍ରାଖୋଲ,୯।୧୦(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ପାଦକ ଗୋଷ୍ଠୀ ମହିଳାଙ୍କ ବ୍ୟବସାୟିକ ତାଲିମ ଶିବିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକଳ୍ପ ତରଫରୁ ଅନୁଷ୍ଠିତ ହୋଇଯାଇଛି। ବିକଳ୍ପର ବ୍ଲକ ସଂଯୋଜକ ସୁରେଶ ବେହେରା ଅଧ୍ୟକ୍ଷତା କରିଥିଲେ। ଲିଙ୍ଗରାଜ ପଟେଲ ତାଲିମ ଦାତା ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ବିଜ୍ଞ କୃଷି ଉତ୍ପାଦନ, ଦର ନିର୍ଦ୍ଧାରଣ, ବିଭକ୍ତିକରଣ, ବିକ୍ରିବଟା, ବ୍ୟବସାୟ ଉପରେ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ଉତ୍ପାଦକ ଗୋଷ୍ଠୀର ସଦସ୍ୟା ସହିତ ତପନ କଲାରି, ଯୋଗିନ୍ଦ୍ର ଦୀପ, ସନ୍ତୋଷ ଠାକୁର, ରବୀନ୍ଦ୍ର ବରିହା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତପନ କଲାରୀଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ଧର୍ମସିଂ ମାଝି ମାନ୍ଧାତାଙ୍କ ସ୍ମୃତି ପୀଠରେ ପୁଡ଼ାପାଟ ଯାତ୍ରା ଉଦ୍‌ଯାପିତ

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଖାଙ୍କର)**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ଆଟଗାଁସ୍ଥିତ ଶହୀଦ ଧର୍ମସିଂ ମାଝି ମାନ୍ଧାତାଙ୍କ ସ୍ମୃତି ପୀଠରେ ଅନୁଷ୍ଠିତ ପ୍ରସିଦ୍ଧ ପୁଡ଼ାପାଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗତ ୨୯ ସେପ୍ଟେମ୍ବରରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ନିଶିଯାତ୍ରା, ୩୦ରେ ଛତର ଯାତ୍ରା ଓ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପୁଡ଼ାପାଟ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ପାରମ୍ପରିକ ପୂଜା କରାଯାଇଥିଲା। ଏହି ଯାତ୍ରା ପରିଚାଳନାରେ କାଳିନ୍ଦ୍ରୀ ମାଝି, ମୟ ପ୍ରଧାନୀ, ମୁଖ୍ୟକର୍ତ୍ତା ଚମାର ସିଂଭୋଇ ଏବଂ ତାଙ୍କ ପତ୍ନୀ ସବିତା ଭୋଇ ଉପସ୍ଥିତ ଥିଲେ। ମୁଖ୍ୟ ପୁଜକ ସୋମନାଥ ବେହେରିଆ, ଛତ୍ରିଆ କଳାକାହୁ ମାଝି, ବରିହା ଗଣ୍ଡ, ଧରୁଆ ଜଗଦୀଶ କୁଅଁର, ଅନନ୍ତା ବେହେରିଆ, ସୁଶାନ୍ତ ମଲ୍ଲିକ, ସନ୍ତୋଷ କାଲସାଏ, ହରେକୃଷ୍ଣ ନାଗ, ସୁକେଶ କୁଅଁର ଓ ଆକୁଳ ମଲ୍ଲିକ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଜୋନସ୍ତରୀୟ ଫୁଟବଲ ଓ କବାଡି ଖେଳାଳି ଚୟନ ଶିବିର

**ଲାଠୋର,୯।୧୦(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସଦର ଗ୍ରାମ ଶ୍ରୀଦୁର୍ଗେଶ୍ୱରି ହାଇସ୍କୁଲ ଖେଳପଡିଆଠାରେ ଶୁକ୍ରବାର ଜୋନସ୍ତରୀୟ ଫୁଟବଲ, କବାଡି ଏବଂ ଆଥଲେଟିକ୍ସ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମିର ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ଖେଳ ଶିକ୍ଷକ ସଦାନନ୍ଦ ବେହେରା, ପୂର୍ବତନ ଛାତ୍ର ସଂଘ ଅଧ୍ୟକ୍ଷ ଅଞ୍ଜୁର ମାଝି, କପିଳ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲାଠୋର ଶ୍ରୀଦୁର୍ଗେଶ୍ୱରି ହାଇସ୍କୁଲ, ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ସ୍କୁଲ, କରୁଆଁଖର ହାଇସ୍କୁଲ, ସରେଇବାହାଲ ପଞ୍ଚାୟତ ହାଇସ୍କୁଲ ଏବଂ ମାଲପଡା ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ସ୍କୁଲରୁ ମୋଟ ୬୬ ଜଣ ଛାତ୍ରଛାତ୍ରୀ ଏହି ଚୟନ ଶିବିରରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ମୋଟ ୪୫ ଜଣ ଛାତ୍ରଛାତ୍ରୀଙ୍କୁ ଆଗାମୀ ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଖେଳ ଶିକ୍ଷକ ବୋଲ ଗୋବିନ୍ଦ ମୁଣ୍ଡା, କୃଷ୍ଣଚନ୍ଦ୍ର ଭୁଏ, ପ୍ରଦୀପ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସିକୁଆଁରୁ ବିଜେଡିର ପଦଯାତ୍ରା ଆରମ୍ଭ

**ଦେଓଗାଁ,୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ଟି ଜୋନରେ ଗୁରୁବାର ସିକୁଆଁ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ପରିସରରୁ ପଦଯାତ୍ରା ଆରମ୍ଭ ହୋଇଛି। ସାରା ରାଜ୍ୟରେ ଏକମାସ ଧରିହେବାକୁଥିବା ଏହିଜନସମ୍ପର୍କ ପଦଯାତ୍ରାରେ ଜନସାଧାରଣଙ୍କୁ ବିଜେଡି ସରକାର ସମୟରେ ହୋଇଥିବା ଉନ୍ନୟନ କାର୍ଯ୍ୟ ତଥା ସଫଳତା ସମ୍ପର୍କରେ ଅବଗତ କରିବା ସହ ବର୍ତ୍ତମାନର ରାଜ୍ୟ ସରକାରର ବିଫଳତା ନେଇ ସଚେତନ କରାଯିବ ବୋଲି ସୂଚନା ଦିଆଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଥିଲା। ଏହି ପଦଯାତ୍ରାରେ ବଲାଙ୍ଗୀର ପୌରାଧକ୍ଷା ଲିଜା ସାହୁ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟା ମମତା କୁଜୁରା, ସୁମତୀ ସେଠ, ଅନ୍ତର୍ଯ୍ୟାମୀ ଭୋଇ, ଦିପକ କୁମାର ବେହେରା,ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ସମିତି ସଭ୍ୟା ରୁମି ସେଠ, ସମିତି ସଭ୍ୟ ଅଭିମନ୍ୟୁ ମାଝୀ, ମିଡିଆ ସେଲ୍ ମୁଖ୍ୟ ବିଭୂତି ଭୂଷଣ ମିଶ୍ର ତଥା ଦଳୀୟ କର୍ମକର୍ତ୍ତାମାନେ ସାମିଲ ଥିଲେ। ଏହି ପଦଯାତ୍ରା ସିକୁଆଁ ସମେତ ବଡବନ୍ଧ, ସିଲେଟକାନି ଗାଁରେ କରିଥିଲେ।



ଦେଓଗାଁ ବ୍ଲକ ସିକୁଆଁ ଶିବମନ୍ଦିର ପରିସରରୁ ବାହାରି ଥିବା ପଦଯାତ୍ରା।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଲୋକେ ହଇରାଣ

**ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗ୍ରାମ୍ୟ ବସ୍ତିର ଚାରିଛକରେ ରାସ୍ତା ମଝିରେ ଏକ ବିଦ୍ୟୁତ ଖୁଣ୍ଟ ରହିଛି। ଏହି ଖୁଣ୍ଟ ଯୋଗୁ ସ୍ଥାନୀୟ ଗ୍ରାମବାସୀ ଏବଂ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ବିଭିନ୍ନ ଗ୍ରାମର ଯାତ୍ରୀଙ୍କ ଅନେକ ସମୟରେ ହଟହଟା ହେବାକୁ ପଡୁଛି। ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଅପସାରଣ ନେଇ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ୍ୟ ସୁଫଳ ମିଳିପାରୁନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ବସ୍ତି ଦେଇ ପଞ୍ଚାୟତ ଅଧୀନ ବଳଦେବପୁର, ଅଗଲାପାଲି, ଚୌହାନପାଲି ଆଦି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଯାଇଥାନ୍ତି। ସ୍କୁଲ, କଲେଜ ଛାତ୍ରୀ ଉକ୍ତ ରାସ୍ତା ଦେଇ ଯାଇଥାନ୍ତି। ଏହାଛଡା ଲୋଇସିଂହା, ଆଗଲପୁର ବ୍ଲକ ସମେତ ପଡୋଶୀ ସୁବର୍ଣ୍ଣପୁର ଜିଲାର ଲୋକେ ବୁର୍ଡ଼ା-ସୋନପୁର ପିଚୁରୁଟି ରାସ୍ତାକୁ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ହେଲେ ଉକ୍ତ ଚାରିଛକରେ ଥିବା ଖୁଣ୍ଟ ଅନେକ ସମୟରେ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଚାରିଚକିଆ ଯାନ, ବାଇକରେ ଯିବାଆସିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଚାରିଛକ ମୋଡାଣି ଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରିବାକୁ ସାଧାରଣରେ ଦାବି ହେଉଛି।


ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ।

**ବିଦ୍ୟୁତ୍ ଖୁଣ୍ଟ ଅପସାରଣ ଦାବି**

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ସହରର ସୁପ୍ରିୟା ମାର୍ଗ ଅଞ୍ଚଳ ନିବାସୀ କବିତା ଦର୍ଜୀ (୫୬)ଙ୍କ ହୃଦ୍‌ଘାତରେ ଗୁରୁବାର ପରଲୋକ ହୋଇଛି। ଦର୍ଜୀ ଖୁବ୍ ମେଳାପୀ ଓ ଧର୍ମପରାୟଣା ମହିଳା ଥିଲେ । ବଡ଼ପୁଅ ସୁମେତ ମୁଖାଗ୍ନି ଦେଇଥିଲେ। ଶେଷ ଦର୍ଶନ ପାଇଁ ବରିଷ୍ଠ ନାଗରିକ ସଂଘର ସଦସ୍ୟ କେଦାର ମିଶ୍ର, ସଞ୍ଜୀବ ମହାପାତ୍ର, ଡା. ଅଜିତ ଦର୍ଜୀ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପଡ଼ାବାସୀମାନେ ତାଙ୍କ ପରଲୋକ ଉପରେ ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସହାନୁଭୂତି ଜଣାଇଛନ୍ତି।

## ସଂକ୍ଷେପରେ

### ଲଟାମରା ଔଷଧ ମାରି ଫସଲ ନଷ୍ଟ ଘଟଣା, ୨ ଗିରଫ

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମର ଗତମାସ ୨୯ତାରିଖରେ କୋବି ଏବଂ ଧାନ ଫସଲରେ ଲଟାମରା ଔଷଧ ସିଞ୍ଚନ କରି ଫସଲ ନଷ୍ଟ କରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଜମୁର୍ଡା ଗ୍ରାମର ପ୍ରିୟାଂଶୁ ବିଶ୍ୱାଳ ଏବଂ ତାଙ୍କ ଶ୍ରମିକ ଢୁଲୁ ବୁଡେକ। ସେମାନଙ୍କ ବିରୋଧରେ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶଥାଉକି, ଗତ ୨୯ତାରିଖ ବିଳମ୍ବିତ ରାତିରେ ଜମୁର୍ଡା ଗ୍ରାମର ପ୍ରେମାନନ୍ଦ ଭୁଏ ଏବଂ ଅନ୍ୟ କେତେକ ଚାଷୀଙ୍କ କୋବି, ଧାନ ଫସଲରେ ଲଟାମରା ଔଷଧ ସିଞ୍ଚନ କରି ଦେବା ଯୋଗୁ ଫସଲ ଜଳି ଯାଇଥିଲା। ଏ ନେଇ ପ୍ରେମାନନ୍ଦ ପୋଲିସରେ ଏତଲା ଦେଇଥିଲେ ଏବଂ ବିଭିନ୍ନ ଚାଷୀ ସଂଗଠନ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ।

### ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା:ଦ୍ୱିତୀୟ ସ୍ଥାନରେ ଆର୍ଯ୍ୟନ ଦେହେରି




ବରପାଲି,୯।୧୦(ଚିତ୍ତରଞ୍ଜନ ସାହୁ) : ବରପାଲି ଅଞ୍ଚଳର ଆର୍ଯ୍ୟନ ଦେହେରି ସର୍ବ ଭାରତୀୟ ଭାରୋତ୍ତୋଳନରେ ଭାଗନେଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗତ ୩ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ୱାଲ୍ଡ ପାୱାର ଲିଫ୍ଟିଂ ଫେଡେରେଶନ ଓ ଇଣ୍ଡିଆ ପାୱାର ଲିଫ୍ଟିଂ ଫେଡେରେଶନ ଆନୁକୂଲ୍ୟରେ ଏହି ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ବର୍ଷୀୟ ଆର୍ଯ୍ୟନ ଭାଗ ନେଇ ୧୦୦ କିଲୋଗ୍ରାମ ଭାରୋତ୍ତୋଳନ କରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବରପାଲି ନିକଟସ୍ଥ କାଇଁଶିର ଗ୍ରାମର ଜୟନ୍ତୀ ଦେହେରି ଓ ଅଖିଳେନ୍ଦ୍ର ଦେହେରିଙ୍କ ପୁତ୍ର ଆର୍ଯ୍ୟନ ବର୍ତ୍ତମାନ ବରଗଡ଼ର ବିଦ୍ୟାସାଗର ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର। ସେ ନିଜ ବାପା, ମା' ଓ ଶୁଭେଚ୍ଛୁମାନଙ୍କୁ ଏହି କୃତିତ୍ୱର ଶ୍ରେୟ ଦେଇଛନ୍ତି।

### ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବୌଦ୍ଧ,୯।୧୦(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଭୈରବୀ ଛକଠାରେ ଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବୌଦ୍ଧର ସ୍ୱୟଂସେବକମାନେ ସଫେଇ କରିବା ସହ ଓ ପୂଜନ କାର୍ଯ୍ୟକ୍ରମ କରିଥିଲେ।

### ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ): ବରଗଡ଼ ରାଣାପ୍ରତାପ ସ୍କୁଲରେ ଗୁରୁବାର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଶିଶୁ ସାହିତ୍ୟ ସଂସଦର ଅଧ୍ୟକ୍ଷା ଛାତ୍ରୀ ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦିକା ଛାତ୍ରୀ ଶାଳିନି ସାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଶିକ୍ଷକ ଅଭିଭାବକ ସଂଘ ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ, ଆଲୁମୁନି କମିଟି ସଦସ୍ୟ କପିଳ ବାଗ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଗୋପବନ୍ଧୁଙ୍କୁ ଅସହାୟର ସହାୟ ଓ ଦୁଃଖୀ ଦରିଦ୍ରଙ୍କ ବନ୍ଧୁ ଥିଲେ ବୋଲି ଅଭିହିତ କରି ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅତିଥିବୃନ୍ଦ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୋପବନ୍ଧୁଙ୍କ ଜୀବନୀ ଆଧାରିତ ବକ୍ତୃତା ଓ କବିତା ପାଠ କରିଥିଲେ। ସଂସଦର ଉପଦେଷ୍ଟା ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଜ୍ଞାନିକ ମନୋଭାବ ପୋଷଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ବରଗଡ଼/ଭଟଲି,୯।୧୦ (ପ୍ରେମାନନ୍ଦ ଖମାରୀ/ବିଜୟ ମେହେର)



ଅମ୍ବାଭୋନା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବରଗଡ଼ ଜିଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଲୋଚନା ହୋଇଥିଲା। ଅମ୍ବାଭୋନା ବ୍ଲକର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସିଆର୍‌ସିସି କେଦାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୟ କୁମାର ସୋଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବ୍ଲକ ବିଜ୍ଞାନ ଫୋରମର ସଭାପତି ତଥା ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ସୋଏ ଛାତ୍ରୀଛାତ୍ରମାନେ ସଦାସର୍ବଦା ବୈଜ୍ଞାନିକ ମନୋଭାବ ପୋଷଣ କରିବା ପାଇଁ ଉଦ୍ୟମ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବିଚାରକ ଭାବରେ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟାପକ ଆଶିଷ ପୂଜାରୀ, ଭୁକ୍ତା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁନ୍ଦର ସାଏ ପଟେଲ ଏବଂ ଶିକ୍ଷକ ପରମେଶ୍ୱର ରଥ ଆଲୋଚନାଚକ୍ରର ମୂଲ୍ୟାୟନ କରିଥିଲେ। ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଲଖନପୁର କମଳ ସିଂ ଦେଓ ହାଇସ୍କୁଲ ଛାତ୍ର ପ୍ରିୟାଂଶୁ ସାହୁ, କେଦାର ନାଥ ଆଦିବାସୀ ହାଇସ୍କୁଲର ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ କୁମୁରା ଏବଂ ଅମ୍ବାଭୋନା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପାୟଲ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ତପେଶ୍ୱର ପଧାନ, ପ୍ରଣୟ ରଞ୍ଜନ ଭୁଏ, ସନ୍ତୋଷ ମାଝୀ, ଭୀଷ୍ମଦେବ ପ୍ରଧାନ, ଶିକ୍ଷୟିତ୍ରୀ ରୀନା କୁମାରୀ ମେହେରଙ୍କ ସମେତ ବ୍ଲକର ସମସ୍ତ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭଟଲିସ୍ଥିତ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ସଭାପତିତ୍ୱ କରିଥିଲେ। ଏହି ଆଲୋଚନାଚକ୍ରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୀତାରାଣୀ ତ୍ରିପାଠୀ ଅତିଥିଭାବେ ଯୋଗ ଦେଇଥିଲେ। ବରଗଡ଼ ପାର୍ବତୀ ଗିରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱଜିତ ସାହୁ ଏବଂ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ମହାନନ୍ଦ ବିଚାରକ ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଭଟଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲିପସା ପଣ୍ଡା ଏବଂ ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କ୍ଷଣିକା ପ୍ରସନ୍ନା ଷଡ଼ଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ଉନ୍ନୀତ ହୋଇଥିଲେ। ଆଲୋଚନା ଚକ୍ରକୁ ବ୍ଲକ ବିଜ୍ଞାନ ଫୋରମର ସାଧାରଣ ସମ୍ପାଦକ ତଥା ଶିକ୍ଷକ ଉପେନ୍ଦ୍ର ଖମାରୀ ପରିଚାଳନା କରିଥିବାବେଳେ ଶିକ୍ଷକ ସୁବୋଧ ସାହୁ ପୁରସ୍କାର ବିତରଣୀରେ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଜତ ଜୟନ୍ତୀ ଉପଲକ୍ଷେ ରକ୍ତଦାନ

ଗାଇସିଲେଟ,୯।୧୦(ଦୁର୍ଗପ୍ରସାଦ ତ୍ରିବେଦି): ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୯୦ ଜଣ ରକ୍ତ ଦାନ କରିଥିଲେ। ଶିବିରକୁ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଁ ସରସ୍ୱତୀଙ୍କ ନିକଟରେ ପୂଜା ଅର୍ଚ୍ଚନା ପରେ ଫିତା କାଟି ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍କୁଳ ପ୍ରମୁଖ ଦାଦଶ ପଧାନ, ପୂର୍ବତନ ସମ୍ପାଦକ ସଞ୍ଜୟ ପୁରୋହିତ, ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା, ପରିଚାଳନା ସମିତିର ସଭାପତି ଅରୁଣ କୁମାର ପୁରୋହିତ, ସମ୍ପାଦକ ବୁଦ୍ଧଦେବ ପୁରୋହିତ, ଶାଶ୍ୱତ ପୁରୋହିତ, ସୌରଭ କୁମାର ତ୍ରିବେଦୀ, ସଦସ୍ୟା ରୀନା ସାହୁ ତଥା ପରିଚାଳନା ସମିତିର ସମସ୍ତ ସଦସ୍ୟା ସଦସ୍ୟ ଓ ସମସ୍ତ ଗୁରୁଜୀ ଗୁରୁମା' ଉପସ୍ଥିତ ରହି ସହଯୋଗ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀ ଅମର୍ଜିତ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ସୁବାସ ଭୋଇ, ଶ୍ରୀବଶ୍ୟ ସେଠ ଓ ମହେନ୍ଦ୍ର ମେହେର ରକ୍ତ ସଂଗ୍ରହ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

ସୋହେଲା,୯।୧୦(ଅଶ୍ୱିନୀ କୁମାର ପାତ୍ର)




ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ବରଗଡ଼ ଜିଲା ସୋହେଲା ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ ଜିଲା ରାଉରକେଲା ସେକ୍ଟର ୨୦ର ସୁଜିତ ମହାରଣା (୩୬) ଓ ବିହାର ମୂଳ ନିବାସୀ ତଥା ବର୍ତ୍ତମାନ ରାଉରକେଲାରେ ରହୁଥିବା ଅଜିତ ଅହମ୍ମଦ ଖାନ ଓରଫ ଜାନି (୫୨) ଓ ବରଗଡ ଜିଲା ପାଇକମାଳର ରମାକାନ୍ତ ମିଶ୍ର ଓରଫ ବୁଲୁନ (୩୦)। ସେମାନଙ୍କଠାରୁ ଏକ ଦେଶୀ ପିସ୍ତଲ, ଫୁଟା ଓ ଅଫୁଟା ଗୁଳି, ଧାରୁଆ ମାରଣାସ୍ତ୍ର ଓ ଗୋଟିଏ ଦାମୀ ଗାଡି ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ନଂ. ୩୦୮/୨୫ରେ ଏକ ମାମଲା ରୁଜୁ କରାଯାଇଛି।

ବୁଧବାର ରାତିରେ ସୋହେଲା ପୋଲିସ ସୂଚନା ପାଇ ଢିପାପଡ଼ା ନିକଟରେ ଯାଇଥିବା ଧୂସରବାହାଲ ରାସ୍ତାରେ ସନ୍ଦେହଜନକ ଭାବେ ଏକ ଗାଡିକୁ ଅଟକାଇ ଖାନ ତଲାସି କରିଥିଲା। ଫଳରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତଠାରୁ ଏକ ମହିନ୍ଦ୍ରା ଜାଇଲୋ ଗାଡି (ନମ୍ବର ଓଡି ୧୪-୮୮୭୭), ଏକ ଦେଶୀ ବନ୍ଧୁକ, ୩ଟି ଜୀବନ୍ତ ଗୁଳି ( ୭.୬୫ଏମଏମ), ୩ଗୋଟି ଖାଲି କାର୍ତ୍ରିଜ ( ୭.୬୫ ଏମଏମ), ଏକ ଧଳା ରଙ୍ଗର ଷ୍ଟିକ, ଲୁହା କଟୁରି, ୧୦୦ଗ୍ରାମ ଲଙ୍କାଗୁଣ୍ଡ, ଗୋଟିଏ ଲାଲରଙ୍ଗର ଟର୍ଚ୍ଚ ଏବଂ ୫ ଗୋଟି କଳାରଙ୍ଗର ମୁଖା କପଡା ଆଦି ଜବତ କରାଯାଇଛି । ଏହି ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଆଇଆଇସି ହରିଶଙ୍କର ଭୋଇଙ୍କ ଉପସ୍ଥିତିରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ସବର ସୋହେଲା ଥାନାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଅଭିଯୁକ୍ତ ରମାକାନ୍ତ ମିଶ୍ର ଓରଫ ବୁଲୁନଙ୍କ ବିରୋଧରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ଓ ଜଗଦଲପୁର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ବେଳେ ସୁଜିତ ମହାରଣାଙ୍କ ବିରୋଧରେ ଧଉଳି ଥାନାରେ ମଧ ମାମଲା ରହିଥିବା ପୋଲିସ ସୂଚନା ଦେଇଛନ୍ତି ।

### ୨ ଫେରାର, ଦେଶୀ ବନ୍ଧୁକ ସହିତ ଗୁଳି ଓ ଗାଡ଼ି ଜବତ

## ବିଶ୍ୱ ଦୃଷ୍ଟି ଦିବସ ପାଳିତ

ବୌଦ୍ଧ,୯।୧୦(ଅଜିତ କୁମାର ବାରିକ)

ବୌଦ୍ଧ ସହରର ମର୍ଯ୍ୟାକୁଦସ୍ଥିତ ପିତାବଳୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସଂଘମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସାନ୍ତା ନିବେଦିତା, ଚକ୍ଷୁ ରୋଗ ବିଶେଷଜ୍ଞ ଡ. ବଲ୍ଲଭ ପ୍ରଧାନ ଯୋଗ ଦେଇ ଆଖିକୁ ଭଲ ପାଇବା ସହ ଏହାର କିପରି ଯତ୍ନ ନିଆଯିବ ସେ ନେଇ ସଚେତନ କରାଇଥିଲେ। ପରେ ବରିଷ୍ଠ ନାଗରିକମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଆଶାକର୍ମୀ, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

## ସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର

ପାଇକମାଳ,୯।୧୦(ବଢ଼ ଶତପଥୀ)

ପାଇକମାଳ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଅଦନ ସୁନା ଓ ବ୍ଲକ ତରଫରୁ ମୁଖ୍ୟ ବିଜ୍ଞାନ ସଞ୍ଚାଳକ ଭାବରେ ସମ୍ମାନିତ ଅତିଥି ଭବାନୀ ଶଙ୍କର ଭୋଇ ଯୋଗଦେଇଥିଲେ। ଉକ୍ତ ସେମିନାରରେ ୧୯ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଚାରକ ରୂପେ ଝାରବନ୍ଧ ବ୍ଲକର ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଓ ଧ୍ରୁବ ଚରଣ ସାହୁ କାମ ତୁଲାଇ ଥିଲେ। ଚୟନ ହୋଇଥିବା ପ୍ରଥମ ସ୍ଥାନରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରିତୁ ସାହୁ, ଦ୍ୱିତୀୟ ସ୍ଥାନରେ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରତୀ ଡନସନା ଓ ୩ୟ ସ୍ଥାନରେ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳର କ୍ଷୀତିଚନ୍ଦ୍ର ମାହାର ରହିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ପରିଶେଷରେ ନିରୁପମା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକନ୍ୟା ମଦନାବତୀଙ୍କୁ ବିବାହ ନାଟକ ମଞ୍ଚସ୍ଥ



କାର୍ଯ୍ୟକ୍ରମରେ ଅଭିନୟ କରିଥିବା କଳାକାରମାନେ।

### ପଲଶାଗୋରା ମୁରାସୁର ଦରବାର ଦ୍ୱିତୀୟ ସନ୍ଧ୍ୟା

ପଲଶାଗୋରା,୯।୧୦(ଅଶ୍ୱିନୀ କୁମାର ନନ୍ଦ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟାରେ ମୁରାସୁରର ଭୋପାଳପୁରୀ ଆକ୍ରମଣ ଓ ଭୋପାଳେଶ୍ୱରଙ୍କୁ ପରାସ୍ତ କରି ରାଜକୁମାରୀ ମଦନାବତୀଙ୍କୁ ବିବାହ ନାଟକ ମଞ୍ଚସ୍ଥ ହୋଇଥିଲା। ମୁରାସୁରଙ୍କ ରାଜକୀୟ ଅତିଥି ଭାବେ ସ୍ୱେଚ୍ଛାସେବୀ ଶ୍ରୀକାନ୍ତ ମିଶ୍ର, କନ୍ଧମାଳ ଏମ୍‌ପିଙ୍କ କଣ୍ଟାମାଳ ପ୍ରତିନିଧି ଦୀପକ ବାରିକ, ଶିମିଳି ପଦର ପଞ୍ଚାୟତର ସରପଞ୍ଚ ସାର୍ଦୁଲ ନାଗ, କମିଟି ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ବିଘ୍ନେଶ ପ୍ରଧାନ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସଭାକୁ ଅଚ୍ୟୁତ ଖମାରି ପରିଚାଳନା କରିଥିଲେ। ନାଟକରେ ମୁରାସୁର ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଅଭିନେତା ହୃଷୀକେଶ ଭୋଇ ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର, ଅଭିନୟ କରୁଛନ୍ତି। ଏଥିସହିତ ଶ୍ରଦ୍ଧାଳୁ ମିନବଜାରର ଭରପୂର ମଜା ଉଠାଇଥିବା ଦେଖିବାକୁ ମିଳିଥିଲା।

# ଖୁଣ୍ଟିଗୋରାରେ ନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଘଣ୍ଟାପଡା,୯।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରାରେ ବୁଧବାର ବରୁଳ ବୁଢ଼ା ଯାତ୍ରା ଉପଲକ୍ଷେ ନାଇଟ କ୍ରିକେଟ କ୍ଲବ୍ ଉପଦେଷ୍ଟା ଲମ୍ବୋଦର ବେହେରାଙ୍କ ନେତୃତ୍ୱରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ମହିଧର ରଣା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ଏମ୍‌ପିଙ୍କ କଣ୍ଟାମାଳ ବ୍ଲକ ପ୍ରତିନିଧି ଦୀପକ ବାରିକ, ଜିଲା ଶିକ୍ଷକ ସଂଘ ସଭାପତି ନୀଳାଚଳ ଭୋଇ, ଭାରପ୍ରାପ୍ତ ସରପଞ୍ଚ ରବି ମହାକୁଡ଼, ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ର, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ସମିତି ସଭ୍ୟା ପ୍ରତିନିଧି ସୁଧୀର ସାହୁ, ଭାଜପା ନେତା ଅନିଲ ପ୍ରଧାନ, ଖବରଦାତା ପ୍ରଭାତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ବଂଶୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶଙ୍କର ସାହୁଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାରେ କୁନି କୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କଳାକାର ସୁରଜ, ସୁନିତ, ସୁଜିତ, ରଶ୍ମିବାଳା ଓ ଯୁଗଳ ବିଚାରକ ଥିଲେ। ନାଇଟ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଉପଲକ୍ଷେ ମସିଣାଗୋରାରେ ମଧ ରାମଲୀଳାର ସୀତା ଚୋରି ଗୀତାଭିନୟ ନାଟକ ପରିବେଷିତ ହୋଇଥିଲା।

## ଶକ୍ତି ନଗର ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମ୍ୟୁନିସିପାଲଟି ଅନ୍ତର୍ଗତ ଶକ୍ତି ନଗର (ୱାର୍ଡ ନଂ- ୧୧)ରେ ଗୁରୁବାର ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମାଁ ଗଜଲକ୍ଷ୍ମୀଙ୍କର ଉପଚାର ପୂଜା, ଲକ୍ଷ୍ମୀ ସହସ୍ରନାମ, ହୋମ ଯଜ୍ଞ, ଅଷ୍ଟଲକ୍ଷ୍ମୀ ପୂଜା, ପୂର୍ଣ୍ଣାହୁତି, କଳସ ବିସର୍ଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତାଭାବେ ପ୍ରକାଶ ରଥ ସସ୍ତ୍ରୀକ କାର୍ଯ୍ୟ ନିର୍ବାହ କରିଥିବା ବେଳେ ପାର୍ଶ କର୍ତ୍ତା ଭାବେ ପର୍ଯ୍ୟାୟକ୍ରମେ ତୁଳସୀ ଚରଣ ଦାଶ, ମନୋରଞ୍ଜନ ପୂଜାରୀ, ଅଚ୍ୟୁତାନନ୍ଦ ମହାପାତ୍ର ଓ ଯଶସ୍ୱିନୀ ମହାପାତ୍ର, ଭୀଷ୍ମଦେବ ସରାଫ ଓ ସଂଘମିତ୍ରା ସରାଫ, ବିଭୂତି ଭୂଷଣ ଦାଶ, ଟିଙ୍କୁ ନନ୍ଦ, ମାନସ ଚାନ୍ଦ, ଜିବେଶ ନାଏକ ପ୍ରମୁଖ ସସ୍ତ୍ରୀକ ପାର୍ଶ୍ୱ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ନରେଶ ମିଶ୍ର, ଅନନ୍ତ ଶତପଥୀ, ଆନନ୍ଦ ଷଡ଼ଙ୍ଗୀ, ବିଶ୍ୱନାଥ ଶତପଥୀ ଓ ସହଯୋଗୀ ରାଧେଶ୍ୟାମ ମହାପାତ୍ର ମନ୍ତ୍ର ଉଚ୍ଚାରଣ ଓ ବିଧିମତେ ପୂଜାକାର୍ଯ୍ୟ ସମାପନ କରୁଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ପୌରପାଳିକା ଅଧ୍ୟକ୍ଷା କଳ୍ପନା ମାଝୀ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, କାଉନସିଲର ସୁନନ୍ଦା ପଣ୍ଡା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀବୃନ୍ଦଙ୍କ ସମେତ ଅନେକ ମାନ୍ୟଗଣ୍ୟ ଲୋକ ମାଁ ଗଜଲକ୍ଷ୍ମୀଙ୍କ ପୂଜାରେ ଯୋଗଦେଇ ମାଁଙ୍କ ଆର୍ଶିବାଦ ପ୍ରାପ୍ତ କରିଥିଲେ। ନିପନ ଦାଶ, ସୁରେଶର ଶତପଥୀ, ଡ଼ା. ଅରୂପାନନ୍ଦ ସାହୁ, ଅଙ୍କୁର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାର ଦୁରବସ୍ଥା ନେଇ ଆନ୍ଦୋଳନ

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର- ଭେଡେନ ରାସ୍ତା ଏବଂ ଏହି ରାସ୍ତାରୁ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାର ଦୁରାବସ୍ଥା ନେଇ ଅସନ୍ତୋଷ ତେଜି ଉଠିଛି।ଏହି ସମସ୍ୟା ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଆଖିରେ ପଡୁଥିବା ସତ୍ତ୍ୱେ ରାସ୍ତାର ଉନ୍ନତିକରଣ କିମ୍ବା ସମସ୍ୟାର ସମାଧାନ ହେଉ ନଥିବାରୁ ଜନ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଏହି କ୍ରମରେ ଗୁରୁବାର ସ୍ଥାନୀୟ ଲୋକେ ବରଗଡ଼ – ଭେଡେନ ରାସ୍ତାର ଗଣେଶ ମନ୍ଦିର ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ଠପ ପଡ଼ି ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକ ରହିଥିଲା। ଖବର ପାଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ବିଭାଗୀୟ ଅଧିକାରୀ ପହଞ୍ଚି ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଧାନ କାର୍ଡ ପଞ୍ଜୀକରଣ ଦାବିରେ ରାସ୍ତାରୋକୋ

ବରପାଲି,୯।୧୦(ଚିତ୍ତରଞ୍ଜନ ସାହୁ)



ଚାଷୀମାନେ ଧାରଣାରେ ବସିଛନ୍ତି।

ଚଳିତ ଖରିଫ ଋତୁ ପାଇଁ ଧାନ କାର୍ଡ ପଞ୍ଜୀକରଣ ଦାବି ନେଇ ଗୁରୁବାର ଚାଷୀମାନେ ରାସ୍ତାରୋକୋ କରିଥିଲେ। ବରପାଲି – ବଲାଙ୍ଗୀରର ଚାର ବଙ୍ଗଳାଠାରେ ଆଗଲପୁର ଅଞ୍ଚଳର ଶହଶହ ସଂଖ୍ୟାରେ ଚାଷୀ ରାସ୍ତା ଅବରୋଧ କରି ଧାନ କାର୍ଡ ପଞ୍ଜୀକରଣ ନ କଲେ ଧାନ ବିକିବେ କେମିତି ଏଣୁ ତୁରନ୍ତ ସମସ୍ତ ଚାଷୀଙ୍କ ଧାନ କାର୍ଡ ପଞ୍ଜୀକରଣ କରାଯାଉ ବୋଲି ଦାବି କରି ରାସ୍ତାରେ ଧାରଣାରେ ବସିଥିଲେ। ଏହି ଆନ୍ଦୋଳନରେ ବରଗଡ଼ କୃଷକ ସଂଗଠନର ନେତା ରମେଶ ମହାପାତ୍ର, ତପନ ମିଶ୍ର, ସୁଦାମ ପାତ୍ର, କରଣ ସାହୁ, ଟେକ ରାଜ ପ୍ରଧାନ, ରବି ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଚାଷୀମାରଣ ନୀତିକୁ ଘୋର ବିରୋଧ କରିଥିଲେ। ବରପାଲି ଥାନା ଆଇଆଇସି ଜୟ ରଶ୍ମି ସେଠୀଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ ଚାଷୀଙ୍କୁ ଉଠାଇ ଥାନାକୁ ନେଇ ଆସିବା ପରେ ଯାନବାହନ ଯାତାୟାତ ହୋଇଥିଲା। ଏହି ରାସ୍ତାରୋକୋରେ ଆଗଲପୁର ପ୍ୟାକ୍ସର ଶହଶହ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

### ଆନ୍ଦୋଳନରତ ଚାଷୀଙ୍କୁ ଉଠାଇଲା ପୋଲିସ

## ଆନ୍ଧ୍ର ବାଣ କାରଖାନାରେ ବିସ୍ଫୋରଣ

# ଓଡ଼ିଆ ଦାଦନ ଶ୍ରମିକ ମୃତ

**ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)**



ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା କାରଖାନା।

ପଡୋଶୀ ରାଜ୍ୟ ଆନ୍ଧ୍ରର ଏକ ବାଣ କାରଖାନାରେ ବୁଧବାର ବିସ୍ଫୋରଣ ଘଟିବାରୁ କାରଖାନା ଛାରଖାର ହୋଇଯାଇଛି। ଏହି ଦୁର୍ଘଟଣାରେ ସେଠାରେ କାମ କରୁଥିବା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦାନନ୍ଦ କୁମ୍ଭାର(୫୩)। ଏ ନେଇ ଖବର ପାଇ ସମ୍ପର୍କୀୟମାନେ ସେଠାକୁ ଯାଇ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଆଣୁଥିବା ଜଣାଯାଇଛି। ଶୁକ୍ରବାର ଗାଁରେ ମୃତଦେହ ପହଞ୍ଚିବ ବୋଲି ଗ୍ରାମବାସୀଙ୍କଠାରୁ ଜଣାପଡିଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଆନ୍ଧ୍ର ରାଜ୍ୟ ବି.ଆର ଆମ୍ବେଡକର କୋନୁସୀମା ଜିଲା ରାୟଭରମ ଥାନା ଅନ୍ତର୍ଗତ ରାୟଭରମ୍ ମଣ୍ଡଳ ଶ୍ରୀଗଣପଥୀ ଗ୍ରାଣ୍ଡ ବାଣ କାରଖାନାରେ ସଦାନନ୍ଦ କାମ କରୁଥିଲେ। ହେଲେ ବୁଧବାର

**ମୃତ ଶ୍ରମିକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଁର**

ପୂର୍ବାହ୍ନ ସମୟରେ କାରଖାନାରେ ବିସ୍ଫୋରଣ ଘଟିଥିଲା । ସେହି ସମୟରେ କାରଖାନାରେ କାମ କରୁ ଥିବା ସଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏହି ବିସ୍ଫୋରଣରେ ସଦାନନ୍ଦଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି । ସେ ଲୋଇସିଂହାରେ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ବ୍ୟବସାୟରେ ମାନ୍ଦା ଓ ପାରିବାରିକ ଅସୁବିଧା କାରଣରୁ ସେ ଗତ ୨ବର୍ଷ ହେଲା କାମ ଅନ୍ୱେଷଣରେ ଆନ୍ଧ୍ରକୁ ଯାଇ ଉକ୍ତ ବାଣ କାରଖାନାରେ କାମ କରୁଥିଲେ । ଗତ ନୂଆଁଖାଇ ସମୟରେ ଗାଁକୁ ଆସି ପୁଣି କାମକୁ ଫେରିଥିବା ଗ୍ରାମବାସୀ କହିଛନ୍ତି । ଘରେ ତାଙ୍କ ସ୍ତ୍ରୀ ଏବଂ ବଡଭାଇଙ୍କ ପରିବାର ଅଛନ୍ତି । ମୃତ ଦାଦନ ଶ୍ରମିକଙ୍କ ପୁଅ ଆନ୍ଧ୍ରରେ ଦାଦନ ଖଟୁଛନ୍ତି । ଏହି ଦୁଃଖଦ ଘଟଣା ଜଣାପଡିବା ପରେ ପରିବାର ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ କିପରି ଗାଁକୁ ଅଣାଯାଇ ପାରିବ ସେନେଇ ବସ୍ତିବାସିନ୍ଦା ଚିନ୍ତାରେ ପଡିଯାଇଥିଲେ। ଏନେଇ ସ୍ଥାନୀୟ ବିଧାୟକ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନଅଗାଁ(ଖ)ର ହୋଇଥିବାରୁ ମନ୍ତ୍ରୀଙ୍କ ସହାୟତା ଲୋଡିଥିଲେ। ଅପରପକ୍ଷେ ଏହି ଦୁଃଖଦ ଖବର ପାଇ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ବୁଧବାର ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇ ମୃତଦେହ ଆଣିବା ବ୍ୟବସ୍ଥା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି । ଜିଲା ପ୍ରଶାସନ ଓ ରାଜ୍ୟ ସରକାର ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି । ଉଲ୍ଲେଖଯୋଗ୍ୟ, ଭେଙ୍କଟକ୍ରିଷ୍ଣ ଲିଙ୍ଗରାମଙ୍କ ଅଭିଯୋଗକୁ ଆଧାର କରି ସେଠାକାର ଥାନାରେ ନଂ ୧୫୮/୨୫ରେ ଏକ ମାମଲା ରୁଜୁ ହୋଇଛି।

# ବଡ଼ଗାଁରେ ଗଜଲକ୍ଷ୍ମୀ ପୂଜା

**ବଡ଼ଗାଁ,୯।୧୦( ଆଶୋକ ଷଡଙ୍ଗୀ)**

ବଡ଼ଗାଁ ମୁକ୍ତ ମଣ୍ଡପରେ ପ୍ରସିଦ୍ଧ ରାମଲୀଳା ଯାତ୍ରା, ରଥଯାତ୍ରା, ଚନ୍ଦନ ଯାତ୍ରା, ଗ୍ରାମଶ୍ରୀ ପୂଜା, ଦୁର୍ଗାପୂଜା, ଗଣେଶ ପୂଜା, ବିଶ୍ୱକର୍ମା ପୂଜା, କାଳୀ ପୂଜା, ନାମ ସଙ୍କୀର୍ତ୍ତନ ସହିତ ପ୍ରାୟ ସମସ୍ତ ଓଷା ପର୍ବ ପର୍ବାଣି ପାଳନ କରାଯାଇଥାଏ। ଏହି କ୍ରମରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ହର୍ଷ ଉଲ୍ଲାସରେ ପାଳିତ ହେଉଛି। ସୋମବାର କଳସ ଯାତ୍ରା ହୋଇଥିଲା ବେଳେ ମଙ୍ଗଳବାରଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜାରେ ଦିବ୍ୟାଲୋଚନ ମିଶ୍ର ପୂଜକ, କହ୍ନେଇ ପୃଷେଟ ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜା ଅବସରରେ ମଙ୍ଗଳବାର ରାତିରେ ଟିଟିଲାଗଡ଼ର କୀର୍ତ୍ତନ ଧାରା ଗ୍ରୁପ ଦ୍ୱାରା ଗାୟକ ଦୋଳାମଣୀ ମହାରଣା, ଅଭିଷେକ ମିଶ୍ର, ଚନ୍ଦନ ମାହାର, ବାଦ୍ୟକାର ବିଶ୍ୱାମିତ୍ର ପାଣ୍ଡେ, ପ୍ରଫୁଲ୍ଲ ପ୍ରଧାନ, ଓଁକାର ବିଶାଳ କୀର୍ତ୍ତନ ଓ ଭଜନ ପରିବେଷଣ କରିଥିଲେ। ବୁଧବାର ରାତିରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ସୁଦୀପା ମହାନନ୍ଦିଆ, ଆରୁଶି ପୁରାଲେ ଓ କାବ୍ୟା କାଙ୍ଗାଡ଼ି ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଗୁରୁବାର ରାତିରେ ସମ୍ବଲପୁରର ସଂଯମ ଅର୍କେଷ୍ଟ୍ରା ଦଳ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ବଡ଼ଗାଁରେ ୫୮ ବର୍ଷ ପୂର୍ବେ ଗ୍ରାମର ଗୌନ୍ତିଆ ସ୍ୱର୍ଗତ ହୃଷୀକେଶ ପାଣିଗ୍ରାହୀ, ସ୍ୱର୍ଗତ ଚୂଡାମଣି ପୃଷେଟ, ସ୍ୱର୍ଗତ ନିମାଇ ପାଣିଗ୍ରାହୀ, ସ୍ୱର୍ଗତ ଘାସିରାମ ଅଗ୍ରୱାଲଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଥିଲା। ଚଳିତବର୍ଷ ପୂଜା କମିଟି କର୍ମକର୍ତ୍ତା ବିଟୁ ନାୟକ, ପିକଲୁ ପାଣିଗ୍ରାହୀ, ଅମିତ ପୃଷେଟ, ରାହୁଲ ସା, ସୁଦୀପ୍ତ ନାୟକ, ସ୍ୱାଗତ ପାଣିଗ୍ରାହୀ, ଅଭିଳାଷ ପାଣିଗ୍ରାହୀ, ଦୀପକ ପୃଷେଟ, ମଣ୍ଟୁ ପଣ୍ଡା, ଉତ୍ତମ ପଣ୍ଡାଙ୍କ ସହିତ ଯୁବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଲହୁଣୀପଡା,୯।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବାରସୁଆଁରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହାଲାନ ମୁଣ୍ଡା(୪୮)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାରୁ ପ୍ରକାଶ, ହାଲାନ ଗୁରୁବାର ଅପରାହ୍ନ ପ୍ରାୟ ୨ ଟାରେ ନିକଟସ୍ଥ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶହୀଦ ଧର୍ମସିଂ ମାଝି ମାନ୍ଧାତାଙ୍କ ସ୍ମୃତି ପୀଠରେ ପୁଡ଼ାପାଟ ଯାତ୍ରା ଉଦ୍‌ଯାପିତ

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକର ଆଟଗାଁସ୍ଥିତ ଶହୀଦ ଧର୍ମସିଂ ମାଝି ମାନ୍ଧାତାଙ୍କ ସ୍ମୃତି ପୀଠରେ ଅନୁଷ୍ଠିତ ପ୍ରସିଦ୍ଧ ପୁଡାପାଟ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଗତ ୨୯ ସେପ୍ଟେମ୍ବରରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ନିଶିଯାତ୍ରା, ୩୦ରେ ଛତର ଯାତ୍ରା ଓ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପୁଡାପାଟ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ପାରମ୍ପରିକ ପୂଜା କରାଯାଇଥିଲା। ଏହି ଯାତ୍ରା ପରିଚାଳନାରେ କାଳିନ୍ଦ୍ରୀ ମାଝି, ମୟ ପ୍ରଧାନୀ, ମୁଖ୍ୟକର୍ତ୍ତା ଚମାର ସିଂଭୋଇ ଏବଂ ତାଙ୍କ ପତ୍ନୀ ସବିତା ଭୋଇ ଉପସ୍ଥିତ ଥିଲେ । ମୁଖ୍ୟ ପୂଜକ ସୋମନାଥ ଦେହେରିଆ, ଛତ୍ରିଆ କଳାକାହ୍ନୁ ମାଝି, ବରିହା ଗଣ୍ଡ, ଧରୁଆ ଜଗଦୀଶ କୁଅଁର, ଅନନ୍ତା ହେହେରିଆ, ସୁଶାନ୍ତ ମଲ୍ଲିକ, ସନ୍ତୋଷ କାଲସାଏ, ହରେକୃଷ୍ଣ ନାଗ, ସୁକେଶ କୁଅଁର ଓ ଆକୁଳ ମଲ୍ଲିକ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଶିଶୁ ମୃତ

**ଲହୁଣୀପଡା,୯।୧୦(ଦାଶରଥି ପଣ୍ଡା)**

**ଯାତ୍ରୀବାହୀ ବସ୍ ସହ ବାଇକ୍ ଧକ୍କା ଘଟଣା**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାରସୁଆଁ ପୂର୍ତ୍ତ ବିଭାଗ ରାସ୍ତା କଲେଇପୋଷ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବାଇକ୍ ଚାଳକ ହେମନ୍ତ ମାହାନ୍ତଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଗୁରୁତର ହୋଇ ଆର୍‌ଜିଏଚରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ୧୪ ମାସର ଶିଶୁ ସୌମ୍ୟ ରଞ୍ଜନ ଲୁହାରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ ୨ ଗୁରୁତର ଚିକିତ୍ସିତ ହେଉଛନ୍ତି। ସୂଚନାରୁ ପ୍ରକାଶ, ଓଡି -୧୪ଏଇ -୮୦୬୬ ଲିଙ୍ଗରାଜ ନାମକ ଏକ ଯାତ୍ରୀବାହୀ ବସ କୋଇଡା ପଟୁ ଲହୁଣୀପଡା ପଟେ ଆସୁଥିବା ବେଳେ କଲେଇପୋଷ ପଟୁ ଯାଉଥିବା ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ବସଟି ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇ ଲଟକି ରହିଥିଲା। ବାଇକରେ ଥିବା ପଙ୍କଜ କୁମାର ପାତ୍ର, ଜଣେ ୧୪ମାସର ଶିଶୁ ସୌମ୍ୟରଞ୍ଜନ, ମଧୁସ୍ମିତା ଲୁହାର ଛିଟିକି ପଡି ଗୁରୁତର ହୋଇଥିଲେ। ହେଲେ ଘଟଣା ସ୍ଥଳରେ ଚାଳକ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା।

# ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୯।୧୦(ବିପ୍ଳବ ରଞ୍ଜନ ଦାଶ)**

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀରେ ଆର୍‌ଏସ୍‌ପି ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୧୯ ସ୍ଥିତ ଆମ୍ବାଗାନ ଛକ ନିକଟରେ ଆର୍‌ଏସ୍‌ପିର ସହରସେବା ବିଭାଗ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜେ. କେ. ଆଚାର୍ଯ୍ୟ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ଟି. ଜି କାନେକର ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ଏସ୍‌ଆର୍‌ଭିଏମ୍ ଇସ୍ପାତ ବିଦ୍ୟା ମନ୍ଦିରର ସୁଶ୍ରୀ ଅମ୍ବିକା ସ୍ୱାଗତ କରିଥିଲେ। ସିଣ୍ଟରିଂ ପ୍ଲାଣ୍ଟର



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଆର୍‌ଏସ୍‌ପି ଅଧିକାରୀ।

ଜୁନିୟର ଇଞ୍ଜିନିୟର ଶରତ ଚନ୍ଦ୍ର ଦାସ ଓ ତାଙ୍କ ଦଳ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଏହି ଅବସରରେ ୩ଜଣ ଛାତ୍ରୀଛାତ୍ର ଯଥା-ଇସ୍ପାତ ବିଦ୍ୟା ମନ୍ଦିରର ଶୁଭଲକ୍ଷ୍ମୀ ସାହୁ, ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲର ଅଙ୍କିତ କୁମାର ବାରିକ ଏବଂ ସେକ୍ଟର-୧୪ ସ୍ଥିତ ଡିପିଏସ୍‌ର ଅଲଭୀନା ସିଂ ଓଡିଆ, ହିନ୍ଦୀ ଓ ଇଂରାଜୀରେ ବକ୍ତୃତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମିଶ୍ର ବକ୍ତୃତା ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇସ୍ପାତ ବିଦ୍ୟା ମନ୍ଦିରରେ ସେପ୍ଟେମ୍ବର ୨୩ତାରିଖରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁଶ୍ରୀ ଶ୍ରୀୟା ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଶ୍ରୀ ପ୍ରାଚୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଲଟିଲା ଅଟୋ, ଯାତ୍ରୀ ମୃତ

**ସୁନ୍ଦରଗଡ,୯।୧୦(ଜୟ ନାରାୟଣ ମେଣ୍ଡୁଲି):**

ସୁନ୍ଦରଗଡ଼ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଡୁମାବାହାଲ ନିକଟବର୍ତ୍ତୀ ମହୁଲପାଲି ଛକରେ ଗୁରୁବାର ଅପରାହ୍ନରେ ଏକ ଅଟୋ ଓଲଟି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଯାତ୍ରୀ ହେଲେ ହେମଗିରି ଥାନା ଚକ୍ରା ଗ୍ରାମର ମନୋରଞ୍ଜନ ପଶାୟତ(୫୮)। ଲେଫ୍ରିପଡା ପୋଲିସ ଏକ ମାମଲା (ନଂ. ୨୩୦/୨୫) ରୁଜୁ କରିଛି। ସୂଚନା ଅନୁଯାୟୀ, ଏକ ଅଟୋ (ନଂ. ଓଡି୧୬ଜେ/୧୭୬୭) ଯୋଗେ ଯାତ୍ରୀମାନେ ଡୁମାବାହାଲ ଯାଉଥିଲେ। ଅଟୋ ସମ୍ମୁଖକୁ ହଠାତ ଏକ କୁକୁର ଚାଲି ଆସିଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ମନୋରଞ୍ଜନଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ କୁକୁରର ମଧ୍ୟ ମୃତ୍ୟୁ ଘଟିଛି। ଅଟୋ ଚାଳକଙ୍କ ବେପରୱା ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ମୃତକଙ୍କ ସାନ ଭାଇ ଲେଫ୍ରିପଡା ଥାନାରେ ଅଭିଯୋଗ କରିଛନ୍ତି।

# ରାଜ୍ୟ ବାଟୁଳି ପ୍ରତିଯୋଗିତାରେ ଅସିମ, ଅମନଙ୍କ ବାଜିମାତ




ପଦକ ହାସଲ କରିଥିବା ୨ ଭାଇ।

**କୁତ୍ରା,୯।୧୦ (ଦେବାଶିଷ ସାହୁ)**

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଦ୍ୱିତୀୟ ରାଜ୍ୟ ବାଟୁଳି (ସ୍ଲିଙ୍ଗସଟ) ପ୍ରତିଯୋଗିତା ଗତ ୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣା ଗ୍ରାମର ଅସିମ ଡୁଙ୍ଗଡୁଙ୍ଗ (୧୦) ୧୦ ମିଟର ଦୂରତା ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅମନ ଡୁଙ୍ଗଡୁଙ୍ଗ(୧୭) ବର୍ଷ ବୟସରେ ରୌପ୍ୟ ପଦକ ହାସଲ କରିଛନ୍ତି। ତେବେ ଉଭୟ ହେଉଛନ୍ତି ୨ ଭାଇ। ତାଙ୍କ ମା' ପୁଷ୍ପା କେରକେଟା। ଏହି ପଦକ ପାଇ ୨ ଭାଇ କୁତ୍ରା ବ୍ଲକ ତଥା ସୁନ୍ଦରଗଡ଼ ଜିଲାର ଗୌରବ ବଢ଼ାଇଛନ୍ତି। ଏମାନେ ପଦକ ଜିତି ଫେରିଲା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ସ୍ଲିଙ୍ଗସଟ ଓଡ଼ିଶା ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ପ୍ରାୟ ୧୦୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ସ୍ଲିଙ୍ଗସଟ ଓଡିଶା ସଂଘର ସଭାପତି ଡ. ଅବିନାଶ ପୁନ୍ଦିର ଓ ସମ୍ପାଦକ ସପନ କୁମାର ମିଶ୍ର ଉପସ୍ଥିତିରେ ଏହି ପ୍ରତିଯୋଗିତା ସମ୍ପନ୍ନ ହୋଇଥିବା ବେଳେ ଓଡିଶା ରାଜ୍ୟ ଅଲମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି ଓ ଭାଜପା ନେତା ଜଗନ୍ନାଥ ପ୍ରଧାନ କୃତୀ ପ୍ରତିଯୋଗୀମାନଙ୍କୁ ମ୍ୟାଡାଲ ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ।

# ଆଧାର ସଂଶୋଧନ ଶିବିର




ଶିବିରକୁ ଆସିଥିବା ଗ୍ରାମବାସୀ।

**ବଡ଼ଗାଁ,୯।୧୦( ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଡାକ ବିଭାଗ ଆନୁକୂଲ୍ୟରେ ବଡ଼ଗାଁ ବ୍ଲକ ଅନ୍ତର୍ଗତ ବନଢିପା ଗ୍ରାମରେ ଗୁରୁବାର ଆଧାର କାର୍ଡ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ ବିଭାଗ ଅଧୀକ୍ଷକ ଜୟନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡାକ କର୍ମଚାରୀ ଭିକି ବେହେରା ଓ ଲିସା ରାଣୀ ବେହେରା ପରିଚାଳନା କରିଥିଲେ। ଆଧାର କାର୍ଡରେ ରହିଥିବା ବିଭିନ୍ନ ତ୍ରୁଟିକୁ ଏହି ଶିବିରରେ ସଂଶୋଧନ କରାଯାଇଥିଲା। ସମୁଦାୟ ୪୨ ଜଣଙ୍କ ଆଧାର ଏହି ଶିବିରରେ ସଂଶୋଧିତ ହୋଇଛି। ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲ ଶିବିରର ସଫଳତା ପାଇଁ ସହଯୋଗ କରିଥିଲେ।

# ବିଜେଡି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

**ସୁନ୍ଦରଗଡ଼,୯।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଜୁ ଜନତା ଦଳ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ ତମ ଜନ୍ମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦ୍‌ଭାବନା ଭବନ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ଗୋପବନ୍ଧୁଙ୍କ ତ୍ୟାଗପୂତ ସମାଜ ସେବା ସମ୍ପର୍କରେ ଦଳୀୟ ନେତୃବୃନ୍ଦ ଆଲୋକ ପାତ କରିଥିଲେ। ବିଜେଡିର ବରିଷ୍ଠନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଅଶୋକ କୁମାର ମହାନ୍ତି, ନିତ୍ୟାନନ୍ଦ ପଟେଲ, ମନୋଜ ପଟେଲ ଏବଂ ବିଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଲୋକେ ହଇରାଣ



ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ।

**ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)**

**ବିଦ୍ୟୁତ୍ ଖୁଣ୍ଟ ଅପସାରଣ ଦାବି**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗ୍ରାମ୍ୟ ବସ୍ତିର ଚାରିଛକରେ ରାସ୍ତା ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହି ଖୁଣ୍ଟ ଯୋଗୁ ସ୍ଥାନୀୟ ଗ୍ରାମବାସୀ ଏବଂ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ବିଭିନ୍ନ ଗ୍ରାମର ଯାତ୍ରୀଙ୍କୁ ଅନେକ ସମୟରେ ହଟହଟା ହେବାକୁ ପଡୁଛି। ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଅପସାରଣ ନେଇ ବିଦ୍ୟୁତ୍ ବିଭାଗଠାରୁ ଆରମ୍ଭ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ୍ୟ ସୁଫଳ ମିଳିପାରୁନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ବସ୍ତି ଦେଇ ପଞ୍ଚାୟତ ଅଧୀନ ବଳଦେବପୁର, ଅଗଲାପାଲି, ଚୌହାନପାଲି ଆଦି ଗ୍ରାମର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଯାଇଥାନ୍ତି । ସ୍କୁଲ, କଲେଜ ଛାତ୍ରୀ ଉକ୍ତ ରାସ୍ତା ଦେଇ ଯାଇଥାନ୍ତି । ଏହାଛଡା ଲୋଇସିଂହା, ଆଗଲପୁର ବ୍ଲକ ସମେତ ପଡୋଶୀ ସୁବର୍ଣ୍ଣପୁର ଜିଲାର ଲୋକେ ବୁର୍ଡା-ସୋନପୁର ପିଚୁ ରାସ୍ତାକୁ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ହେଲେ ଉକ୍ତ ଚାରିଛକରେ ଥିବା ଖୁଣ୍ଟ ଅନେକ ସମୟରେ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଚାରିଚକିଆ ଯାନ, ବାଇକ୍‌ରେ ଯିବାଆସିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଚାରିଛକ ମୋଡାଣି ଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ଅପସାରଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଇସ୍ପାତ କାରଖାନା କର୍ମଚାରୀ ଗିରଫ

**ରାଉରକେଲା,୯।୧୦(ସଙ୍ଗୀତା ଜେନା):**

ଟାଙ୍ଗରପାଲୀ ଥାନା ଅନ୍ତର୍ଗତ କାରଖାନା ଅଞ୍ଚଳରେ ଗୁରୁବାର ଜଣେ ଇସ୍ପାତ କାରଖାନା କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସିପିପିଏଲ୍ ବିଭାଗର ଅପରେଟର ଭାବେ କାର୍ଯ୍ୟରତ ମନମୋହନ ଏସ୍‌ଆଇ(୪୦)। ତାଙ୍କ ବିରୋଧରେ ପୂର୍ବରୁ ୱାରେଣ୍ଟ ଥିବାବେଳେ ଗୁରୁବାର ତାଙ୍କୁ ଗିରଫ କରାଯାଇଥିଲା। ମାମଲା (ନଂ.୧୩/୨୫) ୧୩୮ ଏନ୍‌ଆଇ ଆକ୍ଟ ଅନୁଯାୟୀ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା।

## ବେଆଇନ ମଦ ଚାଲାଣ, ଯୁବକ ଗିରଫ

ଝାରସୁଗୁଡ଼ା, (ଆଶିଷ ରଞ୍ଜନ ଦାଶ): ବେଆଇନ ମଦ ଚାଲାଣବେଳେ ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଞ୍ଚଗାଁ ଛକରୁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ସାଗରପାଲି ଗ୍ରାମର ଆଦ୍ରୀୟ ହାଓ(୨୦)। ତାଙ୍କ ନିକଟରୁ ୩୦ ଲିଟର ମଦ ଏବଂ ଏକ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୨୯/୨୫) ରୁଜୁ ହୋଇଛି।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜାମଣ୍ଡପ ପରିଦର୍ଶନକଲେ ଏସ୍‌ପି

ବ୍ରଜରାଜନଗର, ୯।୧୦ (ବିଜୟ ବରାଡ଼)- ବ୍ରଜରାଜନଗର ସହରସ୍ଥିତ ଜୱାହର ନଗର କଲୋନିରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ପରିବେଷଣ କରାଯାଇଥିଲା। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ପୂଜାମଣ୍ଡପ ପରିଦର୍ଶନ କରିଥିଲେ। ତାଙ୍କୁ କମିଟି ସଦସ୍ୟମାନେ ସ୍ୱାଗତ କରିଥିଲେ। କମିଟି ସଭାପତି ଗୋବିନ୍ଦ ସାହୁ ଓ ସମ୍ପାଦକ ପ୍ରଭାତ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ଦୋକାନରୁ ଟାୟାର, ଟଙ୍କା ଚୋରି

ଝାରସୁଗୁଡ଼ା, ୯।୧୦(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅଞ୍ଚଳର ଏକ ଦୋକାନରୁ ଟାୟାର ଓ ଟଙ୍କା ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ଉକ୍ତ ଦୋକାନରୁ କେତେଜଣ ଦୁର୍ବୃତ୍ତ ୧୦୪ଟି ଟାୟାର ସହ ୪ ହଜାର ଟଙ୍କା ଚୋରିକରି ଫେରାର ହୋଇଯାଇଛନ୍ତି। ଏନେଇ ଦୋକାନ ମାଲିକ ନିଲେଶ ମୁନ୍ଦ୍ରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୧୦/୨୫) ରୁଜୁକରି ତଦନ୍ତ ଚଳାଇଛି।

### ଦନ୍ତାହାତୀ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା**

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)- ରିଆମାଳ ବନାଞ୍ଚଳ ରେଙ୍ଗାଳବେଡ଼ା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଉଁଶିତଇଲା ଗ୍ରାମରେ ବୁଧବାର ଘଟିଥିବା ଦନ୍ତାହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ମାଧବ ଚନ୍ଦ୍ର ବେହେରା। ବୁଧବାର ସକାଳେ କାଉଁଶିତଇଲା ଗ୍ରାମରେ ବନ୍ୟଜନ୍ତୁ ଦାଉରୁ ଫସଲ ରକ୍ଷା ନିମନ୍ତେ ଖଞ୍ଜାଯାଇଥିବା ସୌରଚାଳିତ ତାରବାଡ଼ ନିକଟରୁ ଏକ ଦନ୍ତାହାତୀର ମୃତଦେହ ଜବତ କରାଯାଇଥିଲା। ତେବେ ସୌରଚାଳିତ ତାରବାଡ଼ରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ ଯୋଗୁ ଏହାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିଲା। ଅପରପକ୍ଷେ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିବା ପରେ ସନ୍ଦେହ ସତରେ ପରିଣତ ହୋଇଥିଲା। ମାଧବ ବେଆଇନ ଭାବେ ତାରବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଥିବା ତଦନ୍ତବେଳେ ଜଣାପଡିଥିଲା। ଫଳରେ ବନ ବିଭାଗ କର୍ତ୍ତୃପକ୍ଷ ଗୁରୁବାର ମାଧବଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବ୍ୟବହୃତ ଜିଆଇ ତାର, କେତେକ ଖୁଣ୍ଟି ସମେତ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ମାଧବଙ୍କୁ ୧୧ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମୀ ଜୀ. ଗଣମାଧମଙ୍କୁ ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର କୋଠା ଅସୁରକ୍ଷିତ

- ଛାତରୁ ଖସୁଛି କଂକ୍ରିଟ୍, ଝରୁଛି ପାଣି
- ବନ ସୁରକ୍ଷା ସମିତି କୋଠାରେ ଚାଲିଛି ପାଠପଢ଼ା

ଲଖନପୁର,୯।୧୦(ଗୌତମ ସାହୁ)



ଅଙ୍ଗନୱାଡି କେନ୍ଦ୍ର ଛାତରୁ ଖସିଥିବା କଂକ୍ରିଟ୍ ଖଣ୍ଡ।




ବନ ସୁରକ୍ଷା ସମିତି କୋଠା ସମ୍ମୁଖରେ ଅଙ୍ଗନୱାଡି ଛାତ୍ରୀଛାତ୍ର।

ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ସହ ଭିତ୍ତିଭୂମି ସୁଦୃଢ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଘଟୁଛି। ଏଭଳି ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କଦମଡ଼ିହି ପଞ୍ଚାୟତ ଅଧୀନ ଡୁଡୁଗା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ। ମିଳିଥିବା ସୂଚନା ଅନୁଯାୟୀ, ଡୁଡୁଗା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଠାରେ ୮ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ଅଙ୍ଗନୱାଡି କେନ୍ଦ୍ର କୋଠାଟି ଅସୁରକ୍ଷିତ ହୋଇପଡିଛି। ସେଠାରେ ପାଠେରି ନ ଥିବାବେଳେ ଛାତରୁ କଂକ୍ରିଟ୍ ଖଣ୍ଡ ଖସୁଛି। ଏପରି କି ବର୍ଷା ହେଲେ ଛାତରୁ ପାଣି ଝରୁଛି। ଫଳରେ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ନିରାପଦ ମଣୁନାହାନ୍ତି। ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିକଟସ୍ଥ ବନ ସୁରକ୍ଷା ସମିତି କୋଠାରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଛି। ତେବେ ଏଭଳି ଅବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଗ୍ରାମବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଅଙ୍ଗନୱାଡି ଗୃହ ମରାମତି ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ଲଖନପୁର ସିଡିପିଓ ଲକ୍ଷ୍ମୀପ୍ରିୟା ବହିଦାର କହିଛନ୍ତି, ଅସୁରକ୍ଷିତ ଅଙ୍ଗନୱାଡି ଗୃହ ମରାମତି ପାଇଁ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

# 'ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ'




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବେଲପାହାଡ଼, ୯।୧୦(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ(ବିଇଏମ୍) ସ୍କୁଲରେ ବନ୍ୟଜନ୍ତୁ ସପ୍ତାହ ପାଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଉପାଧ୍ୟକ୍ଷ ବିଜୟ କୁମାର ଗୌଡ ଯୋଗଦେଇ କହିଛନ୍ତି, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଅଧିକ ଜନସଚେତନତା ଆବଶ୍ୟକ। ଇକୋ କ୍ଲବ୍ ଇନ୍‌ଚାର୍ଜ ହମିଦ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ମଣିଷ-ବନ୍ୟଜନ୍ତୁ ସହ ଅବସ୍ଥାନ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶେଷକରି ଛାତ୍ରୀଛାତ୍ରଙ୍କ ମନରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଚେତନତା ସୃଷ୍ଟିକରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ବେଲପାହାଡ଼ ବନାଞ୍ଚଳ ଦ୍ୱାରା ଆୟୋଜିତ ଚିତ୍ରାଙ୍କନ ଓ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବିଦ୍ୟାଳୟ ପକ୍ଷରୁ ସପ୍ତାହବ୍ୟାପୀ ସ୍ଲୋଗାନ ପ୍ରତିଯୋଗିତା, ପଶୁପକ୍ଷୀ ଚିହ୍ନଟ, ଶପଥପାଠ ଓ ସଚେତନତା କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ଇକୋ କ୍ଲବ୍ ଦ୍ୱାରା ବିଭିନ୍ନ ସମୟରେ ଆୟୋଜିତ ଏଭଳି ସଚେତନତା କାର୍ଯ୍ୟକ୍ରମକୁ ବେଲପାହାଡ଼ ବନାଞ୍ଚଳର ରେଞ୍ଜ୍ ଅଫିସର ପ୍ରଦୀପ କୁମାର ନାୟକ ପ୍ରଶଂସା କରିଛନ୍ତି। ସୁନନ୍ତ କୁମାର ପଣ୍ଡା, ମନୋଜ କୁମାର ବିନ୍ଧାଣି, ଧର୍ମେନ୍ଦ୍ର ବିଶ୍ୱକର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ପୁଅ ଗିରଫ

ଦେବଗଡ଼,୯।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଧୀନ ଔତଳ ଗ୍ରାମରେ ବାପା ବଳଭଦ୍ର ବେହେରାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଘଟଣାରେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ହୃଦାନନ୍ଦ ବେହେରା। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ହୃଦାନନ୍ଦ ଘରେ ଥିବା ଏକ ମେଣ୍ଢାକୁ ବିକ୍ରି କରିବା ପାଇଁ ଜିଦ୍ ଧରିଥିଲେ। ବଳଭଦ୍ର ଏଥିରେ ଅରାଜି ହେବାରୁ ହୃଦାନନ୍ଦ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ହୃଦାନନ୍ଦ ମୃତଦେହ ନେଇ ଘର ସମ୍ମୁଖ ଚାଷଜମିରେ ଗାତ ଖୋଳି ପୋତିଦେଇଥିଲେ। ଏନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଡାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିବାବେଳେ ହତ୍ୟାକାରୀ ହୃଦାନନ୍ଦଙ୍କୁ କାବୁ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, କୋଦାଳ, ଶାବଳ ଜବତ କରିଥିଲେ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାଟିତଳୁ ବଳଭଦ୍ରଙ୍କ ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ। ତଦନ୍ତ ସମୟରେ ହୃଦାନନ୍ଦ ବାପା ବଳଭଦ୍ରଙ୍କୁ ହତ୍ୟା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରଜରାଜନଗର, ୯।୧୦ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଏସ୍‌ଆଇ ଛକରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ରାଜପୁର ପଞ୍ଚାୟତ ଅଧୀନ କଟାପାଲି ଫୁଟ୍‌ବଲ ପଡିଆଠାରୁ ଜନସମ୍ପର୍କ ପଦଯାତ୍ରା ବାହାରି ମେନ୍‌ରୋଡ ଗାନ୍ଧୀଛକ, ନୂଆଁଡିହି ଗ୍ରାମ ଦେଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବିଜେଡି ନେତା ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ହରିଶ ଗଣତ୍ରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ବରିଷ୍ଠ ବିଜେଡି ନେତା କୁଳମଣି ଦାସ, ନୃପ ତାଣ୍ଡି, ମହିଳା ସଭାପତି ନଳିନୀ ପ୍ରଧାନ, ଗୋବିନ୍ଦ ସାହୁ, ଚିନ୍ତାମଣି ଦାସ, ହରି କଣ୍ଟା, ଅବ୍‌ତାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଏଥିରେ ଦଳର ବହୁ କର୍ମୀ ଯୋଗଦେଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ଦଳୀୟ ନେତା ଓ କର୍ମୀ।

# ଲୋକଙ୍କ ଅଭିଯୋଗ ଶୁଣିଲେ ବିଧାୟକ

ଝାରସୁଗୁଡ଼ା, ୯।୧୦(ଆଶିଷ ରଞ୍ଜନ ଦାଶ)- ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ନିଜ ନିର୍ବାଚନମଣ୍ଡଳୀର ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଶେଷକରି ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ହିର୍ମା, ତାଳପଟିଆ, ବଡ଼ମାଲ, ଜମେରା, ମରାକୁଟା, ଶ୍ରିପୁରା, କାଡିକେଲା ସମେତ ଝାରସୁଗୁଡ଼ା ପୌର ପରିଷଦ ଅଞ୍ଚଳର ବହୁସଂଖ୍ୟକ ଜନସାଧାରଣ ଯୋଗଦେଇ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କୁ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ, ଜମିପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ମରାକୁଟା ପଞ୍ଚାୟତରେ କମ୍ୟୁନିଟି ସେଣ୍ଟର ନିର୍ମାଣ, ଡ୍ରେନ୍ ସଫେଇ ଭଳି କେତେକ ଅଭିଯୋଗକୁ ବିଧାୟକ ତ୍ରିପାଠୀ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ମାଧମରେ ଜଣାଇ ସମାଧାନ କରିଥିବାବେଳେ ଆଉ କେତେକ ଅଭିଯୋଗ ଖୁବ୍‌ଶୀଘ୍ର ସମାଧାନ କରିବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ମଣ୍ଡଳ ସଭାପତି ହେମରଞ୍ଜନ ସିଂ, ପ୍ରେମସେନ ରାୟ, ଟାଉନ ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ, ଅରବିନ୍ଦ ପାଠକ, ଗଙ୍ଗାଧର କଣ୍ଟାଙ୍କ ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲଇକେରା, ୯।୧୦ (ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ମୁଖ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ୍, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ, ବାବୁଛିପିଡ଼ିହି ସମିତିସଭ୍ୟ ମନମୋହନ କଂସରାଲୀ, ଏସ୍.ପି. ପଣ୍ଡା, ସତ୍ୟଜିତ୍ ବେଉରା, ଅର୍ଚ୍ଚନା ମହାପାତ୍ର, ଗୋପବନ୍ଧୁ ମହାନ୍ତ, ସରୋଜ କୁମାର ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସଂଯୁକ୍ତା ମେହେର ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ୨୩୨ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଆବଶ୍ୟକତା ଅନୁସାରେ ଉପକରଣ ବଣ୍ଟନ କରାଯିବା ସହ ଯୋଗ୍ୟତା ଅନୁଯାୟୀ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାଏକ ସୂଚନା ଦେଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରତନଦୀପ ହେମ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ସହାୟକ ତ୍ରିଲୋଚନ ବାଗ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଦେବଗଡ଼ରୁ ନିଖୋଜ ନାବାଳିକା ସୁନ୍ଦରଗଡ଼ରୁ ଉଦ୍ଧାର

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ପୋଲିସ ଗୁରୁବାର ସୁନ୍ଦରଗଡ଼ ଜିଲା କରମଡିହ ଗ୍ରାମରେ ରହୁଥିବା ନିଜ ମା'ଙ୍କ ନିକଟରୁ ଉଦ୍ଧାର କରିଛି। ପରେ ତାଙ୍କୁ ସ୍ଥାନୀୟ ଆଶ୍ରୟ ଗୃହ 'ସଖୀ'ରେ ଅସ୍ଥାୟୀ ଭାବେ ଆଶ୍ରୟ ଦିଆଯାଇଛି। ଶୁକ୍ରବାର ତାଙ୍କୁ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ହାଜର କରାଯିବ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଦେବଗଡ଼ ଥାନା ଅଧୀନ ଏକ ନିର୍ଦ୍ଦିଷ୍ଟ ଗ୍ରାମର ଜଣେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମହିଳା ଜଣକ ନିଜର ୨ବର୍ଷର ଶିଶୁକନ୍ୟାକୁ ଛାଡି ଅନ୍ୟ ଜଣେ ଯୁବକଙ୍କ ସହ ପଳାଇଯାଇ ସୁନ୍ଦରଗଡ଼ ଜିଲା କରମଡିହ ଗ୍ରାମରେ ଦମ୍ପତି ଭାବେ ରହୁଥିଲେ। ଏଣେ ନିଃସହାୟ ତଥା ବାପା, ମା' ଛେଉଣ୍ଡ ହୋଇପଡିଥିବା ଶିଶୁକନ୍ୟାକୁ ତାଙ୍କ ସମ୍ପର୍କୀୟ ଭାଇ (କାକାଙ୍କ ପୁଅ)ପାଳନପୋଷଣ କରି ବଢାଇଥିଲେ। ତେବେ ଶିଶୁକନ୍ୟାକୁ ଛାଡି ଚାଲିଯାଇଥିବା ଉକ୍ତ ମହିଳାଙ୍କର ଆଉ କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା। ଫଳରେ ସେ କିଛିଦିନ ପୂର୍ବେ ଦେବଗଡ଼ ଥାନାଞ୍ଚଳର ଉକ୍ତ ଗ୍ରାମରେ ପହଞ୍ଚି କାହାରିକୁ କିଛି ନ ଜଣାଇ ନିଜ ନାବାଳିକା ଝିଅକୁ ସାଙ୍ଗରେ ନେଇ କରମଡିହ ଗ୍ରାମକୁ ଚାଲିଯାଇଥିଲେ। ଅପରପକ୍ଷେ ନାବାଳିକାଙ୍କ ସମ୍ପର୍କରେ କୌଣସି ସୂଚନା ନ ପାଇ ପାଳନ ପୋଷଣ କରିଥିବା ଭାଇ ଗତ ମାସ ୧୯ ତାରିଖରେ ଦେବଗଡ଼ ଆଦର୍ଶ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ନିଖୋଜ ନାବାଳିକାକୁ କରମଡିହ ଗ୍ରାମରୁ ଉଦ୍ଧାର କରିଥିଲା।

# କନକତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପାଠପଢ଼ା ଆରମ୍ଭ

ଲଖନପୁର,୯।୧୦(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ କନକତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତ ୨ ଶିକ୍ଷା ପାଇଁ ଅନୁମତି ପ୍ରଦାନ ପରେ ଗୁରୁବାର ଆନୁଷ୍ଠାନିକ ଭାବେ ପାଠପଢା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରଥମବର୍ଷ ପାଇଁ ୩୦ ଜଣ ଛାତ୍ରୀଛାତ୍ର ଓ ୭ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦଧର ପଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗ୍ରାମ ବିକାଶ କମିଟି ସଦସ୍ୟମାନେ ଉପସ୍ଥିତ ଛାତ୍ରୀଛାତ୍ର, ନବ ନିଯୁକ୍ତ ଅତିଥି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ବିକାଶ କମିଟି ସଦସ୍ୟ କାଳୀଚରଣ ମେହେର, ଛବିଲାଲ ମେହେର, ମୋତିଲାଲ ଦାସ, ପ୍ରେମାନନ୍ଦ ସିଂଦେଓ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସା, ଭୁବନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# 'ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର'

## ଉତ୍କଳମଣିଙ୍କ ଜୟନ୍ତୀ, ସେବା ଦିବସ ପାଳିତ

ଝାରସୁଗୁଡ଼ା/ଦେବଗଡ଼,୯।୧୦(ଆଶିଷ ରଞ୍ଜନ ଦାଶ/ଶଶାଙ୍କ ଶେଖର ଝାଙ୍କର)

ଝାରସୁଗୁଡ଼ାସ୍ଥିତ ସରବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଓ ସେବା ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲ ବିଦ୍ୟାଳୟରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଆଚାର୍ଯ୍ୟା ସଂଯୁକ୍ତା ମେହେର କବିତା ଗାନ, ସଞ୍ଜୁ ପଧାନ ଏବଂ ମମତା ରାଉଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ଜିତୁ ପୂଜାରୀ, ଛାତ୍ରୀଛାତ୍ର ଓ ଗୁରୁମାଗୁରୁଜୀ ମିଶି ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।



ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକ ଟଙ୍କଧର ତ୍ରିପାଠୀ ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି।

ସେହିପରି ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗୋପବନ୍ଧୁଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏଥିସହ ଛାତ୍ରୀମାନେ ବିଦ୍ୟାଳୟ ପରିସର ଏବଂ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ର ଝାଡ଼େଶ୍ୱର ମନ୍ଦିର ପରିସର ସଫେଇ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବାଞ୍ଛାନିଧି ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସୋମେଶ୍ୱର ବେହେରା, ମିଲିରାଣୀ ଧର, ଭାରତୀ ଦେହୁରୀ, ବୃନ୍ଦାବତୀ ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ପ୍ରମିଳା ମହାପାତ୍ର ଓ ବାସନ୍ତୀ ସାହୁ ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବିନିକା,୯।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂସାମୁରା ଛକରେ ବୁଧବାର ରାତିରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବିନିକା ସହର ଜୁହ୍ନାପଡାର ସଂଗ୍ରାମ ମେହେର(୪୫। ବିନିକା ପଟୁ ଓଡି ୩୧ ଏମ-୬୮୯୮ ବାଇକ ଯୋଗେ ବିପରୀତ ଦିଗରୁ ଆସୁଥିବା ମାଳବୋଝେଇ ଟ୍ରକ ସିଜି ୦୪ ଏମଏନ-୯୦୭୧ ସହ ଧକ୍କା ହୋଇଥିଲା। ଏଥିରେ ସଂଗ୍ରାମ ବାଇକରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିଛି। ଟ୍ରକ ଡ୍ରାଇଭର ଅଟକ ଅଛନ୍ତି।

# ତୁର୍କେଲ ବ୍ରିଜ୍ ଉପରେ ଯାତାୟାତ ବନ୍ଦ

## ଘୋଷଣା କଲା ପୂର୍ତ୍ତ ବିଭାଗ

ଭବାନୀପାଟଣା,୯।୧୦ (ଉତ୍ତମ କୁମାର ଦାଶ)



ତେଲ ନଦୀ ଉପରେ ଥିବା ତୁର୍କେଲ ବ୍ରିଜକୁ ବନ୍ଦ କରାଯାଇଛି।

କଳାହାଣ୍ଡି ଜିଲା ଭବାନୀପାଟଣାରୁ-ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଦବିଯିବା ଆଶଙ୍କା ଦୃଢ଼ୀଭୂତ ହେବାପରେ ପୂର୍ତ୍ତ ବିଭାଗ (ପିଡବ୍ଲୁଡି) ଏହା ଉପରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି। ଗତମାସ ୨୭ତାରିଖରେ ପ୍ରବଳ ବର୍ଷା ଯୋଗୁ ତୁର୍କେଲ ବ୍ରିଜ ଦବିଯିବା ଖବର ପ୍ରକାଶିତ ହୋଇଥିଲା। ବିପଦ ସଙ୍କୁଳ ଅବସ୍ଥାରେ ଥିବା କାରଣରୁ କୌଣସି ଅଘଟଣ ଆଶଙ୍କା କରି ବ୍ରିଜ ଉପରେ ଗାଡି ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ବ୍ରିଜର ଗୋଟିଏ ସ୍ଥାନରେ ଦବିଯିବା ଭଳି ଦୃଶ୍ୟମାନ ହେବାରୁ ସାଧାରଣ ଲୋକେ ଭୟଭୀତ ହୋଇ ଉକ୍ତ ବ୍ରିଜ ଉପରଦେଇ ଗାଡି ସାମୟିକ ଭାବେ ଚଳାଚଳ ବନ୍ଦ କରିଦିଆଯାଇଥିଲା। ଏବେ ଗାଡି ଯାତାୟାତରେ ରୋକ ଲାଗିବା ପରେ ବ୍ରିଜ ପୂର୍ବରୁ ଆରଡ଼ି ରାସ୍ତାଦେଇ ଲୋକେ ଖରିଆର ଯାଇପାରିବେ। ନଚେତ କେସିଙ୍ଗା ଦେଇ ଜାତୀୟ ରାଜପଥ -୫୯ରେ ଟିଟିଲାଗଡ଼ କିମ୍ବା ବିଜୁ ଏକ୍ସପ୍ରେସ ରାସ୍ତାକୁ ଭରସା କରାଯାଇପାରେ। ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଆସି ଅନୁଧ୍ୟାନ କରିବା ପରେ ବ୍ରିଜର ସାମୟିକ ମରାମତି ହେବ କି ସମ୍ପୂର୍ଣ୍ଣ ବନ୍ଦ କରାହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ କହିଛନ୍ତି। ତେବେ ତୁର୍କେଲ ବ୍ରିଜର ଗୋଟିଏ ସ୍ଥାନରେ ଏକ୍ସପାନ୍‌ସନ ଜଏଣ୍ଟ ନିକଟରେ ପାଣି ଜମିରହିବାରୁ ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ ଟିମ୍ ଆସି ସର୍ଭେ କରି ଯାଇଥିଲା।

# ମା' ମାଣିକେଶ୍ୱରୀଙ୍କ ପୀଠରେ କୁମାର ପୂର୍ଣ୍ଣିମା


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଥୁଆମୂଳ ରାମପୁର,୯।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡିର ଜିଲାର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରଠାରେ କୁମାର ପୂର୍ଣ୍ଣିମା ବା ଦଶହରା ପର୍ବ ମଙ୍ଗଳବାର ସମ୍ପନ୍ନ ହୋଇଛି। ମା' ମାଣିକେଶ୍ୱରୀ ଯୁବ ଅନୁଷ୍ଠାନ ପକ୍ଷରୁ ଉତ୍ସବ ଆୟୋଜିତ ହୋଇଥିଲା। ମା'ଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଭକ୍ତଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣ ହୋଇଥିଲା। ଉତ୍ସବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ମୁଖ୍ୟବକ୍ତା ଓ ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, କଂଗ୍ରେସ ନେତା ଅଶୋକ କୁମାର ସିଂ, ସ୍ଥାନୀୟ ସରପଞ୍ଚ ବଳଭଦ୍ର ଜାନି, ସମିତି ସଭ୍ୟା ରାଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମା' ମାଣିକେଶ୍ୱରୀ ଯୁବ ଅନୁଷ୍ଠାନ ସଭାପତି ସାଧୁରାମ ମାଝୀ, ସମ୍ପାଦକ ଆଲୋକ ପୂଜାରୀଙ୍କ ସମେତ ସଦସ୍ୟମାନେ ଉତ୍ସବକୁ ପରିଚାଳନା କରିଥିଲେ।


ବିଷମୁଣ୍ଡ ବୁଢ଼ାରାଜାଙ୍କ ଯାତ୍ରା ଅବସରରେ ଅନୁଷ୍ଠିତ କଳସ ଯାତ୍ରାରେ ସାମିଲ ମହିଳା, ଯୁବତୀମାନେ।

# ବିଷମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ଯାତ୍ରା ଆରମ୍ଭ

ଲାଞ୍ଜିଗଡ଼,୯।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତ ସାକଡିଂ ଗୁମ୍ଫାଠାରେ ବିଷମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ଉତ୍ସବ ପାଇଁ ଭବ୍ୟ କଳସ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ହେବାକୁ ଥିବା ଏହି ଯାତ୍ରାର ପ୍ରଥମ ଦିନରେ ୫ ପଞ୍ଚାୟତର ମହିଳା ଓ ଯୁବତୀ କଳସ ଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ବିଷମୂଳ ବୁଢ଼ାରାଜାଙ୍କ ପୀଠକୁ ଆସିଥିଲେ। ପ୍ରଭୁଙ୍କ ପାଖରେ ଯାହା ମାନସିକ କରାଯାଏ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ବୁଢ଼ାରଜା ପୂଜା କମିଟି ଆନୁକୂଲ୍ୟରେ ହେଉଥିବା ପୂଜାରେ ୫ ପଞ୍ଚାୟତ ପାହାଡ଼ପଦର, ଲାଖବାହିଲି, ବିଜେପୁର, ମାଲିଯୁବାଙ୍ଗ ଓ ବେନଗାଁର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗଦେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ବୁଦ୍ଧୁ ନାଏକ, ଲୋକନାଥ ମାଝୀ, ଜଗଦୀଶ ପୁଟା, ମାନ ମାଝୀ, ଭୀମ ମାଝୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ପୂଜା କମିଟି ଉପସଭାପତି କୁମର ନାଏକ, ସମ୍ପାଦକ ବଳଭଦ୍ର ସାହୁ, ସହ ସମ୍ପାଦକ ପ୍ରସାଦ ନାଏକ, ଉପଦେଷ୍ଟା ବୈଦ୍ୟନାଥ ନାଏକ, ଲିଙ୍ଗରାଜ ଦୁର୍ଗା, ମହାଦେବ ନାଏକ, ସୁଦର୍ଶନ ନାଏକ, ଚନ୍ଦ୍ର ମାଝୀ, କୁଞ୍ଜ ମାଝୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରତ୍ୟହ ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଗୀତିନାଟ୍ୟ, ରେକର୍ଡ ଡ୍ୟାନ୍ସ ଭଳି ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ଥୁଆମୂଳ ରାମପୁର, ୯।୧୦ (ଦୁର୍ଗା କୀର୍ତ୍ତି)


ନାଳରୁ ପାନୀୟଜଳ ସଂଗ୍ରହ କରୁଛନ୍ତି ଗ୍ରାମର ମହିଳା।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଆମ୍ବ ପଦର ପଞ୍ଚାୟତ ଅନ୍ତର୍ଗତ ନୁନରେଶ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଗୁରୁବାର ଗ୍ରାମବାସୀ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏନ୍‌ଏଚ୍ ୪୪ର ଖାକେଶଠାରୁ ନୁନରେଶ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ଗତ ୨ତାରିଖରେ ପ୍ରବଳ ବର୍ଷ ହେତୁ ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସି ରାସ୍ତା ଅବରୋଧ କରିଛି। ଫଳରେ ପଥଚାରୀଙ୍କଠାରୁ ଆରମ୍ଭ କରି ଜରୁରୀ କାଳୀନ ସେବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଗ୍ରାମରେ ବସୁଧା ଯୋଜନାରେ ଓଭର ହେଡ ଟାଙ୍କି ନିର୍ମାଣର ୩ ବର୍ଷ ପରେ ମଧ୍ୟ ପାନୀୟ ଜଳ ଯୋଗାଣ ହୋଇପାରି ନାହିଁ। ଫଳରେ ଲୋକେ ନଈନାଳର ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ତୁରନ୍ତ ଏହିସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ର ଦେବା ସମୟରେ ନୁନରେଶ ଗ୍ରାମର ମୁତେ ସିଂ ମାଝୀ, ସୁନା ସିଂ ମାଝୀ, ସୁରେନ୍ଦ୍ର ନାଏକ, ଟିପାଙ୍ଗ ମାଝୀ, ସୁମନ୍ତ ନାଏକ, ବାସନ୍ତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ଏସ୍ ପାଳିଲା ବିଜୟା ଦଶମୀ ଉତ୍ସବ


ଖଣ୍ଡହତାରେ ଆର୍‌ଏସ୍‌ଏସ୍‌ର ସଦସ୍ୟମାନେ।

ଅମରପାଲି, ୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ରବିନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଖଣ୍ଡହତା ମଣ୍ଡଳ ତରଫରୁ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୩୫ଜଣ ସ୍ୱୟଂ ସେବକ ଯୋଗଦେଇଥିଲେ। ପ୍ରମୋଦ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ଅସ୍ତ୍ର ପୂଜନ ଓ ଦୀପ ପ୍ରଜ୍ୱଳନ ପରେ ସ୍ୱୟଂ ସେବକ ମାନଙ୍କ ଦ୍ୱାରା ଶାରୀରିକ ପ୍ରଦର୍ଶନ ହୋଇଥିଲା। ସବ୍ୟସାଚୀ ପଧାନଙ୍କ ଅମୃତବଚନ ପରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟାପକ ବିଜୟ କୁମାର ପଧାନ ହିନ୍ଦୁତ୍ୱ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବୀରମହାରାଜପୁର ଖଣ୍ଡ ପ୍ରଚାର ପ୍ରମୁଖ ଯୁଧିଷ୍ଠିର ଖମାରୀ ସଂଘର ଆରମ୍ଭ, ପରମ ବୈଭବଶାଳୀ ଭାରତବର୍ଷ, ବିଶ୍ୱକୁ ଭାରତର ଦାନ, ପଞ୍ଚ ପରିବର୍ତ୍ତନ ଯଥା ସ୍ୱଦେଶୀ, ପର୍ଯ୍ୟାବରଣ, କୁଟୁମ୍ବ ପ୍ରବୋଧନ, ସମରସତା, ନାଗରିକ କର୍ତ୍ତବ୍ୟ ବିଷରେ ମତବ୍ୟକ୍ତ କରିଥିଲେ। ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ସନ୍ତୋଷ କୁମାର ରଥ, ଖଣ୍ଡକାର୍ଯ୍ୟବାହ ବିଭୂତି ଭୂଷଣ କୁଦାଇ, ବ୍ୟବସ୍ଥା ପ୍ରମୁଖ ସୁରେଶ ସାହୁ, ମଧୁସୁଦନ କର୍ଣ୍ଣ, ସୁବାଷ ପଧାନ, ଲଳିତ କର୍ଣ୍ଣ, ସୁବଳ ମେଣ୍ଡଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ସମୂହ ଭଲିବଲ, ଯୋଗାସନ ପ୍ରତିଯୋଗିତା


ଜଣେ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଖଡ଼ିଆଳ,୯।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଆନୁକୂଲ୍ୟରେ ଗୁରୁବାର ୧୨ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ, ଯୋଗାସନ ଓ ସତରଞ୍ଜ ପ୍ରତିଯୋଗିତା ସାନମହେଶ୍ୱରସ୍ଥିତବିଘ୍ନରାଜଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ଓ ୧୭ ବର୍ଷରୁ କମ୍ ବାଳିକାବାଳକ ଭାଗନେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୨୫୦ ଛାତ୍ରୀଛାତ୍ର ଓ ୬୦ ଜଣ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲାପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାଏକ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ସିଦ୍ଧାର୍ଥ ଚନ୍ଦ୍ର ଜୋଷୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରତନ ସିଂ ବାରିକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଉଗ୍ରେଶ୍ୱର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଧନଞ୍ଜୟ ଦଣ୍ଡସେନା, ଧନଞ୍ଜୟ ବୈଠାରୁ ଓ ମକରଧ୍ୱଜ ରଣା ପରିଚାଳନା କରିଥିଲେ।

DSPL-307

ଓଡ଼ିଶା ଶାସନ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଅଣ୍ଡା ଦିବସ
୧୦ ଅକ୍ଟୋବର ୨୦୨୫

ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ସହାୟତା
- ଲେୟର୍ ଫାର୍ମ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ **୧ କୋଟି ଟଙ୍କା** ପର୍ଯ୍ୟନ୍ତ ସହାୟତା
- ୧,୦୦୦ ରୁ ୪,୦୦୦ ଲେୟର୍ ବାର୍ଡ୍‌ର ଫାର୍ମ ପ୍ରତିଷ୍ଠା ପାଇଁ **୧୯ ଲକ୍ଷ ୭୪ ହଜାର ଟଙ୍କା** ପର୍ଯ୍ୟନ୍ତ ସହାୟତା
- ଘର ଅଗଣାରେ କୁକୁଡ଼ା ପାଳନ ପାଇଁ **୪୦ ହଜାର** ହିତାଧିକାରୀଙ୍କୁ ଶତ ପ୍ରତିଶତ ସହାୟତା
- ବତକ ପାଳନ ପାଇଁ ସର୍ବାଧିକ **୨ଲକ୍ଷ ୬୪ ହଜାର ଟଙ୍କାର** ସହାୟତା
- ରାଜ୍ୟରେ ଏବେ ଦୈନିକ **୧ କୋଟିରୁ ଉର୍ଦ୍ଧ୍ୱ** ଅଣ୍ଡା ଉତ୍ପାଦନ

OIPR-06014/13/0067/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବିନିକା,୯।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂସାମୁରା ଛକରେ ବୁଧବାର ରାତିରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବିନିକା ସହର ଜୁହ୍ନାପଡାର ସଂଗ୍ରାମ ମେହେର(୪୫। ବିନିକା ପଟୁ ଓଡି ୩୧ ଏମ-୬୮୯୮ ବାଇକ ଯୋଗେ ବିପରୀତ ଦିଗରୁ ଆସୁଥିବା ମାଳବୋଝେଇ ଟ୍ରକ ସିଜି ୦୪ ଏମଏନ-୯୦୭୧ ସହ ଧକ୍କା ହୋଇଥିଲା। ଏଥିରେ ସଂଗ୍ରାମ ବାଇକରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିଛି । ଟ୍ରକ ଡ୍ରାଇଭର ଅଟକ ଅଛନ୍ତି।

### କପଡ଼ା ଦୋକାନରୁ ଚୋରି

ବିନିକା,୯।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ କପଡା ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଦୋକାନ ପଛପଟ ସ୍କାଇଲାଇଟ ଭାଙ୍ଗି ଚୋରମାନେ ଭିତରେ ପଶି ଶାଢୀ, ପ୍ୟାଣ୍ଟଶାର୍ଟ, ନଗଦ ୭ହଜାର ଟଙ୍କା, ୩ଟି ରୂପା କଏନ ଚୋରି କରି ନେଇଥିବା ଦୋକାନ ମାଲିକ ଗଣେଶ ସୁବୁଦ୍ଧି ଅଭିଯୋଗ କରିଛନ୍ତି। ବିନିକା ଥାନାରେ ଲିଖିତ ଅଭିଯୋଗ ପରେ ଗୁରୁବାର ଅପରାହ୍ନରେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛି । ତେବେ ଗତ ମାସକ ମଧ୍ୟରେ ସମାନ ଢଙ୍ଗରେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଫେନ୍ସିଷ୍ଟୋର ସ୍କାଏଲାଇଟ ଭାଙ୍ଗି ଚୋରି ହୋଇଥିଲା। ସେହି ଘଟଣାରେ ପୋଲିସର ହାତ ଖାଲି ରହିଛି।

# ସମନ୍ୱୟ ରଖି କାର୍ଯ୍ୟ କର

ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବିଭିନ୍ନ ଅଧିକାରୀ, ବିଧାୟକ ଓ ଜିଲାପାଳଙ୍କ ଉପସ୍ଥିତିରେ ସମୀକ୍ଷା କରୁଛନ୍ତି।

**ସୁବର୍ଣ୍ଣପୁରରେ ଦିଶା ବୈଠକ**

**■ଆମ୍ବ ଚାଷୀଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ**

ସୁବର୍ଣ୍ଣପୁର ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି(ଦିଶା) ବୈଠକ କମିଟି ଅଧ୍ୟକ୍ଷା ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଦିଶାର ମେମ୍ବର ସେକ୍ରେଟାରୀ ଡ. ନୃପରାଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲାର ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ ପ୍ରକଳ୍ପର ସ୍ଥିତି ସମୀକ୍ଷା ସହ ଯୋଜନା କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଆଲୋଚନା ହୋଇଥିଲା।

ଏମ୍‌ପି ସିଂଦେଓ ନିଜର ବକ୍ତବ୍ୟରେ ତୃଣମୂଳସ୍ତରରେ ନୂତନ ବିକାଶ କାର୍ଯ୍ୟ ଆରମ୍ଭ, ପର୍ଯ୍ୟାଲୋଚନା ଓ ସମସ୍ତ ପ୍ରକଳ୍ପର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଏମ୍‌ପି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାଗୁଡିକର ସ୍ଥିତ ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ ରାସ୍ତାଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶିଘ୍ର ସମ୍ପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତ୍ତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ୍ ଜିଲା ଏକ୍ ପ୍ରଡକ୍ଟ ଯୋଜନାରେ ସୁବର୍ଣ୍ଣପୁର ଜିଲାରେ ଆମ୍ବ ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା ପାଇଁ ଆଲୋଚନା ହୋଇଥିଲା। ଜିଲାର ଆମ୍ବ ଚାଷୀଙ୍କ ଉନ୍ନତି ଏବଂ ଏ ଦିଗରେ ଜିଲା ପ୍ରଶାସନର ତତ୍ପରତା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। ବୈଠକରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ଜୈବିକ ପଦ୍ଧତିରେ ଚାଷ, ଜଳ ବିଭାଜିକା ଦ୍ୱାରା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମବାୟ ସମିତି, କପା ଚାଷ, ଜଳସେଚନ, ଗ୍ରାମ୍ୟ ଜଳଯୋଗାଣ ଓ ପାନୀୟ ଜଳ ବିଭାଗ, ଯୋଗାଣ, ପ୍ରାଣୀସମ୍ପଦ, ଗୋପାଳନ, ଜିଲା ସମାଜ କଲ୍ୟାଣ ବିଭାଗ, ଶିଶୁ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ଉପରେ ବିଶେଷ ଆଲୋଚନା ହୋଇଥିଲା। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଜିଲାର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ପ୍ରୟାସରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାର ବିକାଶ ଓ ସମୃଦ୍ଧି ଦିଗରେ ବିଭାଗୀୟ ଅଧିକାରୀମାନେ କିଭଳି ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବେ ସେ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ ଜିଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ ବୈଠକ ଏବଂ ଶେଷରେ ଜିଲା ଖଣିଜ ପ୍ରତିଷ୍ଠାନ ବୈଠକ ଅନୁଷ୍ଠିତ ହୋଇଥିଲା। ଦିଶା ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ସରପଞ୍ଚ ଅଶୋକ ପୃଷ୍ଟି, ପଟ୍ଟଆରୀ ପଧାନଙ୍କ ସମେତ ଦିଶା କମିଟିର ମନୋନିତ ସଦସ୍ୟ, ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପାଇଲେ ସଙ୍ଗୀତା

ଅମରପାଲି, ୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ପ୍ରକୃତିପ୍ରେମୀ ସଙ୍ଗୀତା ପାତ୍ରଙ୍କୁ ଜିଲା ବନବିଭାଗ ତରଫରୁ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସରଂକ୍ଷଣ ପୁରସ୍କାର-୨୫ ପ୍ରଦାନ କରାଯାଇଛି। ସଙ୍ଗୀତା ପରିବେଶ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ସଚେତନତା, ବିଲୁପ୍ତ ଘର ଚଟିଆମାନଙ୍କ ସଂରକ୍ଷଣ, ଆହତ ଅସୁରକ୍ଷିତ ପଶୁ ପକ୍ଷୀଙ୍କୁ ଉଦ୍ଧାର କରି ସୁରକ୍ଷିତ ବାସସ୍ଥଳୀରେ ଛାଡିବା, ଗ୍ରୀଷ୍ମଋତୁରେ ଜୀବଜନ୍ତୁଙ୍କୁ ପ୍ରଚଣ୍ଡ ତାତିରେ ପାଣି ଯୋଗାଇବା, ପକ୍ଷୀଙ୍କୁ ଜଙ୍ଗଲରେ ମାଟିପାତ୍ର ରଖି ପାଣି ବ୍ୟବସ୍ଥା କରିବା ଆଦି କାର୍ଯ୍ୟ କରିଥାନ୍ତି। ବନାଗ୍ନି ନିରାକରଣ ଓ ଜଳବାୟୁ ପରିବର୍ତ୍ତନର ସ୍ଥିତିକୁ ସୁଧାର ଆଣିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ସଙ୍ଗୀତା ନିଜ ପ୍ରଚେଷ୍ଟାରେ ଜାରି ରଖିଛନ୍ତି। ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରି ଓଡ଼ିଶା ସରକାରଙ୍କ ତରଫରୁ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମାନପତ୍ର ସହିତ ୨୫ହଜାର ଟଙ୍କାର ଚେକ ମୁଖ୍ୟ ଅତିଥି ଜିଲାପାଳ ଡ଼.ନୃପରାଜ ସାହୁଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି।

## ଗଜଲକ୍ଷ୍ମୀ ପୂଜା, ନାମଯଜ୍ଞ ଉଦ୍‌ଯାପିତ



ବାଘମାରି ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନୀ ଦିବସରେ ନଗର କୀର୍ତ୍ତନ।

ବୀରମହାରାଜପୁର,୯।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ବାଘମାରି ଗଜଲକ୍ଷ୍ମୀ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସକାଳ ୯ଟା୩୦ରେ ନାମଯଜ୍ଞ ପୂର୍ଣ୍ଣାହୁତି ସହ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହାପରେ ଦଧି ଭାଣ୍ଡ ଭଙ୍ଗା ଯିବା ପରେ ସଙ୍କୀର୍ତ୍ତନ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହଦା ସଙ୍କୀର୍ତ୍ତନ ଦଳ ଓ ଡୁଙ୍ଗୁରି ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ପୂଜକ ଭାବରେ ପଣ୍ଡିତ ରବୀଚନ୍ଦ୍ର ପୁରୋହିତ ଓ ପ୍ରଦ୍ୟୁମ୍ନ ପୁରୋହିତ କାର୍ଯ୍ୟ ତୁଲାଉଛନ୍ତି। କର୍ତ୍ତା ଭାବେ ଅମିତ କୁମାର ପ୍ରଧାନ ତାଙ୍କ ଧର୍ମ ପତ୍ନୀ ରଶ୍ମିତା ପ୍ରଧାନ, ନାମ ଯଜ୍ଞ ପୂଜା ପାଇଁ ସତ୍ୟ ନାରାୟଣ ପଣ୍ଡା ତାଙ୍କ ଧର୍ମ ପତ୍ନୀ ଉତ୍ପତ୍ତି ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଘମାରି, କର୍ଣ୍ଣପାଲି ଗ୍ରାମବାସୀ ସାମିଲ ହୋଇଥିଲେ। ଶୁକ୍ରବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଭାଗନେବେ ବୀରମହାରାଜପୁରର ୨ ପ୍ରତିଯୋଗୀ

**ଜାତୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତା**

ଅମରପାଲି, ୯।୧୦(ପୀତାମ୍ବର ସାହୁ)



ପ୍ରୀତିମୟୀ ଭୁକ୍ତା



ଲିପ୍ସା ପ୍ରଧାନ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୨ଜଣ ଛାତ୍ରୀ ୪୦ତମ ଜାତୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଚୟନ ହୋଇଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ୪୦ତମ ଜାତୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ଜୁନିୟର ବିଭାଗରେ ଓଡ଼ିଶାରୁ ମୋଟ ୭୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରୁ ସୁବର୍ଣ୍ଣପୁର ଜିଲାରୁ ୩ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରୁ ବୀରମହାରାଜପୁର ବ୍ଲକର ୨ ଜଣ ପ୍ରତିଯୋଗୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଏହି ବ୍ଲକ ସଂଗ୍ରାମପୁର ଗ୍ରାମର ପ୍ରତିମୟୀ ଭୁକ୍ତା ଓ ଯୁବରାଜପୁରର ଲିପ୍ସା ପଧାନ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶୁକ୍ରବାରଠାରୁ କଳିଙ୍ଗ ଷ୍ଟାଡିୟମ ରେ ହେବାକୁ ଥିବା କ୍ରୀଡ଼ା ମହାକୁମ୍ଭରେ ପ୍ରୀତିମୟୀ ୧୦୦୦ ମିଟର ଦୌଡ ଓ ଲିପ୍ସା ପେଣ୍ଟାଥାଲନରେ ଓଡ଼ିଶା ଦୌଡକୁଦ ସଂଘ ତରଫରୁ ଅଂଶଗ୍ରହଣ କରିବେ।

## ଆରଏସ୍‌ଏସ୍ ପାଳିଲା ବିଜୟା ଦଶମୀ ଉତ୍ସବ



ଖଣ୍ଡହତାରେ ଆରଏସ୍‌ଏସ୍‌ର ସଦସ୍ୟମାନେ।

ଅମରପାଲି, ୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ରବିନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଖଣ୍ଡହତା ମଣ୍ଡଳ ତରଫରୁ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୩୫ଜଣ ସ୍ୱୟଂ ସେବକ ଯୋଗଦେଇଥିଲେ। ପ୍ରମୋଦ କୁମାର ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ଅସ୍ତ୍ର ପୂଜନ ଓ ଦୀପ ପ୍ରଜ୍ୱଳନ ପରେ ସ୍ୱୟଂ ସେବକ ମାନଙ୍କ ଦ୍ୱାରା ଶାରୀରିକ ପ୍ରଦର୍ଶନ ହୋଇଥିଲା। ସବ୍ୟସାଚୀ ପଧାନଙ୍କ ଅମୃତବଚନ ପରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟାପକ ବିଜୟ କୁମାର ପଧାନ ହିନ୍ଦୁତ୍ୱ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବୀରମହାରାଜପୁର ଖଣ୍ଡ ପ୍ରଚାର ପ୍ରମୁଖ ଯୁଧିଷ୍ଠିର ଖମାରୀ ସଂଘର ଆରମ୍ଭ, ପରମ ବୈଭବଶାଳୀ ଭାରତବର୍ଷ, ବିଶ୍ୱକୁ ଭାରତର ଦାନ, ପଞ୍ଚ ପରିବର୍ତ୍ତନ ଯଥା ସ୍ୱଦେଶୀ, ପର୍ଯ୍ୟାବରଣ, କୁଟୁମ୍ବ ପ୍ରବୋଧନ, ସମରସତା, ନାଗରିକ କର୍ତ୍ତବ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ସନ୍ତୋଷ କୁମାର ରଥ, ଖଣ୍ଡକାର୍ଯ୍ୟବାହ ବିଭୂତି ଭୂଷଣ କୁଦାଇ, ବ୍ୟବସ୍ଥା ପ୍ରମୁଖ ସୁରେଶ ସାହୁ, ମଧୁସୂଦନ କର୍ଣ୍ଣ, ସୁବାଷ ପଧାନ, ଲଳିତ କର୍ଣ୍ଣ, ସୁବଳ ମେଣ୍ଡଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଅବଦାନ ବୁଝିବାକୁ ହେବ



ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ସଭାରେ ଅତିଥିମାନେ।

ବୀରମହାରାଜପୁର,୯।୧୦(ଯୁଗଳ କିଶୋର ମିଶ୍ର)

**ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବୁଧବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡକ୍ଟର ପ୍ରଫୁଲ୍ଲ କୁମାର ରଥ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମକୃଷ୍ଣ ହୋତା, ସମ୍ମାନିତ ଅତିଥିଭାବେ ନାରାୟଣ ମିଶ୍ର ଓ ବ୍ରଜଗୋପାଳ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ଥିବା ଅବଦାନକୁ ବୁଝିବାକୁ ହେବ ବୋଲି କହିଥିଲେ। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ସାମାଜିକ ପ୍ରପୀଡନ, ଏକାକୀବୋଧର ସମସ୍ୟା ଓ ଅଭିଜ୍ଞତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିମ୍‌ଏସ୍‌ଏସ୍‌ଓ ସତ୍ୟନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟ ନାରାୟଣ ନାୟକ, ଦୀନବନ୍ଧୁ ମେହେର, ଭୂଷଣ କୁମାର ପାତ୍ର, ସତ୍ୟ ନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ଭୋଳାନାଥ କର୍ମୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିବାନୀ ଦାଶ, ସୀମାରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୀରମହାରାଜପୁର, ସୁବଳୟା ଓ ଖଣ୍ଡହତା ବରିଷ୍ଠ ନାଗରିକ ସଙ୍ଗଠନରୁ ୮୦ଜଣ ବରିଷ୍ଠ ନାଗରିକ ଏଥିରେ ଯୋଗଦାନ କରିଥିଲେ। ସକାଳ ୭ଟାରେ କଲ୍ୟାଣ ମଣ୍ଡପଠାରେ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଯୋଗାଚାର୍ଯ୍ୟ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ଯୋଗଶିକ୍ଷା ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର ଉଦ୍‌ଯାପିତ

**ପଡିଆବାହାଲ,୯।୧୦(ରାଧାମୋହନ ଷଡଙ୍ଗୀ)**

ଜମନକିରା ବ୍ଲକ କୁଲୁଣ୍ଡି ବିଶ୍ୱସେବା ଅନ୍ତଃଦୃଷ୍ଟି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। କ୍ୱାଣ୍ଟମ ଯୁଗର ଆରମ୍ଭ, ଏହାର ସମ୍ଭାବନା ଓ ଆହ୍ୱାନ ଉପରେ ହୋଇଥିବା ସେମିନାରରେ ୧୪ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ପ୍ରଧାନଶିକ୍ଷକ ବ୍ରଜକିଶୋର ପଧାନ ଅଧକ୍ଷତା କରିଥିଲେ। ସମୀର କୁମାର ଭୋଇ ସେମିନାର ପରିଚାଳନା କରିଥିଲେ। ଡା ବ୍ୟୋମକେଶ ଭୋଇ, ଡା କିଶୋର ଚନ୍ଦ୍ର ନାୟକ ବିଚାରକଭାବ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ । ଏବିଓ ଦେବକୀ ନାୟକ ସେମିନାରର ଶୁଭାରମ୍ଭ କରିଥିଲେ। ସେଲିନା ପଧାନ ସେମିନାରରେ ପ୍ରଥମ, ମୌସୁମୀ ପଧାନ ଦ୍ୱିତୀୟ ଓ ଅବିନାଶ କାଣ୍ଡୁଳନା ତୃତୀୟ ହୋଇଛନ୍ତି।

### ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର

**ସମ୍ବଲପୁର,୯।୧୦(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକ ସ୍ତରୀୟ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜିତ କୁମାର ଲୁହାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ କରନ ଶର୍ମା ମୁଖ୍ୟ ଅତିଥି, ଜିଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ମୀନାରାଣୀ ମଲିକ, ସୁଷମା ସଙ୍ଗୀତା ତିର୍କୀ ତାଲିମ ପ୍ରଦାନ କରିବା ଯୋଜନା ରହିଛି। ଧନକଉଡା ବ୍ଲକର ୪ ହଜାର ୩୪୬ କିଶୋରୀ ବାଳିକାଙ୍କ ସମେତ ଜିଲାର ୧୬ ହଜାର ୧୯୫ ଜଣ ଛାତ୍ରୀଙ୍କୁ କାର୍ଯ୍ୟକ୍ରମ ଜରିଆରେ ତାଲିମ ପ୍ରଦାନ କରାଯିବ ବୋଲି ଜିଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ କହିଛନ୍ତି। ସଭାକୁ ନିରୂପମା ଅଦାବର ପରିଚାଳନା କରିଥିଲେ।



ଗୁରୁବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁର କାର୍ତ୍ତିକ ମାସ ଉପଲକ୍ଷେ ସ୍ୱତନ୍ତ୍ର ବେଶରେ ଦର୍ଶନ ଦେଉଛନ୍ତି ।



ଗୁରୁବାର ବୁର୍ଲା ପେଟ୍ରୋଲ ପମ୍ପ ଛକ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଦୋକାନ ଗୃହ ଉଚ୍ଛେଦ କରାଯାଉଛି ।

# ବାଲ୍ୟ ବିବାହ ନିଷେଧ, କିଶୋରୀ ସଶକ୍ତୀକରଣକୁ ଗୁରୁତ୍ୱ

**ସମ୍ବଲପୁର,୯।୧୦(ପ୍ରମୋଦ ବହିଦାର)**

**ବାଲ୍ୟବିବାହ ନିଷେଧ, କିଶୋରୀ ସଶକ୍ତୀକରଣ ଟାସ୍କଫୋର୍ସ ବୈଠକ**

**ନାକଟିଦେଉଳ ବ୍ଲକର ୫୧, ଜମନକିରା ବ୍ଲକର ୧୦୮ ଗ୍ରାମ ବାଲ୍ୟ ବିବାହମୁକ୍ତ ଘୋଷିତ**

ସମ୍ବଲପୁର ବାଲ୍ୟ ବିବହ ନିଷେଧ ଓ କିଶୋରୀ ସଶକ୍ତିକରଣ ପାଇଁ ଜିଲାସ୍ତରୀୟ ଟାସ୍କଫୋର୍ସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଡ୍‌ଏଟ୍ ଆକ୍ସନର ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ ସନଗ୍ର ଜିଲାରେ ବାଲ୍ୟ ବିବାହ ଆଇନର କାର୍ଯ୍ୟକାରିତା ଓ ବାଲ୍ୟ ବିବାହର ସ୍ଥିତି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ବାଲ୍ୟ ବିବାହ ଓ କିଶୋରୀ ସଶକ୍ତିକରଣ କ୍ଷେତ୍ରରେ ଜିଲାର ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ନାକଟିଦେଉଳ ବ୍ଲକର ୫୧ ଓ ଜମନକିରା ବ୍ଲକର ୧୦୮ ଗ୍ରାମକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଥିଲା। ଅତିଥିମାନେ ସମାଜରୁ ବାଲ୍ୟ ବିବାହରୂପୀ ବ୍ୟାଧିକୁ ସମୂଳେ ନାଶ କରି କିଶୋରୀମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବାକୁ ମତବ୍ୟକ୍ତ କରିଥିଲେ। ଡିଏସ୍‌ପି ଅନୀଲ କୁମାର ପ୍ରଧାନ ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୋଲିସର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ(ଜନସ୍ୱାସ୍ଥ୍ୟ) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ବାଲ୍ୟବିବାହ ବନ୍ଦ ଦିଗରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଉପସ୍ଥାପନ କରିଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଅଧାରୁ ପାଠ ଛାଡିଥିବା ଶିଶୁମାନଙ୍କ ପୁନଃ ପାଠପଢ଼ା ପାଇଁ ଶିକ୍ଷାବିଭାଗ ପକ୍ଷରୁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅଦର୍ଶର ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ବେହେରା ଜିଲାରେ ସମ୍ପୂର୍ଣ୍ଣ ଭାବେ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତଙ୍କ ଲୋଡ଼ିଥିଲେ। ହିଣ୍ଡାଲ୍‌କୋର ଉପଦେଷ୍ଟା ସୁକାନ୍ତ ମହାପାତ୍ର ସମାଜରେ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ବ୍ୟାପକ ଜନ ସଚେତନତାର ଆାବଶ୍ୟକତା ରହିଛି। ଏଦିଗରେ କମ୍ପାନୀ ସମସ୍ତ ପ୍ରକାର ସହଯୋଗ କରିବ ବୋଲି କହିଥିଲେ। ଓବିସି ମଞ୍ଚର ଜିଲା ଆବାହକ ସରୋଜ ସାହୁ ସମାଜରେ ବାଲ୍ୟ ବିବାହ ରୋକିବାକୁ ଆବଶ୍ୟକ ଜନ ସଚେତନତା ସହିତ ସମସ୍ତ ଓବିସି ବର୍ଗର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ମତ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମାହସଂଘ ଜିଲା ସମ୍ପାଦିକା କେତକୀ ବେହେରା ବାଲ୍ୟ ବିବାହ ରୋକିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବୈଠକକୁ ପ୍ରୋଗ୍ରାମ କମ ପ୍ରୋଟେକ୍ସନ୍ ଅଫିସର ସରିତା ଦାସ ପରିଚାଳନା କରିଥିଲେ। ଶେଷରେ ହବ୍‌ର ଜିଲା ସଂଯୋଜକ ଛଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଜାତି ସମାଜ ପ୍ରତିନିଧି, ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ, ସିଡିପିଓ, ପାରା ଲିଗାଲ କର୍ମୀ, ଜିଲା ଆଇନ ସେବା ପ୍ରାଧିକରଣ ସଭ୍ୟ, ପ୍ରୋଗ୍ରାମ ଅଧିକାରୀ, ସ୍ୱୟଂ ସହାୟକ ମହାସଂଘର ଜିଲା ସମ୍ପାଦକ, ମାନେଶ୍ୱର ବୈଷୟିକ ଶିକ୍ଷା ଅନୁଷ୍ଠାନ ସଦସ୍ୟ, ହିଣ୍ଡାଲକୋ ଆଦି ଶିଳ୍ପାନୁଷ୍ଠାନ ପ୍ରତିନିଧିମାନେ ଯୋଗଦେଇଥିଲେ।

# କୁଟୁରାଚୁଆଁ କଲେଜରେ ଗୋପବନ୍ଧୁ ଜୟନ୍ତୀ



ଜୟନ୍ତୀ ସଭାରେ କଲେଜ ଅଧ୍ୟକ୍ଷକଙ୍କ ସହ ଅତିଥିମାନେ।

**କୁଚିଣ୍ଡା,୯।୧୦(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ୨କଲେଜରେ ଗୁରୁବାର ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିଗଣ ଉତ୍କଳମଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବରିଷ୍ଠ ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଗୋପବନ୍ଧୁଙ୍କ ସମାଜସେବା ବିଷୟରେ ଆଲୋକପାତ କରିଥିଲେ। ଅଧାପକ ସତ୍ୟନାରାରଣ ପଟେଲ, ଅଧାପିକା ଭାବନା ପାଣ୍ଡେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍କଳମଣିଙ୍କ ତ୍ୟାଗମୟ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମିନ ରଞ୍ଜନ ନାଏକ, ଭେଷଜ ଗରଡିଆ, ଜୟଦେବ ରାଉତ, ଅସିମ କୁମାର ପରୁଆ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି



ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ ।

**ସମ୍ବଲପୁର,୯।୧୦(ବି.ଶଙ୍କର)**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଭାରତର ପ୍ରଥମ ମୁସଲିମ ଶିକ୍ଷୟିତ୍ରୀ ଫାତିମା ଶେଖଙ୍କ ୧୨୫ତମ ଏବଂ କାଂଶୀରାମଙ୍କ ୧୯ତମ ପରିନିର୍ବାଣ ଦିବସ ଗୁରୁବାର ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧକ୍ଷ ନିହାଲ ସିଂଙ୍କ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଯୋଗଦେଇ ଥିଲେ। ଭାରତରେ ମହିଳା ଶିକ୍ଷାକୁ ଗୁରୁତ୍ୱାରୋପ କରିବାରେ ଫାତିମା ସର୍ବଦା କାର୍ଯ୍ୟ କରୁଥିଲେ। ତାଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ପ୍ରତି ଦେଶରେ ମହିଳାମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି ପଦ୍ମଶ୍ରୀ ହରିପାଲ ମତବ୍ୟକ୍ତ କରିଥିଲେ। ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ରାଜ୍ୟ ଉପ ସଭାନେତ୍ରୀ ମୋମିନା ଖାତୁନ, ବରିଷ୍ଠ ନାଗରିକ ତ୍ରିବିକ୍ରମ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଫାତିମା ଶେଖ ଓ କାଶିଂରାମଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହା ସଚିବ ଶିବ ଶଙ୍କର ପ୍ରଧାନ, ହରଦ ମଲ୍ଲିକ, ନୀଳାବତୀ ତାଣ୍ଡି, ଯମୁନା ଶିକା, ସୁନୀଲ କୁମାର ହଂସା, ସୁନେନା ନାଏକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଜ୍ଞାନ ସେମିନାର, ଲୋକନୃତ୍ୟ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନାକଟିଦେଉଳ, ୯।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଓ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜଗନ୍ନାଥ ପ୍ରସାଦ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ସେମିନାରରେ ବ୍ଲକର ସମସ୍ତ ୧୬ଟି ଉଚ୍ଚ ବିଦ୍ୟାଳୟରୁ ୧୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲୋକ ନୃତ୍ୟ ପ୍ରତିଯୋଗିତାରେ ୪ଟି ଉଚ୍ଚ ବିଦ୍ୟାଳୟରୁ ୧୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ସେମିନାରରେ କ୍ୱାଣ୍ଟମ ଯୁଗର ଆରମ୍ଭ ଓ ସମ୍ଭାବନା ଶୀର୍ଷକ ଆଲୋଚନାରେ ଡଇଁଚା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ର ଝସକେତନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲୋକ ନୃତ୍ୟ ପ୍ରତିଯୋଗିତାରେ ପେଣ୍ଡବାହାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ ମ ଶ୍ରେଣୀ ଛାତ୍ରୀ ଶିବାନୀ ସ୍ୱାଇଁ ଏବଂ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଶୁକ୍ରବାର ସମ୍ବଲପୁର ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଜ୍ଞାନ ସେମିନାରରେ ନାକଟିଦେଉଳ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ହେମାନନ୍ଦ ବିଶ୍ୱାଳ ଏବଂ ପଦାର୍ଥ ବିଜ୍ଞାନ ଅଧାପକ ସଞ୍ଜୀବ କୁମାର ଦାସ ବିଚାରକଭାବେ ଯୋଗ ଦେଇଥିଲେ। ଲୋକ ନୃତ୍ୟ ପ୍ରତିଯୋଗିତାରେ କଳାକାର ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଏବଂ ଅବସରପ୍ରାପ୍ତ ଶିକ୍ଷକ ଜୟଦେବ ରାଉଳ ବିଚାରକଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ସାହୁ, ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୀରାଲାଲ ଧଳ ଏବଂ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

DSPL-307



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଅଣ୍ଡା ଦିବସ
୧୦ ଅକ୍ଟୋବର ୨୦୨୫

ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ସହାୟତା

- ଲେୟର୍ ଫାର୍ମ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ **୧ କୋଟି ଟଙ୍କା** ପର୍ଯ୍ୟନ୍ତ ସହାୟତା
- ୧,୦୦୦ ରୁ ୪,୦୦୦ ଲେୟର୍ ବାର୍ଡ଼ର ଫାର୍ମ ପ୍ରତିଷ୍ଠା ପାଇଁ **୧୯ ଲକ୍ଷ ୭୪ ହଜାର ଟଙ୍କା** ପର୍ଯ୍ୟନ୍ତ ସହାୟତା
- ଘର ଅଗଣାରେ କୁକୁଡ଼ା ପାଳନ ପାଇଁ **୪୦ ହଜାର** ହିତାଧିକାରୀଙ୍କୁ ଶତ ପ୍ରତିଶତ ସହାୟତା
- ବତକ ପାଳନ ପାଇଁ ସର୍ବାଧିକ **୨ଲକ୍ଷ ୬୪ ହଜାର ଟଙ୍କାର** ସହାୟତା
- ରାଜ୍ୟରେ ଏବେ ଦୈନିକ **୧ କୋଟିରୁ ଊର୍ଦ୍ଧ୍ୱ** ଅଣ୍ଡା ଉତ୍ପାଦନ

OIPR-06014/13/0067/2526

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment

## ଦିଲ୍ଲୀରେ ଆଜି



ଶୁକ୍ରବାର କରବାଚୌଥ ପାଳନ ହେବାକୁ ଥିବାବେଳେ ଏହାର ପୂର୍ବ ସନ୍ଧ୍ୟାରେ ଦିଲ୍ଲୀର କନଟପ୍ଲେସ୍‌ସ୍ଥିତ ଏକ ଚୁଡ଼ି ଦୋକାନରେ ମହିଳାମାନଙ୍କ ଭିଡ଼ ଦେଖାଦେଇଛି। (ଫଟୋ–ଚମନ ଗୌତମ)

# ରାଉରକେଲା ଷ୍ଟେଶନରୁ ୨ ମାଓବାଦୀ ଗିରଫ

**ରାଉରକେଲା, ୯।୧୦ (ସଙ୍ଗୀତା ଜେନା)**

ରାଉରକେଲା ଷ୍ଟେଶନକୁ ଅପରାଧମୁକ୍ତ କରିବା ତଥା ସୁରକ୍ଷା ପାଇଁ ହେଉଥିବା ଯାଞ୍ଚ ବେଳେ ଗୁରୁବାର ଅପରାହ୍ନ ୩ଟାରେ ମାଓବାଦୀ ସଙ୍ଗଠନର ୨ମୋଷ୍ଟ ୱାଣ୍ଟେଡ୍ ସଦସ୍ୟ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଝାଡ଼ଖଣ୍ଡ ପାଲାମୁ ଜିଲା ଲେସଲିଗ ଥାନା ଅଧୀନ ଦେଓରା ଗ୍ରାମର ଅବଧେଶ କୁମାର ଯାଦବ(୨୬) ଓ ଲାତେହାର ଜିଲା ମାନିକା ଥାନା ଅଧୀନ ମାନିକା ଗ୍ରାମର ଉପେନ୍ଦ୍ର ଯାଦବ(୨୪)। ଉଭୟ ଦୀର୍ଘଦିନ ହେଲା ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତ ଥିଲେ। ଝାଡ଼ଖଣ୍ଡୀ ପୋଲିସ ସେମାନଙ୍କୁ ଖୋଜୁଥିଲା। ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍), ଜିଆର୍‌ପି ତଥା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଘଟଣାର ତନାଘନା କରୁଛି। ଝାଡ଼ଖଣ୍ଡର ଏହି ୨ ମାଓବାଦୀ ସଦସ୍ୟଙ୍କ ନାଁରେ ଲାତେହାର ଓ ପାଲାମୁ ଜିଲାରେ ଏକାଧିକ ଆପରାଧିକ ମାମଲା ରହିଛି। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଅବଧେଶ ଓ ଉପେନ୍ଦ୍ର ଝାଡ଼ଖଣ୍ଡରୁ ଟ୍ରେନ୍ ଯୋଗେ ରାଉରକେଲା ଚାଲିଆସିଥିଲେ। ଗୁରୁବାର ସକାଳ ୮ଟାରେ ରାଉରକେଲା ଷ୍ଟେଶନରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ଆର୍‌ପିଏଫ୍ ଯାଞ୍ଚ କରି ଉଭୟ ମାଓବାଦୀଙ୍କୁ ପ୍ଲାଟଫର୍ମ ନଂ. ୫ରୁ ଧରିଥିଲା। ସେମାନଙ୍କଠାରୁ



୩ଟି ମୋବାଇଲ, ୪ଟି ସିମ୍‌କାର୍ଡ ଓ ନଗଦ ୧୭୮୦ ଟଙ୍କା ଜବତ ହୋଇଥିଲା। ମୋବାଇଲଗୁଡ଼ିକ ଫ୍ଲାଇଟ୍ ମୋଡ୍‌ରେ ଥିଲା। ସେଗୁଡ଼ିକ ଯାଞ୍ଚ କରିବାରୁ କିଛି ଗୋଳାବାରୁଦ ଓ ଅସ୍ତ୍ରଶସ୍ତ୍ର ବିବରଣୀ ଓ ଫଟୋ ମିଳିଥିଲା। ରାଉରକେଲା ଏସ୍‌ପି ୱାଧୱାନୀ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଓ ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିବସ୍ୱ ପ୍ରଧାନଙ୍କ ସହ ଆର୍‌ପିଏଫ୍ ପୋଷ୍ଟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଗିରଫ ଅଭିଯୁକ୍ତ ଲାତେହାର ଜିଲା ମାଓବାଦୀ ସଙ୍ଗଠନ ୩ୟ ସମ୍ମିଳନୀ ପ୍ରସ୍ତୁତି କମିଟି (ଟିଏସ୍‌ପିଏସ୍)ର ସକ୍ରିୟ ସଦସ୍ୟ ଏବଂ ଦାଦାବଟି ଆଦାୟ, ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଲାତେହାର ପୋଲିସ ରାଉରକେଲା ଆସି ସନ୍ଧ୍ୟାରେ ଉଭୟଙ୍କୁ ଝାଡ଼ଖଣ୍ଡ ନେଇଯାଇଥିବା ଜଣାପଡିଛି। ଏ ନେଇ ଆର୍‌ପିଏଫ୍‌ର କମଳେଶ ସମଦ୍ଦାରଙ୍କୁ ପଚରାଯିବାରୁ ଗିରଫ ଅଭିଯୁକ୍ତ ଦ୍ୱୟ ମାଓବାଦୀ ସଙ୍ଗଠନର ସକ୍ରିୟ ସଦସ୍ୟ ବୋଲି ସେ କହିଥିଲେ।

## ପୋଲିସ-ଯୁବ .... ପ୍ରଥମ ପୃଷ୍ଠାରୁ...

କହିଛନ୍ତି ଯେ, ସାଧାରଣ ଲୋକଙ୍କ ଭୋଟକୁ ଚୋରି କରି କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ କରିଛି। ଆଜିର ପ୍ରତାରଣା ପ୍ରତିବାଦ ସମାବେଶ ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରି ନୁହେଁ, ଓଡ଼ିଶାରେ ଉତ୍କଟ ବେକାରି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଭୋଟ ଗ୍ରହଣ ଦିନ ସନ୍ଧ୍ୟା ୫ଟାରୁ ରାତି ୯ଟା ମଧ୍ୟରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ଅଧିକ ପଡ଼ିଛି। ଏହା ଭୋଟ ଚୋରିକୁ ପ୍ରମାଣିତ କରୁଛି। ସେହିଭଳି ବିଜେଡି ସରକାରରେ ଥାଇ ମଧ୍ୟ ୨୧ଟି ଲୋକ ସଭା ଆସନରୁ ଗୋଟିଏ ବି ଆସନରେ ଜଣେଇ କରିପାରିଲା ନାହିଁ। କଂଗ୍ରେସ ଗୋଟିଏ ଆସନ ଜିତିଥିବା ବେଳେ ବାକି ୨୦ଟି ଆସନ ଭାଜପା କିଭଳି ପୋଛିନେଲା ତାହା ତଦନ୍ତସାପେକ୍ଷ। ରାଜ୍ୟରେ ବ୍ୟାପକ ଭୋଟ ଚୋରି ହୋଇଥିବାର ପ୍ରମାଣ ପାଇ ମଧ୍ୟ ବିଜେଡି ଚୁପ୍ ରହିଛି, ଏ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ନ କରିବା ଅର୍ଥ ଭୋଟ ଚୋରିକୁ ସମର୍ଥନ ଜଣାଇବା ସହ ସମାନ। ଭାଜପା ଓ ମୋଦିଙ୍କ ହାତରେ ନିର୍ବାଚନ କମିଶନର ଜଣେ କାଠ କଣ୍ଢେଇ ଭଳି କାମ କରିଛନ୍ତି। ଯୁବ କଂଗ୍ରେସ ଏହାର ଛାମୁଆ ସଂଗଠନ ଦେଶରେ ଏବଂ ଓଡ଼ିଶାରେ ବିଷମଜ୍ଜି ଭୁଶିବାପାଇଁ ଲଗାତର ହୀନ ଚକ୍ରାନ୍ତ କରୁଛି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଅର୍ଥ ଗଣତନ୍ତ୍ର, ସମ୍ବିଧାନ ଏବଂ ଏ ଦେଶରେ ସାଧାରଣ ଜନତାଙ୍କ ଉପରକୁ ଜୋତା ଫୋପାଡ଼ିବା ସହ ସମାନ। ଭାଜପା ଏବଂ ଏହାର ସହଯୋଗୀ ଗୈରିକ ସଂଗଠନଗୁଡ଼ିକ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସାଂଘାତିକ ଅସନ୍ତୁଳିତ କରୁଛନ୍ତି। ସେହିପରି ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ କେବଳ ଲୋକଦେଖାଣିଆ। ପୋଲିସଠାରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଏହି ଦୁର୍ନୀତିର ପରିସର ଭିତରକୁ ଆସୁଥିବାରୁ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିବାକୁ ସକ୍ଷମ ହେବ ନାହିଁ। ସୁତରାଂ ଯୁବ କଂଗ୍ରେସ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି ବୋଲି ଉଦୟଭାନୁ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ଯୁବକଂଗ୍ରେସ ପ୍ରଭାରୀ ମହେଶ ବେଶମୁଖ ଯୋଗଦେଇ ଭୋଟ ଚୋରି ଓ ଚାକିରି ବିକ୍ରି ବିରୋଧରେ ନିର୍ବାଚନ କମିଶନର ଓ ମୋହନ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଓଡ଼ିଶାର ଯୁବତୀ ଯୁବକମାନଙ୍କର ଅଧିକାର ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ଓ ସହ ସମ୍ପାଦିକା ଖୁସି ଟିଗା ପ୍ରମୁଖ ସାମିଲ ଥିଲେ।

## ବଣିକ୍ କୋଚିଂ ସେଣ୍ଟରରେ ...



କ୍ରାଇମବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା ବଣିକ୍ କୋଚିଂ ସେଣ୍ଟରରେ ତଦନ୍ତ କରୁଛନ୍ତି।

ଅପରପକ୍ଷରେ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ଆଶାୟୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଅପରାହ୍ନ ୪ଟା ୩୦ରେ ଓପିଆରବି କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ପୂର୍ବାହ୍ନ ୧୧ଟା ୪୫ରେ ଘୋଷଣା ହୋଇଥିଲା। ହେଲେ ଅପରାହ୍ନ ୨ଟା ୫୦ରେ ଏହି ପ୍ରେସ୍‌ମିଟ୍‌କୁ ଅନିବାର୍ଯ୍ୟ କାରଣ ଦର୍ଶାଇ ସ୍ଥଗିତ ରଖାଗଲା ବୋଲି ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସୂଚନା ଦେଇଥିଲେ। ସେଥିରେ କୁହାଯାଇଛି, ପରବର୍ତ୍ତୀ ପ୍ରେସମିଟ୍ ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବଶୀଘ୍ର ସୂଚନା ପ୍ରଦାନ କରାଯିବ। ଓପିଆର୍‌ବି ପକ୍ଷରୁ ସମସ୍ତ ଆଶାୟୀ ପ୍ରାର୍ଥୀଙ୍କୁ ଅବଗତ କରାଯାଉଛି ଯେ, କ୍ରାଇମବ୍ରାଞ୍ଚ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି ଏବଂ ମାମଲାରେ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ପ୍ରାର୍ଥୀଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ଅନୁରୋଧ କରାଯାଉଛି। ଯଥାଶୀଘ୍ର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଜାଲିଆତି ଘଟଣାରେ ୧୧୪ ପରୀକ୍ଷାର୍ଥୀ ଓ ୫ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇ ଜେଲରେ ଅଛନ୍ତି।

# ଭତ୍ତା ଅର୍ଥ ଯାଉଛି ଗାଡ଼ିଭଡ଼ାରେ

**ବନ୍ତଲା, ୯।୧୦ (ସୁଶିତ ସାହୁ)**

ବୟସର ଅପରାହ୍ନରେ ପହଞ୍ଚିଛନ୍ତି ବୋଲି ସରକାର ସେମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ଆକାଉଣ୍ଟ ମଧ୍ୟମରେ ପ୍ରଦାନ କରାଯାଉଥିବା ଉକ୍ତ ଅର୍ଥ ଆଣିବାକୁ ୩୦ କି.ମି. ଦୂର ବ୍ୟାଙ୍କକୁ ଯିବାକୁ ପଡୁଛି। ଫଳରେ ଭତ୍ତା ବାବଦ ମିଳୁଥିବା ଟଙ୍କା ଗାଡ଼ି ଭଡ଼ା ବାବଦରେ ଗଣିବାକୁ ପଡୁଥିବା ଅନୁଗୋଳ ବ୍ଲକ ମାଣିକଯୋଡ଼ି ପଞ୍ଚାୟତ କୃଷ୍ଣଚକ୍ରଗଡ଼ର ୧୧ ହିତାଧିକାର ଅଭିଯୋଗ କରିଛନ୍ତି।

କୃଷ୍ଣଚକ୍ରଗଡ଼ର ତ୍ରୈଲୋକ ବେହେରା, କାମିନୀ ବେହେରା, ବାଣୀ ବେହେରା, ସୁଷମା ବେହେରା, ନୟନ ବେହେରା, ଝଟକ ପ୍ରଧାନ, ଟିଙ୍କିନା ବେହେରା, ଉମା ପ୍ରଧାନ, ପ୍ରମିଳା ବେହେରା, ଲକ୍ଷ୍ମୀ ବେହେରା, ଅନୁ ବେହେରା କହିଛନ୍ତି, ସେମାନେ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ



ଅଭିଯୋଗକାରୀ ଭତ୍ତା ହିତାଧିକାରୀ

ସାମିଲ ହୋଇଛନ୍ତି। ହେଲେ ଆକାଉଣ୍ଟ ଜରିଆରେ ଟଙ୍କା ପ୍ରଦାନ କରାଯାଉଥିବାରୁ ଏଥିପାଇଁ ସେମାନଙ୍କୁ ବହୁ ଖର୍ଚ୍ଚାନ୍ତ ସହ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଖପାଖରେ ବ୍ୟାଙ୍କ ନ ଥିବାରୁ ପ୍ରତିମାସରେ ସେମାନଙ୍କୁ ଅଟୋରିକ୍ସା ଭଡ଼ା କରି ଗାଁଠାରୁ ୩୦ କି.ମି. ଦୂର ବ୍ୟାଙ୍କକୁ ଯିବାକୁ ହେଉଛି। ଫଳରେ ହଜାରେ ଟଙ୍କା ଭତ୍ତା ଆଣିବାକୁ ସେମାନଙ୍କୁ ଗାଡ଼ି ଭଡ଼ା ବାବଦରେ ହଜାରେ ଟଙ୍କା ଦେବାକୁ ପଡୁଛି। କୌଣସି କାରଣରୁ

**■ ୩୦ କି.ମି. ଦୂର ବ୍ୟାଙ୍କକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ବୃଦ୍ଧାବୃଦ୍ଧ**

**■ ଆକାଉଣ୍ଟ ପରିବର୍ତ୍ତେ ଘରେ ଟଙ୍କା ପହଞ୍ଚାଇବାକୁ ଦାବି**

ଆକାଉଣ୍ଟକୁ ଟଙ୍କା ଆସି ନ ଥିଲେ ଭଡ଼ା ଅର୍ଥ ଦେଇପାରୁନାହାନ୍ତି। ପଞ୍ଚାୟତରେ ଭତ୍ତା ଟଙ୍କା ବାଣ୍ଟୁଥିବା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ସରପଞ୍ଚଙ୍କୁ ବାରମ୍ବାର କୁହାଯାଇଥିଲେ ବି ପଦକ୍ଷେପ ନିଆଯାଉନାହିଁ। ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ କରା ନ ଯାଇ ଘରେ ଟଙ୍କା ପହଞ୍ଚାଇବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁମର ବୁଲୁ ସିଂ କହିଛନ୍ତି, ସମ୍ପୃକ୍ତ ହିତାଧିକାରୀମାନଙ୍କ ଅସୁବିଧା ସମ୍ପର୍କରେ ସରପଞ୍ଚଙ୍କୁ ଅବଗତ କରାଯାଇଛି। ସେମାନେ ଲିଖିତ ଭାବେ ଅଭିଯୋଗ କଲେ ପଦକ୍ଷେପ ନିଆଯିବ। ସରପଞ୍ଚ ସୁରସେନ ପ୍ରଧାନ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-694 **e-Procurement Notice**
Bid Identification No.ACEM/MDB-36/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-36/2025-26
5. Estimated Cost : Rs.17,50,395/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0091/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-699 **e-Procurement Notice**
Bid Identification No.ACEM/MDB-41/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-41/2025-26
5. Estimated Cost : Rs.15,18,909/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0096/2526

Government of Odisha No.MM-219
**"e" Procurement Notice**
**OFFICE OF THE DIVISIONAL FOREST OFFICER**
**PURI WILDLIFE DIVISION, PURI**
Bid Identification No.01 of 2025-26

| | | |
|---|---|---|
| 1 | Nature of the Work | Construction of New Forester Quarter |
| 2 | No. of Works:- | 2 Nos. |
| 3 | Estimate Cost:- | As mentioned in Column No.3 |
| 4 | Period of Completion | 03 (Three Calendar Months/Each) |
| 5 | Date & Time of availability of the bid documents in the portal | 11.00 Hours of 08.10.2025 to 17.00 Hours of 22.10.2025 |
| 6 | Last date/time of receipt of the bid in portal | 22.10.2025 upto 17.00 Hours |
| 7 | Date of Opening | 11.00 Hours of 23.10.2025 |
| 8 | Name and Address of the Office | Office of the Divisional Forest Officer, Puri (WL) Division, Puri |

Further details can be seen from the e-Procurement Portal "https://tendersorissa.gov.in.
Sd./- Divisional Forest Officer
Puri (WL) Division, Puri
OIPR-08140/11/0017/2526

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
No.A-698 **e-Procurement Notice**
Bid Identification No.ACEM/MDB-40/2025-26
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-40/2025-26
5. Estimated Cost : Rs.15,11,646/-
6. Period of Completion : 02 (Two) Calendar Months
7. Date & Time of availability of bid documents in the Portal : From Dt.10.10.2025 (10.00 AM) to dt.22.10.2025 (5.30 PM)
8. Last date/time for receipt of bid in the Portal : dt.22.10.2025 (upto 5.30 PM)
9. Date and Place of Opening of Bid : Dt.23.10.2025 (12.00 Noon onwards in the O/o the Undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar
Further details can be seen from the e-Procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Addl. Chief Engineer
Mechanical Circle, Bhubaneswar
OIPR-32405/11/0095/2526

**ITDA, JHARSUGUDA**
**TENDER CALL NOTICE**
No.724, Dt.04.10.2025
No.CAD-1951:The Project Administrator, ITDA, Jharsuguda invites percentage rate basis Tender for 07 Nos. (Seven) of projects. The sale of bid documents starts from Dt.09.10.2025 to Dt.23.10.2025 during the office hour and receipt of the bid documents starts from Dt.09.10.2025 to Dt.24.10.2025 upto 5.00 P.M. on all working days in the office of the Project Administrator, ITDA, Jharsuguda. The bid will be opened on Dt.28.10.2025 at 11.00 A.M. Intending Valid Contractors may visit district website of Jharsuguda www.jharsuguda.odisha.gov.in for detail information.
Sd./- Project Administrator
ITDA, Jharsuguda
OIPR-19444/11/0002/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19039/ଭୁ.ଉ.କ., ଭୁବନେଶ୍ୱର ତା: 25.09.2025ରିଖ
BRP-1170/88
**ସୂଚନା।**
No. CAD-1944: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. – RP-50କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୨୨/ଏ.ଏଲ୍, ତା୧୯।୦୭।୨୦୦୬ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ପ୍ରକାଶ ପାଣିଙ୍କ ନାମରୁ (୧) ଶ୍ରୀ ଦିଲିପ କୁମାର ମିଶ୍ର, ପିତା: ମଧୁସୂଦନ ମିଶ୍ର ଓ (୨) ଶ୍ରୀମତୀ ମୀନା ମିଶ୍ର, ସ୍ୱାମୀ: ଶ୍ରୀ ଦିଲିପ କୁମାର ମିଶ୍ର, ଗ୍ରାମ: ଗମାଣ୍ଡିଆ, ପୋଷ୍ଟ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା।
ଆବଣ୍ଟନଗ୍ରାହୀଙ୍କ ମଧ୍ୟରୁ ଦିଲିପ କୁମାର ମିଶ୍ର ଗତ ତା୦୯।୦୬।୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. 10258/2021 dated 11.06.2021. Legal heir Certificate Misc. Case No. E-LHC/2021/104194 Dated: 22.09.2022 ଅନୁଯାୟୀ ଦିଲିପ କୁମାର ମିଶ୍ରଙ୍କର ଉତ୍ତରାଧିକାରୀ (୧) ମୀନା ମିଶ୍ର (ସ୍ତ୍ରୀ), (୨) ବରୁଣ ମିଶ୍ର (ପୁତ୍ର) ଓ (୩) ମିଲନ ମିଶ୍ର (ପୁତ୍ର) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0384/2526

**ZILLA SWASTHYA SAMITI, KORAPUT**
(NTEP CELL)
NATIONAL HEALTH MISSION
E-mail: dtoorkrp@rntcp.org Phone:06852-252714
No.3282/NTEP/NHM/KPT Date:06.10.25
**TENDER CALL NOTICE**
No.E-427: Sealed tenders are invited from eligible agencies for selection of the most suitable agency to supply Nutritional Kit for TB Patients of Koraput District. Details regarding the items, terms & conditions and formats for submission of tender may be downloaded from the website: https://koraput.odisha.gov.in. The tenders should reach the office of the undersigned by 28.10.2025 till 04.00 P.M. The tender will be opened at 11.00 AM on 29.10.2025. The undersigned reserves the right to reject any or all the tenders without assigning any reason thereof.
Sd./- CDM & PHO -cum-
District Mission Director, Koraput
OIPR-10077/11/0025/2526

**BOARD OF REVENUE : ODISHA: CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail :exam. bor@gmail.com / exam2.bor@gmail.com)
File No.V-02/2025-422/Exam. Dated 08.10.2025
**NOTIFICATION**
No.F-71:On-line applications are hereby invited from the prospective officers through the Proforma application to be made available in the Board's website (https://boardodisha.nic.in/) w.e.f. **9th October, 2025 in respect of the 2nd Half Yearly Departmental Examination of Officers, 2025** conducted by the Board of Revenue for all Departments of Govt. of Odisha to be held in **the Last week of December, 2025.**
The candidates are required to furnish application through Online only. No off-line applications will be entertained. **The link for submission of application online shall be made available from 09.10.2025 (Thursday) to 04.11.2025 (Tuesday).** The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure-I).
The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.
The detailed programme of the examination schedule (both Written & Viva-Voce) will be notified later on.
**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia Exemption or through E-mail shall not be entertained**.
- No need to upload HSC/ Equivalent certificate, if a candidate has already been exempted by this office.

For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.
By orders of Member, Board of Revenue, Odisha, Cuttack
Sd./- Secretary, Board of Revenue,
Odisha, Cuttack
OIPR-24002/11/0017/2526

No.RR-22
**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର**
**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**
୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଏବଂ ସନ୍ଥକବି ଭୀମଭୋଇ ପାଠାଗାର, ଭୁବନେଶ୍ୱର ନିମନ୍ତେ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକମାନଙ୍କ ଠାରୁ ୨୦୨୫–୨୬ ମସିହାରେ ପ୍ରକାଶିତ ତଥା ପୂର୍ବ ପ୍ରକାଶିତ ବିରଳ ଓ ଦୁର୍ମୂଲ୍ୟ ପୁସ୍ତକ ଏବଂ ପାଠକ/ପାଠିକାମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ବିକାଶ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ବିଜ୍ଞାପନ ପ୍ରକାଶିତ ହେବାର ଦୁଇ ମାସ ଭିତରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି । ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ । ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ ଯଦ୍ଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଚୟନ ହୋଇ ନଥିବା ପୁସ୍ତକଗୁଡିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ । ହିତାଧିକାରୀଙ୍କ ନିର୍ଭୁଲ୍ ବ୍ୟାଙ୍କ୍ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ୍ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ । ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ୍ ଦାଖଲ ହୋଇନଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ । ପ୍ରତ୍ୟେକ ବର୍ଷ ସାଧାରଣ ପୁସ୍ତକ କ୍ରୟ ପାଇଁ ୧୫% ରିହାତି ଓ ବୃତ୍ତିଗତ ପୁସ୍ତକ କ୍ରୟ ପାଇଁ ୨୦% ରିହାତି ପ୍ରକାଶକମାନେ ଦେଇଥାନ୍ତି । ଚଳିତ ବର୍ଷ ଏହି ରିହାତିଠାରୁ ଅଧିକ ରିହାତି ଦେବାକୁ ଆଗ୍ରହୀ ପୁସ୍ତକ ଲେଖକ/ପ୍ରକାଶକ/ବିତରକଙ୍କୁ ଅଗ୍ରାଧିକାର ଦିଆଯିବ । ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ କ୍ରୟ ନିମନ୍ତେ ଚୂଡାନ୍ତ ଅଟେ । ପ୍ରକାଶକ/ବିତରକମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ତାଙ୍କର ପୁସ୍ତକ ତାଲିକା EXCEL SHEET ରେ ପ୍ରସ୍ତୁତ କରି ତାହାର Soft Copy ଦାଖଲ କରିବେ ।

**ଦରଖାସ୍ତର ନମୁନା ଫର୍ମ**

| କ୍ର. ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍.କୋଡ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ତାରିଖ: ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର
ସ୍ୱା./–ନିର୍ଦ୍ଦେଶକ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର
ୟୁନିଟ୍–୪, ଭୁବନେଶ୍ୱର–୭୫୧୦୦୧
OIPR-03016/11/0006/2526

# ଏକତରଫା ପ୍ରେମ, ସମ୍ପତ୍ତି ହଡ଼ପ ପାଇଁ ହତ୍ୟା ଯୋଜନା

**ବଲାଙ୍ଗୀର,୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସହରର ଜଣେ ହୋଟେଲ ବ୍ୟବସାୟୀଙ୍କୁ ଏକ ନମ୍ବରବିହୀନ ବୋଲେରୋ ଗାଡ଼ି ଧକ୍କାଦେଇ ହତ୍ୟା ଉଦ୍ୟମ କରିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ସେହି ହୋଟେଲ ବ୍ୟବସାୟୀଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମରେ ବିଫଳହେବା ଏବଂ ତାଙ୍କ ସମ୍ପତ୍ତି ହଡ଼ପ କରିବା ପାଇଁ ଟିଟିଲାଗଡ଼ ସହରର ଗିରଫ ଠିକାଦାର ତଥା ସଙ୍ଗଠକ ଅଙ୍କୁର ଅଗ୍ରୱାଲ ସୁପରିକଳ୍ପିତ ହତ୍ୟା ଯୋଜନା କରିଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ ଗୁରୁବାର ସନ୍ଧ୍ୟାରେ ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଟିଟିଲାଗଡ଼ ସହରର ହୋଟେଲ ମାଲିକ ଶିବଦୟାଲ ଜୈନଙ୍କୁ ହତ୍ୟାକରିବା ପାଇଁ ମୁଖ୍ୟ ଅଭିଯୁକ୍ତ ଅଙ୍କୁର ୫ ଲକ୍ଷ ଟଙ୍କାରେ ୨ଜଣ ଯୁବକଙ୍କୁ ସୁପାରି ଦେଇ ହତ୍ୟା ଯୋଜନା କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଙ୍କୁର (୩୪) ଗିରଫ ହୋଇଥିବା ବେଳେ ଗୁରୁବାର ଅନ୍ୟ ୨ ଅଭିଯୁକ୍ତ ମୁରିବାହାଲ ଥାନା ଅନ୍ତର୍ଗତ ଡୁଙ୍ଗୁରିଗୁଡ଼ା ଗାଁର ଭକ୍ତବନ୍ଧୁ ଖରସେଲ (୨୬) ଓ ମୁରିବାହାଲ ହାଟପଦାପଡ଼ାର ନରେଶ କୁମାର ବେହେରା ଓରଫ୍ ଭୁଗୁ (୧୯)ଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି।

ଏସ୍‌ପି ଅଭିଲାଷ ଆହୁରି ସୂଚନା ଦେଇଥିଲେ, ଗତ ୨୮ ତାରିଖ ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ଏକ ଧଳାରଙ୍ଗର ନମ୍ବରବିହୀନ ବୋଲେରୋ ଟିଟିଲାଗଡ଼ ସହରର ହୋଟେଲ ସନ୍ ଭ୍ୟୁ ନିକଟରୁ ହୋଟେଲ ମାଲିକ ଶିବଦୟାଲ ଜୈନଙ୍କୁ ପିଛା କରିଥିଲା। ହୋଟେଲରୁ ଶିବଦୟାଲ ତାଙ୍କର ସ୍କୁଟି (ଓଡ଼ି୦୩ଟି ୩୧୫୬)ରେ ନିଜ ଘରକୁ ଫେରୁଥିଲେ। ଘର ନିକଟରେ ଶିବଦୟାଲଙ୍କ ସ୍କୁଟିକୁ ପିଛା କରୁଥିବା ଉକ୍ତ ନମ୍ବରବିହୀନ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକିପଡି ଅଳ୍ପକେ ବର୍ତ୍ତିଯାଇଥିଲେ। ବୋଲେରୋ ଧକ୍କାରେ ସ୍କୁଟିଟି ଭାଙ୍ଗିଯିବା ସହ ଶିବଦୟାଲ ଆହତ ହୋଇଥିଲେ। ଧକ୍କାଦେବା ପରେ ବୋଲେରୋଟି ସେଠାରୁ ଫେରାର ମାରିଥିଲା। ବରଗଡ଼ର ଏକ ହସ୍ପିଟାଲରେ ଚିକିତ୍ସା ହୋଇ ଫେରିବା ପରେ ଗତ ୪ ତାରିଖରେ ଶିବଦୟାଲ ଘଟଣା ସମ୍ପର୍କରେ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗକରି ତାଙ୍କୁ କେହି ଗାଡ଼ି ଧକ୍କାଦେଇ ହତ୍ୟା ଉଦ୍ୟମ କରିଥାଇପାରେ ବୋଲି ଜଣାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ସିସିଟିଭି ଫୁଟେଜ୍, ସାଇବର ଇନ୍‌ପୁଟ୍ ତଥ୍ୟ ଆଧାରରେ ବିଏନ୍‌ଏସ୍‌ଧାରା ୬୧ (୨), ୧୦୯, ୩ (୫) ବିଏନ୍‌ଏସ୍ ଏବଂ ସେକ୍ସନ ୬୬/୬୭ ଏ ଆଇଟି ଆକ୍ଟରେ ଏକ ମାମଲା (୩୪୭/୨୫) ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ଆରମ୍ଭ ହେବା ପରେ ସାଂଘାତିକ ତଥ୍ୟ ଜଣାପଡ଼ିଥିଲା। ଗତ ପ୍ରାୟ ଦେଢ଼ ବର୍ଷ ହେବ ଅଭିଯୁକ୍ତ ଅଙ୍କୁର ଅଭିଯୋଗକାରୀ ହୋଟେଲ ମାଲିକଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମକରି ଆସୁଥିଲେ। ବିଭିନ୍ନ ସିମ୍ ନମ୍ବରରୁ ତାଙ୍କୁ ଫୋନ୍‌କରି ସାମାଜିକ ଗଣମାଧ୍ୟମରୁ ଡାଉନ୍‌ଲୋଡ୍ କରିଥିବା ଫଟୋକୁ ଏଡିଟ୍‌କରି ତାଙ୍କ ମୋବାଇଲକୁ ପଠାଉଥିଲା। ଅଜଣା ନମ୍ବରରୁ ବାରମ୍ବାର କଲ୍ କରିବା, ମେସେଜ୍ ଏବଂ ଏଡିଟ୍ ଫଟୋ ପଠାଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ଅଙ୍କୁର ଚେଷ୍ଟା କରୁଥିଲେ। ସ୍ୱାମୀ-ସ୍ତ୍ରୀ ପରସ୍ପରଠାରୁ ଅଲଗା ହୋଇଗଲେ ହୋଟେଲ ମାଲିକଙ୍କ ସ୍ତ୍ରୀଙ୍କୁ ଅକ୍ତିଆର କରିବା ଆଶା ରଖିଥିଲେ। ତେବେ ଯୋଜନା ସଫଳ ନ ହେବାରୁ ଶିବଦୟାଲଙ୍କୁ ହତ୍ୟା କରି ରାସ୍ତାରୁ ହଟାଇବାକୁ ଅଙ୍କୁର ସୁପରିକଳ୍ପିତ ଯୋଜନା କରିଥିଲେ। ଏଥିପାଇଁ ଅଭିଯୁକ୍ତ ଭକ୍ତବନ୍ଧୁ ଏବଂ ନରେଶଙ୍କୁ ଯୋଗାଯୋଗ କରି ୫ ଲକ୍ଷ ଟଙ୍କାରେ ହତ୍ୟା ପାଇଁ ଡିଲ୍ କରିଥିଲେ। ଗାଡ଼ି ଚପାଇ ହତ୍ୟାକରି ଦୁର୍ଘଟଣା ରୂପ ଦେବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ୫୦ ହଜାର ଟଙ୍କା ଅଗ୍ରିମ ନେଇ ୨ ଅଭିଯୁକ୍ତ ଗତ ୨୮ ତାରିଖ ରାତିରେ ଧଳା ବୋଲେରୋ ଧରି ଶିବଦୟାଲଙ୍କୁ ପିଛାକରି ଧକ୍କା ଦେଇଥିଲେ। ବୋଲେରୋରେ ଅଭିଯୁକ୍ତ ଭୁଗୁ ଓରଫ ନରେଶ ବେହେରା ଚଳାଉଥିଲେ। ସ୍କୁଟିକୁ ଧକ୍କାଦେବା ପରେ ୨ ଅଭିଯୁକ୍ତ ବୋଲେରୋ ନେଇ ପ୍ରଥମେ ପାଟଣାଗଡ଼କୁ ଯାଇ ସେଠାରେ ଗାଡ଼ିର ଷ୍ଟିକର୍ ବଦଳାଇଥିଲେ। ସେଠାରୁ ସମ୍ବଲପୁର ନେଇ ଏକ ଗ୍ୟାରେଜରେ ମରାମତିକରି ପୁଣି ଗାଡ଼ିକୁ ଫେରିଆଣି ରଖିଥିଲେ। ଦୁର୍ଘଟଣା ଘଟାଇଥିବା ଉକ୍ତ ବୋଲେରୋ (ଓଆର୍୨୩ ଏଫ୍ ୧୮୬୬) ସହ ଧକ୍କାରେ ଭାଙ୍ଗିଯାଇଥିବା ବୋଲେରୋ ବୋନେଟ୍, ଦୁର୍ଘଟଣାଗ୍ରସ୍ତ ସ୍କୁଟି (ଓଡ଼ିଶା ୩୧୫୬), ଅଙ୍କୁର ଅଗ୍ରୱାଲଙ୍କ ଫୋନ୍ ସହ ଅଭିଯୋଗକାରୀଙ୍କ ଫୋନ୍‌କୁ ଜବତ କରାଯାଇଛି। ଅଭିଯୁକ୍ତମାନେ ହତ୍ୟା ଯୋଜନାକୁ ସ୍ୱୀକାର କରିଥିବା ଏସ୍‌ପି ଅଭିଲାଷ କହିଛନ୍ତି। ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ଥାନାଧିକାରୀ କଲ୍ୟାଣୀ ବେହେରା ଉପସ୍ଥିତ ଥିଲେ।

**ଗାଡ଼ି ଧକ୍କାଦେଇ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣା**



ଗିରଫ ଦୁଇ ଅଭିଯୁକ୍ତ।



ଜବତ ବୋଲେରୋ।

- ହତ୍ୟା ପାଇଁ ଦିଆଯାଇଥିଲା ୫ ଲକ୍ଷ ସୁପାରି
- ୨ ଅଭିଯୁକ୍ତଙ୍କୁ ଦିଆଯାଇଥିଲା ଅଗ୍ରିମ ୫୦ ହଜାର ଟଙ୍କା
- ଧକ୍କା ଦେଇଥିବା ବୋଲେରୋ ଜବତ, ପୁଣି ୨ ଅଭିଯୁକ୍ତ ଗିରଫ
- ପୂର୍ବରୁ ଗିରଫହୋଇ ଜେଲ ଯାଇଛନ୍ତି ମୁଖ୍ୟ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲ

## ଟଙ୍କା ନ ଦେବାରୁ ଭିକ୍ଷୁକଙ୍କୁ ପିଟି ମାରିଦେଲେ

**ସୋରଡ଼ା,୯।୧୦ (ରଜନୀ ମହାପାତ୍ର)**

ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଗୋଛା ପଞ୍ଚାୟତ ସ୍ୱର୍ଗଦ୍ୱାର ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମଦ ପାଇଁ ଟଙ୍କା ନ ଦେବାରୁ ଜଣେ ଭିକ୍ଷୁକଙ୍କୁ ଠେଙ୍ଗାରେ ପିଟି ମାରି ଦିଆଯାଇଛି। ମୃତକ ହେଲେ ସିଙ୍ଗପୁର ଗ୍ରାମର ଶିଶିର ମୁନି (୫୫)। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସୋରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କେବଳ ମଦ ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି ସେ ନେଇ ତଦନ୍ତ ଚାଲିଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଶିଶିର ବହୁ ଦିନ ହେଲା ଉକ୍ତ ଅଞ୍ଚଳରେ ଭିକ୍ଷା ବୃତ୍ତି କରି ଚଳୁଥିଲେ। ବୁଧବାର ରାତିରେ ଦୁଇ ଜଣ ଯୁବକ ମଦ ପିଇବା ପାଇଁ ତାଙ୍କୁ ଟଙ୍କା ମାଗିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବକଦ୍ୱୟ ଉତ୍ତ୍ୟକ୍ତ ହୋଇ ଶିଶିରଙ୍କୁ ପିଟି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ସେମାନେ ମୃତଦେହକୁ ନିକଟସ୍ଥ ନାଳରେ ଫୋପାଡି ଦେବା ପାଇଁ ଚେଷ୍ଟା କରିଥିଲେ। ଗ୍ରାମର କେତେଜଣ ଏସବୁ ଦେଖି ସୋରଡା ଥାନାକୁ ଖବର ଦେଇଥିଲେ। ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ହତ୍ୟାକାଣ୍ଡ ପଛରେ ଆଉ କିଏ ସାମିଲ ଅଛନ୍ତି, ତଦନ୍ତ କରାଯାଉଛି ବୋଲି କହିଛି।

## ଜମି ବିବାଦରୁ ସାନଭାଇଙ୍କୁ ହତ୍ୟା

**ବଡ଼ଭାଇ, ପୁତୁରା ଗିରଫ**

**କେନ୍ଦୁଝର, ୯।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ଅଧୀନ ପଦ୍ମପୁର ପଞ୍ଚାୟତ ପୁରୁଣିଆ ଗାଁରେ ବୁଧବାର ଜମି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କୁ ହତ୍ୟା ଅଭିଯୋଗରେ ବଡ଼ଭାଇ ଓ ପୁତୁରାଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ମୃତ ହେଲେ ଚନ୍ଦ୍ରଶେଖର ଦାସ(୪୩)। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି କିରଣ ଦାସ ଓ ତାଙ୍କ ପୁଅ ସତ୍ୟଜିତ ଦାସ(୨୦)।

ସୂଚନା ଅନୁଯାୟୀ, ଜମିବାଡ଼ିକୁ ନେଇ ବୁଧବାର ସନ୍ଧ୍ୟାରେ ଚନ୍ଦ୍ରଶେଖର ଏବଂ କିରଣଙ୍କ ପରିବାର ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସତ୍ୟଜିତ ଓ କିରଣ ଗଇନ୍ତି, କୋଦାଳରେ ଚନ୍ଦ୍ରଶେଖରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚନ୍ଦ୍ରଶେଖରଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତ ଚନ୍ଦ୍ରଶେଖରଙ୍କ ସ୍ତ୍ରୀ କମଳା ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୬୦୭/୨୫) ରୁଜୁ କରିଛି। ଆକ୍ରମଣରେ ବ୍ୟବହୃତ ଗଇନ୍ତି, କୋଦାଳ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ୍ ସମେତ ପୋଲିସ ୨ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିବା ପରେ କୋର୍ଟଚାଲାଣ କରାଯାଇଛି। ଚନ୍ଦ୍ରଶେଖରଙ୍କ ମୃତ୍ୟୁରେ ସ୍ତ୍ରୀ, ଦୁଇପୁଅ ଓ ଝିଅ ଅସହାୟ ହୋଇପଡ଼ିଛନ୍ତି।

## ପଡ଼ୋଶୀଙ୍କ ସହ କଳହ ବେଳେ ବୃଦ୍ଧଙ୍କ ମୃତ୍ୟୁ

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

**ଅନୁଗୋଳ,୯।୧୦ (ଜ୍ୟୋତିରଞ୍ଜନ ସାହୁ)**

ପାଚେରି ନିର୍ମାଣକୁ ନେଇ କଳହ ବେଳେ ପଡ଼ୋଶୀ ଜିତୁ ବେହେରା ଚାପୁଡ଼ା ମାରିବାରୁ ଅନୁଗୋଳ ସଦର ଥାନା ଚନ୍ଦ୍ରବାହାଳ ଗାଁର ନନ୍ଦ ରାଉତ (୬୨)ଙ୍କ ମୃତ୍ୟୁ ହୋଇଥିବା ଗୁରୁବାର ସଦର ଥାନାରେ ଅଭିଯୋଗ ହୋଇଛି। ମୃତ ନନ୍ଦଙ୍କ ପୁଅ ସନାତନ ରାଉତଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ, ଚନ୍ଦ୍ରବାହାଳ ଗ୍ରାମର ନନ୍ଦ ଓ ଜିତୁଙ୍କ ଘର ମଝିରେ ଏକ ପାଚେରି ରହିଛି। କିଛି ଦିନ ତଳେ ନନ୍ଦଙ୍କ ଗାଡ଼ି ବାଜି ପାଚେରି ଭାଙ୍ଗି ଯାଇଥିଲା। ନନ୍ଦ ଏହାର ପୁନର୍ନିର୍ମାଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇ ନ କରିବାରୁ ଏହାକୁ ନେଇ ଗୁରୁବାର ସକାଳେ ଜିତୁ ଓ ନନ୍ଦଙ୍କ ଭିତରେ କଳହ ଲାଗିଥିଲା। ଏହି ସମୟରେ ଜିତୁଙ୍କ ଚାପୁଡ଼ା ମାଡ଼ରେ ନନ୍ଦ ତଳେ ପଡ଼ିଯାଇଥିଲେ।

# ଅଭିଯୁକ୍ତଙ୍କୁ ଖସାଇବାକୁ ଯୋଜନା ଚର୍ଚ୍ଚା

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା**

**ବ୍ରହ୍ମପୁର,୯।୧୦ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବୈକୁଣ୍ଠ ନଗରସ୍ଥିତ ନିଜ ଘର ନିକଟରେ ଆଇନଜୀବୀ ତଥା ଭାଜପାର ସକ୍ରିୟ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାର ୭୨ ଘଣ୍ଟା ପରେ ବି ପୋଲିସ ହାତ ଖାଲି ରହିଛି। ମୁଖ୍ୟମନ୍ତ୍ରୀଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିନାହିଁ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ବାହାସ୍ଫୋଟ ମାରୁଛି ପୋଲିସ। ଅଭିଯୁକ୍ତ ଚିହ୍ନଟ ନ ହେବା ଘଟଣାକୁ ନେଇ ସହରରେ ଭିନ୍ନ ଚର୍ଚ୍ଚା ଚାଲିଛି। ପୀତବାସ ରାଜନୀତିରେ ଏକ ପ୍ରମୁଖ ଚେହେରା ହୋଇଥିବାରୁ ହତ୍ୟାକାଣ୍ଡରେ କୌଣସି ରାଜନେତାଙ୍କ ସମ୍ପୃକ୍ତି ଥାଇପାରେ ବୋଲି କେତେଜଣ ଆଲୋଚନା କରୁଛନ୍ତି। ଏପରିକି ଏହି ହତ୍ୟାକାଣ୍ଡରେ ବାଲି ମାଫିଆ ସମ୍ପୃକ୍ତ ଥାଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ତାଙ୍କର ଯଦିଓ କେହି ଶତ୍ରୁ ନାହାନ୍ତି ବୋଲି ପରିବାର ପକ୍ଷରୁ କୁହାଯାଉଛି ତାକୁ ନେଇ ବି ଭିନ୍ନ ଭିନ୍ନ କଥା ଚର୍ଚ୍ଚା ହେଉଛି। ଏପଟେ ସମୟ ଗଡି ଚାଲିଥିବାରୁ ଅଭିଯୁକ୍ତଙ୍କୁ ଖସାଇବାକୁ ଯୋଜନା ହେଉଥିବା ନେଇ କେତେଜଣ କହୁଛନ୍ତି।

ପୋଲିସ ୬ଟି ଟିମ ଗଠନ କରି ତଦନ୍ତ କରୁଥିବା କଥା କହୁଛି। ୬୦ରୁ ୭୦ ଫୁଟେଜ ସଂଗ୍ରହ କରିଛି। କିଏ କେଉଁ ଭଳି ଭାବେ ତଦନ୍ତ କରିବେ ତାହା ବି ସ୍ଥିର କରିଛି। କିନ୍ତୁ ଗୁରୁବାର ସନ୍ଧ୍ୟା ସୁଦ୍ଧା କୌଣସି ଅଗ୍ରଗତି ହେଉନଥିବାରୁ ଅପରାଧୀଙ୍କୁ ଖସାଇବାକୁ ଉଦ୍ୟମ ଚାଲିଥିବା ସନ୍ଦେହକୁ ସାଧାରଣରେ ଦୃଢ଼ୀଭୂତ କରିଛି। ସ୍ୱାମୀଙ୍କୁ ହରାଇ ପୀତବାସଙ୍କ ସ୍ତ୍ରୀ ନୀରବ ହୋଇଯାଇଥିବାବେଳେ ହତ୍ୟା ଘଟଣାକୁ ନେଇ ସେ କିଛି କହିପାରୁନାହାନ୍ତି। କେବଳ ତାଙ୍କର କେହି ଶତ୍ରୁ ନ ଥିବା କହୁଛନ୍ତି। ସେହିପରି ପୁଅ ସ୍ୱରୂପ ପଣ୍ଡା କହିଛନ୍ତି, ବାପା କେବେ ଚାପରେ ନ ଥିଲେ, ସେ ଜଣେ ଭଲ ମଣିଷ ଥିଲେ। ଭଲ ଆଇନଜୀବୀ ହିସାବରେ ସମସ୍ତଙ୍କୁ ନ୍ୟାୟ ଦେବା ପାଇଁ ଲଢ଼ୁଥିଲେ। କିନ୍ତୁ ତାଙ୍କ ହତ୍ୟା ଘଟଣାରେ ବର୍ତ୍ତମାନ ସୁଦ୍ଧା ନ୍ୟାୟ ନ ମିଳିବା ଆଶ୍ଚର୍ଯ୍ୟ କରିଛି। ତାଙ୍କୁ ଯିଏ ମାରିଛି, ଫାଶି ଦିଆଯାଉ। ବାପା ଯେଉଁ ଖାଦ୍ୟ ଆଣିଥିଲେ ତାହା ଏବେ ସୁଦ୍ଧା ପଡିରହିଛି ବୋଲି ସ୍ୱରୂପ କହିଛନ୍ତି। ଅନ୍ୟପକ୍ଷରେ ପୀତବାସଙ୍କ ହତ୍ୟା ପରେ ପରିବାର ଲୋକେ ଏବେ ଭୟରେ ରହିଛନ୍ତି। ବାସ୍ତବରେ ଅପରାଧୀଙ୍କୁ ଧରାଯିବ ନା ତାଙ୍କୁ ଖସାଇ ଦିଆଯାଇ ଆଉ କାହାକୁ ଧରିଆଣି ଅପରାଧୀ ସଜାଯିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

ବ୍ରହ୍ମପୁର ପୋଲିସ ଜିଲାର କେବଳ ବ୍ରହ୍ମପୁର ସହରରେ ଜାନୁଆରୀରୁ ଅକ୍ଟୋବର ମଧ୍ୟରେ ୧୦ ଜଣଙ୍କୁ ହତ୍ୟା କରାଗଲାଣି। ଏସବୁ ହତ୍ୟା ଘଟଣା ଭିତରୁ ୩ଟି ଘଟଣାର ଅଭିଯୁକ୍ତଙ୍କୁ ଆଜି ସୁଦ୍ଧା ପୋଲିସ ଧରିପାରିନାହିଁ। ସେହିପରି ଗୋଟିଏ ହତ୍ୟା ଉଦ୍ୟମ ଘଟଣାରେ ମଧ୍ୟ କାହାକୁ ଗିରଫ କରିନାହିଁ। ବୈଦ୍ୟନାଥପୁର ଥାନା ଜେଲ କଡରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଥିଲା। ତାହା ଏକ ସୁପରିକଳ୍ପିତ ହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଥିଲା। କିନ୍ତୁ ଏଯାଏଁ ସେହି ଘଟଣାରେ କାହାକୁ ଧରିପାରିନାହିଁ। ସେହିପରି କିଛିମାସ ତଳେ ବଡ଼ବଜାର ଥାନା ଲକ୍ଷ୍ମୀ ନୃସିଂହ ସାହିରେ ଜଣେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀଙ୍କୁ ହତ୍ୟା କରାଗଲା। ସେହି ଘଟଣାରେ ବି କେହି ଧରାପଡିନାହାନ୍ତି।

## ବିର୍‌ବାସା ବସ୍ତିରେ ଦେଶୀ ମଦଭାଟି ଠାବ

**୩୮୦୦ ଲିଟର ପୋଚୋ, ୧୮୦୦ ଲିଟର ମଦ ଜବତ, ଜଣେ ଗିରଫ**

**ଭୁବନେଶ୍ୱର,୯।୧୦(ସତ୍ୟଜିତ ରାଉତ)**

ମୈତ୍ରୀ ବିହାର ଥାନା ଅନ୍ତର୍ଗତ ବିର୍‌ବାସା ବସ୍ତିରେ ଏକ ଦେଶୀ ମଦଭାଟିକୁ ଗୁରୁବାର ଭୁବନେଶ୍ୱର ଅବକାରୀ ଟିମ୍ ଠାବ କରିଛି। ଏହି ମଦଭାଟିରେ ସହ ସିକ୍ରେଟ୍ ଚାମ୍ବର କରାଯାଇ ମଦ ପ୍ରସ୍ତୁତ କରାଯାଉଥିଲା। ଅବକାରୀ ଟିମ୍ ସେଠାରେ ୩,୮୦୦ ଲିଟର ମୋହୁଆ ପୋଚୋ ଓ ୧୮୦୦ ଲିଟର ଦେଶୀ ଦେଶୀ ମଦ ଜବତ କରିଛି। ମଦଭାଟିକୁ ଚଲାଉଥିବା ମୁଖ୍ୟ ଅଭିଯୁକ୍ତ ସମରାୟ ହାଂସାଦା (୩୬)ଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର-୨ ଅବକାରୀ ଥାନା ପକ୍ଷରୁ ଏନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସମରାୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୀର୍ଘଦିନ ହେବ ଉକ୍ତ ମଦଭାଟିକୁ ସମରାୟ ଚଳାଉଥିଲେ। ଅବକାରୀ ଟିମ୍ ଖବର ପାଇ ରେଡ୍ କରିଥିଲା।

## ୧୨୧ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ





ଗିରଫ ବ୍ରାଉନସୁଗାର ବେପାରୀ

**ବାଲେଶ୍ୱର, ୯।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ପୋଲିସ ଗୁରୁବାର ଅରଡ଼ବଜାର ମସଜିଦ ଗଳିରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଣ୍ଟୁ ତରେଇ (୩୩)। ତାଙ୍କଠାରୁ ୧୨୧.୨ ଗ୍ରାମ୍ ବ୍ରାଉନସୁଗାର ସହ ନଗଦ ୨୧ଶହ ଟଙ୍କା ଜବତ ହୋଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୩୪୫/୨୫) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଆଇଆଇସି ଅଜୟ କୁମାର ମୁର୍ମୁ, ଏସ୍‌ଆଇ ଆଲୋକ କୁମାର ଜେନା ପ୍ରମୁଖ ସଦଳେବଳେ ଚଢାଉ କରି ଅଭିଯୁକ୍ତ ମଣ୍ଟୁଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ସେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ବ୍ରାଉନସୁଗାର ଆଣି ଅରଡ଼ବଜାରରେ କାରବାର ଚଳାଇ ଆସୁଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।


**सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया लिमिटेड की एक अनुषंगी कंपनी) (A Subsidiary of Coal India Limited)
गोन्दवाना प्लेस, काँके रोड, राँची-834008, झारखण्ड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है"। "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurment Portal https://eprocure.gov.in In addition, procurement is also done through GeM portal https://gem.gov.in".



**OFFICE OF THE EXECUTIVE ENGINEER, RURAL WORKS DIVISION, BARGARH**

**e-Procurement Notice No. ONLINE-BGH-09 of 2025-26**

No. O-830

| | | |
|---|---|---|
| 1 | Name of the Work | : Construction of Building works for the year 2025-26 |
| 2 | EMD | : @1% of the Estimated Cost |
| 3 | Other details | : As per DTCN |

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender in R.W. Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-05 of 2025-26 | 13.10.2025 at 11.00 A.M. | 24.10.2025 upto 5.00 P.M. | 24.10.2025 upto 4.00 P.M. | 27.10.2025 at 11.00 A.M. | 30.10.2025 at 11.00 A.M. |

Further details can be seen from the website www.tendersorissa.gov.in.

OIPR-25062/11/0035/2526 Sd./- Executive Engineer, R.W. Division, Bargarh



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.35-SBP-TRD-OT-2025-26, ତା.03.10.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ୍ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 34,30,647.32, EMD (ଟଙ୍କାରେ) : 68,600/-, ଶେଷ ହେବା ଅବଧି : 08 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମସ୍ତ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-670/Q/25-26



**ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା**

ଇସ୍ତାହାର ସଂଖ୍ୟା: 4271 ତା: 06.10.2025

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧।୦୮।୧୯୯୮ରିଖ ପରିଶିଷ୍ଟ – VI ନିୟମ – 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ ପ୍ଲଟଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | C. Case No. | Name of the Applicant | Mouza | House/ Plot No. | Location |
|---|---|---|---|---|---|
| 1 | 354/2025 | ଧନୁର୍ଜୟ ପଣ୍ଡା | RTU - 27 | E - 26 | କୋଏଲ ନଗର |
| 2 | 348/2025 | ଅଜୟ କୁମାର ପାତ୍ର | RTU - 27 | A - 52 | କୋଏଲ ନଗର |
| 3 | 340/2025 | ଦେବାନନ୍ଦ ବେହେରା | RTU - 41 | HHH - 6 | ସିଭିଲ ଟାଉନସିପ୍ |
| 4 | 359/2025 | ଦେବାଶିଷ ସ୍ୱାଇଁ | RTU - 41 | VV - 5 | ସିଭିଲ ଟାଉନସିପ୍ |
| 5 | 327/2025 | ଆରତୀ ଚୌଧୁରୀ | RTU - 41 | JJJ - 16 | ସିଭିଲ ଟାଉନସିପ୍ |
| 6 | 312/2024 | ଧ୍ରୁବ ଚରଣ ମଲ୍ଲ | RTU - 41 | OOOO - 11 | ସିଭିଲ ଟାଉନସିପ୍ |
| 7 | 275/2024 | ତ୍ରିଲୋଚନ ରାଉତ | RTU - 41 | WW - 2 | ସିଭିଲ ଟାଉନସିପ୍ |
| 8 | 361/2025 | ଭାବଗ୍ରାହୀ ନନ୍ଦ | RTU - 41 | UUUU - 6 | ସିଭିଲ ଟାଉନସିପ୍ |

ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

No. O-841 Bid Identification No. Online Tender / 32-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 32-2025-26/ BPR | Road Works under MMSY-CMRL | 14 Nos. | From Rs.128.07 Lakhs to Rs.837.99 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 32-2025-26/BPR | 17.10.2025 at 10.00 A.M. | 31.10.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.

OIPR-25071/11/0138/2526 Sd./- Chief Construction Engineer, R.W. Circle, Berhampur



**OFFICE OF THE EXECUTIVE ENGINEER**
National Highway Division, RCD, Deoghar
Circular Road, Near D.C. Residence, Deoghar, Jharkhand (814112)
E-mail ID : eenhdeoghar@gmail.com

**NOTICE INVITING TENDER**

Bid/Package no. - NH/DEOGHAR /STMC/01/2025-26 Date: 09.10.2025

1. Application in the prescribed format from experienced firms/organizations for Request for Proposal Short Term Maintenance Contracts (STMC), the Executive Engineer, National Highway Division, Deoghar hereby invites Single Percentage Rate Bids through e-tendering for maintenance works and activities for the following sections of the National\ Highways.

| Sl. No. | Section | Length (km) | Estimated Cost (Incl. GST & Labour cess) (Rs. Lakhs) | Bid Security (Rs. Lakhs) | ContractDu ration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 456.00 | 4.56 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 16.10.2025 12:00 HRS to 06.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 30.10.2025 (12:30 HRS) |
| 4. | BID Due Date | 06.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 07.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 10.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 363764 Deoghar (25-26)_D Sd/- Executive Engineer NH Division Deoghar



**GOVERNMENT OF ODISHA** No. O-837

**OFFICE OF THE SUPERINTENDING ENGINEER, RURAL WORKS DIVISION - I, MALKANGIRI**

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 03/RWD-I, MKG/2025-26 Dt.23.09.2025**

01. Name of the Work : Repair & Maintenance Works (Detailed in Annexure)
02. Total Number of Works : 33 Nos. (Thirty Three)
03. Estimated Cost : Rs.5.88 lakhs to Rs.75.63 lakhs
04. Class of Contractor : "D", "C" & "B" Class
05. Period of Completion : (As per Detailed in Annexure)
06. Other Details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Last date & time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 03/RWD-I, MKG/2025-26 | Total 33 Nos. (Single Cover & Double Cover) | 15.10.2025 from 11.00 A.M. | 31.10.2025 upto 5.00 P.M. | 30.10.2025 upto 5.00 P.M. | Tech Bid Opening (Single Cover & Double Cover Tech. Bid) 01.11.2025 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Sujata Dishari
Executive Engineer, R.W. Division-I, Malkangiri

OIPR-25058/11/0019/2526



**NCC GROUP HEADQUARTERS, CUTTACK**

Advertisement No. 01 Dated: Oct. 2025

**FILLING UP OF POSTS AT CSD CANTEEN, CUTTACK ON CONTRACTUAL BASIS**

1. Applications are invited for various categories mentioned below on contractual basis. Details are as under:

| S. No. | Post | Vacancy | Eligibility | Age Limit |
|---|---|---|---|---|
| (a) | Assistant Manger | 01 (One) | ESM Only | Upto 60 years |
| (b) | Account Clerk | 01 (One) | ESM Only | |
| (c) | MTS (Multi Tasking Staff) | 25 (Twenty Five) | (Open for all) 10+2 Pass with adequate Computer Knowledge | Upto 50 years |
| (d) | Safaiwala | 02 (Two) | (Open for all) 10th Class Pass | |

2. Interested eligible candidates are requested to submit their application by 31st Oct. 2025 at NCC Group Headquarters, SO - 15, Cantonment Road, Cuttack - 753001 alongwith photo copy of necessary documents (for MTS & Safaiwala) and proof of retirement documents issued by the respective offices for (ESM). An interview for the same will be held on 17/18 Nov. 2025 at 10.30 A.M. at NCC Group Headquarters, Cuttack with original documents. The pay will be as per Govt. of Odisha Letter No. 6432/LC, Bhubaneswar dated 30 Sep. 2024.

NCC Group Headquarters, Cuttack

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..................................



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତରେ ଗୁଗଲ୍‌ର ଏଆଇ ମୋଡ୍, ସର୍ଚ୍ଚ ଲାଇଭ ଫିଚର୍

ଭୁବନେଶ୍ୱର,୯।୧୦

ଭାରତରେ ଗୁଗଲ ଏକ ବଡ଼ ଅପ୍‌ଡେଟ୍ ଆଣିଛି, ଯାହାଦ୍ୱାରା ଏହାର ଏଆଇ ମୋଡ୍ ଏବେ ଇଂରାଜୀ ଓ ହିନ୍ଦୀ ବ୍ୟତୀତ ୭ଟି ଅନ୍ୟ ଭାରତୀୟ ଭାଷାରେ ଉପଲବ୍ଧ ହେବ। ଏହି ଭାଷାଗୁଡ଼ିକ ହେଉଛି ବଙ୍ଗଳା, କନ୍ନଡ, ମାଲୟାଲମ, ମରାଠୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ। ଏହା ପୂର୍ବରୁ କେବଳ ଇଂରାଜୀ ଓ ହିନ୍ଦୀରେ ଥିଲା। ଏବେ ଲକ୍ଷ ଲକ୍ଷ ଲୋକ ନିଜ ଭାଷାରେ ଏଆଇ ସହ କଥାବାର୍ତ୍ତା କରିପାରିବେ, କଠିନ ପ୍ରଶ୍ନର ଉତ୍ତର ପାଇପାରିବେ ଏବଂ ଯେକୌଣସି ବିଷୟରେ ଗଭୀର ଆଲୋଚନା କରିପାରିବେ। ଏହା ସୂଚନା ପ୍ରାପ୍ତିକୁ ଆହୁରି ସହଜ କରିବ। ଗୁଗଲ କହିଛି ଯେ, ଏହି ନୂଆ ଭାଷାଗୁଡ଼ିକ ସେମାନଙ୍କର ଜେମିନି ମଡେଲ ଉପରେ କାର୍ଯ୍ୟ କରିବ। ଏହି ମଡେଲ କେବଳ ଶବ୍ଦର ଅନୁବାଦ କରିବ ନାହିଁ, ବରଂ ଭାରତୀୟ ଭାଷାଗୁଡ଼ିକର ସୂକ୍ଷ୍ମତା ଓ ଶୈଳୀକୁ ବୁଝିବ। ଫଳରେ ଆପଣଙ୍କର କଥାର ପ୍ରକୃତ ଅର୍ଥ ବୁଝି ଉତ୍ତର ଦେବ। ଏହି ଭାଷାଗୁଡ଼ିକ ଆସନ୍ତା ସପ୍ତାହରୁ ଧୀରେ ଧୀରେ ରୋଲ ଆଉଟ୍ ହେବ।




ଭାରତରେ ଏଆଇ ମୋଡ୍ ଲଞ୍ଚ ହେବା ପରଠାରୁ ଲୋକମାନେ ଏହାକୁ ବହୁତ ପସନ୍ଦ କରିଛନ୍ତି। ସେମାନେ ଏହାକୁ ପଢ଼ାଲେଖା, ଲେଖାଲେଖି, ଉତ୍ପାଦର ତୁଳନା ଏବଂ ଛୁଟି ଯୋଜନା ଭଳି କାମରେ ବ୍ୟବହାର କରୁଛନ୍ତି। ନୂଆ ଭାଷାଗୁଡ଼ିକ ସହିତ ଏହାର ପହଞ୍ଚ ଆହୁରି ବଢ଼ିବ। ଏହି ଅପ୍‌ଡେଟ୍‌ର ସବୁଠୁ ରୋମାଞ୍ଚକର ଅଂଶ ହେଉଛି 'ସର୍ଚ୍ଚ ଲାଇଭ' ଫିଚର। ଏହା ଆମେରିକା ବାହାରେ ଭାରତରେ ପ୍ରଥମେ ଉପଲବ୍ଧ ହେବ। ଏହାଦ୍ୱାରା ଉପଭୋକ୍ତ କଥା କହି କିମ୍ବା କ୍ୟାମେରା ଦେଖାଇ ପ୍ରଶ୍ନ ପଚାରିପାରିବେ। ବ୍ୟବହାର କରିବାକୁ ଗୁଗଲ ଆପ୍ ଖୋଲି, ସର୍ଚ୍ଚ ବାର୍ ତଳେ ଲାଇଭ ଆଇକନ ବାର୍‌ରେ କ୍ଲିକ୍ କରନ୍ତୁ କିମ୍ବା ଗୁଗଲ ଲେନ୍ସରେ ଯାଇ 'ଲାଇଭ' ଚୟନ କରନ୍ତୁ। ଏହା ସର୍ଚ୍ଚକୁ ଆହୁରି ସହଜ କରିବ, ଯାହା ଡିଜିଟାଲ ଇଣ୍ଡିଆର ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ଆଶା କରାଯାଉଛି।

# ଜିଓ ପକ୍ଷରୁ ନିଃଶୁଳ୍କ 'ଏଆଇ କ୍ଲାସ୍‌ରୁମ୍' ପାଠ୍ୟକ୍ରମ ଆରମ୍ଭ




ଭୁବନେଶ୍ୱର,୯।୧୦

କିଛି ମାସ ପୂର୍ବେ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ 'ସମସ୍ତଙ୍କ ପାଇଁ ଏଆଇ' ବାର୍ତ୍ତା ଦେଇଥିବା ବେଳେ ଏହାର କିଛି ମାସ ମଧ୍ୟରେ ଜିଓ ପକ୍ଷରୁ 'ଏଆଇ କ୍ଲାସ୍‌ରୁମ୍ ଫାଉଣ୍ଡେଶନ କୋର୍ସ' ଆରମ୍ଭ କରାଯାଇଛି। ଏହି ୪ସପ୍ତାହର ପାଠ୍ୟକ୍ରମ ନିଃଶୁଳ୍କ ଏବଂ ଏଆଇରେ ନିଜ ପକ୍ଷରୁ ଚେଷ୍ଟା କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ ରହିଛି। ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୫ରେ ଉଦ୍‌ଘାଟନୀ ଉତ୍ସବରେ ଏହି ଶୁଭାରମ୍ଭ ଘୋଷଣା କରାଯାଇଛି। ଭାରତକୁ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ସୁପରପାୱାର କରିବା ମିଶନକୁ ଆଗକୁ ବଢ଼ାଇବା ପାଇଁ ଜିଓ ପିସି ଏବଂ ଜିଓ ଇନ୍‌ଷ୍ଟିଚ୍ୟୁଟ୍ ଏଆଇ କ୍ଲାସ୍‌ରୁମ୍ ଆରମ୍ଭ କରିଛନ୍ତି। ବ୍ୟକ୍ତିଗତ କମ୍ପ୍ୟୁଟର, ଡେସ୍କଟପ୍ କିମ୍ବା ଲାପ୍‌ଟପ୍ ବ୍ୟବହାର କରୁଥିବା ଯେକୌଣସି ବ୍ୟକ୍ତି ଏହି କୋର୍ସର ଲାଭ ନେଇପାରିବେ। ତେବେ ପ୍ରମାଣପତ୍ର କେବଳ ଜିଓ ପିସି ବ୍ୟବହାରକରି କୋର୍ସ ସମାପ୍ତ କରୁଥିବା ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ। ଅନ୍ୟମାନଙ୍କୁ ଏକ ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ। ଏହି ପାଠ୍ୟକ୍ରମଟି http://www.jio.com/ai-classroomରେ ଉପଲବ୍ଧ। ଏଆଇ କ୍ଲାସ୍‌ରୁମ୍ ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଏଆଇ ଟୁଲସ୍ ଶିଖିବା ଏବଂ ବୁଝିବାର ସୁଯୋଗ ପ୍ରଦାନ କରିବ। ଏହି ଅବସରରେ, ରିଲାଏନ୍ସ ଜିଓର ମୁଖପାତ୍ର କହିଛନ୍ତି, ଜିଓ ଏଆଇ କ୍ଲାସ୍‌ରୁମ୍ ଆରମ୍ଭ ହେବା ସହ ଆମେ ଯୁବପିଢ଼ି ତଥା ଛାତ୍ରୀଛାତ୍ରମାନଙ୍କୁ ଏଆଇ ପାଇଁ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ। ଏହି ପଦକ୍ଷେପ ସ୍କୁଲ ପିଲାମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସହ ପରିଚିତ କରାଇବ। ଆମେ ଏଆଇ ଶିକ୍ଷାରେ ଜିଓ ପିସି ଏବଂ ଜିଓ ଇନ୍‌ଷ୍ଟିଚ୍ୟୁଟର ଉପଲବ୍ଧତା ଏବଂ ଶୈକ୍ଷିକ ଉତ୍କର୍ଷକୁ ବ୍ୟବହାର କରିବାକୁ ପ୍ରତିବଦ୍ଧ।

# ସିପିଏମ୍‌ପିଡିଆଇ ପକ୍ଷରୁ ସତର୍କତା ସଚେତନତା ଅଭିଯାନ

ଭୁବନେଶ୍ୱର,୯।୧୦ (ଅନୁରାଧା ମହାରଣା)

ରାଞ୍ଚିର ସିସିଏଲ୍ ଗାନ୍ଧୀନଗର ହସ୍ପିଟାଲ ଏବଂ ରାଞ୍ଚିର ଆର୍‌ଆଇଏମ୍‌ଏସ୍ ହସ୍ପିଟାଲ ସହିତ ସହଭାଗିତାରେ ସିପିଏମ୍‌ପିଡିଆଇ ସତର୍କତା ସଚେତନତା ଅଭିଯାନ ୨୦୨୫ ଅନ୍ତର୍ଗତ ଏକ ରକ୍ତଦାନ ଶିବିର ଆୟୋଜନ କରିଥିଲା। ଏହି ଶିବିରକୁ ସିପିଏମ୍‌ପିଡିଆଇର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ/ସିଆରଡି) ଅଜୟ କୁମାର, ନିର୍ଦ୍ଦେଶକ (ଟେକ୍ନିକାଲ), ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ସିପିଏମ୍‌ପିଡିଆଇ ମୁଖ୍ୟାଳୟ, ଆଞ୍ଚଳିକ ପ୍ରତିଷ୍ଠାନ-୩ ଏବଂ ତଦନ୍ତ ଶିବିରର କର୍ମଚାରୀ, ପରିମଳ କର୍ମଚାରୀ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋଣ୍ଡୱାନା ପ୍ଲେସ୍‌ର କର୍ମଚାରୀଙ୍କ ସମେତ ମୋଟ ୧୦୪ ଜଣ ରକ୍ତଦାତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ସିପିଏମ୍‌ପିଡିଆଇର ସମାଜ କଲ୍ୟାଣ, ମାନବିକସେବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଥିବା ସିପିଏମ୍‌ପିଡିଆଇ ପକ୍ଷରୁ କୁହଯାଇଛି।



# ପ୍ରଥମ 'ସେଫ୍ଟି ଫାଷ୍ଟ' ମୋବାଇଲ ଫୋନ ଜିଓଭାରତ

ଭୁବନେଶ୍ୱର,୯।୧୦

ଲୋକପ୍ରିୟ ଜିଓଭାରତ ସିରିଜ ମୋବାଇଲ ଫୋନ ଏକ ନୂତନ ସେଫ୍ଟି ସିଲ୍ଡ ଫିଚର ସହିତ ବଜାରକୁ ଆସିବାକୁ ପ୍ରସ୍ତୁତ। ରିଲାଏନ୍ସ ଜିଓ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୫ ରେ ଏହି ଶକ୍ତିଶାଳୀ ମୋବାଇଲ ଫୋନର ବୈଶିଷ୍ଟ୍ୟଗୁଡ଼ିକ ଉନ୍ମୋଚନ କରିଛି। ଫୋନର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହା ଉପଭୋକ୍ତାଙ୍କୁ ଠକେଇ ଏବଂ ଠକେଇ ଉଦ୍ୟମରୁ ରକ୍ଷା କରିବାରେ ସହାୟକ ହେବ। ଏହାକୁ ବିଶେଷ ଭାବରେ ପିଲା, ମହିଳା ଏବଂ ବୟସ୍କଙ୍କ ସୁରକ୍ଷା ଓ ସଂଯୋଗ ପାଇଁ ଏକ ସ୍ମାର୍ଟ ସମାଧାନ ଭାବରେ ଡିଜାଇନ କରାଯାଇଛି। ଦେଶର ସବୁଠାରୁ ସୁଲଭ ଫୋନ ମଧ୍ୟରୁ ଅନ୍ୟତମ, ଜିଓଭାରତ ଫୋନର ମୂଲ୍ୟ ମାତ୍ର ୭୯୯ ଟଙ୍କା ରହିଛି। ଜିଓଭାରତ ଫୋନର ସୁରକ୍ଷା ଫିଚର ବା ବୈଶିଷ୍ଟ୍ୟଗୁଡ଼ିକ ଏହି ଚିନ୍ତାକୁ ଦୂର କରୁଛି। ଉପଭୋକ୍ତା ଯେଉଁଠାରେ ଥାଆନ୍ତୁ ନା କାହିଁକି ଜିଓଭାରତ ସେମାନଙ୍କର ସ୍ଥାନ ବା ଲୋକେସନ ବିଷୟରେ ସଠିକ ସୂଚନା ପ୍ରଦାନକରିବାର କ୍ଷମତା ରଖିଛି। ଏହିଫୋନ ବ୍ୟବହାର କରିବା ବୟସ୍କମାନଙ୍କ ପାଇଁ ସହଜ ହୋଇଥାଏ। ଅଜଣା ବ୍ୟକ୍ତିମାନଙ୍କ ଦ୍ୱାରା ଠକେଇ ଉଦ୍ୟମ କରାଯାଉଛି କି ନାହିଁ ତାହା ମଧ୍ୟ ନିୟନ୍ତ୍ରଣ କରିପାରିବ। ୭ ଦିନ ପର୍ଯ୍ୟନ୍ତ ବ୍ୟାଟେରୀ ଲାଇଫ ସହିତ ଜିଓଭାରତ ଫୋନର ବ୍ୟାଟେରୀ ଏବଂ ଫୋନ ସ୍ୱାସ୍ଥ୍ୟ ବିଷୟରେ ବାସ୍ତବ-ସମୟ ସୂଚନା ମଧ୍ୟ ପ୍ରଦାନ କରେ। ରିଲାଏନ୍ସ ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, ଏହା କେବଳ ଏକ ଫୋନ ବୈଶିଷ୍ଟ୍ୟ ନୁହେଁ, ବରଂ ଏକ ସୁରକ୍ଷା ନବସୃଜନ ଯାହା ପରିବାରକୁ ଏକ ସରଳ ଏବଂ ସୁଲଭ ଉପାୟରେ ମାନସିକ ଶାନ୍ତି ଦେବ।

# ଏମ୍‌ସିଏଲ୍ କୋଲ୍ ଇଣ୍ଡିଆର ୪ର୍ଥ ସିଏସ୍‌ଆର୍ କନ୍‌କ୍ଲେଭ୍




ଭୁବନେଶ୍ୱର,୯।୧୦

ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଓଡ଼ିଶାର ଗୋପାଳପୁରରେ କୋଲ୍ ଇଣ୍ଡିଆର ୪ର୍ଥ ସିଏସ୍‌ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌କ୍ଲେଭରେ କୋଲ୍ ଇଣ୍ଡିଆ ଏବଂ ତା'ର ସହାୟକ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀ ଓ ସିଏସ୍‌ଆର୍ ବିଶେଷଜ୍ଞମାନେ ଯୋଗଦେଇ ନୂଆ ଦୃଷ୍ଟିକୋଣ, ଉତ୍ତମ ଅଭ୍ୟାସ ଏବଂ ପ୍ରଭାବଶାଳୀ ସିଏସ୍‌ଆର୍ କାର୍ଯ୍ୟକ୍ରମ ପାଇଁ ରଣନୀତି ଉପରେ ଆଲୋଚନା କରିଛନ୍ତି। କୋଲ ଇଣ୍ଡିଆର ଅଧ୍ୟକ୍ଷ ପି. ଏମ୍. ପ୍ରସାଦ, ନିର୍ଦ୍ଦେଶକ (ଏଚ୍‌ଆର୍) ଡା. ବିନୟ ରଞ୍ଜନ, ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ବ୍ୟବସ୍ଥାପନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପ୍ରମୁଖ କନ୍‌କ୍ଲେଭର ଉଦ୍‌ଘାଟନ କରିଥିଲେ। କୋଲ୍ ଇଣ୍ଡିଆର ସିଭିଓ, ଏମ୍‌ସିଏଲ୍‌ର ଫଙ୍କ୍‌ସନାଲ ନିର୍ଦ୍ଦେଶକମାନେ ଏବଂ ଅନ୍ୟ ସହାୟକ କମ୍ପାନୀର ନିର୍ଦ୍ଦେଶକମାନେ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ। କୋଲ୍ ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଭର୍ଚ୍ଚୁଆଲରେ ଯୋଗଦାନକରି କୋଲ୍ ଇଣ୍ଡିଆର ବିଭିନ୍ନ ପ୍ରଭାବଶାଳୀ ସିଏସ୍‌ଆର୍ ପ୍ରୋଜେକ୍ଟ ମାଧ୍ୟମରେ ସମାଜ ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ଅଧ୍ୟକ୍ଷ ପ୍ରସାଦ କହିଥିଲେ , କୋଲ୍ ଇଣ୍ଡିଆ ଏବଂ ବିଶେଷକରି ଏମ୍‌ସିଏଲ୍ ସମାଜରେ ସ୍ଥାୟୀ ସାମାଜିକ ପ୍ରଭାବ ସୃଷ୍ଟିକରି ଭାରତର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସେ ଲୋକ, ଲାଭ ଏବଂ ଗ୍ରହର ମୂଳ ନୀତିଗୁଡ଼ିକୁ ମାର୍ଗଦର୍ଶକ ଭାବେ ବର୍ଣ୍ଣନାକରି ଅନେକ ପ୍ରମୁଖ ସିଏସ୍‌ଆର୍ କାର୍ଯ୍ୟକ୍ରମର ଉଲ୍ଲେଖ କରିଥିଲେ। ଡା. ରଞ୍ଜନ କହିଥିଲେ, ସିଏସଆର୍ କାର୍ଯ୍ୟକ୍ରମ ଆବଶ୍ୟକତା ଆଧାରିତ ହେବା ଉଚିତ ଯାହା ସମାଜ ସହ ଗଭୀର ସମ୍ପର୍କ ସ୍ଥାପନ କରିବ ଏବଂ ବ୍ରାଣ୍ଡିଙ୍ଗ ବଢ଼ାଇବା ଉପର ଗୁରୁତ୍ୱାରୋପ କରିଥିଲେ। ଡା. ଭାସ୍କର ଚାଟାର୍ଜୀ ଏବଂ ପ୍ରଫେସର ଏସ. ଶିବ ରାଜୁ ସିଏସ୍‌ଆର୍‌ର ନୂଆ ପ୍ରବଣତା ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଶେଷରେ ଉତ୍କୃଷ୍ଟ ସିଏସଆର୍ ପର୍ଫର୍ମର ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଏଚ୍‌ଆର୍) କେଶବ ରାଓ ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁର ବଜାରକୁ ଆସିଲା ମାରୁତି ସୁଜୁକି ଭିକ୍ଟୋରିଜ୍




ଭୁବନେଶ୍ୱର,୯।୧୦

ସମ୍ବଲପୁର ଓଡ଼ିଶୀ ମୋଟର୍ସ ପକ୍ଷରୁ ଗୁରୁବାର ମାରୁତି ସୁଜୁକିର ନୂତନ ଏସ୍‌ୟୁଭି ଭିକ୍ଟୋରିଜ୍ ସମ୍ବଲପୁର ବଜାରରେ ପ୍ରବେଶ କରିଛି। ସମ୍ବଲପୁର ଅଇଁଠାପାଲି ଛକ ନିକଟସ୍ଥ ମାରୁତି ସୁଜୁକି ଆରେନା ଶୋ' ରୁମ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶୀ ମୋଟସ ନିର୍ଦ୍ଦେଶିକା ରଚି ଜଲାନ, ଏସ୍‌ବିଆଇ ମୁଖ୍ୟ ଚିଫ୍ ମ୍ୟାନେଜର ଶ୍ୟାମନନ୍ଦ ତାଣ୍ଡି, ବୁଢ଼ାରଜା ଶାଖା ପରିଚାଳକ ଜୟ ପ୍ରକାଶ ଦାସ, ସୁନ୍ଦରମ ଫାଇନାନ୍ସ ଶାଖା ପରିଚାଳକ ସୁଶୀଲ କୁମାର ଦାସ, ଏସ୍‌ବିଆଇ ଡିବିଏମ୍ କାଦମ୍ବିନୀ ପ୍ରଧାନ, ଓରିଏଣ୍ଟ ନିର୍ଦ୍ଦେଶକ ହରେଶ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଓଡ଼ିଶୀ ମୋଟର୍ସ ଜେନେରାଲ ମ୍ୟାନେଜର ଉଦୟ ଶଙ୍କର ତିୱାରୀ ନୂଆ ଗାଡ଼ି ବିଷୟରେ ସୂଚନା ଦେଇଥିଲେ । ଶୋ'ରୁମ୍ ମ୍ୟାନେଜର ନିତ୍ୟାନନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାରୁତି ଭିକ୍ଟୋରିଜ୍‌ର ଡିଜାଇନ ବିଷୟରେ କହିବାକୁ ଗଲେ ଏଥିରେ ପତଳା ଏବଂ ଚଉଡା ହେଡ୍‌ଲ୍ୟାମ୍ପ ଏବଂ ୧୭ ଇଞ୍ଚ ଆଲଏ ହୁଇଲ ରହିଛି। ଯଦିଓ ଆକାର ଗ୍ରାଣ୍ଡ ଭିଟାରା ସହ ସମାନ ଦେଖାଯାଉଛି, କିନ୍ତୁ ନୂତନ ଷ୍ଟାଇଲିଂ ଏହାକୁ ଅଧିକ ଆକର୍ଷଣୀୟ କରିଛି। ମାରୁତି ସୁଜୁକି ଅନେକ ପାୱାରଟ୍ରେନ୍ ବିକଳ୍ପ ସହ୍ ଭିକ୍ଟୋରିଜ୍ ପ୍ରଚଳନ କରିଛି। ଏଥିରେ ୧.୫ ଲିଟର ମାଇଲ୍ଡ ହାଇବ୍ରିଡ୍ ପେଟ୍ରୋଲ ଇଞ୍ଜିନ ରହିଛି, ଯାହା ମାନୁଆଲ ଏବଂ ସ୍ୱୟଂଚାଳିତ ଗିଅର ବକ୍ସ ବିକଳ୍ପ ସହ ଆସିଛି। ଏହାସହ ଏଥିରେ ଏକ ଶକ୍ତିଶାଳୀ ହାଇବ୍ରିଡ୍ ପାୱାରଟ୍ରେନ୍ ମଧ୍ୟ ଅଛି। ଏହା ଇସିଭିଟି ଗିଅର ବକ୍ସ ସହ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି ।


# Classified Everyday
0674-2580101, 9692975378



REAL ESTATE SALE

5000 sqft plot(bounded) for sale in Sambalpur town near Jail Khana Chowk. with 3-storey building. Site excellent for commercial venture. Call- 7978499399/ 7978038331. D-76078

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Gharabari bounded plot 10000sqft, and 2400sqft, for sale adjacent to Meera's Courtyard at Kurunti near Kuranga footballfield, 200 mtrs, from Niali-Nakhara SH, Cuttack Sadar. Contact: 7008815552. D-76862

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**Duplex sale near Aiims Hospital, Patrapada, Bhubaneswar. Gated Society: 9777433701.** D-03

Resort at Puri, Investment- 20Lakhs Rental- 3Lakhs, Bhubaneswar/ Cuttack, Investment- 1Crore, Rental- 3Lakhs/ Year. 8917622925. D-2012

**Gharabari residential Plot 2100sft (60x35) 7km from Phulnakhara, 12km from Bhubaneswar, middle of Cuttack & Bhubaneswar, no broker please cost 25lakhs including Registration charge, Compound wall. 7809525452.** D-76497

ଖୋର୍ଦ୍ଧା ମଳିପଡ଼ା NH ପାଖରେ Low cost ପ୍ଲଟ୍ ବିକ୍ରିହେବ। 9692213354. D-76496

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255. D-76495

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

ମୁଁ, ପବନ କୁମାର ପୂର୍ବାୟ, (Pawan Kumar Purbay), ପିତା- ସ୍ୱର୍ଗତ ବିନ୍ଦେଶ୍ୱରୀ ପୂର୍ବାୟ, ଘର- ୧୪, ରାଜବଲ୍ଲଭ ସାହା ଦ୍ୱିତୀୟ ବାଇଲେନ୍, ସନ୍ଧ୍ୟା ବଜାର, ହାଓଡା- ୭୧୧୧୦୧, ପଶ୍ଚିମବଙ୍ଗ, ଏହି ଆଭିଡେଭିଟ୍ ନଂ୮୪୬୨୭ ତାରିଖ- ୦୮।୦୯।୨୦୨୫ ଦ୍ୱାରା ଘୋଷଣା କରୁଛି ଯେ ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ପବନ କୁମାର ପୂର୍ବେ (Pawan Kumar Purbey) ନାମରେ ପରିଚିତ ହେବି। ଧ-୨୨୨୦

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏମୃତ୍ୟୁଞ୍ଜୟ ଦାଶ
ଆବିର୍ଭାବ:୧୮।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ଶୋକସନ୍ତପ୍ତ- ପୁଅ-ମିହିର, ପୁତ୍ରବୋହୂ- ଜ୍ୟୋତ୍ସ୍ନାମୟୀ, ସ୍ତ୍ରୀ- ଅନ୍ନପୂର୍ଣ୍ଣା, ଭାଇ, ଝିଅ, ଜ୍ୱାଇଁ , ବନ୍ଧୁ ତଥା ଆତ୍ମୀୟସ୍ୱଜନ। ଧ-୨୨୧୬

# ରୟାଲ ଷ୍ଟାଗ୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ୍ ୱାଟର ପକ୍ଷରୁ ଉତ୍ସବ ଅଭିଯାନ

ଭୁବନେଶ୍ୱର,୯।୧୦

ସୀଗ୍ରାମର ରୟାଲ ଷ୍ଟାଗ୍ ପ୍ୟାକେଜ୍‌ଡ ଡ୍ରିଙ୍କିଙ୍ଗ୍ ୱାଟର ଏହାର ଉତ୍ସବ ଅଭିଯାନ, ହାସ୍‌ଟ୍ୟାଗ୍ ସେଲିବ୍ରେଟ୍ ଲାର୍ଜ- ହମ୍ ହେ ଜେନେରେଶନ ଲାର୍ଜ, ହମାରା ହର୍ ସେଲିବ୍ରେଶନ ଲାର୍ଜର ଶୁଭାରମ୍ଭ ଘୋଷଣା କରିଛି। ଏହି ବର୍ଷର ଅଭିଯାନ ଏକ ଟେକ୍- ଅଗ୍ରଗାମୀ, ଏଆଇ-ନେତୃତ୍ୱାଧୀନ ଅଭିଜ୍ଞତାକୁ ଉନ୍ମୋଚନ କରିଛି ଯାହା ବ୍ରାଣ୍ଡର ଲିଭ୍ ଇଟ୍ ଲାର୍ଜ ଦର୍ଶନ ସହ ଯୁବ ପିଢ଼ିର ଆଗ୍ରହକୁ ଆକର୍ଷଣୀୟ ଭାବରେ ଉପସ୍ଥାପିତ କରୁଛି। ରିଜେନେରେଟିଭ ଏଆଇ ଏବଂ ଉନ୍ନତ ଭଏସ୍ ସିନ୍ଥେସିସ୍‌ର ବ୍ୟବହାରକରି, ରୟାଲ ଷ୍ଟାଗ୍‌ର ନୂତନ ଉତ୍ସବ ଅଭିଜ୍ଞତା ପ୍ରଶଂସକମାନଙ୍କୁ ରୋହିତ ଶର୍ମାଙ୍କ ସହିତ ବ୍ୟକ୍ତିଗତ ଭିଡିଓ ଶୁଭେଚ୍ଛା ସୃଷ୍ଟି କରିବାକୁ ସୁଯୋଗ ଦେଉଛି। ଏକ ଅର୍ଗାନିକ୍ କନ୍‌ଭର୍ସେସନାଲ ଫର୍ମାଟରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହି ଅଭିଯାନ ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କଠାରୁ ବିଶେଷଜ୍ଞ ଭାବରେ ସଂଗୃହୀତ ପରାମର୍ଶ ମଧ୍ୟ ପ୍ରଦାନ କରୁଛି। ଏ ସମ୍ପର୍କରେ ଇଏନ୍‌ଆଇଏଲ୍‌ର ସିଇଓ ଯତୀଶ ମେହେରିଶି କହିଛନ୍ତି, ଭାରତରେ ଉତ୍ସବଗୁଡ଼ିକ ସଂସ୍କୃତି, ପ୍ରକାଶନ ଏବଂ ଏକତା ବିଷୟରେ ଏବଂ ସଙ୍ଗୀତ ହିଁ ଏହି ମୁହୂର୍ତ୍ତଗୁଡ଼ିକୁ ଆହୁରି ସ୍ୱତନ୍ତ୍ର କରିଥାଏ।

# କଂଗ୍ରେସର ମିଶ୍ରଣ ପର୍ବ



ନୂତନ ଭାବରେ କଂଗ୍ରେସରେ ସାମିଲ ହେବାକୁ ଥିବା ଯୁବ ଗୋଷ୍ଠୀ ଶୋଭାଯାତ୍ରାରେ ଆସୁଛନ୍ତି।

## ଅନ୍ୟ ଦଳର ଶତାଧିକ କର୍ମୀ ସାମିଲ

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆଠାରେ ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତେଲିପଡା ଛକରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୋଲିସ ପଡିଆ ସଭାସ୍ଥଳଠାରେ ପହଞ୍ଚିଥିଲା। ବିଧାୟକ ପ୍ରାର୍ଥୀ ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ, କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ନୂଆପଡା ଜିଲା ପର୍ଯ୍ୟବେକ୍ଷକ ମୁରଲିଧର ନାଏକ, କମଳ ଚରଣ ତାଣ୍ଡି, ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ବରିଷ୍ଠ ନେତା ଫକୀର ଜଗତ, ରାଜ୍ୟ କିଷାନ ମୋର୍ଚ୍ଚା ଉପସଭାପତି ମୃତ୍ୟୁଞ୍ଜୟ ଗୁରୁ, ଦେବଦତ୍ତ ଦୀକ୍ଷିତ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ତନ୍ମଧ୍ୟରେ ଗରିବସେନା ଜିଲା ଆବାହକ ରବି ମଙ୍ଗରାଜ, ବିଜେଡିର ସକ୍ରିୟ ସଦସ୍ୟ ପୂର୍ବତନ ନୂଆପଡା ଏନ୍ଏସି ଅଧ୍ୟକ୍ଷ ମହେଶ ନିଆଲ, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ କାର୍ଯ୍ୟାଳୟରେ ଦୀର୍ଘ ୨୦ ବର୍ଷ କାର୍ଯ୍ୟ କରିଆସୁଥିବା ବରିଷ୍ଠ ସଦସ୍ୟ ରାମଲାଲ ହଂସ ଅନ୍ୟତମ। ଯୁବ ଗୋଷ୍ଠୀ ଦଳରେ ସାମିଲ ହେଉଥିବାରୁ ଉପ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ବିଜୟଲାଭ କରିବ ବୋଲି ପିସିସି ସଭାପତି ଦାସ କହିଛନ୍ତି ।

# ରବି ଚାଷ ଜଳସେଚନ ପାଇଁ ଜିଲାପାଳଙ୍କୁ ଭେଟିଲେ

## ଉଠା ଜଳସେଚନ ପ୍ରକଳ୍ପରୁ ଡିପିଆର୍ ସଂଶୋଧନ ଦାବି

ଭବାନୀପାଟଣା/କୋକସରା
(ଉତ୍ତମ କୁମାର ଦାଶ/ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲାର ଅଣଜଳସେଚିତ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ୨୫,୨୭୫ ହେକ୍ଟର ଚାଷଜମି ପାଇଁ ୨୦୨୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଖରିଫ ଓ ରବି ଧାନ ଫସଲ ପାଇଁ ଜଳସେଚନ ବ୍ୟବସ୍ଥା କରିଥିଲେ। ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ୨୦୨୧-୨୨ରେ ଜୟପାଟଣା, କୋକସରା ଓ ଧର୍ମଗଡ ଅଞ୍ଚଳର ଖରିଫ ଓ ରବି ଚାଷ ପାଇଁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ଉପଲବ୍ଧ କରାଯାଇଥିବାବେଳେ ଏହି ୩ ବ୍ଲକର ଚାଷୀମାନେ ମଧ୍ୟ ଜଳସେଚନ ସୁବିଧା ପାଇ ଆର୍ଥିକ ସ୍ଥିତି ସୁଦୃଢ କରିବାରେ ସମର୍ଥ ହୋଇଥିଲେ। ହେଲେ ସ୍ୱଳ୍ପ ବର୍ଷା ଯୋଗୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଥିବା ଦର୍ଶାଇ ୨୦୨୩-୨୪ରେ ରବି ଚାଷ ପାଇଁ କର୍ତ୍ତୃପକ୍ଷ ଜଳସେଚନକୁ ବନ୍ଦ ରଖିଛନ୍ତି। ଏହାକୁ ନେଇ ବିଗତ ଦିନରେ ୩ ବ୍ଲକର ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ସହ ମୋଟେରଠାରେ ରାସ୍ତା ଅବରୋଧ କରି ଉଠା ଜଳସେଚନ ବିଭାଗୀୟ ଡିପିଆର୍‌ରେ ସଂଶୋଧନ କରିବାକୁ ଦାବି ଉପସ୍ଥାପନ କରିଥିଲେ। ସେହି ସମୟରେ ଧର୍ମଗଡ଼ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ପରବର୍ତ୍ତୀ ସମୟରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଦାବିକୁ ନେଇ ପୁଣିଥରେ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧିଛି। ଗତ ସୋମବାର ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ସଚେତନ କୃଷକ ସଂଘର ଶତାଧିକ ଚାଷୀ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀଙ୍କୁ ସାକ୍ଷାତ କରି ବିଭାଗୀୟ ଡିପିଆର୍ ସଂଶୋଧନ କରି ରବି ଚାଷ ପାଇଁ ଜଳସେଚନ ଯୋଗାଇ ଦେବାକୁ ଦାବି ଉପସ୍ଥାପନ କରିଥିଲେ। ଗୁରୁବାର ୩ ବ୍ଲକର ଚାଷୀ ପ୍ରତିନିଧିଙ୍କ ଏକ ଦଳ ଧର୍ମଗଡ ବିଧାୟକ ପାଟଯୋଶୀ ଓ ଜିଲା ଭାଜପା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ନେତୃତ୍ୱରେ ଜିଲାପାଳ ପାୱାର ସଚିନ ପ୍ରକାଶଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭାଗୀୟ ଡିପିଆର୍ ସଂଶୋଧନ କରି ରବି ଚାଷ ପାଇଁ ଜଳସେଚନ ଯୋଗାଇ ଦେବାକୁ ଆଲୋଚନା କରିବା ସହ ଲିଖିତ ଅଭିଯୋଗ କରିଛନ୍ତି। କୃଷକ ସଂଘର ଏହି ପ୍ରତିନିଧି ଦଳରେ ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, କିରଣ ସାହୁ, ପ୍ରଣବ କୁମାର ବେହେରା, ପଙ୍କଜ ମୁଖ ଚୌଧୁରୀ, ତ୍ରିନାଥ ଶବର, ପ୍ରଶାନ୍ତ ତିୱାରି ସମେତ ଜୟପାଟଣା, କୋକସରା, ଧର୍ମଗଡ ଅଞ୍ଚଳର ଜନ ପ୍ରତିନିଧି, ଚାଷୀନେତା, ଚାଷୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ ଧର୍ମଗଡ଼ ବିଧାୟକ ଓ ଅନ୍ୟ ଚାଷୀମାନେ ଆଲୋଚନା କରୁଛନ୍ତି

# ଭାଜପା ସରକାରର ବିଫଳତାକୁ ନେଇ ବର୍ଷିଲେ

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ



ଭବାନୀପାଟଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

ଭବାନୀପାଟଣା,୯।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡିରେ ଗୁରୁବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ବିଜେଡିର 'ଜନସମ୍ପର୍କ ପଦଯାତ୍ରା' ଆରମ୍ଭ ହୋଇଛି। ଏହି ଅବସରରେ ଭବାନୀପାଟଣା ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁଠାରୁ କର୍ମୀମାନେ ପଦଯାତ୍ରାରେ ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଗୋପବନ୍ଧୁ ଦାସ ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜନସମ୍ପର୍କ ପଦଯାତ୍ରା ନଭେମ୍ବର ୯ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଜେଡି ଜିଲା ସଭାପତି ପ୍ରଦୀପ କୁମାର ଦିଶାରୀ କହିଛନ୍ତି। ବୈଠକରେ ପଦଯାତ୍ରା ମାଧ୍ୟମରେ ଦଳୀୟ କର୍ମୀ ଓ ନେତା ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚିବା ସହ ଭାଜପା ସରକାରର ବିଫଳତା ଲୋକଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ନେତାମାନେ ରାଜ୍ୟରେ ଭାଜପା ସରକାରର ବିଫଳତା, ଆଇନଶୃଙ୍ଖଳା ପରିସ୍ଥିତି, ଏସ୍ଆଇ ନିଯୁକ୍ତି ବିକ୍ରି, ଚାଷୀ ଓ ମହିଳାଙ୍କୁ ପ୍ରତାରଣା ଆଦି ପ୍ରସଙ୍ଗ ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମହୋଷଧି ବାଗ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ନଗରପାଳ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ବିସିସି ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ପୂର୍ବତନ ପୋରାଧ୍ୟକ୍ଷା ସଂଯୁକ୍ତା ବେହେରା, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଜୋନ୍ ସଭାପତି ମନିନ୍ଦ୍ର ମହାନ୍ତି, ଯୁବନେତା ବଦ୍ରିନାରାୟଣ ପଟ୍ଟନାୟକ, ରଞ୍ଜୁକ୍ତା ପ୍ରଧାନ, ଜୟଶ୍ରୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଉପନିର୍ବାଚନ ଆସିବା ପରେ ମନେପଡିଲା

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଶାଖାତରାଠାରୁ ଗୁରୁବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ବାହାରି ଗଡତୋର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ଲଲିତା ନାଏକ, ନୂଆପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନୂଆପଡା ଜିଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଜିଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର, ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁତ୍ର ବଧୂ ସୁମନ ଢୋଲକିଆ ପ୍ରମୁଖ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ଶାସନ କାଳର ଉପଲବ୍ଧି ବଖାଣିଥିଲେ। ଏହି ଅବସରରେ ମହିଳା ନେତ୍ରୀ ଛୁରିଆ ଭାଜପା ସରକାରକୁ ସମାଲୋଚନା କରିଥିଲେ। ଭାଜପା ସରକାର ଆସିଲା ଦିନଠାରୁ ଆଇନଶୃଙ୍ଖଳା ଭୁଶୁଡି ପଡିଛି। ପ୍ରତିଦିନ ନାରୀ ନିର୍ଯାତନା ଭଳି ଖବର ଖବର କାଗଜରେ ଶିରୋନାମା ପାଲଟିଛି । ପୂର୍ବରୁ ନୂଆପଡା କଥା ମନେ ପଡି ନ ଥିଲା। ଉପ ନିର୍ବାଚନ ଆସିଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସି ଲୋକଙ୍କୁ ପ୍ରଲୋଭନ ଦେଖାଇ ୧୧ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି ବୋଲି କହିଥିଲେ। ଶେଷରେ ନୂଆପଡା ଜିଲା ମହିଳା ସଭାନେତ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ଅସାମ୍ବିଧାନିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଅଭିଯୋଗ

ଲାଞ୍ଜିଗଡ଼,୯।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଶାଖା ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ତରଫରୁ ଅସାମ୍ବିଧାନିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଗୁରୁବାର ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ କିଛିଦିନ ତଳେ ସୁପ୍ରିମକୋର୍ଟରେ ବିଚାର ଚାଲୁଥିବା ସମୟରେ ଆଇନଜୀବୀ ରାକେଶ କିଶୋର ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଉପରକୁ ଜୋତା ଫୋପାଡ଼ିଥିଲେ। ଏହା ଦେଶ ବିରୋଧୀ ଅଗଣତାନ୍ତ୍ରିକ କାର୍ଯ୍ୟ। ତେଣୁ ଏଭଳି ଅସାମ୍ବିଧାନିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଅଲ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେଶନର ରାଜ୍ୟ ସଭାପତି ଧନଞ୍ଜୟ ଦୀପଙ୍କ ନେତୃତ୍ୱରେ ବିଭିନ୍ନ ଥାନାରେ ଏତଲା ଦିଆଯାଉଥିବାବେଳେ ଲାଞ୍ଜିଗଡ଼ ଶାଖା ତରଫରୁ ମଧ୍ୟ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହି ସମୟରେ ମୁରଲୀଧର ନାଏକ, ପୁରୁଷୋତ୍ତମ ପାଣି, ଯୋଗି ପାଣି, କେଦାର ନାଗ, ମହେନ୍ଦ୍ର ହିଆଳ, ସୁଧିର ନାଗ, ସନ୍ତୋଷ ନାଏକ, କୃଷ ଦୁର୍ଗା,ପ୍ରଦ୍ୟୁମ୍ନ କରକରିଆ, ଅନିଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଷ୍ଠରୋଗ ସଚେତନତା କର୍ମଶାଳା

ଧର୍ମଗଡ଼, ୯।୧୦ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ତରାପୁର ଗ୍ରାମ ପଞ୍ଚାୟତ ସଭାଗୃହରେ ଗୁରୁବାର କୁଷ୍ଠରୋଗ ପରୀକ୍ଷଣ ଓ ଚିକିତ୍ସା ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି (କୁଷ୍ଠ ନିରାକରଣ ବିଭାଗ) ଓ ଲେପ୍ରା ସୋସାଇଟି (ସ୍ୱାଭିମାନ ପ୍ରକଳ୍ପ)ଙ୍କ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଧର୍ମଗଡ଼ ବ୍ଲକ୍ ନୋଡାଲ ଲେପ୍ରୋସି ୱାର୍କର ସୁଶାନ୍ତ କୁମାର ବେହେରା ଓ ତରାପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ସୁଦେଶ ଚନ୍ଦ୍ର ଦୁରିଆ ଉପସ୍ଥିତ ରହି ୩୧ଜଣ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ କୁଷ୍ଠରୋଗର କାରଣ, ଲକ୍ଷଣ, ଚିକିତ୍ସା ସମ୍ବନ୍ଧରେ ବୁଝାଇଥିଲେ। ଏହାସହ ରୋଗାକ୍ରାନ୍ତ ସନ୍ଦେହ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନା ପଠାଇବାକୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ସମସ୍ତଙ୍କ ମିଳିତ ଉଦ୍ୟମରେ ସମାଜରୁ କୁଷ୍ଠରୋଗ ଦୂରକରିପାରିବା ବୋଲି ପ୍ରକାଶ କରିଥଲେ।

# ହାତୀପୋଖରୀ ଅଞ୍ଚଳରେ ଯାଞ୍ଚ କଲା ପୋଲିସ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)



## କଟକରେ ଭସାଣି ଗଣ୍ଡଗୋଳ ଘଟଣା

- ଆଉ ୩ ଗିରଫ, ଗିରଫଦାରି ସଂଖ୍ୟା ୯ରେ ପହଞ୍ଚିଲା
- ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍ସଆପ୍ ନମ୍ବର ଜାରି
- ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ, ସହର ଶୂନଶାନ

କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛି। ଗୁରୁବାର ଦରଘାବଜାର ଥାନା ଅଧୀନ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପୋଲିସ ଯାଞ୍ଚ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଜଣଙ୍କ ଘରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୨ ଏସିପି ଓ ୩ ଆଇଆଇସି ସହ ପୋଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ଅଛନ୍ତି। ଗଣ୍ଡଗୋଳ ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଦାରି ସଂଖ୍ୟା ଏବେ ୯ରେ ପହଞ୍ଚିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, କମିଶନରେଟ ପୋଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଏମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କ ପରିଚୟ ନେଇ ପଚରାଉଚରା କରାଯାଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରକାରର ସହଯୋଗ ମିଳିଛି କିନ୍ତୁ କୌଣସି ସାମଗ୍ରୀ ହସ୍ତଗତ ହୋଇନାହିଁ। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୋଲିସ ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଉଛି। ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରିକାଳୀନ କଟକଣା ଜାରି କରାଯାଇଛି। ଔପଚାରିକ ଭାବେ ଘୋଷଣା କରାଯାଇନି, ହେଲେ କର୍ଫ୍ୟୁ ଭଳି କଟକଣା ପୋଲିସ ଜାରି କରିଛି। ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନ ଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି। ଦଶହରା ଭଳି କାଳୀପୂଜାରେ ଲାଇଟ୍, ସାଉଣ୍ଡ ଅନୁମତି ପାଇଁ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରକିୟା ଆରମ୍ଭ କରାଯାଇ ନାହିଁ। ସ୍ଥିତିକୁ ନଜରରେ ରଖି ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୈଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ। ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍ସ ଆପ୍ ନମ୍ବର ୭୩୨୮୦୭୭୩୪୨ ଏବଂ ୮୪୮୦୫୧୩୦୦୭ ପୋଲିସ ଜାରି କରିଛି।

ସୂଚନାଥାଉକି, ଗତ ଶୁକ୍ରବାର ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ପୋଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି।

# ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ସଫେଇ ଅଭିଯାନ

ଥୁଆମୂଳ ରାମପୁର,୯।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଆମ୍ବପଦର ପଞ୍ଚାୟତ ଅନ୍ତର୍ଗତ ଚୁଲବାଡ଼ି ଗ୍ରାମଠାରେ ଗୋପବନ୍ଧୁ ଯୁବକ ସଂଘ ଦ୍ୱାରା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଗୁରୁବାର ସଫେଇ ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସଂଘ ସଦସ୍ୟମାନେ ଗୋପବନ୍ଧୁ ଦାସଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ପରେ ଗାଁର ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଯୁବକ ସଂଘ ସଭାପତି ମହେଶ୍ୱର ବାଗ, ସମ୍ପାଦକ ମହେନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ପ୍ରକାଶ ମାଝୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବାଗ ସାମିଲ ହୋଇଥିଲେ।

# ମାଲଗୋଦାମରେ ଜଳିଗଲା ଡାଲି ବୋଝେଇ ଟ୍ରକ୍

କଟକ,୯।୧୦(କାର୍ତ୍ତିକ ସାହୁ)

କଟକସ୍ଥିତ ମାଲଗୋଦାମରେ ଏକ ଡାଲି ବୋଝେଇ ଟ୍ରକ୍ (ନଂ. ଓଡି୨୯-ଏଫ-୯୦୭୭) ଗୁରୁବାର ଭୋର ପ୍ରାୟ ୪ଟାରେ ନିଆଁ ଲାଗି ଜଳିଯାଇଛି। ବକ୍ସିବଜାର ଓ ଚାଉଳିଆଗଞ୍ଜ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଛନ୍ତି। ଏହି ଅଗ୍ନିକାଣ୍ଡରେ ଟ୍ରକ୍‌ର ଇଞ୍ଜିନ ସମେତ ଡ୍ରାଇଭର କ୍ୟାବିନ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅଳ୍ପ ପରିମାଣର ଡାଲି ନଷ୍ଟ ହୋଇଥିବା ବେଳେ ଅବଶିଷ୍ଟ ଡାଲି ଅଗ୍ନି ପ୍ରକୋପରୁ ବର୍ତ୍ତି ଯାଇଛି। ତେବେ ମଶାଧୂପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ କହିଛନ୍ତି। ଟ୍ରକ୍ ଡ୍ରାଇଭର ଜୀବନ ବଞ୍ଚାଇବାକୁ ଡେଇଁ ପଡ଼ିବା ବେଳେ ଗୋଡ଼ରେ ଆଘାତ ଲାଗି ଆହତ ହୋଇଛନ୍ତି। ତାଙ୍କର ପରିଚୟ ଜଣାପଡ଼ିନାହିଁ। ମାତ୍ର ଟ୍ରକ୍ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ସୂଚନାନୁସାରେ, ଟ୍ରକ୍ ପାରାଦୀପ ବନ୍ଦରରୁ ଡାଲି ବୋଝେଇ କରି କଟକ ମାଲଗୋଦାମରେ ବୁଧବାର ରାତିରେ ପହଞ୍ଚିଥିଲା। ରାତି ପାହିଥିଲେ ଡାଲି ଅନ୍‌ଲୋଡ୍ ହୋଇଥାନ୍ତା। ରାସ୍ତା ପାର୍ଶ୍ୱରେ ଅଟକି ଥିବା ଟ୍ରକ କ୍ୟାବିନ ଭିତରେ ମଶାଧୂପ ଦେଇ ଡ୍ରାଇଭର ଶୋଇଥିଲେ। ନିଆଁର ପ୍ରକୋପ ଅନୁଭୂତ ହେବାରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠିପଡ଼ି ତତ୍‌କ୍ଷଣାତ୍ କ୍ୟାବିନ ମଧ୍ୟରୁ ତଳକୁ ଡେଇଁ ପଡ଼ିଥିଲେ। ଦମକଳ ବାହିନୀ ସୂଚନା ପାଇବା ପରେ ୨ଟି ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ବକ୍ସିବଜାର ଓ ଚାଉଳିଆଗଞ୍ଜ ଦମକଳ ବାହିନୀର ଅଗ୍ନିକମାନେ ପାଣିମାଡ଼ କରି ନିଆଁ ଲିଭାଇଥିଲେ। ମାତ୍ର କ୍ୟାବିନ ଭିତରେ ଥିବା ଏକ ୫ ଲିଟରର ଗ୍ୟାସ୍ ଟାଙ୍କି ଫାଟିଯାଇ ନିଆଁର ପ୍ରକୋପକୁ ବଢ଼ାଇ ଦେଇଥିଲା। ଗ୍ୟାସ୍ ଟାଙ୍କି ରୋଷେଇ କରିବା ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି। ଅଗ୍ନିକମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁ ଟ୍ରକ୍‌ର ପଛ ଭାଗକୁ ନିଆଁ ବ୍ୟାପିବାରୁ ରକ୍ଷା କରାଯାଇପାରିଛି। କେବଳ କ୍ୟାବିନକୁ ଲାଗି ଡାଲି ଉପରେ ଘୋଡ଼େଇ ହୋଇଥିବା ପଲିଥିନ୍ ନିଆଁ ଦ୍ୱାରା କେତେକାଂଶରେ ତରଳି ଯାଇଥିଲା। ଫଳରେ ବୋଝେଇ ହୋଇଥିବା ଡାଲି ଅଳ୍ପ ପୋଡ଼ିଯାଇଥିବା ଅଗ୍ନିଶମ ବାହିନୀଠାରୁ ଜାଣିବାକୁ ମିଳିଛି।

## ବୁଲେଟ୍-ହାଇୱା ଧକ୍କା, ଯୁବକ ମୃତ

ହରଭଙ୍ଗା,୯।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ-ଖୁଣ୍ଟଙ୍ଗ ପୂର୍ତ୍ତ ରାସ୍ତାର ଲକ୍ଷଣପୁର ନିକଟରେ ଗୁରୁବାର ଏକ ବୁଲେଟ ଓ ହାଇୱା ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କୁଶଙ୍ଗ ପଞ୍ଚାୟତ ଅଯୋଧ୍ୟା ଗ୍ରାମର ଅମୂଲ୍ୟ ମହାକୁଡ (୨୨)। ଏହି ଦୁର୍ଘଟଣାରେ ଅରବିନ୍ଦ କଠାର (୧୭) ଗୁରୁତର ହୋଇ ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ଅମୂଲ୍ୟ ଓ ଅରବିନ୍ଦ ଏକ ବୁଲେଟ ଯୋଗେ ଚାରିଛକ ପଟରୁ ନିଜ ଗ୍ରାମକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ଲକ୍ଷଣପୁରଠାରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଅମୂଲ୍ୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ଦୋକାନ ଭାଙ୍ଗି ୫ ହଜାର ଲୁଟ

ଅମରପାଲି,୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଦୁର୍ଲଭଟେଲା ପଞ୍ଚାୟତର ସରାଯୋରୀ ଛକରେ କେତେଜଣ ଦୁର୍ବୃତ୍ତ ବୁଧବାର ରାତିରେ ଏକ ଦୋକାନ ଗୃହ ଭାଙ୍ଗି ଦେବା ସହିତ ୫ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗୁଲେଖ ସାହୁ ନାମକ ଜଣେ ବ୍ୟକ୍ତି ସାଗରଯୋରୀ ଛକରେ ଏକ ଦୋକାନ କରି ବାରା ପକୁଡ଼ି ବିକ୍ରି କରିବା ସହିତ ସାଇକେଲ ମରାମତି କରୁଥିଲେ। ଉକ୍ତ ଦୋକାନ ଗାଁ ରୁ କିଛିଏ ଦୂରରେ ଥିବା ବେଳେ ବୁଧବାର ରାତିରେ ଦୋକାନ ମାଲିକ ମଧ ନ ଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଦୋକାନ ଘରର ଆଜବେଷ୍ଟସ୍କୁ ଭାଙ୍ଗି ଦେବା ସହିତ ଦୋକାନରେ ଥିବା ୫ହଜାର ୭୦୫ ଟଙ୍କା ମଧ ନେଇଯାଇଛନ୍ତି। ଏନେଇ ଗୁଲେଖ ହରିହର ଯୋର (ଠେଙ୍ଗୋ ଡ୍ୟାମ) ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ଭୃଗୁ ବରାଳ ପ୍ରକାଶ କରିଛନ୍ତି।

# ସ୍ୱୟଂମ୍ବର: ବିଷ୍ଣୁ-ଲକ୍ଷ୍ମୀଙ୍କ ବିବାହ

### ମୁର୍ଗୁଣୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ଦରବାର

ବୀରମହାରାଜପୁର,୯।୧୦(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଗୁଣୀ ୪୨ତମ ଗଜଲକ୍ଷ୍ମୀ ପୂଜା ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା। ରାଜ ଅତିଥିଭାବେ ଧରୁଆ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ପରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିଲା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୀଳା ନାଟକ। ବରୁଣ ରାଜା ଲକ୍ଷ୍ମୀଙ୍କ ପାଇଁ ସ୍ୱୟଂମ୍ବର ସଭା ଆୟୋଜନ କରିଥିଲେ। ବିଷ୍ଣୁ ଓ ଲକ୍ଷ୍ମୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବତାଙ୍କ କୁଟ ଯୋଗୁ ସ୍ୱୟଂମ୍ବର ବିଫଳ ହୋଇ ମୁରାସୁର ଫେରିଥିବା ନାଟକ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ସ୍କୁଲ କଲେଜ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବଲପୁରୀ, ଆଧୁନିକ ଓ ଦଳଗତ ଲୋକନୃତ୍ୟ ପରିବେଷଣ ହୋଇଥିଲା। ଦିନବେଳା ଗଜଲକ୍ଷ୍ମୀଙ୍କ ପୂଜା, ହୋମଯଜ୍ଞ, ପୁଷ୍ପାଞ୍ଜଳି ହୋଇଥିବା ବେଳେ ସନ୍ଧ୍ୟାରେ ଆଳତି ହୋଇଥିଲା। ଏହା ସମେତ ରାମାୟଣ ପାରାୟଣ ଗୁରୁବାର ଚତୁର୍ଥ ଦିବସରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଆଜିର କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ଲବ କୁମାର ସାହୁ, ଉପସଭାପତି ଧନଞ୍ଜୟ ସାହୁ, ଉପଦେଷ୍ଟା ରାଜ ଗୋପାଳ ପାଣିଗ୍ରାହୀ, ସତ୍ୟାର୍ଜିବ ମିଶ୍ର, କୁଶ କୁମାର ସାହୁ, ପ୍ରେମାନନ୍ଦ ଜଟି, ସମ୍ପାଦକ ତ୍ରିଯଙ୍ଗୀବ ମିଶ୍ର, ସହ ସମ୍ପାଦକ ବିଦ୍ୟାଧର ଖୁରସିଆ, କୋଷାଧ୍ୟକ୍ଷ ସତ୍ୟ ମୋହନ ଦେବପାଣି ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।


ମୁର୍ଗୁଣୀ ଗଜଲକ୍ଷ୍ମୀ ପୂଜା ଦରବାରରେ ଅତିଥିଗଣ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା


ଚେରୁପାଲି ପଞ୍ଚାୟତରେ ବିଜେଡି କର୍ମୀମାନେ ଜନସମ୍ପର୍କ ପଦଯାତ୍ରାରେ ଯାଉଛନ୍ତି।

ଡୁଙ୍ଗୁରିପାଲି, ୯।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଶୁଖା ଜିଲା ପରିଷଦ ଜୋନ ସ୍ଥିତ ଚେରୁପାଲି ଗ୍ରାମପଞ୍ଚାୟତରେ ଗୁରୁବାର ବ୍ଲକ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆଗଲପୁର-ଚେରୁପାଲି ଛକ ନିକଟ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମା' ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ବହୁସଂଖ୍ୟାରେ ଦଳୀୟ କର୍ମୀ ପଦଯାତ୍ରାରେ ବାହାରି ଚେରୁପାଲି ଗ୍ରାମ ପରିକ୍ରମା କରିଥିଲେ। ବିଗତ ନବୀନ ସରକାରଙ୍କ ସମୟରେ ହୋଇଥିବା ଲୋକାଭିମୁଖୀ ଯୋଜନାରେ ଓଡ଼ିଶାବାସୀ ଉପକୃତ ହୋଇଥିବା ନେଇ ଲୋକଙ୍କୁ ଅବଗତ କରାଯାଇଥିଲା। ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟର ଭାଜପା ସରକାର ଲୋକଙ୍କୁ ବିଭିନ୍ନ ଯୋଜନାରେ ସୁବିଧା ଦେବାରେ ବିଫଳ ବୋଲି ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଜନସମ୍ପର୍କ ପଦଯାତ୍ରାରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଚେରୁପାଲି ସମିତି ସଭ୍ୟା ମିଥିଲା ସାହୁ, ଧର୍ମେନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣନିଧି ଦୀପ, ବଦ୍ରିନାରାୟଣ ପାଣ୍ଡିଆ, ଜିତେନ୍ଦ୍ର ସାହୁ, ସନ୍ତୋଷ ବେହେରା, ପ୍ରମୋଦ ସାହୁ, ବର୍ଜୁ ତ୍ରିପାଠୀ, ହରିହର ଦାସ, ତେଜରାଜ ରଣା, ସୁରେଶ ନାଗ, ଭଇରବ ଘିବିଲା, ବିଷ୍ଣୁ ସୁନା, ପରମେ ନାଇକ ପ୍ରମୁଖ ସାମିଲ ଥିଲେ।

## ପୋଲିସ ଭ୍ୟାନ୍-ସ୍କୁଟି ଧକ୍କା, ରାସ୍ତା ଅବରୋଧ

କନ୍ଧମାଳ,୯।୧୦(ଆଦିତେଶ୍ୱର ମିଶ୍ର)

ବୌଦ୍ଧ-ମନମୁଣ୍ଡା ଜାତୀୟ ରାଜପଥ ନଂ-୫୭ର ମହେଶ୍ୱରପିଣ୍ଡା ନିକଟରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଭ୍ୟାନ୍ ସହ ସ୍କୁଟି ଧକ୍କା ହୋଇଛି। ଫଳରେ ସ୍କୁଟି ଚାଳକ ଆହତ ହୋଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ୨ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୋଲିସ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ସୂଚନା ଅନୁସାରେ, ମନମୁଣ୍ଡା ଥାନା ମହେଶ୍ୱର ପିଣ୍ଡା ନିକଟରେ ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ପଟୁ ଶଗଡା ଫାଣ୍ଡିର ଏକ ପୋଲିସ ଭ୍ୟାନ୍ ଆସୁଥିଲା। ଏହି ସମୟରେ ମହେଶ୍ୱର ପିଣ୍ଡା ଗ୍ରାମର ସୁଦର୍ଶନ ଅମାତ ସ୍କୁଟିରେ ଯାଉଥିବା ବେଳେ ଭ୍ୟାନ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସୁଦର୍ଶନ ଆହତ ହୋଇଥିବା ବେଳେ ସ୍କୁଟି ଭାଙ୍ଗି ଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ମୁଖ୍ୟ ରାସ୍ତା ଅବରୋଧ କରିବାରୁ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଏ ସମ୍ପର୍କରେ ମନମୁଣ୍ଡା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ପଚାରିବାରୁ ଉକ୍ତ ବ୍ୟକ୍ତି ଜଣଙ୍କ ଗ୍ରାମରୁ ଅଚାନକ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ପୋଲିସ ଗାଡି ସହ ଧକ୍କା ହୋଇଥିବା ସେ କହିଛନ୍ତି।

# ଦେବକୀ-ବସୁଦେବ ବିବାହ

### ଖଣ୍ଡହତା ଗଜଲକ୍ଷ୍ମୀ ପୂଜାରେ କଂସ ଦରବାର

**ଅମରପାଲି, ୯।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ କଂସ ଦରବାର ଆରମ୍ଭ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ରୁଦ୍ର ପ୍ରକାଶ ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀ ମୁଖ୍ୟ ଅତିଥି ଏବଂ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ହିନ୍ଦୀ ଶିକ୍ଷକ ରଣଜିତ ମିଶ୍ର, ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର, କୋଷାଧକ୍ଷ ପ୍ରଦୀପ ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରମୋଦ କୁମାର ପଣ୍ଡା ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହୋଇଥିଲା ଲୀଳା ନାଟକ। ଦେବକୀ ବସୁଦେବଙ୍କ ବିବାହ, କଂସଙ୍କ ସିଂହାସନ ଆରୋହଣ ଆଦି କ୍ରମାନ୍ୱୟରେ ପରିବେଷଣ ହୋଇଥିଲା। ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଡାଲଖାଇ, ଆଧୁନିକ ନୃତ୍ୟ, ଲୋକନୃତ୍ୟ ଆଦି ପରିବେଷଣ ହୋଇଥିଲା।


ଖଣ୍ଡହତାରେ କଂସ ଦରବାରର ଏକ ଦୃଶ୍ୟ।

# ସାଲୁଙ୍କୀ ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ


ସାଲୁଙ୍କୀ ନଦୀରେ ବୁଲୁଥିବା କୁମ୍ଭୀର।

**ବଘିଆପଡା,୯।୧୦(ଶ୍ରୀକାନ୍ତ ସାହୁ):** ବୌଦ୍ଧ ଜିଲା ସାଲୁଙ୍କୀ ନଦୀର ଖମାରିପଡା ଘାଟ ନିକଟରେ ଗୁରୁବାର ଏକ କୁମ୍ଭୀରକୁ ଦେଖିବାକୁ ମିଳିଛି। ଫଳରେ ଲୋକମାନେ ନଦୀକୁ ଯିବାକୁ ଭୟ କରୁଛନ୍ତି। କୁମ୍ଭୀରଟି ମହାନଦୀରୁ ଚାଲିଆସିଥିବା ଅନୁମାନ କରାଯାଉଛି। ଖବର ପାଇ ବୌଦ୍ଧ ରେଞ୍ଜର ଓ ବଘିଆପଡା ସେକ୍‌ସନର ବନ କର୍ମଚାରୀମାନେ କୁମ୍ଭୀର ଥିବା ସ୍ଥାନକୁ ଯାଇ ତାକୁ ଧରିବାକୁ ଉଦ୍ୟମ ଜାରି ରଖିଛନ୍ତି। ତେବେ କୁମ୍ଭୀରଟି ହିଂସ୍ର ପ୍ରଜାତିର ଏବଂ ପାଣିକୁ ନ ଯିବାପାଇଁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଯାଇଛି।

# ହାତୀପୋଖରୀ ଅଞ୍ଚଳରେ ଯାଞ୍ଚ କଲା ପୋଲିସ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛି। ଗୁରୁବାର ଦରଘାବଜାର ଥାନା ଅଧୀନ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପୋଲିସ ଯାଞ୍ଚ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଜଣଙ୍କ ଘରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୨ ଏସିପି ଓ ୩ ଆଇଆଇସି ସହ ପୋଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ଅଛନ୍ତି। ଗଣ୍ଡଗୋଳ ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଦାରି ସଂଖ୍ୟା ଏବେ ୯ରେ ପହଞ୍ଚିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, କମିଶନରେଟ ପୋଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଏମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କ ପରିଚୟ ନେଇ ପଚରାଉଚରା କରାଯାଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରକାରର ସହଯୋଗ ମିଳିଛି କିନ୍ତୁ କୌଣସି ସାମଗ୍ରୀ ହସ୍ତଗତ ହୋଇନାହିଁ। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୋଲିସ ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଉଛି। ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରିକାଳୀନ କଟକଣା ଜାରି କରାଯାଇଛି। ଔପଚାରିକ ଭାବେ ଘୋଷଣା କରାଯାଇନି, ହେଲେ କର୍ଫ୍ୟୁ ଭଳି କଟକଣା ପୋଲିସ ଜାରି କରିଛି। ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନ ଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି। ଦଶହରା ଭଳି କାଳୀପୂଜାରେ ଲାଇଟ୍, ସାଉଣ୍ଡ ଅନୁମତି ପାଇଁ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। ସ୍ଥିତିକୁ ନଜରରେ ରଖି ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୈଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ। ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସ ଆପ୍ ନମ୍ବର ୭୩୨୮୦୭୭୩୪୨ ଏବଂ ୮୪୮୦୫୧୩୦୦୭ ପୋଲିସ ଜାରି କରିଛି।

ସୂଚନାଥାଉକି, ଗତ ଶୁକ୍ରବାର ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ପୋଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି।



**କଟକରେ ଭସାଣି ଗଣ୍ଡଗୋଳ ଘଟଣା**

- ଆଉ ୩ ଗିରଫ, ଗିରଫଦାରି ସଂଖ୍ୟା ୯ରେ ପହଞ୍ଚିଲା
- ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସଆପ୍ ନମ୍ବର ଜାରି
- ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ, ସହର ଶୂନଶାନ

# ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

ହରଭଙ୍ଗା,୯।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ବିଜୁ ଜନତା ଦଳ ହରଭଙ୍ଗା ବ୍ଲକ କମିଟି ପକ୍ଷରୁ ପୁରୁଣାକଟକ କଲ୍ୟାଣ ମଣ୍ଡପରେ ଗୁରୁବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହରଭଙ୍ଗା ବ୍ଲକ ବିଜେଡି ସଭାପତି ପଙ୍କଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ନେତା ସୀତାରାମ ଅଗ୍ରୱାଲା, ସରପଞ୍ଚ ଅଶୋକ ସେଠି, ନିହାର ଘୋଷ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଜିଲା ସମାଜିକ ଗଣମାଧ୍ୟମ କୋର୍ଡିନେଟର ଅବକାଶ ସାହୁ ଦଳର ଆଭିମୁଖ୍ୟକୁ ଲୋକଙ୍କ ପାଖରେ ଉପସ୍ଥାପନା କରିବା ସହ ଭାଜପାର ପ୍ରତାରଣାକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବାକୁ କହିଥିଲେ। ସମ୍ମିଳନୀରେ ଗୁରୁଡ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ସଞ୍ଜୟ ଦେହୁରୀ, ରଜତ ଦାସ, ସଞ୍ଜୀବ ପ୍ରଧାନ, ଅଜିତ କୁଦେଇ, ଦିଲୀପ ସାମଲ, ବାସୁଦେବ ଦେହୁରୀ, ମକରଧ୍ୱଜ ମେହେର, କାର୍ତ୍ତିକ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ ପାଳିତ

ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ ସହିତ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଟାଉନ ହଲରେ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ଡ଼.ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏସ୍‌ପି ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପଜିଲାପାଳ ଡ଼ ସୋମ୍ୟାରୂପା ରଥ, ସୋନପୁର ପୌରପରିଷଦର ଅଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଯୋଗଦାନ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ ସ୍ୱଚ୍ଛ ଭାରତ ଦିବସ ପାଳନ ଅବସରରେ ଉପସ୍ଥିତ ସହରବାସୀଙ୍କୁ ସ୍ୱଚ୍ଛତା ରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସହରର ବୁଦ୍ଧିଜୀବୀ, ଜନସାଧାରଣ, କାଉନସିଲର, କର୍ମଚାରୀ ଓ ସ୍ୱଚ୍ଛ ସାଥୀମାନେ ଯୋଗଦାନ କରିଥିଲେ। ସ୍ୱଚ୍ଛ ଭାରତ ଦିବସ ଓ ସ୍ୱଚ୍ଛ ଉତ୍ସବ ପାଳନ ଉପଲକ୍ଷେ ସହରରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ରୁମକୁଝୁମାନା ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ରାଉରକେଲା,୯।୧୦(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଡ଼ଦଲକି ପାହାଡଟୋଲା ଗ୍ରାମର ଜଣେ ବୃଦ୍ଧ ଗୁରୁବାର ସକାଳ ୯ଟାରେ ପୋଖରୀରେ ଗାଧୋଇବାବେଳେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗୋଇନ୍ଦା ଓରାମ(୬୦)। ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ବିରକେରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଅପରାହ୍ନ ୪ଟାରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୬/୨୫) ରୁଜୁ କରିଛି।

# ୨୫ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆରମ୍ଭ

ରାଉରକେଲା,୯।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉଣକେଲା ସେକ୍ଟର-୬ ଏଚ୍ ବ୍ଲକ ଦୁର୍ଗାପୂଜା ପଡ଼ିଆରେ ଗୁରୁବାର ପଦ୍ମବର୍ଣ୍ଣା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ୨୫ ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ୨୦୨୫ ଆରମ୍ଭ ହୋଇଛି। ପ୍ରଥମ ରାଜନୀରେ ନାଟକ ତୋ କଥା ଭାରି ମନେ ପଡେ ମଞ୍ଚସ୍ଥ ହୋଇଥିଲା। ଅଜବ ଏ ସୃଷ୍ଟି, ଏ ସୃଷ୍ଟି ସର୍ଜନା କଲେ ସ୍ୱୟଂ ଭଗବାନ, ସେଥିମଧ୍ୟରୁ ମଣିଷ ଅନ୍ୟତମ। ଭୁଲ ବୁଝାମଣା ଦ୍ୱାରା ଆଜିର ସମାଜରେ ବନ୍ଧୁତାର ସମ୍ପର୍କ ନଷ୍ଟ ହୋଇଯାଉଛି। ଏହି ସମ୍ପର୍କ ନଷ୍ଟ ହେବା ଦ୍ୱାରା କିପରି ନିଜ ପରିବାର ଏବଂ ସନ୍ତାନ ସନ୍ତତିଙ୍କ ଉପରେ ଏହାର ପ୍ରଭାବ ପଡୁଛି ଏବଂ ପରିବାର ଭାଙ୍ଗି ଛାରଖାର ହେଇଯାଉଛି ତାକୁ ନେଇ ନାଟକଟି ଗତିଶୀଳ ହୋଇଛି। ନାଟକକୁ ରଚନା କରିଛନ୍ତି ଅଧ୍ୟାପକ ରମେଶ ସାହୁ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଗଙ୍ଗାଧର ରାଉତ। ନାଟକର ବିଭିନ୍ନ ଚରିତ୍ରରେ ରାଜେଶ ରାୟ, ଶୁଶାନ୍ତ କୁମାର ମହାନ୍ତି, ବାପି ପଲ୍ଲେଇ, ଶୁଭେନ୍ଦୁ ସାମଲ, ବିଜୟ ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଗଙ୍ଗାଧର ରାଉତ, ପ୍ରବୀର କୁମାର ଦାସ, ସୁଶାନ୍ତ କୁମାର ନାୟକ, ଅଭିଳାଷ ସାହୁ, ନିଶିକାନ୍ତ ବାରିକ, ଗୌରିପ୍ରିୟା ମହାନ୍ତି, ପ୍ରିୟା ଦାସ, ଗୀତା ପଣ୍ଡା, ଶୁଭାଙ୍ଗିନୀ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ।

# ଗୋପବନ୍ଧୁ ଥିଲେ ଉଜ୍ଜ୍ୱଳ ତାରକା

ରାଉରକେଲା, ୯।୧୦(ସଙ୍ଗୀତା ଜେନା/ ବିପ୍ଳବ ରଞ୍ଜନ ଦାସ/ଦିନେଶ ମିଶ୍ର)







ବାଲିଯୋଡି ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି। ଆମ୍ବାଗାନସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଦକ୍ଷିଣ ରାଉରକେଲା ବାଲିଯୋଡି ଛକସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତି ପରିସରରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ଅରୁଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗୋପବନ୍ଧୁଙ୍କ ନିଃସ୍ୱାର୍ଥ ମାନବ ସେବା, ମାନବଜାତି ପ୍ରତି ଦରଦ ଓ ଜଣେ ଉଚ୍ଚକୋଟୀର ରାଜନୈତିକ ବ୍ୟକ୍ତିତ୍ୱ ତାଙ୍କୁ କାଳଜୟୀ କରିଛି। ଜାତୀୟ ରାଜନୀତିରେ ଗୋପବନ୍ଧୁ ଜଣେ ଉଜ୍ଜ୍ୱଳ ତାରକା ଥିଲେ ବୋଲି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମରେ ଆଇଡିଏଲ୍ ଶିଳ୍ପ ସମ୍ପର୍କ ବିଭାଗ ମୁଖ୍ୟ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା, କବୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ସମ୍ମାନିତ ବକ୍ତା, ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ, ରାଜ୍ୟ କର୍ମଚାରୀ ବୀମା ନିଗମର ପ୍ରାକ୍ତନ ଅଧିକାରୀ ଡା. ବିଷ୍ଣୁପ୍ରିୟା ଦେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମ, ରାଜନୈତିକ ଚିନ୍ତାଧାରା ସମାଜସେବା ଓ ନବ ଓଡ଼ିଶା ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଗୋପବନ୍ଧୁଙ୍କ ପ୍ରଳୟଙ୍କରୀ ବନ୍ୟା, ବାତ୍ୟା, ହଇଜା ବ୍ୟାପିଥିବା ଅଞ୍ଚଳରେ ଲୋକଙ୍କୁ ଉଦ୍ଧାର କରିବା ସହିତ ସେମାନଙ୍କ ମୁହଁରେ ଦାନା ଦେବା ଭଳି ସେବାର ପଟାନ୍ତର ନାହିଁ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଟ୍ରଷ୍ଟର ସହ ସମ୍ପାଦିକା ସଚଳା ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଭିଏସ୍‌ପି ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶାନ୍ତନୁ କୁମାର ମୁଦାଲି ଅତିଥି, ଆଦିତ୍ୟ କୁମାର ଷଡ଼ଙ୍ଗୀ, ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ସାମଲ, ସନ୍ତୋଷ ବେହେରା, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବବି ଭଉଣୀ, ଅଧ୍ୟାପକ ନୃସିଂହ ପ୍ରସାଦ ପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ପଣ୍ଡିତ ଗୋପବନ୍ଧୁଙ୍କ ଅବଦାନ ଅତୁଳନୀୟ ଥିଲା। ଗୋପବନ୍ଧୁ ସତ୍ୟବାଦୀଠାରେ ଖୋଲା ମୁକ୍ତାକାଶ ବନ ବିଦ୍ୟାଳୟ ସ୍ଥାପନ କରି ନୂତନ କିର୍ତ୍ତିମାନ ସୃଷ୍ଟି କରିଥିଲେ ଯାହାକି ଚିରସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେକ୍ଟର-୨୨ ଏମ୍ପ୍ଲୟିଜ ୱେଲଫେୟାର ଟ୍ରଷ୍ଟର ନରେନ୍ଦ୍ର ମଲିକ, ଅଜୟ ରାୟ, ରାଜେନ୍ଦ୍ର ସୂତାରଙ୍କ ସଦସ୍ୟ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇସ୍ପାତ ସହରରେ ଗୋପବନ୍ଧୁ ଜୟନ୍ତୀ ପାଳିତ

ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଅବସରରେ ଗୁରୁବାର ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଆମ୍ବାଗାନସ୍ଥିତ ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସାରସ୍ୱତ ସାଧକ ଗୋପବନ୍ଧୁଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଉରକେଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ, ସଙ୍ଗୀତ ସାଧକ ଶରତ ଚନ୍ଦ୍ର ପଣ୍ଡା, ସାହିତ୍ୟ ସାଧକ ଗଙ୍ଗାଧର ପୁହାଣ, କବି ଗୌତମ ଦାସ, ସମାଜସେବୀ ଖଦାଲ ସେଠୀ, କବି ଦିବାକର ଦାସ, ଧାମରା ସଂଘ ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଛେଣ୍ଡସ୍ଥିତ ଚିନ୍ମୟ ବିଦ୍ୟାଳୟ ଛକରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଦ' ମିରର୍ ଅନୁଷ୍ଠାନ ପକ୍ଷରୁ ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ପାୱାରହାଉସ୍ ରୋଡ୍ ସ୍ଥିତ ନ୍ୟାଶନାଲ କ୍ଲବ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବର କର୍ମକର୍ତ୍ତା ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ବାସନ୍ତୀ କଲୋନିସ୍ଥିତ ନୋବେଲ ଆସୋସିଏଶନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାରେ ଗୋପବନ୍ଧୁଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା।

# ଏନ୍‌ଟିପିସି ଦର୍ଲିପାଲି ଓଡ଼ିଶାର ଗ୍ରାମୀଣ ବିଦ୍ୟାଳୟକୁ ସ୍ଥାୟୀ ସୌରଶକ୍ତି ପ୍ରଦାନ କରିବ




ଅଧିକାରୀମାନେ ଏମ୍‌ଓୟୁ ସ୍ୱାକ୍ଷର କରୁଛନ୍ତି।

ସୁନ୍ଦରଗଡ,୯।୧୦(ଜୟ ନାରାୟଣ ମେଣ୍ଡୁଲି)

ଓଡିଶାର ସରକାରୀ ବିଦ୍ୟାଳୟ ଗୁଡିକୁ ନିରବଚ୍ଛିନ୍ନ ସୌରଶକ୍ତି ଯୋଗାଇ ଦେବା ପାଇଁ ଏନ୍‌ଟିପିସି ଦର୍ଲିପାଲି ଇଷ୍ଟା ସୋସାଇଟି ସହିତ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହି ପ୍ରକଳ୍ପ ଅନ୍ତର୍ଗତ ବରଗଡ଼ ଜିଲାର ସରକାରୀ ବିଦ୍ୟାଳୟଗୁଡିକରେ ୫ କେଭିଏ ଅଫ-ଗ୍ରିଡ ସୌର ଶକ୍ତି ପ୍ରଣାଳୀ ସ୍ଥାପିତ କରାଯିବ। ୩.୫ କୋଟି ମୂଲ୍ୟର ଏହି ପ୍ରକଳ୍ପ ମାଧ୍ୟମରେ ୫୦ଟି ସରକାରୀ ବିଦ୍ୟାଳୟକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ। ଯାହା ଶିକ୍ଷା ପାଇଁ ଆବଶ୍ୟକ। ଏହି ପଦକ୍ଷେପ ଏନ୍‌ଟିପିସି ପକ୍ଷରୁ ସ୍ୱଚ୍ଛ ଶକ୍ତି ସମାଧାନକୁ ପ୍ରୋତ୍ସାହନ ଓ ଗ୍ରାମୀଣ ଅଞ୍ଚଳରେ ପାରମ୍ପରିକ ବିଦ୍ୟୁତ୍ ସ୍ରୋତ ଉପରେ ନିର୍ଭରତା କମାଇବାର ପ୍ରତିବଦ୍ଧତାକୁ ଅଭିବ୍ୟକ୍ତ କରେ। ଏହି ସହଯୋଗ ଦୂରସ୍ଥ ଅଞ୍ଚଳର ଶିକ୍ଷା ସଂସ୍ଥାଗୁଡିକ ପାଇଁ ସ୍ଥାୟୀ ଓ ସମାନ ଉର୍ଜା ପ୍ରାପ୍ତି ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି। ଏମ୍‌ଓୟୁ ଉପରେ ପ୍ରକଳ୍ପର ମୁଖ୍ୟ ସାଧାରଣ ପ୍ରବନ୍ଧକ ଫୈଜ ତଈୟାବ, ମୁଖ୍ୟ ସାଧାରଣ ପ୍ରବନ୍ଧକ ଓ ଆର୍ଥ ସୋସାଇଟି ପକ୍ଷରୁ ସୁବ୍ରତ ସେନଗୁପ୍ତା ଏହି ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ମୁଖ୍ୟ ପ୍ରତିଭା ସିଂହ ଓ ଇଷ୍ଟା ସୋସାଇଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବୈଠକ

ରାଉରକେଲା,୯।୧୦(ଦିନେଶ ମିଶ୍ର): ଉଦିତନଗରସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାନପୋଷ ଉପଖଣ୍ଡର ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ପାନପୋଷ ଉପଖଣ୍ଡ ଅନ୍ତର୍ଗତ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଉନ୍ନୟନ ବାବଦରେ ଆଲୋଚନା ହୋଇଥିଲା। ଏହାସହିତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ଆଇସିସି କମିଟି ବାବଦରେ ମତ ରଖାଯାଇଥିଲା। ସେହିଭଳି ସାମାଜିକ ସୁରକ୍ଷା ବିଭାଗର ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ବୃତ୍ତି ବାବଦରେ ଉପଖଣ୍ଡସ୍ତରରେ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ଗୁରୁ ଅନୁସୂଚିତ ଜନଜାତି ଓ ଅନୁସଚିତ ଜାତି ଛାତ୍ରୀଛାତ୍ରଙ୍କ ନିମନ୍ତେ ଥିବା ବୃତ୍ତି ଉପରେ ସୂଚନା ପ୍ରଦାନ କରିଥିଲେ।

# ସାବାସ ଯୋଜନାରେ ୫୨ କର୍ମଚାରୀ ପୁରସ୍କୃତ

ରାଉରକେଲା,୯।୧୦(ବିପ୍ଳବ ରଞ୍ଜନ ଦାଶ)



ଯାନ୍ତ୍ରିକ ବିଭାଗ ସହିତ ଆର୍‌ଏସ୍‌ପି ବିଭାଗୀୟ ଅଧିକାରୀ।

ଆର୍‌ଏସ୍‌ପିର ସମାଗମ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ବିଭାଗର ୫୨ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଏବଂ ଅଭିନବ ଅବଦାନ ପାଇଁ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମେକାନିକାଲ ବିଭାଗର ସିଜିଏମ୍ ଡି. କେ. ପାଲ ଅଧ୍ୟକ୍ଷତା କରିବା ସହ ସିଏମଏମ(କ୍ରେଞ୍ଜନ/ଆର୍‌ସିଏମ୍), ଏଫ୍‌ଏମ୍ ଏଣ୍ଡ ଟିଏମ୍, ଏମ୍‌ଏସ୍ (ଏସ୍), ଡିଜାଇନ, ଶପ୍ସ (ଆର୍‌ଏସ୍(ଏମ୍), ଏସ୍ ଏଣ୍ଡ ଏଫ୍ ଶପ, ମେକାନିକାଲ ଶପ୍, ଫାଉଣ୍ଡ୍ରିଜ ଏବଂ ପିସି(ଏସ୍) ବିଭାଗଗୁଡିକର ୫୨ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପାଲ୍ ପୁରସ୍କାର ବିଜେତାଙ୍କୁ ସେମାନଙ୍କ ଅଭିନବ ଏବଂ ଫଳାଫଳ ଭିତ୍ତିକ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ଆର୍‌ଏସ୍‌ପି ଏବଂ ସେଲ୍‌ର ଲାଭ ପାଇଁ ଏଭଳି ସର୍ବୋତ୍ତମ ଅଭ୍ୟାସଗୁଡିକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡିଜାଇନ, ଶପ୍ସ-ମେକାନିକାଲ ଏବଂ ଫାଉଣ୍ଡ୍ରିଜ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. କେ. ଦାସ, ଆର୍‌ଏସ୍ (ଏମ୍) ଶପ୍ସ ବିଭାଗର ଜିଏମ୍ ଡି. କେ. ନାୟକ, ସିଏମ୍‌ଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍. କେ. ପଙ୍କ, ଏଫ୍‌ଏମ୍ ଆଣ୍ଡ ଟିଏମ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏ. ମଲ୍ଲିକ, ଏମ୍‌ଏସ୍(ଏସ୍) ବିଭାଗର ଜିଏମ୍ ଇନଚାର୍ଜ ଏ. ଘୋଷ, ଏଫ୍‌ଏମ୍ ଏଣ୍ଡ ଟିଏମ୍ ବିଭାଗର ଜିଏମ୍ ଏସ୍. ଏସ୍. ପଲ, ସିଏମ୍‌ଏମ୍ ବିଭାଗର ଜିଏମ୍ ଏସ୍. ପି. ପଟେଲ ଓ ପିଏ କେ. ମିଶ୍ର, ଆର୍‌ଏସ୍(ଏମ୍) ବିଭାଗର ଡିଜିଏମ ଏସ୍. ପ୍ରାମାଣିକ, ଶପ୍ସ (ମେକାନିକାଲ ଶପ୍) ବିଭାଗର ଏଜିଏମ କେ. ଆର୍. ମିଶ୍ର, ଶପ୍ସ ଆର୍‌ଏସ୍(ଏମ୍) ବିଭାଗର ଏଜିଏମ୍ ଜି. ବି ପାଢୀ ଏବଂ ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସମ୍ମିତ ନନ୍ଦୀ ଉପସ୍ଥିତ ଥିଲେ। ସିଜିଏମ୍ (ମେକାନିକାଲ) ସଚିବାଳୟର ଡିଜିଏମ ଏସ୍. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ହାତୀପୋଖରୀ ଅଞ୍ଚଳରେ ଯାଞ୍ଚ କଲା ପୋଲିସ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛି। ଗୁରୁବାର ଦରଘାବଜାର ଥାନା ଅଧୀନ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପୋଲିସ ଯାଞ୍ଚ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଜଣଙ୍କ ଘରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୨ ଏସିପି ଓ ୩ ଆଇଆଇସି ସହ ପୋଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ଅଛନ୍ତି। ଗଣ୍ଡଗୋଳ ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଦାରି ସଂଖ୍ୟା ଏବେ ୯ରେ ପହଞ୍ଚିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, କମିଶନରେଟ ପୋଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଏମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କ ପରିଚୟ ନେଇ ପଚରାଉଚରା କରାଯାଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରକାରର ସହଯୋଗ ମିଳିଛି କିନ୍ତୁ କୌଣସି ସାମଗ୍ରୀ ହସ୍ତଗତ ହୋଇନାହିଁ। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୋଲିସ ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଉଛି। ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରିକାଳୀନ କଟକଣା ଜାରି କରାଯାଇଛି। ଔପଚାରିକ ଭାବେ ଘୋଷଣା କରାଯାଇନି, ହେଲେ କର୍ଫ୍ୟୁ ଭଳି କଟକଣା ପୋଲିସ ଜାରି କରିଛି। ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନ ଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି। ଦଶହରା ଭଳି କାଳୀପୂଜାରେ ଲାଇଟ୍, ସାଉଣ୍ଡ ଅନୁମତି ପାଇଁ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରକିୟା ଆରମ୍ଭ କରାଯାଇ ନାହିଁ। ସ୍ଥିତିକୁ ନଜରରେ ରଖି ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୌଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ। ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସ ଆପ୍ ନମ୍ବର ୭୩୨୮୦୭୭୩୪୨ ଏବଂ ୮୪୮୦୫୧୩୦୦୭ ପୋଲିସ ଜାରି କରିଛି।

ସୂଚନାଥାଉକି, ଗତ ଶୁକ୍ରବାର ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ପୋଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି।

## କଟକରେ ଭସାଣି ଗଣ୍ଡଗୋଳ ଘଟଣା

- ଆଉ ୩ ଗିରଫ, ଗିରଫଦାରି ସଂଖ୍ୟା ୯ରେ ପହଞ୍ଚିଲା
- ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସଆପ୍ ନମ୍ବର ଜାରି
- ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ, ସହର ଶୂନଶାନ

# ଭାଗବତ ସମାଜ ସଂସ୍କାରର ମୂଳ ଆଧାର

ରାଉରକେଲା,୯।୧୦(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ କାର୍ତ୍ତିକ ମାସ ପାଳନ ଅବସରରେ ଭାଗବତ ପାରାୟଣ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପଣ୍ଡିତ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ପ୍ରଥମେ ସୂର୍ଯ୍ୟପୂଜା, ମଣ୍ଡଳାଧି ପୂଜା ସହ ଶ୍ରୀରାଧାକୃଷ୍ଣଙ୍କ ସ୍ନାନ ପରେ ଚନ୍ଦନ ଲାଗି ବେଶରେ ସଜ୍ଜିତ କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆଳତୀ ପ୍ରଦାନ କରାଯାଇଥିଲା। ଅପରାହ୍ନ ସାଢେ ୩ଟାରେ ସାମୂହିକ ଭାଗବତ ପାରାୟଣ ପାଠ ହୋଇଥିଲା। ଭାଗବତ ସମାଜ ସଂସ୍କାରର ମୂଳ ଆଧାର ବୋଲି ପଣ୍ଡିତ ନୃସିଂହ ଚରଣ ମିଶ୍ର ଆଲୋଚନା କରିଥିଲେ। ଏହି ଭାଗବତ ପାରାୟଣ ଆସନ୍ତା ୭ ଦିନ ଧରି ଚାଲିବ। ଏଥିରେ ୪୫ ଜଣ ମହିଳା ଯୋଗଦେଇ ଭାଗବତ ପାଠ କରିଥିଲେ। ଶ୍ରୀରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ ପାଳିତ

ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ ସହିତ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ଟାଉନ ହଲରେ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ଡ଼.ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏସ୍‌ପି ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପଜିଲାପାଳ ଡ଼ ସୋମ୍ୟାରୂପା ରଥ, ସୋନପୁର ପୌରପରିଷଦର ଅଧକ୍ଷା ତାମସି ତାମସ୍ମିତା ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଯୋଗଦାନ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ ସ୍ୱଚ୍ଛ ଭାରତ ଦିବସ ପାଳନ ଅବସରରେ ଉପସ୍ଥିତ ସହରବାସୀଙ୍କୁ ସ୍ୱଚ୍ଛତା ରକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋନପୁର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ସହରର ବୁଦ୍ଧିଜୀବୀ, ଜନସାଧାରଣ, କାଉନସିଲର, କର୍ମଚାରୀ ଓ ସ୍ୱଚ୍ଛ ସାଥୀମାନେ ଯୋଗଦାନ କରିଥିଲେ। ସ୍ୱଚ୍ଛ ଭାରତ ଦିବସ ଓ ସ୍ୱଚ୍ଛ ଉତ୍ସବ ପାଳନ ଉପଲକ୍ଷେ ସହରରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ପ୍ରତିଯୋଗିତାର କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଓ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ରୁମକୁଝୁମାନା ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଆକାଶବାଣୀରେ ହିନ୍ଦୀ ପକ୍ଷ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ସମ୍ବଲପୁର,୯।୧୦(ବି.ଶଙ୍କର)

ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ହିନ୍ଦୀ ପକ୍ଷ ଗୁରୁବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି । ହିନ୍ଦୀ ପକ୍ଷ ଅବସରରେ ସେପ୍ଟେମ୍ବର ୧୪ରୁ ୨୮ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ହୋଇଥିଲା । କେନ୍ଦ୍ରର କର୍ମଚାରୀମାନଙ୍କ ମଧ୍ୟର ଟିପ୍ପଣୀ ଏବଂ ପତ୍ର ଲେଖନ, ଅନୁବାଦ, ହିନ୍ଦୀ ଟାଇପିଙ୍ଗ, ତତ୍କାଳିକ ଭାଷଣ, ବାଦ ବିବାଦ, ପ୍ରଶ୍ନୋତ୍ତରୀ ପ୍ରଭୃତି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। କେନ୍ଦ୍ରର ଅଭିଯାନ୍ତ୍ରିକୀ ନିର୍ଦ୍ଦେଶକ ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସମାରୋହ ହୋଇଥିଲା। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ, ହିନ୍ଦୀ ବିଭାଗ ଅଧିନସ୍ଥ ହିନ୍ଦୀ ଶିକ୍ଷଣ ଯୋଜନାର ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ(ରାଜଭାଷା) ଡି.ଶଙ୍କର ଦୋରା ମୁଖ୍ୟ ଅତିଥିଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହାୟକ ନିର୍ଦ୍ଦେଶକ ସୁବୋଧ କୁମାର ପାଲ ଏବଂ ହିନ୍ଦୀ ଅଧ୍ୟାପକ ରବୀନ୍ଦ୍ର ଶର୍ମା ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସନ୍ତୋଷ ପିଙ୍ଗ, କୈବର୍ତ୍ତ ସାହୁ, ସତ୍ୟରଞ୍ଜନପଣ୍ଡା, ଅଜୟ କୁମାର ସାହୁ, ଜିତ ଶଙ୍କର ବାଗ, ସୋମନାଥ ଜାଲ, ଆଲୋକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହାୟତା ପ୍ରଦାନ କରିଥିଲେ।

# ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ନୈରାଶ୍ୟଜନକ

ସମ୍ବଲପୁର, ୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ବିନିଯୋଗର ନୈରାଶ୍ୟଜନକ ଚିତ୍ର ଏବେ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ, ୨୦୧୫ରୁ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଜିଲାକୁ ମିଳିଥିବା ସମୁଦାୟ ଖଣିଜ ପାଣ୍ଠିର ମାତ୍ର ୫ ପ୍ରତିଶତ ରାଶି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇଛି। ଅବଶିଷ୍ଟ ୯୫ପ୍ରତିଶତ ବିନିଯୋଗ ହୋଇପାରିନାହିଁ। ସେହିପରି ଜିଲାରେ ଖଣିଜ ପାଣ୍ଠି ପରିଚାଳନା ପାଇଁ କୌଣସି କାର୍ଯ୍ୟାଳୟ ନ ଥିବାବେଳେ କୌଣସି ସ୍ୱତନ୍ତ୍ର ଅଧିକାରୀ ମଧ୍ୟ ନାହାନ୍ତି।

ସୂଚନା ଅନୁସାରେ, ସମ୍ବଲପୁର ଡିଏମ୍‌ଏଫ୍ ବୋର୍ଡ ଓ ନିର୍ବାହୀ କମିଟିର ଅଧ୍ୟକ୍ଷ ଜିଲାପାଳ ଥିବାବେଳେ ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ନୋଡାଲ ଅଧିକାରୀ ରହିଛନ୍ତି। ସେହିପରି ସ୍ଥାନୀୟ ଏମ୍‌ପି, ରେଙ୍ଗାଲି ବିଧାୟକ, ରେଙ୍ଗାଲି ଜିଲା ପରିଷଦ ଜୋନ୍-୧ର ସଦସ୍ୟ, ଖିଣ୍ଡା ଓ ଲପଙ୍ଗାର ସମିତି ସଭ୍ୟ ଏବଂ ସରପଞ୍ଚ, ଜିଲା ସ୍ୱାସ୍ଥ୍ୟାଧିକାରୀ, ବନଖଣ୍ଡ ଅଧିକାରୀ, ଅତିରିକ୍ତ ନିର୍ଦ୍ଦେଶକ ଯୋଜନା, ଅତିରିକ୍ତ ଖଣି ନିର୍ଦ୍ଦେଶକ, ଜିଲା ମଙ୍ଗଳ ଅଧିକାରୀ, ଉଭୟ ଅତିରିକ୍ତ ଜିଲାପାଳ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୋର୍ଡ ସଦସ୍ୟ ରହିଛନ୍ତି। ଅପରପକ୍ଷେ, ନିର୍ବାହୀ କମିଟିରେ ମଧ୍ୟ ଜିଲାପାଳ ଓ ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଯଥାକ୍ରମେ ଅଧ୍ୟକ୍ଷ ଓ ନୋଡାଲ ଅଧିକାରୀ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଅତିରିକ୍ତ ନିର୍ଦ୍ଦେଶକ ଉଦ୍ୟାନ କୃଷି, ଅତିରିକ୍ତ ଖଣି ନିର୍ଦ୍ଦେଶକ ଓ ଜିଲା ଯୋଜନା ଅଧିକାରୀ ଏହାର ସଦସ୍ୟ ରହିଛନ୍ତି। ମାତ୍ର ଏହାର କାର୍ଯ୍ୟ ପରିସର ବୋର୍ଡ ଓ ନିର୍ବାହୀ କମିଟି ଗଠନରେ ହିଁ ସୀମିତ ରହିଛି। ଜିଲା ଖଣିଜ ପାଣ୍ଠି ପରିଚାଳନା, ବାର୍ଷିକ ବଜେଟ୍ ନିର୍ଦ୍ଧାରଣ ତଥା ନିର୍ମିତ ପ୍ରକଳ୍ପର ସମୀକ୍ଷା ପାଇଁ ବର୍ଷକୁ ଅନ୍ୟୁନ ଦୁଇଟି ବୈଠକ ବସିବା କଥା। ହେଲେ ସମ୍ବଲପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

## ଅଧିକ ଖର୍ଚ୍ଚ ହୋଇଛି, ମାତ୍ର ୟୁସି ମିଳିନାହିଁ: ନିର୍ବାହୀ ଅଧିକାରୀ

ମିଳିଥିବା ତଥ୍ୟ ଅନୁସାରେ, ୨୦୧୫ରୁ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ବଲପୁର ଜିଲାରେ ଖଣିଜ ପାଣ୍ଠି ବାବଦକୁ ୨୦୩ କୋଟି ୫୮ଲକ୍ଷ ୮୫ ହଜାର ଟଙ୍କା ଆଦାୟ ହୋଇଥିଲା। ସେଥିମଧ୍ୟରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମାତ୍ର ୯ କୋଟି ୪୨ଲକ୍ଷ ଟଙ୍କା ବିନିଯୋଗ ହୋଇଛି, ଯାହାକି ସମୁଦାୟ ଖଣିଜ ପାଣ୍ଠିର ୪.୬୨ ପ୍ରତିଶତ। ଅପରପକ୍ଷେ ଅନ୍ୟ କେତେକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ହୋଇଥିବା ୧୯ କୋଟି ୬୪ଲକ୍ଷ ୨୦ହଜାର ଟଙ୍କା ଅନୁମୋଦିତ ହୋଇଛି। ମାତ୍ର ଏହାର କାର୍ଯ୍ୟକାରିତା ସମ୍ପର୍କିତ ତଥ୍ୟ ମିଳିନାହିଁ। ଏହି ତଥ୍ୟ ଅନୁସାରେ ସମ୍ବଲପୁର ଜିଲାରେ ୩ଟି ଖଣି କମ୍ପାନୀ ଓ ବିଭିନ୍ନ ଲଘୁ ଖଣିଜ କ୍ଷେତ୍ରରୁ ସମୁଦାୟ ୨୦୩.୫୮ କୋଟି ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରୁ ଏନ୍‌ଏଲ୍‌ସି ଇଣ୍ଡିଆରୁ ସର୍ବାଧିକ ୧୯୬.୧୨ କୋଟି, ଜିଏମ୍‌ଆର ଗ୍ରୁପ୍‌ଠାରୁ ୯୩ଲକ୍ଷ ଟଙ୍କା ଓ ହିଣ୍ଡାଲକୋରୁ ୧.୧୩ କୋଟି ଟଙ୍କା ଆଦାୟ ହୋଇଛି। ଏହା ବ୍ୟତୀତ ଲଘୁ ଖଣିଜ ସମେତ ଅନ୍ୟାନ୍ୟ ଲିଜ୍‌ଧାରୀଙ୍କଠାରୁ ୫.୪୦ କୋଟି ଟଙ୍କା ଆଦାୟ ହୋଇଛି। ସମ୍ବଲପୁର ଜିଲା ଖଣିଜ ପାଣ୍ଠିରେ ୨୦୨୧-୨୨ ଆର୍ଥିକ ବର୍ଷରେ ମାତ୍ର ୩. ୨୫ କୋଟି ଟଙ୍କା ଥିଲା। ହେଲେ ଜିଲାରେ ଏନ୍‌ଏଲ୍‌ସିର ତଲାବିରା ଖଣି କାର୍ଯ୍ୟକ୍ଷମ ହେବା ପରଠାରୁ ଜିଲା ଖଣିଜ ପାଣ୍ଠିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ସମ୍ବଲପୁର ଜିଲାରେ ଖଣିଜ ପାଣ୍ଠି ବିନିଯୋଗରେ ସେଭଳି କୌଣସି ଉଲ୍ଲେଖନୀୟ ପ୍ରକଳ୍ପ ନିର୍ମାଣ ହୋଇନାହିଁ।

ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ହୋଇ ପାରି ନ ଥିବା ନେଇ ଡିଏମ୍‌ଏଫ୍ ନୋଡାଲ ଅଧିକାରୀ ତଥା ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଡିଏମ୍‌ଏଫ୍ ପାଣ୍ଠିର ନୈରାଶ୍ୟଜନକ ବିନିଯୋଗକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ୫ ପ୍ରତିଶତରୁ ଅଧିକ ଖର୍ଚ୍ଚ ହୋଇଛି। କେତେକ ଉନ୍ନୟନ କାର୍ଯ୍ୟରୁ ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇନାହିଁ। ଏହି ପ୍ରମାଣପତ୍ର ଦାଖଲ ହେଲା ପରେ ହୁଏତ ଡିଏମ୍‌ଏଫ୍ ବିନିଯୋଗର ପରିମାଣ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହି ପାଣ୍ଠିରୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ଅନୁମୋଦନ ସମୟସାପେକ୍ଷ। ତେଣୁ ଏହି ପାଣ୍ଠିର ବିନିଯୋଗ ଆଶାନୁରୂପ ହୋଇପାରିନାହିଁ। ନିକଟରେ ଜିଲାରେ ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ ହୋଇଥିବା ୫୦କୋଟି ଟଙ୍କା ଅନୁମୋଦନ ପାଇଁ ଫାଇଲ୍ ଦାଖଲ କରାଯାଇଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପଚାରିବାରୁ ଜିଲା ଖଣିଜ ପାଣ୍ଠି ବିନିଯୋଗ ଉପରେ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ।

# ନିଷିଦ୍ଧ ନିଶା କଫ ସିରପ୍ ଜବତ, ଜଣେ ଗିରଫ

ସମ୍ବଲପୁର,୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଥାନା ପାଟ୍ରୋଲିଂ ପୋଲିସ ସଦେଇପାଲି ପଡ଼ିଆରେ ବେଆଇନ୍ ଭାବେ ସିଲ୍ଡ ଓ ଅପମିଶ୍ରିତ ନିଶା କଫ୍ ସିରପ୍ କାରବାର ଚାଲିଥିବା ଖବର ପାଇ ବୁଧବାର ରାତିରେ ଚଢ଼ାଉ କରିଥିଲା। ସେଠାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ବୁର୍ଲା ବୋର୍ଡ କଲୋନୀ ତ୍ରିପାଠୀପଡ଼ାର ବ୍ରଜକିଶୋର ଛତ୍ରିଆ (୨୫)। ତାଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୨୭ ବୋତଲ ୱିନସେରେକ୍ସ କଫସିରପ, ୬ଟି ଖୋଲା କଫସିରପ, ୪ଟି ଖାଲି କଫସିରପ ବୋତଲ, ଏକ ପ୍ଲାଷ୍ଟିକ ବୋତଲରେ ଥିବା ୭୫୦ ମିଲିଲିଟରର ଅପମିଶ୍ରିତ କଫ୍‌ସିରପ, ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା, ୨୯ଟି ଦେଶୀ ମଦ ପାଉଚ ଜବତ ହୋଇଥିଲା। ଏ ନେଇ ବୁର୍ଲା ଥନାରେ ଏକ ମାମଲା(ନଂ.୪୪୪/୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। କୋର୍ଟରେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।




# ବିଶିଷ୍ଟ ସାଧକ ଥିଲେ ଡା. ଜନାର୍ଦ୍ଦନ ପୂଜାରୀ



ଡା. ଜନାର୍ଦ୍ଦନ ପୂଜରୀ ସ୍ମାରକୀ ବକ୍ତୃତାରେ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୯।୧୦(ବି.ଶଙ୍କର)

## ପବ୍ଲିକ ଲାଇବ୍ରେରିରେ ଡା ଜନାର୍ଦ୍ଦନ ପୂଜରୀ ସ୍ମାରକୀ ବକ୍ତୃତା

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଆନୁକୂଲ୍ୟରେ ବିଶିଷ୍ଟ ଡାକ୍ତର ତଥା ସାଧକ ଜନାର୍ଦ୍ଦନ ପୂଜାରୀ ସ୍ମାରକୀ ବକ୍ତୃତା ଗୁରୁବାର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟରେ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟବକ୍ତାଭାବେ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ଯୋଗଦେଇଥିଲେ । ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜଣେ ବିଶିଷ୍ଟ ଡାକ୍ତର, ସାଧକ ଓ ଜୀବନମୁକ୍ତ ମଣିଷ ଥିଲେ। ପରିବାରର ଅଷ୍ଟମ ସନ୍ତାନ ଭାବେ ବାଲ୍ୟ ଅବସ୍ଥାରୁ ହିଁ ତାଙ୍କଠାରେ ଆଧ୍ୟାତ୍ମିକ ଚିନ୍ତାଧାରା ଉଭାସିତ ହୋଇଥିଲା । ସେ ଜଙ୍ଗଲ ଓ ନଦୀ ପଠାରେ ବସି ଅନେକ ସମୟ ଧ୍ୟାନମଗ୍ନ ରହୁଥିଲେ। ଛୋଟ ସମୟରୁ ନିଜର ବଡ଼ଭାଇ ଓ ପିତାଙ୍କ ଅକାଳ ମୃତ୍ୟୁ ତାଙ୍କୁ ବୈରାଗ୍ୟ ଓ ଆଧ୍ୟାତ୍ମିକ ଦିଗକୁ ନେବାରେ ଅନ୍ୟତମ କାରଣ ହୋଇପାରେ। ମୃତ୍ୟୁ ପୂର୍ବରୁ ଡାକ୍ତର ପୂଜାରୀ ଆଭାସ ପାଇ ଦେହତ୍ୟାଗ ପାଇଁ ନିଜକୁ ପ୍ରସ୍ତୁତ କରିବା ତାଙ୍କ ଭଗବତ ପ୍ରେମର ଅନ୍ୟତମ ଉଦାହରଣ ବୋଲି ମୁଖ୍ୟବକ୍ତା ମାଝୀ ପ୍ରକାଶ କରିଥିଲେ । ପ୍ରଫେସର ନିରୂପମା ବଡ଼ପଣ୍ଡା ମୁଖ୍ୟ ଅତିଥି ଥିଲେ। ଅନୁଷ୍ଠାନର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପୂର୍ବରୁ କାର୍ଯ୍ୟକାରୀ କମିଟି ଓ ସମ୍ପାଦନା ମଣ୍ଡଳୀର ଏକ ମିଳିତ ବୈଠକ ହୋଇଥିଲା। ଚଳିତବର୍ଷ ପାଇଁ ଗ୍ରୁମିଙ୍ଗ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ପ୍ରଦାନ ଉତ୍ସବ ଉପରେ ଆଲୋଚନା ହୋଇଥିଲା । ଆସନ୍ତା ନଭେମ୍ବର ୨ ପୂର୍ବାହ୍ଣରେ ସମ୍ବଲପୁର ଆଇଆଇଏମ ପରିସରରେ ଏହା ଅନୁଷ୍ଠିତ ହେବାର ସୂଚନା ଦିଆଯାଇଛି । ଏହି ଉତ୍ସବରେ ପ୍ରଶିକ୍ଷାର୍ଥୀ, ଛାତ୍ରୀଛାତ୍ର, ସେମାନଙ୍କ ମାତାପିତା, ପ୍ରଶିକ୍ଷକ, ଲାଇବ୍ରେରିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରିବାକୁ ସ୍ଥିର କରାଯାଇଛି । ସେହିପରି ଚଳିତ ମାସ ୧୨ ତାରିଖ ରବିବାର ସକାଳ ୮ଟାରେ ଛାତ୍ରୀଛାତ୍ର ଓ ଅବିଭାବକ ଏବଂ ଲାଇବ୍ରେରୀର ସଦସ୍ୟମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହେବ। ଉତ୍ସବ ସଂକ୍ରାନ୍ତୀୟ ବିଶେଷ ସୂଚନା ଓ ନିର୍ଦ୍ଦେଶାବଳୀ ଜାରି କରାଯିବାକୁ କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ ।

# ୩୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ, ୩ ଗିରଫ

ସମ୍ବଲପୁର,୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ୩୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। କୁମ୍ଭାରପଡ଼ା ଭାଗବତଗୁଡ଼ି ନିକଟରେ ବେଆଇନ ଭାବେ ବ୍ରାଉନ୍ ସୁଗାର କାରବାର ଚାଲିଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଧନୁପାଲି ଥାନା ପୋଲିସକୁ ବୁଧବାର ରାତିରେ ଖବର ମିଳିଥିଲା। ଉକ୍ତ ଖବର ଅନୁସାରେ ଧନୁପାଲି ଥାନାର ଏକ ପୋଲିସ ଦଳ ସେଠାରେ ଅତର୍କିତ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସିଟି ରେଳ ଷ୍ଟେଶନ ଅଞ୍ଚଳର ବିନୋଦ ଟୋପ୍ପୋ(୩୨) ଓ ଧନକଉଡ଼ା ଅଞ୍ଚଳର ବିନୋଦ ବଦି(୨୮)। ପୋଲିସ ସେମାନଙ୍କ ନିକଟରୁ ୧୪.୫୧ ଗ୍ରାମ ବ୍ରାଉନ୍ ସୁଗାର, ଦୁଇଟି ମୋବାଇଲ୍ ଫୋନ, ଏକ କ୍ୟାମେରା ଓ ନଗଦ ୧୭୫୦ ଟଙ୍କା ଜବତ କରିଛି। ଏହାକୁ ନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୩୫୬/୨୫) ରୁଜୁ କରି ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସେହିପରି ଅନ୍ୟ ଏକ ଘଟଣାରେ ବ୍ରାଉନ୍ ସୁଗର ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଦୂରଦର୍ଶନ କଲୋନୀ ନିକଟରୁ ଗିରଫ କରିଛି। ସେ ହେଲେ କୁମ୍ଭାରପଡ଼ାର ଅର୍‌ମାନ୍ ଖାନ(୨୩)। ପୋଲିସ ତାଙ୍କଠାରୁ ୧୫.୫୮ ଗ୍ରାମ୍‌ର ବ୍ରାଉନ୍ ସୁଗାର, ଗୋଟିଏ ଛୁରି ଓ ମୋବାଇଲ୍ ଫୋନକୁ ଜବତ କରିଛି। ଅଭିଯୁକ୍ତ ଜଣକ ଦୂରଦର୍ଶନ କେନ୍ଦ୍ର ସଂଲଗ୍ନ ଡିଅରପାର୍କ ନିକଟରେ ବ୍ରଉ୍‌ନ ସୁଗର ବିକ୍ରୟ କରୁଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ଧନୁପାଲି ଥାନାର ଏକ ପୋଲିସ ଦଳ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାକୁ ନେଇ ଥାନାରେ ଏକ ମାମଲା(ନଂ.୩୫୭/୨୫) ରୁଜୁ କରି ଗ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ୩ ଅଭିଯୁକ୍ତଙ୍କୁ ମଣ୍ଡଳ ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅର୍‌ମାନ୍‌ଙ୍କ ନାମରେ ଧନୁପାଲି, ଟାଉନ୍, ଅଇଁଠାପାଲି, କ୍ଷେତରାଜପୁର, ବୁର୍ଲା ଆଦି ଥାନାରେ ରାହାଜାନୀ, ମରଣାନ୍ତକ ଆକ୍ରମଣ, ଲୁଟ୍, ଚୋରି, ଡକାୟତି, ଅପହରଣ, ବାଦାବଟି ଅସୁଲି ଆଦି ୩୧ଟି ମାମଲା ରହିଛି।

# ହାତୀପୋଖରୀ ଅଞ୍ଚଳରେ ଯାଞ୍ଚ କଲା ପୋଲିସ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ପକ୍ଷରୁ କଡାକଡି ଭାବେ ଯାଞ୍ଚ ଆରମ୍ଭ କରାଯାଇଛି। ଗୁରୁବାର ଦରଘାବଜାର ଥାନା ଅଧୀନ ହାତୀପୋଖରୀ ଅଞ୍ଚଳରେ ଘରେ ଘରେ ପୋଲିସ ଯାଞ୍ଚ କରିଛି। ପ୍ରାଥମିକ ପର୍ଯ୍ୟାୟରେ ୫ଜଣଙ୍କ ଘରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ୨ ଏସିପି ଓ ୩ ଆଇଆଇସି ସହ ପୋଲିସ ଫୋର୍ସ ଓ କେନ୍ଦ୍ରୀୟ ଟିମ୍ ନିୟୋଜିତ ଅଛନ୍ତି। ଗଣ୍ଡଗୋଳ ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୩ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫଦାରି ସଂଖ୍ୟା ଏବେ ୯ରେ ପହଞ୍ଚିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, କମିଶନରେଟ ପୋଲିସ ଏହି ଘଟଣାକୁ ଗୁରୁତର ଭାବେ ନେଇଛି। ପ୍ରଥମ ପର୍ଯ୍ୟାୟରେ ଘରେ ଘରେ ଯାଞ୍ଚ କରାଯାଉଛି ଏବଂ ଯାଞ୍ଚ ସମୟରେ ଏମାନେ କଟକରେ କେବେଠୁ ରହିଛନ୍ତି, ପ୍ରକୃତରେ କେଉଁଠିକାର ବାସିନ୍ଦା, ସେମାନଙ୍କ ପରିଚୟ ନେଇ ପଚରାଉଚରା କରାଯାଇଛି। ଯାଞ୍ଚ ସମୟରେ ସମସ୍ତ ପ୍ରକାରର ସହଯୋଗ ମିଳିଛି କିନ୍ତୁ କୌଣସି ସାମଗ୍ରୀ ହସ୍ତଗତ ହୋଇନାହିଁ। ଏହି ଘଟଣାରେ ଲିପ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଟ୍ରାକ୍ କରାଯାଉଛି ଏବଂ ଗିରଫ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ତେବେ ସହରରେ ଏବେ ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ହେଲେ କୌଣସି ଅପ୍ରୀତିକାର ପରିସ୍ଥିତିକୁ ସମ୍ଭାଳିବାକୁ ପୋଲିସ ସଜାଗ ରହିବା ସହ ସତର୍କମୂଳକ ବ୍ୟବସ୍ଥା ଭାବେ ରାତି କଟକଣା ଲାଗୁ କରିଛି। ଏପରିକି ରାତି ୯ଟାରୁ ୧୦ଟା ସୁଦ୍ଧା ସହରର ସମସ୍ତ ଦୋକାନ ବଜାର ବନ୍ଦ କରାଯିବାକୁ ପୋଲିସ ପକ୍ଷରୁ କୁହାଯାଉଛି। ରାସ୍ତାଘାଟରେ ଛିଡା ହୋଇଥିବା ଲୋକଙ୍କୁ ମଧ୍ୟ ପୋଲିସ ଘଉଡାଇ ଦେବା ସହ ରାତି ୧୦ଟା ପରେ କାମ ନ ଥିଲେ ରାସ୍ତାକୁ ଆସିବାକୁ ବାରଣ କରିଛି। ଏହିକ୍ରମରେ କଟକରେ ଏକପ୍ରକାରର ରାତ୍ରିକାଳୀନ କଟକଣା ଜାରି କରାଯାଇଛି। ଔପଚାରିକ ଭାବେ ଘୋଷଣା କରାଯାଇନି, ହେଲେ କର୍ଫ୍ୟୁ ଭଳି କଟକଣା ପୋଲିସ ଜାରି କରିଛି। ଅନ୍ୟପଟେ ଏବେ ଯାଏଁ ଦଶହରା ଭସାଣିର ଗଣ୍ଡଗୋଳ ସମାଧାନ ହୋଇ ନ ଥିବାବେଳେ କାଳୀପୂଜାକୁ ଆଉ ମାତ୍ର ୧୦ ଦିନ ରହିଛି। ଦଶହରା ଭଳି କାଳୀପୂଜାରେ ଲାଇଟ୍, ସାଉଣ୍ଡ ଅନୁମତି ପାଇଁ ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। ସ୍ଥିତିକୁ ନଜରରେ ରଖି ଆଗକୁ ଯେପରି ସାମ୍ପ୍ରଦାୟିକ ସଦଭାବନା ପ୍ରଭାବିତ ନ ହେବ, ସେଥିପାଇଁ କୌଣସି ଗୁଜବ କିମ୍ବା ମିଥ୍ୟା ସୂଚନାରେ ବିଶ୍ୱାସ ନ କରିବାକୁ ଅପିଲ କରିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ। ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସ ଆପ୍ ନମ୍ବର ୭୩୨୮୦୭୭୩୪୨ ଏବଂ ୮୪୮୦୫୧୩୦୦୭ ପୋଲିସ ଜାରି କରିଛି।

ସୂଚନାଥାଉକି, ଗତ ଶୁକ୍ରବାର ଭସାଣି ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାର ପ୍ରତିବାଦ କରି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ପୋଲିସ ଅଟକାଇବାରୁ ଏହାକୁ ଶୋଭାଯାତ୍ରାକାରୀ ବିରୋଧ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏହି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି।

## କଟକରେ ଭସାଣି ଗଣ୍ଡଗୋଳ ଘଟଣା

- ଆଉ ୩ ଗିରଫ, ଗିରଫଦାରି ସଂଖ୍ୟା ୯ରେ ପହଞ୍ଚିଲା
- ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ଦୁଇଟି ହ୍ୱାଟ୍‌ସଆପ୍ ନମ୍ବର ଜାରି
- ରାତି ୧୦ ସୁଦ୍ଧା ଦୋକାନ ବଜାର ବନ୍ଦ, ସହର ଶୂନଶାନ

# ଗୋପବନ୍ଧୁଙ୍କ ଜୟନ୍ତୀ ତିଥିରେ ବିବିଧ କାର୍ଯ୍ୟକ୍ରମ

ସମ୍ବଲପୁର,୯।୧୦(ବି.ଶଙ୍କର)

ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମେ ହୀରାକୁଦ ଷ୍ଟୋର ଛକରେ ଥିବା ଉତ୍କଳମଣୀଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ଣ ୧୦ଟାରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଭାବପୂର୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବାହ୍ଣ ୧୧ଟାରେ ହୀରାକୁଦର ଗୁଣ୍ଡୁରୁପଡାଠାରେ ଚାରାରୋପଣ କରାଯାଇଥିଲା। ଏହାପରେ ମଧ୍ୟାହ୍ନ ୧୨ ଟାରେ ହୀରାକୁଦର ନୂଆଁ ଗୋଜାତଲରେ ଥିବା ନିଃସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଶୁଖିଲା ଖାଦ୍ୟ ଏବଂ ଜଳଖିଆ ବଣ୍ଟନ କରାଯାଇଥିଲା । ଏହି ସେବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ର ଶେଖର ଶତପଥୀ, ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶ, ସହ ସମ୍ପାଦିକା ଇତିଶ୍ରୀ ଶତପଥୀ, ସଙ୍ଗଠନ ସମ୍ପାଦକ ବିଜୟ କୁମାର ପଣ୍ଡା, କୋଷାଧକ୍ଷ ବୀଣାପାଣି ଦାସ, ଯୁଗ୍ମ କୋଷାଧକ୍ଷ ଶୁଭଶ୍ରୀ ନାୟକ, ବରିଷ୍ଠ ଉପଦେଷ୍ଟା ତ୍ରିବେଣୀ ପଣ୍ଡା, ପରମାନନ୍ଦ ସାହୁ, ଅରିନ୍ଦ୍ର ଭୂଷଣ ମହାନ୍ତି, ବିଭୁଦତ୍ତ ପଟ୍ଟନାୟକ, ବିନୋଦିନୀ ଦେବତା,ଅତନୁ ବହିଦାର, ସୁକାନ୍ତ ଦାସ, ସନ୍ତୋଷ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ହୀରାକୁଦ ଏବଂ ସମ୍ବଲପୁରର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବୀରେନ୍ଦ୍ର ନାରାୟଣ ଜେନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ସ୍ମୃତି ଚରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କର ଆଦର୍ଶ ଏବଂ ସେବା ମନୋଭାବକୁ ପାଥେୟ କରି ଏହି ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନ ଗଢି ଉଠିଛି । ଏବଂ ସାରା ଓଡିଶାରେ ସେବା କାର୍ଯ୍ୟ କରି ଚାଲିଛି । ଆଗକୁ ଆହୁରି ଅଧିକ ସେବା କାର୍ଯ୍ୟ ଜାରି ରହିବ ବୋଲି ସଦସ୍ୟା ସଦସ୍ୟମାନେ ସଂକଳ୍ପବଦ୍ଧ ହୋଇଛନ୍ତି।




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୦/୨୦୨୫ Bhubaneswar, Friday, October 10/ 2025

# ଆଜିଠାରୁ କଳିଙ୍ଗରେ ଜାତୀୟ ଜୁନିୟର ଚାମ୍ପିୟନଶିପ

ଭୁବନେଶ୍ୱର, ୯।୧୦ (ଅନାଦି କର)

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆରମ୍ଭ ହେବ। ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ମିଳିତ ଉଦ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତା ୫ ଦିନ ଧରି ଚାଲିବ ଓ ଏଥିରେ ୯୫୦ ମହିଳାଙ୍କ

## ଭାଗ ନେବେ ୨ ହଜାରରୁ ଊର୍ଦ୍ଧ୍ୱ ଆଥ୍‌ଲେଟ



ଖବରଦାତା ସମ୍ମିଳନୀରେ ଏଏଫ୍ଆଇ ସଭାପତି ଆଦିଲ ସୁମାରିୱାଲା, ଷ୍ଟାନଲି ଜୋନ୍ସ, କମିଶନର ତଥା କ୍ରୀଡ଼ା ସଚିବ ସଚିନ ଆର ଯାଦବ, କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ଡ. ୟେଦ୍ଦୁଲା ବିଜୟଙ୍କ ସହ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

ସମେତ ୨୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗ ନେବେ। ଓମ୍‌କାର ନନ୍ଦ (ଥ୍ରୋସ), ପ୍ରତୀକ ମହାରଣା (୧୦୦ ଓ ୨୦୦ ମି.), ଅଙ୍କିତା ମହାପାତ୍ର (ଥ୍ରୋସ), ବାପି ହାଂସଦା (୧୦୦, ୨୦୦ ଓ ୪X୧୦୦ ମି.)ଙ୍କ ଭଳି ଉଦୀୟମାନ ଆଥଲେଟ୍‌ଙ୍କ ସମେତ ଓଡ଼ିଶାରୁ ୭୫ ଆଥଲେଟ୍ ଭାଗ ନେଉଛନ୍ତି। ଏ ନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ସଭାପତି ଆଦିଲ ସୁମାରିୱାଲା କହିଛନ୍ତି। ସାଉଥ ଏସିଆନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଏହି ଉଦୀୟମାନ ଜୁନିୟର ଆଥ୍‌ଲେଟ୍ସଙ୍କୁ ନିଜକୁ ପରୀକ୍ଷା କରିବା ପାଇଁ ଭଲ ସୁଯୋଗ ଯୋଗାଇବ। ସିନିୟର ଆଥଲେଟ୍ସଙ୍କ ସହିତ ଏଏଫ୍ଆଇ ସିଲେକ୍ସନ ପ୍ୟାନେଲ ଜାତୀୟ ଦଳରେ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦେବ। ଜୁନିୟର ଆଥଲେଟିକ୍ସ ପ୍ରତିଯୋଗିତାରୁ ଭବିଷ୍ୟତରେ ଉତ୍କର୍ଷ ପ୍ରଦର୍ଶନ କରିବାର ଦକ୍ଷତା ରଖିଥିବା ଆଥଲେଟ୍‌ଙ୍କୁ ଚିହ୍ନଟ କରାଯିବ। ଏଥିଲାଗି ଏଏଫ୍ଆଇର ପ୍ରତିଭା ଚିହ୍ନଟକାରୀ ଦଳ ଉପସ୍ଥିତ ରହିବେ ବୋଲି ସୁମରିୱାଲା କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଧାର୍ଯ୍ୟଠାରୁ ଅଧିକ ବୟସର ଆଥଲେଟ୍‌ଙ୍କୁ ଧରିବା ପାଇଁ ଏଏଫ୍ଆଇ ପକ୍ଷରୁ ୟୁଆଇଡି (ୟୁନିକ ଆଇଡେଣ୍ଟିଫିକେଶନ ନମ୍ବର) ଓ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗିତାରେ ଆଥଲେଟ୍‌ଙ୍କ ବିବ ନମ୍ବରରେ କ୍ୟୁଆର୍ କୋଡ୍ ଦିଆଯାଇଛି। ଏହି ଅବସରରେ କମିଶନର କମ୍ ସେକ୍ରେଟାରୀ ସ୍ପୋର୍ଟ୍ସ ସଚିନ ଆର ଯାଦବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୨୪ରୁ ୨୬ ପର୍ଯ୍ୟନ୍ତ ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ସାଉଥ ଏସିଆନ ଆଥ୍‌ଲେଟିକ୍ସ ଫେଡେରେଶନ (ସାଫ) ଆନୁକୂଲ୍ୟରେ ସାଉଥ ଏସିଆନ ସିନିୟର ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।

# ଭାରତୀୟ ଦଳରେ ଓଡ଼ିଶାର ଭିକି ଓରାମ

## ୨୩ ବର୍ଷରୁ କମ୍ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)




ଫିଫାର ଅନ୍ତର୍ଜାତୀୟ ମ୍ୟାଚ ୱିଣ୍ଡୋ ଅନୁସାରେ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ୨୩ ବର୍ଷରୁ କମ୍ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ୨୩ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ଭିକି ଓରାମ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁଠାରେ କିଛିଦିନ ଟ୍ରେନିଂ ପରେ ଭାରତୀୟ ଦଳ ଇଣ୍ଡୋନେସିଆ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାକୁ ଜାକର୍ତ୍ତା ଯାଇଛି। ଜାକର୍ତ୍ତାର ଗେଲୋରା ବୁଙ୍ଗ କାର୍ନୋ ମଦ୍ୟା ଷ୍ଟାଡିୟମରେ ଏହି ୨ଟି ମ୍ୟାଚ ଶୁକ୍ରବାର ଏବଂ ୧୩ ତାରିଖରେ ଅନୁଷ୍ଠିତ ହେବ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଭିକି ଓରାମଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଇଜିପ୍ଟକୁ ଫିଫା ବିଶ୍ୱକପ୍ ଯୋଗ୍ୟତା

କାସାବ୍ଲାଙ୍କା,୯।୧୦(ଏପି)

ଇଜିପ୍ଟ ୨୦୨୬ ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଦଳ ବୁଧବାର ଏହାର ଆଫ୍ରିକାନ କ୍ୱାଲିଫାଇଂ ଗ୍ରୁପ୍‌ରେ ଆଉ ଗୋଟିଏ ରାଉଣ୍ଡ ବାକିଥାଇ ଏହି ସଫଳତା ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଦଳ ୩–୦ ଗୋଲ୍‌ରେ ଜିବୋଟିକୁ ହରାଇ ଦେଇଛି। ତନ୍ମଧ୍ୟରେ ଦଳର ଷ୍ଟାର ଖେଳାଳି ମହମଦ ସାଲାହ ବ୍ୟକ୍ତିଗତ ଦୁଇଟି ଗୋଲ୍ ଅନ୍ତର୍ଭୁକ୍ତ। ଅନ୍ୟ ଗୋଲ୍‌ଟିକୁ ଇବ୍ରାହିମ ଆଡେଲ ସ୍କୋର କରିଛନ୍ତି। ମରକ୍କୋ ଓ ଟ୍ୟୁନିସିଆ ପରେ ତୃତୀୟ ଆଫ୍ରିକୀୟ ଦଳ ଭାବେ ଯୋଗ୍ୟତା ହାସଲ କରିଛି ଇଜିପ୍ଟ। ସାଲାହା ଓ ଇଜିପ୍ଟ ୨୦୧୮ ବିଶ୍ୱକପ୍ ଯାଇଥିଲେ।

# ସିଙ୍ଗାପୁର ବିପକ୍ଷ ମ୍ୟାଚ୍‌କୁ ଡ୍ର’ ରଖିଲା ଭାରତ

ସିଙ୍ଗାପୁର, ୯।୧୦ (ପି.ଟି.)

ଭାରତ ଓ ସିଙ୍ଗାପୁର ମଧ୍ୟରେ ଗୁରୁବାର ଖେଳାଯାଇଥିବା ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଙ୍ଗ ଗ୍ରୁପ୍ ସି’ ମ୍ୟାଚ୍ ୧–୧ ଗୋଲରେ ଡ୍ର’ ରହିଛି। ମ୍ୟାଚ୍‌ଟି ଡ୍ର’ ଭାବେ ଶେଷ ହୋଇଥିବାରୁ ୨୦୨୭ ଏଏଫ୍‌ସି ଏସିଆନ କପ୍ ମୁଖ୍ୟ ଇଭେଣ୍ଟ ଲାଗି ଭାରତର ଯୋଗ୍ୟତା ହାସଲ କରିବାର ଆଶା ଉଜ୍ଜୀବିତ ରହିଛି।

ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପ୍ରାୟତଃ ଗୋଲ ଶୂନ୍ୟ ରହିଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମରେ ସିଙ୍ଗାପୁର ଲାଗି ଇଖସାନ ଫାଣ୍ଡି (୪୫+୧) ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟ୍‌ରେ ଭାରତୀୟ ଦଳର ମୁଖ୍ୟ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ଦିଆଯାଇଥିଲା। ଫଳରେ ୧୦ ଖେଳାଳିଙ୍କ ସହ ଭାରତୀୟ ଦଳକୁ ପ୍ରାୟ ଦ୍ୱିତୀୟାର୍ଦ୍ଧ ଖେଳିବାକୁ ପଡ଼ିଥିଲା। କିନ୍ତୁ ୯୦ତମ ମିନିଟ୍‌ରେ ସିଙ୍ଗାପୁର ଦଳର ଜୋର୍ଡାନ ଏମାଭିଓ୍ୱେ ଏକ ସାଙ୍ଘାତିକ ତ୍ରୁଟି କରିଥିଲେ, ଯାହାର ଫାଇଦା ଉଠାଇ ଭାରତର ରହିମ ଅଲୀ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର କରିଥିଲେ। ମ୍ୟାଚ୍ ଡ୍ର’ ହେବାରୁ ଭାରତ ୧ ପଏଣ୍ଟ ପାଇଛି। ଏବେ ୪ ଦଳ ବିଶିଷ୍ଟ ଗ୍ରୁପ୍ ସି’ରେ ଭାରତ ୩ ମ୍ୟାଚ୍‌ରେ ୨ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଏସିଆନ୍ କପର ମୁଖ୍ୟ ଇଭେଣ୍ଟ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ଭାରତକୁ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିବାକୁ ପଡ଼ିବ।

# କଟକ ଜିଲା ସିନିୟର ଚେସ୍ ୧୮ରୁ

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ରାଜ୍ୟର ଅନ୍ୟତମ ସର୍ବପୁରାତନ ଚେସ୍ ଅନୁଷ୍ଠାନ କଟକ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ମର୍ଯ୍ୟାଦାଜନକ କଟକ ଜିଲା ସିନିୟର୍ ଓ ରାଜ୍ୟସ୍ତରୀୟ ଜୁନିୟର୍ ଚେସ୍ ପ୍ରତିଯୋଗିତା ଚଳିତ ମାସ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ସିନିୟର ଓ ଜୁନିୟର ଟୁର୍ନାମେଣ୍ଟ ପାଇଁ ମୋଟ ୩୧,୦୦୦/– ଟଙ୍କାର ଅର୍ଥ ପୁରସ୍କାର ରାଶି ଓ ୫୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ଟ୍ରଫି ରଖାଯାଇଛି। ସିନିୟର୍ ବିଭାଗରେ କେବଳ କଟକ ଜିଲାର ଯେକୌଣସି ସ୍ୱୀକୃତିପ୍ରାପ୍ତ ଖେଳାଳି ଭାଗ ନେବାକୁ ଉପଯୁକ୍ତ ହେବେ। ଅନ୍ୟପକ୍ଷରେ ଜୁନିୟର ବିଭାଗରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ରାଜ୍ୟର ଯେକୌଣସି ଚେସ୍ ଖେଳାଳି ୫୦୦ ଟଙ୍କା ପ୍ରବେଶିକା ଦେୟ ଦେଇ ସିଧାସଳଖ ଅଂଶଗ୍ରହଣ କରିପାରିବେ ବୋଲି ଜିଲା ଚେସ୍ ସଂଘର ସଭାପତି ବିବେକ କୁମାର ତିବରୱାଲ ପ୍ରକାଶ କରିଛନ୍ତି। ଉଭୟ ବର୍ଗର ଶ୍ରେଷ୍ଠ ୧୦ ଜଣଙ୍କୁ ଅର୍ଥ ପୁରସ୍କାର ଓ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଏହାବାଦ୍ ଏଥିରେ ଭାଗ ନେଇଥିବା ଶ୍ରେଷ୍ଠ ମହିଳା, ଶ୍ରେଷ୍ଠ ଭେଟେରାନ ଓ ଶ୍ରେଷ୍ଠ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ଦିଆଯିବ। ପ୍ରତିଯୋଗିତାରେ ସର୍ବକନିଷ୍ଠ ବାଳିକା ଓ ବାଳକଙ୍କ ସହ ୬ ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ ଉଭୟ ବାଳକ ଓ ବାଳିକାଙ୍କୁ ସ୍ୱତନ୍ତ୍ର ଭାବେ ବୟସଗତ ପୁରସ୍କାର ଦିଆଯିବ।

# ରକ୍‌ଷ୍ଟାର ଜିତିଲା କଳିଙ୍ଗ କପ୍



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ରକ ଷ୍ଟାର ଦଳ।

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୪ର୍ଥ କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରକ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଗୁରୁବାର ଫାଇନାଲ ମ୍ୟାଚ ଥାର୍ଡ ଆଇ ବିଦ୍ୟୁତ୍ ଓ ରକ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗତ ୨ ତାରିଖରୁ ମ୍ୟାଚଗୁଡ଼ିକ ସ୍ଥାନୀୟ ଗୋପବନ୍ଧୁ ପଡିଆରେ ଖେଳାଯାଇଥିଲା। ଏଥର ପ୍ରତିଯୋଗିତା ପାଇଁ ଆୟୋଜକଙ୍କ ପକ୍ଷରୁ କୌଣସି ଏଣ୍ଟ୍ରି ଫି ନିଆଯାଇ ନ ଥିଲା। ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନରଅପକୁ ୧ ଲକ୍ଷ ଏବଂ ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଏବଂ ଗୌତମ କୁମାର ବେହେରା ଓ ଯୁବ ସମାଜସେବୀ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ଲବର ସଭାପତି ଦେବ ପ୍ରସାଦ ଜେନା, ସମ୍ପାଦକ ଅବିନାଶ ସାହୁ, ଉପ ସଭାପତି ରଞ୍ଜିତ ଜେନା ଉପସ୍ଥିତ ଥିଲେ। ଜ୍ଞାନ ଓ ବାବୁଲ ମ୍ୟାଚ ପରିଚାଳନା କରିଥିଲେ। ବ୍ରାଣ୍ଡଆମ୍ବାସାଡର ଅଭିନେତ୍ରୀ ଭୂମିକା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ପଦକ ନିଶ୍ଚିତ କଲା ଭାରତ

ଗୁଆହାଟୀ, ୯।୧୦ (ପି.ଟି.)

କୋରିଆକୁ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ମିକ୍ସଡ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛି। ଆୟୋଜକ ଦଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲରେ କୋରିଆକୁ ୪୪–

## ବିଶ୍ୱ ଜୁନିୟର ମିକ୍ସଡ ଟିମ୍ ଚାମ୍ପିୟନଶିପ୍


କୋରିଆକୁ ପରାସ୍ତ କରିବା ପରେ ଉଲ୍ଲସିତ ଭାରତୀୟ ଦଳର ଖେଳାଳି।

୪୫, ୪୫–୩୦, ୪୫–୩୩ରେ ହରାଇ ଦେଇଛି। ଇଭେଣ୍ଟର ଇତିହାସରେ ଭାରତ ପ୍ରଥମ ଥର ମିକ୍ସଡ–ଟିମ୍ ପଦକ ହାସଲ କରିବାକୁ ଯାଉଛି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ବର୍ତ୍ତମାନ ସେମିଫାଇନାଲରେ ୧୯ ବର୍ଷରୁ କମ୍ ଏସିଆନ ମିକ୍ସଡ ଟିମ୍ ଚାମ୍ପିୟନ ଇଣ୍ଡୋନେସିଆକୁ ଭେଟିବ। ସ୍ଥାନୀୟ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଇଣ୍ଡୋନେସିଆ ୪୫–୩୫, ୪୫–୩୫ରେ ଚାଇନିଜ ତାଇପେକୁ ପରାସ୍ତ କରିଛି।

# ଭିନୁ ମଙ୍କଡ଼ ଟ୍ରଫି: ଓଡ଼ିଶା ବିପକ୍ଷରେ ଗୁଜରାଟ ବିଜୟୀ

ଭୁବନେଶ୍ୱର, ୯।୧୦ (ବିଜୟ ରଣା)

ଲାହିଲସ୍ଥିତ ଚୌଧରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫିର ଏକ ମ୍ୟାଚରେ ମୌଲ୍ୟରାଜ ସିଂ ଛାବଡ଼ାଙ୍କ ଶତକ ସହାୟତାରେ ଗୁଜରାଟ ୪ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଓଡ଼ିଶା ଟସ୍ ଜିତି ବ୍ୟାଟିଂ ନେଇଥିଲା। ଦଳ ୪୩.୧ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପୀୟୂଷ ରଞ୍ଜନ ମନ୍ତ୍ରୀ ୨୬ ଓ ବିଶ୍ୱଜିତ୍ ପ୍ରଧାନ ୨୫ ରନ କରିଥିଲେ। ଗୁଜରାଟର ଦୁଇ ସଫଳ ବୋଲର କାବ୍ୟ ପଟେଲ (୩/୨୫) ଓ ତୁଷାର ମକୱାନା (୩/୨୯) ତିନୋଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଜରାଟ ୩୭.୧ ଓଭରରେ ୬ଉଇକେଟ ବିନିମୟରେ୧୫୨ ରନ କରି ମ୍ୟାଚ ଜିତି ନେଇଥିଲା। ଦଳର ଟପ୍ ସ୍କୋରର ମୌଲ୍ୟରାଜ ୧୦୩ (୧୦୦ ବଲ୍, ୧୧ ଚୌକା ଓ ୫ ଛକା) ରନ କରିଥିବା ବେଳେ ମଳୟ ଶାହା ୨୮ ରନ କରିଥିଲେ। ଓଡ଼ିଶା ତରଫରୁ ପୀୟୂଷ ରଞ୍ଜନ ମନ୍ତ୍ରୀ (୨/୨୯) ଓ ସମ୍ପିତ ବେଜା (୨/୩୪) ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

# ସେମିଫାଇନାଲ ଯାଇପାରିଲାନି ଓଡ଼ିଶା

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବଡ଼ ଟୁର୍ନାମେଣ୍ଟମାନ ଆୟୋଜନ ହେଉଛି। ମାତ୍ର ଓଡ଼ିଶା ଦଳ କିମ୍ବା ଖେଳାଳିଙ୍କ ପ୍ରଦର୍ଶନରେ ସେପରି ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ଏହାର ସଦ୍ୟତମ ଉଦାହରଣ ହେଉଛି ଓଡ଼ିଶା ମହିଳା ଫୁଟବଲ ଦଳ। ଏକଦା ଜାତୀୟ ସ୍ତରରେ ଏକ ମହିଳା ଫୁଟବଲ ଶକ୍ତିଭାବେ ଉଭା ହୋଇଥିବା ଓଡ଼ିଶା ଗତ ସିଜନରେ ରନରଅପ୍ ହୋଇଥିଲା। ମାତ୍ର ଏଥର ଦଳ ଜାତୀୟ ପ୍ରତିଯୋଗିତାର ସେମିଫାଇନାଲରେ ମଧ୍ୟ ପ୍ରବେଶ କରିପାରିନାହିଁ। ଏହା ରାଜ୍ୟ ଫୁଟବଲ ପ୍ରେମୀଙ୍କୁ ନିରାଶ କରିଛି। ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଈ ଟ୍ରଫି ପାଇଁ ଚାଲିଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଗୁରୁବାର ଏହାର ତାମିଲନାଡୁ ବିପକ୍ଷ ମ୍ୟାଚକୁ ନୈରାଶ୍ୟଜନକ ଭାବେ ୧–୧ ଗୋଲରେ ଡ୍ର ରଖିଛି। ଫଳରେ ୪ ମ୍ୟାଚରୁ ଓଡ଼ିଶା ୨ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୭ ପଏଣ୍ଟ ପାଇ ନିଜ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। ପଶ୍ଚିମବଙ୍ଗ ଓ ତାମିଲନାଡୁ ପ୍ରଥମ ୨ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୪ଟି ଲେଖାଏ ମ୍ୟାଚ ଶେଷରେ ଓଡ଼ିଶା ଓ ତାମିଲନାଡୁର ପଏଣ୍ଟ ଏବଂ ଗୋଲ ବ୍ୟବଧାନ ସମାନ ରହିଥିଲା। ଫଳରେ ଟସ୍ ମାଧ୍ୟମରେ ଯୋଗ୍ୟତା ହାସଲକାରୀ ନିର୍ଣ୍ଣୟ ହୋଇଥିଲା। ଏଥିରେ ତାମିଲନାଡୁ ଆଗକୁ ବଢ଼ିଥିଲା। ମ୍ୟାଚର ୧୦ମ ମିନିଟରେ ପ୍ରିୟଦର୍ଶିନୀ ଏକ ଗୋଲ ଦେଇ ତାମିଲନାଡୁକୁ ଅଗ୍ରଣୀ କରିଥିଲେ। ଓଡ଼ିଶା ଅଧିନାୟିକା ପ୍ୟାରୀ ଖାଖା ୫୫ତମ ମିନିଟରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧–୧ ସ୍ଥିତିରେ ଶେଷ ହୋଇଥିଲା।

ପ୍ରକାଶଯୋଗ୍ୟ, ୨୦୨୦–୨୧ରେ ଚାମ୍ପିୟନ ଓଡ଼ିଶା ୨୦୦୧–୦୨, ୨୦୦୭–୦୮, ୨୦୦୯–୧୦, ୨୦୧୩–୧୪, ୨୦୧୮–୧୯ ଓ ୨୦୨୪–୨୫ରେ ୬ ଥର ରନରଅପ୍ ହୋଇ ଜାତୀୟ ସ୍ତରରେ ପ୍ରଭାବ ବିସ୍ତାର କରିଥିଲା। ଗତ ସିଜନର ରନରଅପ୍ ଭାବେ ସିଧାସଳଖ ଫାଇନାଲ ରାଉଣ୍ଡ ଖେଳିଥିବା ଓଡ଼ିଶା ଏଥର ପଶ୍ଚିମବଙ୍ଗଠାରୁ ୦–୧ ଗୋଲରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିଲା। ତେବେ ପରବର୍ତ୍ତୀ ୨ଟି ମ୍ୟାଚରେ ଯଥାକ୍ରମେ ଗୋଆକୁ ୪–୨ ଓ ଛତିଶଗଡ଼କୁ ୩–୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର ତାମିଲନାଡୁ ବିପକ୍ଷରେ ମ୍ୟାଚ ଡ୍ର ରଖିବା ଦଳକୁ ମହଙ୍ଗା ପଡ଼ିଛି। ପଶ୍ଚିମବଙ୍ଗ ୪ ମ୍ୟାଚରୁ ୧୦ ପଏଣ୍ଟ ପାଇ ଗ୍ରୁପ୍ ‘ଏ’ ଟେବୁଲର ଶୀର୍ଷରେ ରହିଛି। ଗ୍ରୁପ୍ ‘ବି’ରୁ ମଣିପୁର ଓ ଉତ୍ତର ପ୍ରଦେଶ ସେମିଫାଇନାଲରେ ପହଞ୍ଚିଛି।

# ସିରିଜ୍ କ୍ଲିନ ସୁଇପ୍ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୯।୧୦ (ପି.ଟି.)

ସ୍ଥାନୀୟ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଅହମଦାବାଦରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ଟେଷ୍ଟକୁ ଭାରତୀୟ ଦଳ ୩ ଦିନ ମଧ୍ୟରେ ଏକତରଫା ଭାବେ ଏକ ଇନିଂସ ଓ ୧୪୦ ରନ ବ୍ୟବଧାନରେ ଜିତି ନେଇଥିଲା। ଏଥିଯୋଗୁ ଶୁବମନ

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅନ୍ତିମ ଟେଷ୍ଟ



ପିଚ୍ ଅନୁଧ୍ୟାନ କରୁଛନ୍ତି ସିତାଂଶୁ କୋଟାକ, ଗୌତମ ଗମ୍ଭୀର, ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ।

ଗିଲଙ୍କ ନେତୃତ୍ୱାଧୀନ ଦଳ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ କ୍ଲିନ ସୁଇପ୍ କରିବା ଲକ୍ଷ୍ୟରେ ରହିବ। ସିରିଜ୍ ଜିତି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି)ରେ ସ୍ଥିତି ଦୃଢ଼ କରିବା ସହିତ ପରବର୍ତ୍ତୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିବା ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ ହେବ।

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଶୀଘ୍ର ଶେଷ ହୋଇଯାଇପାରେ। ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ରିଆନ ଟେନ ଡଶ୍ଚେଟଙ୍କ ମତରେ ମ୍ୟାଚ୍ ଲାଗି ଡ୍ରାଏ ପିଚ୍ ପ୍ରସ୍ତୁତ କରାଯାଇଥିବାରୁ ପେସରଙ୍କୁ ସହାୟତା ମିଳିବ। ଏହାର ଅର୍ଥ ନୀତୀଶ କୁମାର ରେଡ୍ଡୀ ଦଳରେ ସ୍ଥାନ ବଜାୟ ରଖିବେ ଏବଂ ଭାରତୀୟ ଦଳ ବିନା ପରିବର୍ତ୍ତନରେ ଓହ୍ଲାଇବ। ଯୁବ ବ୍ୟାଟର ସାଇ ସୁଦର୍ଶନଙ୍କ ପ୍ରଦର୍ଶନକୁ ନେଇ ଚୟନକର୍ତ୍ତା ଓ କୋଚ୍‌ମାନେ ଚିନ୍ତିତ ନୁହନ୍ତି। କିନ୍ତୁ ଅଧିନାୟକ ଗିଲ୍‌ଙ୍କ ସମର୍ଥନ ସତ୍ତ୍ୱେ ସୁଦର୍ଶନଙ୍କୁ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ତାଙ୍କ ସ୍ଥାନରେ ଖେଳିବା ପାଇଁ ଅନେକ ଖେଳାଳି ଧାଡ଼ିରେ ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଯଶସ୍ୱି ଜୟସ୍ୱାଲଙ୍କୁ ଭଲ ଆରମ୍ଭ ମିଳିଥିବା ବେଳେ ଲୋକେଶ ରାହୁଲ ଶତକ କରିଥିଲେ। ଗତ ୬ ଟେଷ୍ଟରେ ଏହା ରାହୁଲଙ୍କର ତୃତୀୟ ଶତକ ଥିଲା। ଏହା ଦର୍ଶାଉଛି ସେ ବର୍ତ୍ତମାନ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଅଧିନାୟକ ଗିଲ ଅର୍ଦ୍ଧଶତକ କରିଥିବା ବେଳେ ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରିଥିଲେ। ଭାରତୀୟ ଖେଳାଳିମାନେ ବୁଧବାର ସନ୍ଧ୍ୟାରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବାସଭବନରେ ଏକତ୍ରିତ ହୋଇ ରାତ୍ରିଭୋଜନ କରିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ୍ ଦଳ ନିକଟସ୍ଥ ଗଲ୍ଫ କୋର୍ସରେ ମେଣ୍ଟରିଂ ସେଶନରେ ଯୋଗ ଦେଇଥିଲେ। ଏଥିରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ସହ ୩ କିମ୍ବଦନ୍ତୀ ସାର ଭିଭିଆନ ରିଚାର୍ଡ୍ସ, ସାର ରିଚି ରିଚାର୍ଡସନ ଓ ବ୍ରାଏନ ଲାରା କଥା ହୋଇଥିଲେ।

ସମ୍ଭାବ୍ୟ ଭାରତୀୟ ଦଳ: ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ବି ସାଇ ସୁଦର୍ଶନ, ଶୁବମନ ଗିଲ (ଅଧିନାୟକ), ଧ୍ରୁବ ଜୁରେଲ, ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା(ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା।

ସମ୍ଭାବ୍ୟ ୱେଷ୍ଟଇଣ୍ଡିଜ ଦଳ: ଜନ କାମ୍ପବେଲ, ତେଗନାରିନ ଚନ୍ଦ୍ରପାଲ, ଆଲିକ ଆଥାନେଜ, ବ୍ରାଣ୍ଡନ କିଙ୍ଗ୍, ରୋଷ୍ଟନ ଚେଜ (ଅଧିନାୟକ), ସାଇ ହୋପ, ଜଷ୍ଟିନ ଗ୍ରେଭ୍ସ, ଖାରି ପିଏରେ, ଜମାଇକା ୱାରିକାନ, ଜୋହାନ ଲେନି, ଜେୟଡେନ ସିଲ୍ସ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ